R.N.I. REGN. No. 65000/96 POSTAL REGN. No. OR/BN-32/12-14

30 October 2025, Thursday

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୫
ତିଥି : ଅଷ୍ଟମୀ
୩୦ ଅକ୍ଟୋବର ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

Bhubaneswar | Balasore | Angul | Berhampur | Sambalpur

### ‘ମୋନ୍ଥା’ ଉଜାଡ଼ିଲା ଧାନ, ପରିବା ଚାଷ

## ୧୧ ସହରାଞ୍ଚଳ, ୩୫୮ ଗ୍ରାମ ପ୍ରଭାବିତ



ଭୁବନେଶ୍ୱର, ୨୯ ।୧୦ (ସବ୍ୟୁ): ବାତ୍ୟା ‘ମୋନ୍ଥା’ର ପରବର୍ତ୍ତୀ ସମୟରେ ହୋଇଥିବା ପ୍ରବଳ ବର୍ଷାରେ ବାତ୍ୟାରେ ୩୩ଟି ବ୍ଲକ୍, ୧୧ଟି ସହରାଞ୍ଚଳ ଓ ୩୫୮ଟି ଗ୍ରାମ ପ୍ରଭାବିତ ହୋଇଛି । ତେବେ ୫୬ଟି ବ୍ଲକ୍ ଏବଂ ସହରାଞ୍ଚଳରେ ୫୦ ମିମିରୁ ୧୦୦ ମିମି ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇଛି । ଫଳରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବ୍ୟାପକ କ୍ଷତି ହୋଇଛି । ଏହି ଦୁଇ ଜିଲ୍ଲାର ବହୁ ପଞ୍ଚାୟତରେ ଧାନ ଓ ପନିପରିବା ନଷ୍ଟ ହୋଇଥିବା ଜଣାପଡ଼ିଛି ।

ଗଜପତି ଜିଲ୍ଲାର ଗୋଷାଣୀ ବ୍ଲକରେ ସର୍ବାଧିକ ୧୫୦.୫ ମିମି ବର୍ଷା ହୋଇଥିବା ବେଳେ ରାୟଗଡ଼ରେ ୧୧୯.୮ ମିମି, ମୋହନାରେ ୧୦୬ ମିମି, ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକରେ ୧୧୭.୪ ମିମି, ମୟୂରଭଞ୍ଜର ଉଦଳା ବ୍ଲକରେ ୧୦୫ ମିମି ବର୍ଷା ରେକର୍ଡ କରାଯାଇଛି । ପ୍ରବଳ ବର୍ଷା ଫଳରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଭୁସ୍ଖଳନର ଚିତ୍ର ସାମ୍ନାକୁ ଆସୁଛି । ରାୟଗଡ଼ ବ୍ଲକ ଅନ୍ତର୍ଗତ ଏସ୍ କରଡାସିଂ ପଞ୍ଚାୟତର ବଣ୍ଡା ଓ ଖିଲିଙ୍ଗି ଅଞ୍ଚଳକୁ ଯୋଗାଯୋଗ କରୁଥିବା ମୁଖ୍ୟ ରାସ୍ତାର (୯ ପୃଷ୍ଠାରେ)

## ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ, ସହାୟତା




ଭୁବନେଶ୍ୱର, ୨୯ ।୧୦ (ସବ୍ୟୁ): ବାତ୍ୟା ମୋନ୍ଥା ପ୍ରଭାବରେ ଗଜପତି ଜିଲ୍ଲାର ଗୋଷାଣୀ ବ୍ଲକରେ ସର୍ବାଧିକ ୧୫୦.୫ ମିମି ବର୍ଷା ହୋଇଥିବା ବେଳେ ରାୟଗଡ଼ରେ ୧୧୯.୮ ମିମି, ମୋହନାରେ ୧୦୬ ମିମି ବର୍ଷା ରେକର୍ଡ କରାଯାଇଛି । ବାତ୍ୟାରେ ୩୩ଟି ବ୍ଲକ୍,୧୧ଟି ସହରାଞ୍ଚଳ ଓ ୩୫୮ଟି ଗ୍ରାମ ପ୍ରଭାବିତ ହୋଇଛି । ଆସନ୍ତାକାଲି(ଗୁରୁବାର) ଅର୍ଥାତ ୩୦ ତାରିଖ ପରଠାରୁ କ୍ଷୟକ୍ଷତିର ଆକଳନ କରାଯାଇ ଆବଶ୍ୟକୀୟ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଅଧ୍ୟକ୍ଷତାରେ ବାତ୍ୟା ପରବର୍ତ୍ତୀ ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ବାତ୍ୟା ପରବର୍ତ୍ତୀ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବୈଠକ ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ଯେଉଁ ସ୍ଥାନରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଥିଲା ସେସବୁକୁ ପୁନଃସଂସ୍ଥାପିତ ଓ ସ୍ୱାଭାବିକ କରାଯାଇପାରିଛି । ଯେଉଁଠାରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିଲା, ସେଠାରେ ତୁରନ୍ତ ଗଛ କାଟି ରାସ୍ତା ସଫା କରାଯାଇଛି । ୩୧ ତାରିଖ ବେଳକୁ ସ୍ଥିତି ସ୍ୱାଭାବିକ ହୋଇଯିବ ।

ଗଣମାଧ୍ୟମ ମଧ୍ୟ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ସୌଭାଗ୍ୟର କଥା ହେଉଛି ଯେ ସାଧାରଣ ଲୋକ ଏହି ବାତ୍ୟାକୁ ନେଇ ଚିନ୍ତିତ ଥିଲାବେଳେ ଏହାର ସେଭଳି କୌଣସି ପ୍ରଭାବ ପଡ଼ିନାହିଁ । ଶେଷ ମୁହୂର୍ତ୍ତରେ ବାତ୍ୟା ଏହାର ଦିଗ ବଦଳାଇଲା । ସରକାର ବାତ୍ୟା ପୂର୍ବରୁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରାକ୍ ପ୍ରସ୍ତୁତି ଚଳାଇଥିଲେ । (୯ ପୃଷ୍ଠାରେ)

## ରାଫେଲରେ ଉଡ଼ିଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨୯ ।୧୦ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହରିୟାଣାର ଆମ୍ବାଲା ସ୍ଥିତ ବାୟୁସେନା ଷ୍ଟେସନରୁ ରାଫେଲ ବିମାନରେ ଉଡାଣ ଭରିଛନ୍ତି । ଏୟାର ଚିଫ୍ ମାର୍ସଲ ଏପି ସିଂହ ସେହି ଏୟାର ବେସ୍‌ରୁ ଅନ୍ୟଏକ ବିମାନରେ ଉଡାଣ ଭରିଥିଲେ । ମୁର୍ମୁ ହେଉଛନ୍ତି ଦେଶର ପ୍ରଥମ ରାଷ୍ଟ୍ରପତି ଯେ କି ଭାରତୀୟ ବାୟୁସେନାର ଦୁଇଟି ଯୁଦ୍ଧ ଯାହାଜରେ ଉଡାଣ ଭରିଛନ୍ତି । ଏପ୍ରିଲ ୨୦୨୩ରେ ଭାରତୀୟ ସେନାର ସୁପ୍ରିମ୍ କମାଣ୍ଡର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧ ଏୟାର କ୍ରାଫ୍ଟରେ ଉଡାଣ ଭରିଥିଲେ ।

ରାଫେଲ ଜେଟ୍‌ରେ ଉଡ଼ିବା ପୂର୍ବରୁ ଜି-ସୁଟ୍ ଏବଂ ସନ୍ ଗ୍ଲାସ୍ ପିନ୍ଧିଥିଲେ । ପାଇଲଟଙ୍କ ସହ ମଧ୍ୟ ସେ ହେଲମେଟ୍ ଧରି ଯିବାର ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ୧୧.୨୭ରେ ରାଷ୍ଟ୍ରପତି ଏୟାରକ୍ରାଫ୍ଟ ଭିତରେ ପ୍ରବେଶ କରିଥିଲେ । ପ୍ରାୟ ୩୦ ମିନିଟ୍ ମଧ୍ୟରେ ୨୦୦ କିମି ଉଡାଣ କରି ଏୟାରଫୋର୍ସ ଷ୍ଟେସନକୁ ଫେରିଥିଲେ । ରାଫେଲ ଜେଟ୍‌କୁ ଗ୍ରୁପ୍ କ୍ୟାପଟେନ୍ ଅମିତ୍ ଜେହାନୀ ଉଡ଼ାଇଥିଲେ । ଏହି ଜେଟ୍‌ଟି ସମୁଦ୍ର ସ୍ତରର ୧୫୦୦୦ ଫୁଟରେ ଉଡ଼ିଥିଲା । ଘଣ୍ଟାପ୍ରତି ୭୦୦ କିମି ବେଗରେ ଏହା ଉଡ଼ାଣ ଭରିଥିଲା । ରାଷ୍ଟ୍ରପତିଙ୍କୁ ମଧ୍ୟ ସେଠାରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ଉଡାଣ ପରେ ପରିଦର୍ଶକ ପୁସ୍ତିକାରେ ରାଷ୍ଟ୍ରପତି ତାଙ୍କ ଅନୁଭବ ଉଲ୍ଲେଖ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ବାୟୁସେନାର ରାଫେଲ ବିମାନରେ ଉଡାଣ ଭରି ସେ ଖୁବ୍ ଆନନ୍ଦିତ । ଏହା (୯ ପୃଷ୍ଠାରେ)

### ୧୭୪ ବର୍ଷ ପରେ ମହାବିପର୍ଯ୍ୟୟର ପୁନରାବୃତ୍ତି

## ଜାମାଇକାରେ ‘ମେଲିସା’ର ତାଣ୍ଡବ

ନୂଆଦିଲ୍ଲୀ, ୨୯ ।୧୦ : ଜାମାଇକାରେ ‘ମେଲିସା’ ତାଣ୍ଡବ ରଚିଛି । ଶତାବ୍ଦୀର ସବୁଠୁ ଶକ୍ତିଶାଳୀ ଝଡ଼ ଭାବେ ଏହାକୁ ବିଚାର କରାଯାଉଛି । ଦୀପାଞ୍ଚଳର ଜାତୀୟ ଇତିହାସରେ ଏଭଳି ଭୟାବହ ଝଡ଼ ଦେଖିବାକୁ ମିଳିନଥିଲା । ବ୍ୟାପକ ବର୍ଷା ସହ କ୍ୟୁବାରେ ବାତ୍ୟା ସ୍ଥଳଭାଗ ଛୁଇଁଛି । ୟୁଏସ୍ ନ୍ୟାସନାଲ ହ୍ୟୁରିକାନ୍ ସେଣ୍ଟର ପକ୍ଷରୁ କୁହାଯାଇଛି ଯେ ଦକ୍ଷିଣାଞ୍ଚଳ ଉପକୂଳର ପୂର୍ବଭାଗରେ କ୍ୟୁବା ନିକଟସ୍ଥ ଗୁମା ଠାରେ ଏହା ସ୍ଥଳଭାଗ ଛୁଇଁଛି । ପବନର ବେଗ ୧୯୦ କିମି ପ୍ରତି ଘଣ୍ଟା ରହିଥିଲା । ଏହି ବାତ୍ୟା ଯୋଗୁ ଆକସ୍ମିକ ବନ୍ୟା, ଭୂସ୍ଖଳନ ଆଦି ଆସିବା ସହ ଲୋକଙ୍କ ପ୍ରତି ବିପଦ ଦେଖାଦେଇଛି ।



୧୭୪ ବର୍ଷ ତଳେ ହୋଇଥିବା ମହାବିପର୍ଯ୍ୟୟର ପୁନରାବୃତ୍ତି ହୋଇଛି । ୩୦୦ କିମି ବେଗରେ ପବନ ବୋହିଛି ।

ପ୍ରବଳ ବର୍ଷା ଓ ତା ସାଙ୍ଗକୁ ଉଚ୍ଚ ଉଚ୍ଚ ସମୁଦ୍ର ଜୁଆର ଯୋଗୁ କୋଠାଘର, ଗଛ, ବିଦ୍ୟୁତ୍ ଖୁଣ୍ଟ ଆଦି ମାଟିରେ ମିଶିଯାଇଛି । ଜାମାୟିକାରେ ପ୍ରଳୟ ରଚିବା ପରେ କ୍ୟୁବା ଏବଂ ବାହାମାସକୁ ମେଲିସା ମୁହାଁଇଛି । କ୍ୟୁବାନ୍ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ୭ ଲକ୍ଷ ୩୫ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ପୂର୍ବ କ୍ୟୁବାରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି । ସୋସିଆଲ (୯ ପୃଷ୍ଠାରେ)

- ୩୦୦ କିମି ବେଗରେ ପବନ
- ଏ ଶତାବ୍ଦୀର ସବୁଠୁ ବଡ ବାତ୍ୟା

## ୭୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୯ ।୧୦ (ସବ୍ୟୁ): ଛତିଶଗଡରେ ଦିନକରେ ୭୨ ମାଓବାଦୀ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରିଛନ୍ତି । ଜଙ୍ଗଲ ଓ ଅସ୍ତ୍ର ଛାଡିଛନ୍ତି ମାଓବାଦୀ । ଆଉ ଅନ୍ଧାରୀ ଜଙ୍ଗଲରୁ ବାହାରି ସହର ମୁହାଁ ହେବା ସହ ଆତ୍ମସମର୍ପଣ କରିଛନ୍ତି । ତେବେ ସୀମାବର୍ତ୍ତୀ ଜିଲ୍ଲା ଛତିଶଗଡରେ ମାଓବାଦର ମୂଳପୋଛ ପାଇଁ ଅପରେସନ ଚାଲିଥିବା ବେଳେ ମାଓ ନିପାତ ପାଇଁ ବିଭିନ୍ନ ସମୟରେ ଆହ୍ୱାନ ହେଉଛି ଆଉ ଜୀବନ ବିକଳରେ ମାଓବାଦୀମାନେ ଆତ୍ମସମର୍ପଣ କରୁଛନ୍ତି । ଏହି କ୍ରମରେ ବୁଧବାର ବସ୍ତର ଡିଭିଜନର କାଂକେର ଜିଲ୍ଲାରେ ୨୧ ମାଓବାଦୀ ଅସ୍ତ୍ର ତ୍ୟାଗ କରିବା ସହ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କୁ ସ୍ୱାଗତ କରିବା ପାଇଁ ରେଡ୍ କାରପେଟ୍ ବିଛାହେବା ସହ ଆଇଜି ତାଙ୍କୁ ସମ୍ବିଧାନର ବହି ଉପହାର ଦେଇଥିଲେ । ସେପଟେ ଛତିଶଗଡ ବିଜାପୁର ଠାରେ ୫୧ ମାଓବାଦୀ ଅସ୍ତ୍ରତ୍ୟାଗ କରି ଆତ୍ମସମର୍ପଣ କରିଛନ୍ତି । ପୁଲିସ ନକଟରେ ବନ୍ଧୁକ ସମର୍ପଣ କରିଛନ୍ତି ମାଓବାଦୀ । ଦକ୍ଷିଣ ବସ୍ତର ଅଂଚଳରେ ସକ୍ରୀୟ ହିଡମା ବାଟାଲିୟନର ଅନେକ ସଦସ୍ୟଙ୍କ ଅସ୍ତ୍ରତ୍ୟାଗ କରିବା ପରେ ପୋଲିସ ଏବଂ ସୁରକ୍ଷା ବଳକୁ ଏକ ବଡ ସଫଳତା ମିଳିଛି । ଆତ୍ମସମର୍ପଣ କରିଥିବା ୭୨ ମାଓବାଦୀଙ୍କ ମଧ୍ୟରୁ ଅନେକ ମହିଳା ମାଓବାଦୀ । (୯ ପୃଷ୍ଠାରେ)

### ସୋନମ୍ ୱାଙ୍ଗଚୁକ୍‌ଙ୍କ ଅଟକ ବିରୋଧରେ ଯାଚିକା

## କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୨୯ ।୧୦ : ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକ୍‌କୁ ପ୍ରଶାସନ ଜାତୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ରେ ଅଟକ ରଖିବା ଘଟଣାରେ ତାଙ୍କ ପତ୍ନୀ ଗୀତାଞ୍ଜଳି ଜେ ଆଙ୍ଗମ୍ ସୁପ୍ରିମ୍‌କୋର୍ଟରେ ଯାଚିକା ଦାଖଲ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ସ୍ୱାମୀଙ୍କୁ ଯେଉଁ କାରଣରୁ ଅଟକ ରଖାଯାଇଛି ତାହା ଠିକ୍ ନୁହେଁ । ନାଗରିକମାନଙ୍କର ଅଧିକାରକୁ ଚପାଇ ଦେବାପାଇଁ ଇଏ ଏକ ଯୋଜନାବଦ୍ଧ ପଦକ୍ଷେପ ।



ୱାଙ୍ଗଚୁକ ଲଦାଖକୁ ରାଜ୍ୟ ମାନ୍ୟତା ଓ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦର ମାନ୍ୟତା ଦେବାପାଇଁ ଦାବି ଉଠାଉଥିଲେ । ଜଷ୍ଟିସ୍ ଅରବିନ୍ଦ କୁମାର ଓ ଏନ୍‌ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନ ଉପରେ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି । ଯେଉଁ ବିନ୍ଦୁ ୱାଙ୍ଗଚୁକ୍‌ଙ୍କ ପତ୍ନୀ ଉଠାଇଛନ୍ତି ତାହାର ଜବାବ ଦେବାପାଇଁ ଉଲ୍ଲେଖ କରିଛନ୍ତି । କୋର୍ଟ ମଧ୍ୟ ଆବେଦନକାରୀଙ୍କୁ କିଛି ଅତିରିକ୍ତ ତଥ୍ୟ ଦେବାପାଇଁ (୯ ପୃଷ୍ଠାରେ)

## ୧୭ କୋଟିର ଗଞ୍ଜେଇ ଜବତ

ମାଲକାନଗିରି, ୨୯ ।୧୦ (ସବ୍ୟୁ): ନିଶା କାରବାର ମାମଲାରେ ମାଲକାନଗିରି ପୁଲିସକୁ ଏକ ବଡ଼ ସଫଳତା ମଳିଛି । ପୁଲିସ ୨୪ ଘଣ୍ଟା ମଧ୍ୟରେ ପ୍ରାୟ ତିନୋଟି ପୃଥକ ପୃଥକ ସ୍ଥାନରେ ଚଢ଼ାଉ କରି ୧୭ କୋଟି ଟଙ୍କା ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୧୬୬୦ କିଲୋ ଗଞ୍ଜେଇ ଜବତ କରିଥିବା ବେଳେ ୩ ଜଣ ଉତ୍ତର ପ୍ରଦେଶର ମାଫିଆଙ୍କୁ ପୋଲିସ ଗିରଫ କରିଛି । ବାଲିମେଳା ଥାନାରେ ଅଭିନବ ଉପାୟରେ କଣ୍ଟେନରରେ ୭୭୦ କିଲୋ ଗଞ୍ଜେଇ ଚାଲାଣ ବେଳେ ମାଡି ବସିଥିଲା ପୁଲିସ ।

ସେହିପରି ଚିତ୍ରକୋଣ୍ଡାରେ ୬୪୦ କିଲୋ ଓ କାଲିମେଳାରେ ୨୫୦ କିଲୋ ଗଞ୍ଜେଇ ମାଫିଆମାନେ ଚାଲାଣ ପାଇଁ ଜଙ୍ଗଲରେ ଲୁଚାଇ ରଖିଥିବା ବେଳେ ସୂଚନା ପାଇ ଚଢାଉ କରିଥିଲା ପୁଲିସ । କିନ୍ତୁ ଏହି ଘଟଣାରେ ଗଞ୍ଜେଇ ମାଫିଆ ଖସି ପଳାଇଛି । ୨୦୨୪ ମସିହାରେ ୨୨,୧୫୩ କିଲୋ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୬୦ଟି ଗାଡି ଜବତ କରାଯାଇଥିଲା । ଏଥିସହ ୧୪୭ ଜଣ ଗିରଫ କରିଥିଲା ପୁଲିସ । ସେହିପରି ୨୦୨୫ ମସିହାରେ ବର୍ତ୍ତମାନ ସୁଦ୍ଧା ୨୮୮୯୭ କିଲୋ ଗଂଜେଇ ଜବତ କରିଥିବା (୯ ପୃଷ୍ଠାରେ)




## ପ୍ରଚାରରେ ‘ଭାଷା’ ଅଡୁଆ

ଭୁବନେଶ୍ୱର, ୨୯ ।୧୦ (ସବ୍ୟୁ): ନଭେମ୍ବର ୧୧ରେ ନୂଆପଡ଼ା ବିଧାନସଭାର ଉପନିର୍ବାଚନ । ଏଥିପାଇଁ ତିନି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡ଼ି ଓ ବିଜେପି ପକ୍ଷରୁ ପ୍ରଚାର ଜୋର ଧରିଲାଣି । ତିନି ଦଳର ଦଳୀୟ ପ୍ରାର୍ଥୀମାନେ ଭିନ୍ନ ଭିନ୍ନ କୌଶଳ ଆପଣେଇ ପ୍ରଚାର କରୁଥିବା ବେଳେ ଷ୍ଟାର ପ୍ରଚାରକମାନଙ୍କୁ କିଛି ଅଞ୍ଚଳରେ ଭାଷା ଅଡୁଆ ଧରିଛି ।

ନୂଆପଡ଼ା ଜିଲ୍ଲାକୁ ଛତିଶଗଡ଼ ସୀମାନ୍ତ ଲାଗିଛି । ଆଉ ସୀମାନ୍ତ ଅଞ୍ଚଳର ଗ୍ରାମ ଗୁଡ଼ିକ ଛଚିଶଗଡ଼ର ଆଞ୍ଚଳିକ ଭାଷା ଲରିଆରେ କଥାବାର୍ତ୍ତା କରିବାରେ ବେଶ ସିଦ୍ଧହସ୍ତ । ତଥ୍ୟ ନେବାରେ ଜଣାପଡ଼ିଛି ଯେ ବହୁ ପୂର୍ବରୁ ଏବେକାର ଛତିଶଗଡ଼, ଓଡ଼ିଶାର କିଛି ପଶ୍ଚିମାଞ୍ଚଳ ଜିଲ୍ଲାର ସୀମାନ୍ତ ଅଞ୍ଚଳ ନାଗପୁର ପ୍ରୋଭିନ୍ସ ଅଧିନରେ ଥିଲା । ତାର ପ୍ରଭାବ ଆଜି ଦିନରେ ମଧ ରହିଛି । ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ନୂଆପଡ଼ା ବାସିନ୍ଦା ଛତିଶଗଡ଼ ବା ଲରିଆ ଭାଷାରେ କଥାବାର୍ତ୍ତା କରନ୍ତି । ସେହି ସମ୍ପୃକ୍ତ ଅଞ୍ଚଳରେ ହିନ୍ଦୀ ଭାଷାରେ କଥାବାର୍ତ୍ତା କରନ୍ତି । ଏପରିକି ଛତିଶଗଡ଼ର ଭାଷା, ସଂସ୍କୃତି ଦେବାଦେବୀ ମଧ୍ୟ ନୂଆପଡ଼ା ଜିଲ୍ଲାର ସୀମାନ୍ତ ଅଞ୍ଚଳ ସମେତ ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜୀ, ବରଗଡ଼ ଜିଲ୍ଲାର ପଦମ୍ପୁର ଓ ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ, ଲଖନପୁର ଅଞ୍ଚଳରେ ବେଶ ପ୍ରଚଳିତ ।

ଛତିଶଗଡ଼ ସୀମାନ୍ତ ଓଡ଼ିଶାର ବିଭିନ୍ନ ନିର୍ବାଚନ ସମୟରେ ଛତିଶଗଡ଼ ରାଜନୀତିର ପ୍ରଭାବ ରହିଥିବାବେଳେ ବିଗତ ନିର୍ବାଚନମାନଙ୍କରେ ଛତିଶଗଡ଼ର ବିଭିନ୍ନ ଦଳର ନେତାମାନେ ପ୍ରଚାର ପାଇଁ ଆସିଥାନ୍ତି । ଚଳିତ ନଭେମ୍ବର ୧୧ରେ ହେବାକୁ ଥିବା ନିର୍ବାଚନ ପାଇଁ କଂଗ୍ରେସ ଓ ବିଜେପି ଦଳର ବହୁ ବିଧାୟକ, (୯ ପୃଷ୍ଠାରେ)

- ଛତିଶଗଡ଼ି ଲରିଆ ଭାଷା ବୁଝନ୍ତି ସୀମାନ୍ତବାସୀ
- ୨୫ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ହେଉଛି ସମସ୍ୟା

### ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

## ୧୧୪ ଆଶାୟୀଙ୍କୁ ଜାମିନ, ୭ ଦଲାଲଙ୍କ ଖାରଜ

ବ୍ରହ୍ମପୁର, ୨୯ ।୧୦ (ସବ୍ୟୁ): ଓଡିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର ବି) ଦ୍ୱାରା ଆୟୋଜିତ ସବ-ଇନ୍ସପେକଟର ପରୀକ୍ଷା ଜାଲିଆତି ମାମଲାରେ ମୋଟ ୧୨୩ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି । ସେମାନଙ୍କ ମଧ୍ୟରୁ ୧୧୪ ଜଣ(ଅଶାୟୀ) ପରୀକ୍ଷାର୍ଥୀ ୭ଜଣ ଦଲାଲ ଏପରି ମୋଟ ୧୨୧ ଜଣ ଜାମିନ ପାଇଁ ଓକୋର୍ଟରେ ଆବେଦନ କରିଥିଲେ । ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଜ୍ଞାନେନ୍ଦ୍ର କୁମାର ବାରିକ ଏହାର ଶୁଣାଣି କରି ଅଶାୟୀଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଅନ୍ୟପଟେ ୭ ଜଣ ଦଲାଲଙ୍କ ଜାମିନ ଖାରଜ କରିଦେଇଛନ୍ତି । ଏନେଇ ଏପିପି ରଜତ କୁମାର ଦାଶ ସୂଚନା ଦେଇଛନ୍ତି । ଆଜି ଅଶାୟୀମାନେ ଜାମିନରେ ବ୍ରହ୍ମପୁର ଜେଲରୁ ବାହାରିବା ନେଇ ସେମାନଙ୍କ ପରିବାର ଲୋକଙ୍କ ଭିଡ଼ ଏବେ ଜେଲ ବାହାରେ ଦେଖିବାକୁ ମିଳିଛି । ଗୁପ୍ତ ସୂଚନା ଆଧାରରେ ଗତ ସେପଟମ୍ବର ୨୯ ତାରିଖ ରାତିରେ ବ୍ରହ୍ମପୁର ପୋଲିସ ଆନ୍ଧ୍ରପ୍ରଦେଶ ସୀମାରେ ୩ଟି ଏ.ସି. ସ୍ଲିପର୍ ବସ୍‌କୁ ଅଟକ କରିଥିଲା । ବ୍ରହ୍ମପୁର ଏସପି ଡ଼ା ସର୍ଣା ବିବେକ ଏମଙ୍କ ନେତୃତ୍ୱରେ ତିନିଟି ଟିମ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମରେ ପହଞ୍ଚି ତିନୋଟି ବସ ସହ ୧୧୭ ଜଣଙ୍କୁ ବ୍ରହ୍ମପୁର ନେଇ ଆସିଥିଲେ । ଯାଞ୍ଚରେ ମିଳିଲା ଯେ, ସେଥିରେ ମୋଟ ୧୧୭ ଯାତ୍ରୀ ଥିଲେ, ଯେଉଁଥିରୁ ୧୧୪ ଜଣ ଓପିଆରବି ସବ-ଇନ୍ସପେକଟର୍ ପରୀକ୍ଷା ପାଇଁ ଆବେଦନ କରିଥିଲେ । ପ୍ରଶ୍ନପତ୍ର ପାଇଁ ସେମାନେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଯାଉଥିଲେ । ସେମାନେ ଭୁବନେଶ୍ୱରରୁ ବସ୍‌ରେ ଚଢ଼ି ବିଜୟନଗରମକୁ ଯାଉଥିଲେ । ସେଠାରେ ଗୁପ୍ତଭାବରେ ପ୍ରଶ୍ନପତ୍ର ପାଇବା ପରେ ଭୁବନେଶ୍ୱରକୁ ଫେରି ପରୀକ୍ଷାରେ ବସିବା ସେମାନଙ୍କ ଯୋଜନା ଥିଲା । (୯ ପୃଷ୍ଠାରେ)

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# ଦୟାନନ୍ଦ ସରସ୍ୱତୀ

ଜଣେ ଲେଖକ, ସମାଜ ସଂସ୍କାରକ ଓ ଆର୍ଯ୍ୟ ସମାଜର ସଂସ୍ଥାପକ ଭାବେ ପରିଚିତ ଦୟାନନ୍ଦ ସରସ୍ୱତୀ । ୧୨ ଫେବ୍ରୁଆରୀ ୧୮୨୪ରେ ଜନ୍ମିତ ଦୟାନନ୍ଦ ସଂସ୍କୃତ ଓ ହିନ୍ଦୀ ଭାଷାରେ ଜଣେ ପ୍ରଭାବଶାଳୀ ବକ୍ତା ଭାବେ ମଧ୍ୟ ପରିଚିତ । ତାଙ୍କ ମତରେ ଲୌକିକ ବ୍ୟବହାରରେ ସାଧୁତା, ଯଥାର୍ଥ କର୍ମସାଧନା, କର୍ତ୍ତବ୍ୟ ପ୍ରତି ନିଷ୍ଠା ବଳରେ ପ୍ରାଣୀ ଜୀବନରେ ଫଳପ୍ରାପ୍ତ ହୁଅନ୍ତି । ତାଙ୍କର ଉପଲବ୍ଧ ସତ୍ୟକୁ ପ୍ରତିପାଦିତ କରିବାକୁ ଯାଇ ସେ ଆର୍ଯ୍ୟ ସମାଜ ସ୍ଥାପନା କରିଥିଲେ । ଆର୍ଯ୍ୟ ସମାଜ ଜରିଆରେ ଶିକ୍ଷାର ପ୍ରସାର କରାଇ ନାରୀଙ୍କୁ ପୁରୁଷ ସହ ସମାନ ଅଧିକାର ଦେବାର ଯୁକ୍ତି ସେ ଦର୍ଶାଇଥିଲେ । ଈଶ୍ୱରଙ୍କୁ ଲାଭ କରିବା ଉଦ୍ଦେଶ୍ୟରେ ମାତ୍ର ୧୫ ବର୍ଷ ବୟସରେ ଗୃହତ୍ୟାଗ ପୂର୍ବକ ମଥୁରା ଚାଲିଗଲେ । ସେଠାରେ ସେ ବିରଜାନନ୍ଦ ସରସ୍ୱତୀଙ୍କୁ ଗୁରୁ କରି ତାଙ୍କର ତତ୍ତ୍ୱାବଧାନରେ ସକଳ ବେଦ ଅଧ୍ୟୟନ କଲେ । ସନ୍ନ୍ୟାସ ଦୀକ୍ଷା ଗ୍ରହଣ କ୍ରମେ ତାଙ୍କର ନୂତନ ନାମ ହେଲା ଦୟାନନ୍ଦ । ବେଦାଧ୍ୟୟନ ଓ ତାହାର ଗୂଢ଼ ନିହିତାର୍ଥ ବ୍ୟାଖ୍ୟାରୁ ତାଙ୍କର ଗଭୀର ଜ୍ଞାନର ପରିଚୟ ମିଳିଥିଲା । ସେ ବହୁ ପ୍ରତିବାଦୀ ପଣ୍ଡିତମାନଙ୍କ ସହ ତର୍କ ଆଲୋଚନା କରି ବିଜୟୀ ହୋଇଥିଲେ । ତାଙ୍କୁ 'ସରସ୍ୱତୀ' ଉପାଧି ପ୍ରଦାନ କରାଯାଇଥିଲା । ସନ୍ନ୍ୟାସୀ ଦୟାନନ୍ଦଙ୍କୁ ସ୍ୱାମୀଜୀ ଆଖ୍ୟା ପ୍ରଦାନ କରାଗଲା । ସନ୍ନ୍ୟାସୀ ଦୟାନନ୍ଦ ଏହାପରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ନାମରେ ସର୍ବ ପରିଚିତ ହେଲେ । ଏହି ମହାନ ସନ୍ଥଙ୍କର ୩୦ ଅକ୍ଟୋବର ୧୮୮୩ରେ ମହାପ୍ରୟାଣ ଘଟିଥିଲା ।



## ସୋସିଆଲ କୋଟ୍ସ



"ମୋତେ ତେଜାବ ଫିଲ୍ମରେ ରିପ୍ଲେସ କରାଯାଇଛି । ଇଣ୍ଡଷ୍ଟ୍ରୀରେ ନେପୋଟିଜିମ ଠାରୁ ଅଧିକ ରାଜନୀତି ହୋଇଥାଏ । ଯାହା ଅନେକଙ୍କ କ୍ୟାରିୟରକୁ ପ୍ରଭାବିତ କରିଥାଏ ।

ଆଦିତ୍ୟ ପଞ୍ଚୋଲି, ଅଭିନେତା

"ଟିଭି ସେଟ୍‌ରେ କାମ କରିବା ଖୁବ କଷ୍ଟ ହୋଇଥାଏ । ବେଳେବେଳେ ବିନା ବ୍ରେକରେ କାମ କରିବାକୁ ହୋଇଥାଏ । ଏପରିକି ମୁଁ ଥରେଥରେ ୨୨ ଘଣ୍ଟା ଯାଏଁ କାମ କରିଛି, ସେଟରେ ହିଁ ଶୋଇଛି ।

ହିତେନ ତେଜୱାନୀ, ଅଭିନେତା





"ଡିପଫେକ ଟେକ୍ନୋଲୋଜିକୁ ବ୍ୟବହାର କରି ଅପରାଧୀମାନେ ବିଭିନ୍ନ ଖରାପ ଭିଡିଓ ପ୍ରସ୍ତୁତ କରୁଛନ୍ତି । ଏହି ଭିଡିଓ ଗୁଡିକୁ ଆଡଲ୍ଟ ୱେବସାଇଟରେ ଅପଲୋଡ ମଧ୍ୟ କରୁଛନ୍ତି । ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି ।

ଚିରଞ୍ଜିବୀ, ଅଭିନେତା


## କଙ୍କଡା ରେଡ କାର୍ପେଟ

ସୋସିଆଲ ମିଡିଆରେ ଏକ ଫଟୋ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଫଟୋଟି ଇଣ୍ଡିଆନ ଓସେନର କ୍ରିସମାସ ଆଇଲାଣ୍ଡର । ସୂଚନା ଅନୁସାରେ ପାଖାପାଖି ୫କୋଟି ଲାଲ କଙ୍କଡା ସମୁଦ୍ର ଆଡକୁ ଯାତ୍ରା କରିବା ଆରମ୍ଭ କରିଛନ୍ତି । ଯେଉଁ ସମୟର ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ସମୟର ନଜାରା ଏଭଳି ଥିଲା ଯେପରି ପୂରା ଦ୍ୱୀପରେ ରେଡ କାର୍ପେଟ ବିଛା ଯାଇଛି । ସୋସିଆଲ ମିଡିଆରେ ସମସ୍ତେ ଏହାକୁ ଖୁବ ପସନ୍ଦ କରିବାରେ ଲାଗିଛନ୍ତି । କଙ୍କଡାଙ୍କର ଏହି ଇମିଗ୍ରେସନ କାରଣରୁ ଏଠାରେ ରାସ୍ତାକୁ ବନ୍ଦ କରାଯାଇଛି, ଯାହାଫଳରେ କଙ୍କଡାମାନେ ନିଜ ଯାତ୍ରା ପୂରା କରିପାରିବେ । ଲାଲ କଙ୍କଡାକୁ ପୃଥିବୀର ସବୁଠାରୁ ବଡ ପ୍ରବାସୀ ଜୀବଭାବେ ଗଣା ଯାଇଥାଏ ।



## ଅଜବ ନିଷ୍ପତ୍ତି

ଅଷ୍ଟ୍ରିଆର ଏକ କୋର୍ଟର ନିଷ୍ପତ୍ତି ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏଠାରେ ଏକ ମାମଲାର ଶୁଣାଣି ୫ବର୍ଷ ପରେ ହୋଇଛି, ହେଲେ ଏହାର ଜଜ୍‌ମେଣ୍ଟ ସମସ୍ତଙ୍କୁ ଚକିତ କରିଛି । ସୂଚନା ଅନୁସାରେ ଅଷ୍ଟ୍ରିଆର ଏକ ଅଦାଲତ ୨୨ ବର୍ଷର ଜଣେ ଯୁବକଙ୍କୁ ପାଦିବା ପାଇଁ ଅଭିଯୁକ୍ତ ଦର୍ଶାଇବା ସହିତ ଦଣ୍ଡ ମଧ୍ୟ ଦେଇଛନ୍ତି । ତାଙ୍କ ଉପରେ ଏଥିପାଇଁ ୧୦ ହଜାର ଟଙ୍କାର ଜରିମାନା ମଧ୍ୟ ଲଗାଯାଇଛି । ମାମଲାଟି ୨୦୨୦ରେ ଭିଏନାରେ ଏକ ପବ୍ଲିକ ପାର୍କରେ ରୁଟିନ୍ ଆଇଡେଣ୍ଟିଟି ଚେକ ସମୟରେ ପୋଲିସ ଏକ ଯୁବକଙ୍କର ପଚରା ଉଚୁରା କରୁଥିବା ସମୟରେ ସେ ପାଦିଥିଲେ । ଯାହା ପରେ ପାଖରେ ଥିବା ସାଙ୍ଗ ହସିବାକୁ ଲାଗିଥିଲେ । ତେଣୁ ପୋଲିସ କର୍ମଚାରୀଜଣଙ୍କ ଏଥିରେ ଅପମାନବୋଧ କରିଥିଲେ ଏବଂ ସମ୍ପୃକ୍ତ ଯୁବକଙ୍କ ନାମରେ ଏକ ମାମଲା ରୁଜୁ କରିଥିଲେ । ଯାହାର ଫଇସଲା ବର୍ତ୍ତମାନ ଶୁଣାଯାଇଛି । ତେବେ ପ୍ରଥମରୁ ଏହି ଜରିମାନା ୪୫ ହଜାର ଥିଲା ହେଲେ ଯୁବକଙ୍କର ଅଭିଯୋଗ ପରେ ଏହା କମି ୧୦ ହଜାର ହୋଇଥିଲା ।



## ଅଖରୋଟ ମଟନ୍




**ସାମଗ୍ରୀ–** ୪୦୦ ଗ୍ରାମ ମଟନ, ଏକ କପ୍ ପିଆଜ, ଏକ କପ୍ ଟମାଟୋ, ଅଧା କପ୍ ଅଖରୋଟ୍, ଅଧା କପ୍ ନଡିଆ କୋରା, ୨ଟି କଞ୍ଚା ଲଙ୍କା, ଏକ ଚାମଚ ଅଦା ରସୁଣ ପେଷ୍ଟ, ୨ ଚାମଚ ଧନିଆ ପାଉଡର, ୨ଚାମଚ ଲଙ୍କା ଗୁଣ୍ଡ, ୨ ଚାମଚ ଗରମ ମସଲା, ଲୁଣ ସ୍ୱାଦ ଅନୁସାରେ ।

**ପ୍ରଣାଳୀ–** ପ୍ରଥମେ ପିଆଜ, ଟମାଟୋ, କଞ୍ଚାଲଙ୍କା ଓ ଅଖରୋଟକୁ କାଟି ନିଅନ୍ତୁ । ମିଡିଅମ୍ ଆଞ୍ଚରେ ପ୍ରେସର୍ କୁକରରେ ତେଲ ପକାଇ ଗରମ କରନ୍ତୁ । ତେଲ ଗରମ ହେବା ପରେ ଏଥିରେ ପିଆଜ ପକାଇ ହାଲୁକା ବ୍ରାଉନ୍ ହେବା ଯାଏଁ ଭାଜନ୍ତୁ । ପିଆଜ ଭାଜି ହେବା ପରେ ଅଦା ରସୁଣ ପେଷ୍ଟ ପକାଇ ଭାଜନ୍ତୁ । ପରେ ଏଥିରେ ଟମାଟ ପକାଇ ନରମ ହେବା ଯାଏଁ ରାନ୍ଧନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ଓ ଅଖରୋଟ ପକାଇ କିଛି ସମୟ ଯାଏଁ ଭାଜନ୍ତୁ । ବର୍ତ୍ତମାନ କୁକରରେ ମଟନ୍ ଓ ଅଳ୍ପ ପାଣି ଦେଇ ୪ରୁ ୫ଟି ସିଟି ଦିଅନ୍ତୁ । ଅନ୍ୟପଟେ ପ୍ୟାନ୍ ବସାଇ ଏଥିରେ ନଡିଆ କୋରା ପକାଇ ବ୍ରାଉନ୍ ହେବା ଯାଏଁ ଭାଜନ୍ତୁ । ଏହାକୁ ଥଣ୍ଡା କରି ଗୁଣ୍ଡ କରିନିଅନ୍ତୁ । ଏହାକୁ ମଟନ୍‌ରେ ମିଶାଇ ପୁଣି ୧୦ ରୁ ୧୫ ମିନିଟ୍ ଯାଏଁ ରାନ୍ଧନ୍ତୁ । ପରେ ଆଞ୍ଚ ବନ୍ଦ କରିନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଅଖରୋଟ ମଟନ୍ ।


## ଦି ଫ୍ୟାମିଲି ମ୍ୟାନ

ଦି ଫ୍ୟାମିଲି ମ୍ୟାନ ୱେବ ସିରିଜ ସବୁବେଳେ ଚର୍ଚ୍ଚା ସାଉଁଟିଥାଏ । ଏହାର ଦୁଇଟି ସିଜିନ ଆଗରୁ ରିଲିଜ ହୋଇସାରିଛି, ଯାହାକୁ ଦର୍ଶକ ଖୁବ ପସନ୍ଦ କରିଛନ୍ତି । ଦ୍ୱିତୀୟ ସିଜିନ ରିଲିଜ ପରେ ଏହାର ତୃତୀୟ ଭାଗକୁ ଦର୍ଶକ ଖୁବ ଉତ୍ସାହର ସହିତ ଅପେକ୍ଷା କରିଥିଲେ । ଯାହାର ଅନ୍ତ ଘଟିଛି, ଖୁବଶୀଘ୍ର ଅର୍ଥାତ ୨୧ ନଭେମ୍ବରରେ ଏହାର ତୃତୀୟ ଭାଗର ପ୍ରିମିଅର ଆସିବା ନେଇ ସୂଚନା ମିଳିଛି । ସିରିଜରେ ପୁଣି ଥରେ ମନୋଜ ବାଜପେୟୀଙ୍କୁ ଶ୍ରୀକାନ୍ତ ତିୱାରୀ ଚରିତ୍ରରେ ଦେଖିବାକୁ ମିଳିବ । ସେହିଭଳି ଲିଡ ଆକ୍ଟ୍ରେସ ରୋଲରେ ପ୍ରିୟାମଣୀଙ୍କୁ ଦର୍ଶକ ଦେଖିବାକୁ ପାଇବେ । ନିକଟରେ ମେକର୍ସ ଏକ ଛୋଟ ମଜାଦାର ଭିଡିଓ ଜାରି କରି ଏହି ସୂଚନା ଦର୍ଶକଙ୍କ ସହିତ ସେୟାର କରିଛନ୍ତି । ସୋସିଆଲ ମିଡିଆରେ ଉକ୍ତ ଭିଡିଓଟି ଖୁବ ଭାଇରାଲ ହେବାରେ ଲାଗିଛି । ଲୋକମାନ ଏହାକୁ ଭଲ ପାଇବା ଦେଉଥିବା ଦେଖିବାକୁ ମିଳିଛି । ଅନ୍ୟ ସିଜିନ ଭଳି ଏହି ସିଜିନଟି ମଧ୍ୟ ଖୁବ ହିଟ ହେବବୋଲି ମେକର୍ସ ଆଶା ରଖିଛନ୍ତି । ୨୦୧୯ରେ ଏହାର ପ୍ରଥମ ସିଜିନ୍ ଓ ୨୦୨୧ରେ ଏହାର ଦ୍ୱିତୀୟ ସିଜିନ ରିଲିଜ ହୋଇଥିଲା ।



୧୮୮୩– ଚିନ୍ତାନାୟକ ତଥା ସମାଜ ସୁଧାରକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ପରଲୋକ ।
୧୯୦୯– ପ୍ରସିଦ୍ଧ ବୈଜ୍ଞାନିକ ହୋମି ଜାହାଙ୍ଗିର ଭାଭାଙ୍କ ଜନ୍ମ ।
୧୯୪୫– ସଂଯୁକ୍ତ ରାଷ୍ଟ୍ରରେ ସାମିଲ ହେଲା ଭାରତ ।
୧୯୪୯– ସୁପ୍ରସିଦ୍ଧ ରାଜନେତା ପ୍ରମୋଦ ମହାଜନଙ୍କ ଆବିର୍ଭାବ ।
୧୯୫୬– ଖୋଲିଲା ଭାରତର ପଞ୍ଚତାରକା ହୋଟେଲ 'ଅଶୋକ' ।
୧୯୯୦– ଭାରତୀୟ ମହିଳା ଶୁଟର ରାହି ସରନୋବତଙ୍କ ଜନ୍ମ ।
୧୯୯୦– ବଲିଉଡ୍‌ର ପ୍ରସିଦ୍ଧ ଅଭିନେତା ବିନୋଦ ମେହେରାଙ୍କ ନିଧନ ।
୨୦୦୧– ଲାଡେନ ସହ ସଂପୃକ୍ତ ୩ ପରମାଣୁ ବୈଜ୍ଞାନିକଙ୍କୁ ଆମେରିକାକୁ ହସ୍ତାନ୍ତର କଲା ପାକିସ୍ତାନ ।
୨୦୦୮– ଆସାମର ବିଭିନ୍ନ ସ୍ଥାନରେ ପ୍ରାୟ ୧୮ଟି ବିସ୍ଫୋରଣ ଘଟି ୮୧ରୁ ଊର୍ଦ୍ଧ୍ୱ ମୃତ, ୪୦୦ ଆହତ ।
୨୦୧୩– ତେଲେଙ୍ଗାନାର ମେହବୁବ୍ ନଗରରେ ବସ୍‌ରେ ନିଆଁ ଲାଗି ୪୪ ମୃତ ।

## ହଳାସନ



ସମତଳ ଚଟାଣରେ ଆସନ ଉପରେ ଚିତ୍ ହୋଇ ଶୁଅନ୍ତୁ । ଏଥର ଦୁଇଗୋଡ ଦୁଇପାଦ ଯୋଡି ରଖ । ଦୁଇ ହାତକୁ ଶରୀରର ଉଭୟ ପାର୍ଶ୍ୱରେ ପାପୁଲିକୁ ତଳମୁହାଁ କରି ରଖନ୍ତୁ । ସମଗ୍ର ଶରୀରକୁ ଢିଲା କରି ଆରାମରେ ଶୋଇଯାଅ । ଦୁଇଗୋଡକୁ ଯୋଡି ଏକତ୍ର କରି ସିଧାକରି ଉପରକୁ ଉଠାଇ ଭୂମି ସହିତ ସମକୋଣ କରି ରଖ । ଦୁଇବାହୁକୁ ଚଟାଣରେ ଭରା ଦେଇ ଦୁଇ ଜଙ୍ଘକୁ ଉପରକୁ ଉଠାଅ । ଯେପରି ଦୁଇ ପାଦକୁ ମୁଣ୍ଡ ଉପରେ ନେଇ ଭୂମି ଉପରେ ରଖିବା ପାଇଁ ଦୁଇ ବୁଢା ଆଙ୍ଗୁଠିକୁ ଯୋଡି ଏକତ୍ର କରି ଲଗାଇବାକୁ ଚେଷ୍ଟା କର । ହାତ ସାହାଯ୍ୟରେ ପିଠିକୁ ଭରା ଦିଅ । ତେବେ ଯେତିକି ପାରୁଛନ୍ତି ସେତିକି କରନ୍ତୁ । ବଳ ପ୍ରୟୋଗ କରନ୍ତୁନି । ଏଭଳି କିଛି ସମୟ ରହିବା ପରେ ବିଶ୍ରାମ ନିଅନ୍ତୁ । ଏହି ଆସନ କରିବା ଫଳରେ ବିଭିନ୍ନ ଆଭ୍ୟନ୍ତରୀଣ ସମସ୍ୟା ଦୂର ହୋଇଥାଏ । ତେବେ ଏହାକୁ ମେରୁଦଣ୍ଡ ରୋଗୀ, ଉଚ୍ଚ ରକ୍ତଚାପ, ବେକରେ ପୀଡା ଥିବା ବ୍ୟକ୍ତି କରିବା ଅନୁଚିତ୍ । କାହା ଉପସ୍ଥିତିରେ ଏହି ଆସନ କରନ୍ତୁ ।

## ଲେହେଙ୍ଗା କିଣୁଥିଲେ

ବିବାହରେ ପ୍ରାୟ ସମସ୍ତେ ପାରମ୍ପରିକ ପୋଷାକ ପିନ୍ଧିଥାଆନ୍ତି । ତେବେ ସବୁବେଳେ ଗୋଟିଏ ଡିଜାଇନ୍ ଓ କଲ୍‌ରର ପାରମ୍ପରିକ ପୋଷାକ ନ ପିନ୍ଧି ଏଥିରେ କିଛି ଅଲଗା ମଧ୍ୟ ଟ୍ରାୟ କରିହେବ । ଆସନ୍ତୁ ଜାଣିବା ସେହିଭଳି କିଛି କଲ୍‌ର ମିକ୍ସ ଉପରେ..

**ଗୋଲ୍ଡେନ ଓ ସିଲଭର ମିକ୍ସ–** ଜରୁରୀ ନୁହେଁ ଯେ, କେବଳ ଗୋଲ୍ଡେନ କଲର ସବୁବେଳେ ପିନ୍ଧାଯିବ, ଏହି ଧରଣର ହଳଦିଆ ଓ ମଷ୍ଟର୍ଡ କଲର ଭଳି କିଛି ନୂଆ ରଙ୍ଗ ମଧ୍ୟ ପିନ୍ଧିପାରିବେ । ସେହିଭଳି ଗୋଲ୍ଡେନ୍ ଓ ସିଲଭର ମିକ୍ସରେ ମଧ୍ୟ ଅଲଗା ଓ ଆକର୍ଷକ ଦେଖାଯିବେ ।

**ପେଷ୍ଟାଲ କଲର–** ନିଜର ନିର୍ବନ୍ଧ କିମ୍ବା ବିବାହ ସମାରୋହର କୌଣସି ଉତ୍ସବ ପାଇଁ ପେଷ୍ଟାଲ କଲର ଏକ ଭଲ ବିକଳ୍ପ । ଏଥିରେ ମର୍ଡନ ଏମ୍ବ୍ରୋଡରୀ କନସେପ୍ଟ ଆପଣାନ୍ତୁ ଯାହା ଦ୍ୱାରା ଡ୍ରେସର ଲୁକ୍ ସମ୍ପୂର୍ଣ୍ଣ ଅଲଗା ଦେଖାଯିବ । ସିଙ୍ଗଲ କଲର ଉପରେ ଫୋକସ କରନ୍ତୁ ।



**ବ୍ରାଇଟ୍ ରଙ୍ଗ ବେଶି ପସନ୍ଦ–** ସାଧାରଣତ ଶୁଭ ଅବସରରେ କଳା ରଙ୍ଗର ପୋଷାକ ପରିଧାନ କରାଯାଏ ନାହିଁ । ଏବେ କିନ୍ତୁ କଳା, ନୀଳ ଓ ଧଳା ରଙ୍ଗକୁ ଖୁବ୍ ପସନ୍ଦ କରାଯାଉଛି । ବ୍ରାଇଟ୍ ଟଚ୍ ଲାଗି ଏହାର ଏମ୍ବ୍ରୋଡରୀ ନାଲି, ହଳଦିଆ, ଗ୍ରୀନ ଆଦି ରଙ୍ଗର ବ୍ୟବହାର କରିପାରିବେ ।

**ଲାଇଟ୍ ଲେହେଙ୍ଗା–** ଘରେ କୌଣସି ଛୋଟ ଫଙ୍କସନ ହେଉ କିମ୍ବା ଅନ୍ୟ କୌଣସି ସ୍ଥାନରେ ହେଉଥିବା ଛୋଟମୋଟ ଉତ୍ସବରେ ଯୋଗ ଦେବାକୁ ଥିଲେ ଏଥିପାଇଁ ଲାଇଟ୍ ଲେହେଙ୍ଗା ବେଷ୍ଟ । ଏଥିରେ ଏମ୍ବ୍ରୋଡରୀ ପରିବର୍ତ୍ତେ ଗୋଟା– ପଟ୍ଟି କାମ ହୋଇଥାଏ । ରେଡ୍, ପିଙ୍କ ଓ ଗୋଲ୍ଡେନ କଲରର ଲେହେଙ୍ଗାରେ ଏହି କାମ ଲେହେଙ୍ଗାକୁ ଏକ ନୂଆ ଲୁକ୍ ଦେଇଥାଏ ।



## ସରକାରୀ ଡ଼ାକ୍ତରଖାନାରେ ସୁବିଧା ବାବଦରେ ଅଜ୍ଞ ରୋଗୀ

# କେଉଁ ସୁବିଧା ମିଳୁଛି ସେ ସଂକ୍ରାନ୍ତରେ ଉତ୍ତର ରଖିବେ ସରକାର : ହାଇକୋର୍ଟ

କଟକ, (ସବ୍ୟୁ) : ପ୍ରତ୍ୟେକ ସରକାରୀ ମେଡିକାଲରେ 'ସୂଚନା ଫଳକ ଲାଗିବ । ଏହି ସୂଚନା ଫଳକରେ ରୋଗୀଙ୍କ ଅଧିକାର ସଂକ୍ରାନ୍ତରେ ଉଲ୍ଲେଖ କରାଯିବ । ସରକାରୀ ମେଡିକାଲରେ ଜଣେ ରୋଗୀଙ୍କୁ କେଉଁସବୁ ସୁବିଧା ଦିଆଯାଉଛି ସେ ସଂକ୍ରାନ୍ତରେ ମଧ୍ଯ କୁହାଯିବ ବୋଲି ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ପକ୍ଷରୁ ରୁଜୁ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଏହା ଅବଗତ କରାଯାଇଥିଲା । ଏହି ଜବାବ ପରେ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହି ସତ୍ୟପାଠ ଆଧାରରେ କେତେଦୂର ପଦକ୍ଷେପ ଗ୍ରହଣ କରାଯାଇଛି ତାହାର ଏକ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ମାମଲାର ଶୁଣାଣି ନଭେମ୍ବର ୧୨କୁ ଧାର୍ଯ୍ୟ ହୋଇଛି। ରାଜ୍ୟ ରୋଗୀ ଅଧିକାର ମଞ୍ଚ ଏହି ମାମଲା ରୁଜୁ କରି ପିଟିସନ୍‌ରେ ଦର୍ଶାଇଥିଲା ଯେ, ମେଡିକାଲରେ ମିଳୁଥିବା ଅନେକ ସରକାରୀ ସୁବିଧା ସଂକ୍ରାନ୍ତରେ ରୋଗୀମାନେ ଜାଣିପାରୁ ନାହାନ୍ତି । ସେମାନଙ୍କୁ ସରକାର କେଉଁସବୁ ସୁବିଧା ମାଗଣାରେ ପ୍ରଦାନ କରୁଛନ୍ତି ତାହା ଜାଣିବା ଦରକାର । ଏହାଦ୍ୱାରା ଗରିବ ରୋଗୀମାନେ ସରକାରୀ ସୁବିଧାରୁ ଫାଇଦା ପାଇପାରିବେ। କିନ୍ତୁ ଏହିସବୁ ସୁବିଧା ଜଣେ ରୋଗୀ ପକ୍ଷେ ଜାଣିବାର କୌଣସି ସୁବିଧା ନାହିଁ । ଯଦି ପ୍ରତ୍ୟେକ ମେଡିକାଲରେ ସୂଚନା ଫଳକ ରୁହନ୍ତା ଏବଂ ସେଥିରେ ଏହିସବୁ ସୁବିଧା ସଂକ୍ରାନ୍ତରେ ଉଲ୍ଲେଖ କରାଯାଆନ୍ତା ତାହେଲେ ଜଣେ ରୋଗୀ ମେଡିକାଲକୁ ଆସି ନିରାଶ ହୋଇ ଫେରିଯାଆନ୍ତେ ନାହିଁ । ଏହା ଉପରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଏହି ରିପୋର୍ଟ ଦାଖଲ କରାଯାଇଥିଲା । ଏହି ପଦକ୍ଷେପ ସଂକ୍ରାନ୍ତ ରିପୋର୍ଟକୁ ହାଇକୋର୍ଟ ପ୍ରଶଂସା କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ସଞ୍ଜୟ ରଥ ମାମଲା ପରିଚାଳନା କରୁଛନ୍ତି ।



ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଜାତୀୟ ପଛୁଆ ବର୍ଗ କମିଶନର ଅଧ୍ୟକ୍ଷ ହଂସରାଜ୍ ଗଙ୍ଗାରାମ ଅହିର୍ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।

## ଆସିଷ୍ଟାଣ୍ଟ ପ୍ରଫେସର ପରୀକ୍ଷା ଦେବାରୁ ବଞ୍ଚିତ ମାମଲା

# ଲିଖିତ ପରୀକ୍ଷା ଦେଇ ପାରିବେ ଡାକ୍ତର ଦେବବ୍ରତ ରଥ : ହାଇକୋର୍ଟ

**ଅଦାଲତଙ୍କ ବିନାନୁମତିରେ ପ୍ରକାଶ ପାଇବନି ଫଳ**

କଟକ, (ସବ୍ୟୁ):ବ୍ରହ୍ମପୁର ଏମକେସିଜି ହସ୍ପିଟାଲରେ କାର୍ଯ୍ୟରତ ସିନିୟର୍ ରେସିଡେଣ୍ଟ ଦେବବ୍ରତ ରଥଙ୍କୁ ଆସିଷ୍ଟାଣ୍ଟ ପ୍ରଫେସର ପଦପାଇଁ ଓପିଏସସି ଦ୍ୱାରା ପରିଚାଳିତ ଲିଖିତ ପରୀକ୍ଷା ଦେବା।କୁ ହାଇକୋର୍ଟ ଓପିଏସସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଓକିଲ ସତ୍ୟ ରଞ୍ଜନ ପତିଙ୍କ ଯୁକ୍ତିକୁ ବିଚାରକୁ ନେଇ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଆବେଦନକାରୀ ଅକ୍ଟୋବର ୨୭ ତାରିଖ ସୁଦ୍ଧା ଅଫଲାଇନରେ କମିଶନଙ୍କ ନିକଟରେ ଆବେଦନ କରିବାକୁ ଅନୁମତି ଦେଇଛନ୍ତି। କମିଶନଙ୍କୁ ଏହି ରିଟ୍ ପିଟିସନ୍‌ରେ ଉଠାଯାଇଥିବା ଅଧିକାର ଏବଂ ବିବାଦକୁ ଅଣଦେଖା ନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆବେଦନକାରୀଙ୍କ ଫଳାଫଳ କୋର୍ଟଙ୍କ ଅନୁମତି ବିନା ପ୍ରକାଶିତ ହେବ ନାହିଁ ବୋଲି ଆଦେଶରେ ସ୍ପଷ୍ଟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ଡାକ୍ତର ରଥ ବ୍ରହ୍ମପୁର ମେଡିକାଲରେ ସିନିୟର୍ ରେସିଡେଣ୍ଟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ତେବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଷ୍ଟାଣ୍ଟ ପ୍ରଫେସର ପଦରେ ନିଯୁକ୍ତି ନିମିନ୍ତେ ଓପିଏସସି ଜରିଆରେ ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀ ପାଇଁ ଲିଖିତ ପରୀକ୍ଷା ନିର୍ଦ୍ଧାରିତ ସମୟରେ ହେବା ପାଇଁ ତାରିଖ ଧାର୍ଯ୍ୟ ହୋଇଥଲା। ଡାକ୍ତର ରଥ ଏହି ପରୀକ୍ଷା ଦେବାପାଇଁ ଆବେଦନ କରିଥିଲେ ମଧ୍ୟ ଓଡ଼ିଶା ମେଡିକାଲ୍ ଏଜୁକେଶନ୍ ନିୟମ ଅନୁଯାୟୀ ତାଙ୍କୁ ଏହି ପରୀକ୍ଷା ଦେବାରୁ ଓପିଏସସି କର୍ତ୍ତୃପକ୍ଷ ବଞ୍ଚିତ କରିଥିଲେ । ଏହାକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଗଳିତ ଶବ ଉଦ୍ଧାର

# ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ !

ବଲାଙ୍ଗିର,(ସବ୍ୟୁ):ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧିନ ଗୋଇଲପଟା ଗ୍ରାମ ନିକଟ ଜଙ୍ଗଲରୁ ଉଦ୍ଧାର ହୋଇଛି ଗଳିତ ଶବ । ଏହା ଜଣେ ମହିଳାଙ୍କର ହୋଇଥିବା ବେଳେ ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି । ମୁହଁକୁ ପୋଡ଼ିଦିଆ ଯାଇ ଥିବାର ସନ୍ଦେହ କରାଯାଉଛି । ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଦେଓଗାଁ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମହିଳାଙ୍କ ପରିଚୟ ମିଳିନାହିଁ । ଶବ ବ୍ୟବଚ୍ଛେଦ ପରେ ଏହାର କାରଣ ଜଣାପଡ଼ିବ । ଅନ୍ୟ ପକ୍ଷରେ ପୋଲିସ ତଦନ୍ତ କୁ ଅପେକ୍ଷା ରହିଛି । ପୋଲିସ ଏନେଇ ତଦନ୍ତ କରୁଥିବା କହିଛି ।

# ମୁଖ୍ୟରାସ୍ତା କଡ଼ରୁ ବାଇକ ଉଦ୍ଧାର

ବାରଙ୍ଗ,(ସବ୍ୟୁ): ବାରଙ୍ଗ ଥାନା ପୁଲିସ ତ୍ରିଶୂଳିଆ ବାରଙ୍ଗ ମୁଖ୍ୟ ରାସ୍ତା କଡ଼ରୁ ସନ୍ଦେହ ଅବସ୍ଥାରେ ଥୁଆ ହୋଇ ଥିବା ଏକ ବାଇକକୁ ବୁଧବାର ଉଦ୍ଧାର କରିଛି । ଘଟଣାରୁ ପ୍ରକାଶଯେ, ତ୍ରିଶୂଳିଆ ବାରଙ୍ଗ ମୁଖ୍ୟରାସ୍ତାର ବଛିପୁରଛକ ନିକଟରେ ରାସ୍ତା କଡ଼ରେ ଓଡି ୩୩ଏଏସ ୦୩୮୪ ନମ୍ବର ଏକ ବାଇକଟି ଥୁଆ ହୋଇଥିଲା ।୪ଦିନ ହେବ ବାଇକଟିକୁ କେହି ନନେବାରୁ ସ୍ଥାନୀୟ ଲୋକମାନଙ୍କର ସନ୍ଦେହ ହୋଇଥିଲା । ବୁଧବାର ସକାଳୁ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବାରଙ୍ଗଥାନା ପୁଲିସ ଘଟଣାସ୍ଥଳରେ ପହଂଚି ସନ୍ଦେହଜନକ ଅବସ୍ଥାରେ ରହି ଥିବା ବାଇକଟିକୁ ଥାନାକୁ ଆଣିଛି ।ଉକ୍ତ ବାଇକ ନମ୍ବରରୁ ଗାଡି ମାଲିକ ଇନଫୋସିଟି ଥାନା ଅନ୍ତର୍ଗତ ମୁଣ୍ଡାସାହିର ଶେଖ ରହିବୁନଙ୍କର ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିଲା ।ତେବେ କେଉଁ ପରିସ୍ଥିତିରେ ବାଇକଟି ଏଠାକୁ ଆସିଲା ତାହା ଜାଣିବା ପାଇ ପୋଲିସ ରହିବୁନଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ ଆରମ୍ଭ କରିଛି ।

# ମାଲବାହୀ ଟ୍ରେନ ଲାଇନଚ୍ୟୁତ

## ରେଳ ଚଳାଚଳ ବାଧାପ୍ରାପ୍ତ

ସୁନ୍ଦରଗଡ଼, (ସବ୍ୟୁ): ବୁଧବାର ସକାଳେ ରାଉରକେଲା-ରାଞ୍ଚି ମୁଖ୍ୟ ରେଳ ମାର୍ଗରେ ଏକ ବଡ଼ ଦୁର୍ଘଟଣା ଏଡାଇ ଦିଆଯାଇଛି । ସୂଚନା ଅନୁଯାୟୀ, ବାନୋ - କନରାଓ୍ୱା ରେଳ ଷ୍ଟେସନ ମଧ୍ୟରେ କିଲୋମିଟର ସଂଖ୍ୟା ୫୨୪/୩୪ ନିକଟରେ ମିଳିତ ଲାଇନ ନମ୍ବର ଦୁଇରେ ପୂର୍ବାହ୍ନ ପ୍ରାୟ ୧୦ ଟା ସମୟରେ ଏକ ମାଲବାହୀ ଟ୍ରେନ ହଠାତ୍ ଲାଇନଚ୍ୟୁତ ହୋଇ ଯାଇଥିଲା । ଏହି ଦୁର୍ଘଟଣାରେ ପ୍ରାୟ ୧୦ଟି ବଗି ଲାଇନଚ୍ୟୁତ ହୋଇଛି । ଯାହା ମଧ୍ୟରୁ କିଛି ବଗି ଓଲଟି ମଧ୍ୟ ଯାଇଛ । ଘଟଣା ପରେ ହାଟିଆ ଏବଂ ବନ୍ଧମୁଣ୍ଡାରୁ ରେଳବାଇର ଉଦ୍ଧାର ଦଳକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିଲା । ଲାଇନଚ୍ୟୁତର ସଠିକ୍ କାରଣ ବର୍ତ୍ତମାନ ଯାଏ ଜଣା ପଡ଼ି ନାହିଁ। ଦୁର୍ଘଟଣା ଯୋଗୁଁ ରାଉରକେଲା-ରାଞ୍ଚି ରେଳ ଲାଇନରେ ଯାତାୟତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଗୋରଖପୁରରୁ ସମ୍ବଲପୁର ଯାଉଥିବା ମୌର୍ଯ୍ୟ ଏକ୍ସପ୍ରେସକୁ କନରାଓ୍ୱା ଷ୍ଟେସନ ନିକଟରେ ଛିଡ଼ା କରି ଦିଆଯାଇଥିଲା । ଉଦ୍ଧାରକାରୀ ଦଳ ପହଞ୍ଚିବା ମାତ୍ରେ ଲାଇନଚ୍ୟୁତ ହୋଇଥିବା ବଗିଗୁଡ଼ିକୁ ଉଦ୍ଧାର କରିବା କାମ ଆରମ୍ଭ ହୋଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ରାଞ୍ଚି ରେଳବାଇ ଡିଭିଜନର ଇଞ୍ଜିନିୟରିଂ ଏବଂ ଅପରେସନ୍ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅପରେସନ ଆରମ୍ଭ କରିଥିଲେ । ଏହି ଘଟଣାରେ କୌଣସି ମୃତାହତର ଖବର ମିଳିନାହିଁ । ଏବେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି ।

# ରାକେଶ ପଣ୍ଡାଙ୍କୁ 'ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ-୨୦୨୫'

ଭୁବନେଶ୍ୱର, (ସବ୍ୟୁ) :ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା ଏବଂ ଦୃଷ୍ଟାନ୍ତ ମୂଳକ ତଥା ଶ୍ରେଷ୍ଠ ଅବଦାନ ନିମନ୍ତେ ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ 'ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ-



୨୦୨୫'ଦ ରେ ସମ୍ମାନିତ କରାଯାଇଛି । ମଙ୍ଗଳବାର ରବୀନ୍ଦ୍ର ମଣ୍ଡପ ଠାରେ ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ହୋଇଥିବା ଦେବପ୍ରସାଦ ଉତ୍ସବରେ ଗୁରୁ ଦେବପ୍ରସାଦ ଦାସଙ୍କର ଧର୍ମପତ୍ନୀ ଜିତାରାଣୀ ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ଉକ୍ତ ସମ୍ମାନରେ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ, ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେସନର ପ୍ରତିଷ୍ଠାତା, ବିପଞ୍ଚି ଦାସ, ସଭାପତି ଗୋପାଳ କୃଷ୍ଣ ମହାପାତ୍ରଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ।

# ରାଜ୍ୟ ଅଡ଼ିଟ୍ ପରାମର୍ଶଦାତା ବୋର୍ଡ଼ ବୈଠକ

ଭୁବନେଶ୍ୱର, (ସବ୍ୟୁ) : ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ଅଡିଟ-୧ ସମ୍ମିଳନୀ କକ୍ଷଠାରେ ବୁଧବାର ଓଡିଶା ରାଜ୍ୟ ଅଡିଟ୍ ପରାମର୍ଶଦାତା ବୋର୍ଡ ବୈଠକ ଭୁବନେଶ୍ୱରରେ ଓଡ଼ିଶାର ପ୍ରଧାନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରଧାନ ମହାଲେଖାକାର ଅଡିଟ-୧ ସୁବ୍ର. ଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାର୍ବଜନୀନ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦକ୍ଷତା ବୃଦ୍ଧି ଓ ନିରପେକ୍ଷ ଅଡିଟ ପାଇଁ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କର ମତାମତ ଓ ସୁପରାମର୍ଶ ଦେବା ଲାଗି ଏହା ଆୟୋଜନ କରାଯାଇଥିଲା । ଏହି ବୈଠକରେ ପ୍ରଫେସର ଡି. ଭେଙ୍କଟ ରମଣା, ଜାଭିୟର ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ, ଡଃ ସୌମେନ୍ଦ୍ର ମୋହନ ପଟ୍ଟନାୟକ, ଡଃ ପ୍ରଭାସ ରଞ୍ଜନ ମିଶ୍ର , ବିଶ୍ୱଜିତ ମହାନ୍ତି, ବିଶିଷ୍ଟ ପରିବେଶବିତ ତଥା ଅଧକ୍ଷ ଗ୍ରୀନପିସ ଇଣ୍ଡିଆ , ସୁଜାତା ମହାପାତ୍ର, ହିରଣ୍ମୟୀ ମିଶ୍ର , ପ୍ରଫେସର ରଞ୍ଜନ କୁମାର ବଳ, ଅକ୍ଷୟ କୁମାର ପାଢ଼ୀ, କମଳାକାନ୍ତ ରଥ ସମ୍ମାନିତ ସଦସ୍ୟ ଭାବେ ଯୋଗ ଦେଇଥିଲେ । ଅତୁଲ ପ୍ରକାଶ, ମହାଲେଖାକାର (ଲେଖା ପରୀକ୍ଷା



-୨) ଏହି ବୈଠକରେ ଯୋଗଦାନ କରି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଲେଖାପରୀକ୍ଷା -୧ ଓ ଲେଖାପରୀକ୍ଷା -୨ କାର୍ଯ୍ୟାଳୟର ଉପ ମହାଲେଖାକାର ବୃନ୍ଦ ଓ ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସମ୍ମାନିତ ସଦସ୍ୟ ମାନଙ୍କୁ ଅଡିଟ୍ ର କାର୍ଯ୍ୟକଳାପ ବିଷୟରେ ସମ୍ୟକ ସୂଚନା ଦିଆଯାଇଥିଲା । ଅଡିଟ ରିପୋର୍ଟରେ ସରକାରଙ୍କ କେବଳ ତ୍ରୁଟିକୁ ସ୍ଥାନ ନ ଦେଇ ଉପଲବ୍ଧି ଗୁଡ଼ିକୁ ମଧ୍ୟ ଉଲ୍ଲେଖ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ସୋଆ ପ୍ରତିଷ୍ଠାତା ସଭାପତିଙ୍କ ଦ୍ୱାରା

# "ସୋଫଲ୍ ମାଳା'ର ଚତୁର୍ଥ ସଂସ୍କରଣ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ବିଶିଷ୍ଟ ବୈଜ୍ଞାନିକମାନଙ୍କୁ ନେଇ ବିବିଧ ପ୍ରସଙ୍ଗରେ ଆୟୋଜିତ ଶିକ୍ଷା ଓ ଅନୁସନ୍ଧାନ ପାକ୍ଷିକ ଶୈକ୍ଷିକ ବକ୍ତୃତାମାଳା ସୋଆ ଫର୍ଟନାଇଟଲି ଏକାଡେମିକ ଲେକ୍ଚର ସିରିଜ (ସୋଫଲ୍)ର ଚତୁର୍ଥ ସଂସ୍କରଣ ପରିଚାଳନା କରାଯାଇଥିଲା । ଓଡ଼ିଶାର ୩ଜଣ ମହିଳା ବୈଜ୍ଞାନିକ ପ୍ରଫେସର ଶୀଖା ବର୍ମା, ପ୍ରଫେସର ପିୟମ୍ବଦା ମହାନ୍ତି ହେଜମାଦି ଏବଂ ପ୍ରଫେସର ପୁଷ୍ପା ଖାରେଙ୍କ ସମ୍ପର୍କରେ ଏହି ନୂତନ ସଂସ୍କରଣରେ ସାମିଲ କରାଯାଇଥିବା ବେଳେ ସୋଆର ୟୁନିଭର୍ସିଟି



ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦ୍ୱାରା ବୁଧବାର ଉନ୍ମୋଚିତ ହୋଇଯାଇଛି । ସୋଫଲମାଳାର ସଦ୍ୟତମ ସଂକଳନ ୨୫ ଜଣ ବିଶିଷ୍ଟ ଭାରତୀୟ ମହିଳା ବୈଜ୍ଞାନିକମାନଙ୍କୁ ନେଇ ଆଧାରିତ ହୋଇଥିବା ବେଳେ ପ୍ରଫେସର ରୋହିଣୀ ଗୋଡ୍‌ବୋଲେ ଏବଂ ପ୍ରଫେସର ରାମ ରାମସ୍ୱାମୀଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ "ଲୀଳାବତିସ୍ ଡଟର୍ସ'ରେ ସେମାନଙ୍କ ସମ୍ପର୍କରେ ବ୍ୟାଖ୍ୟା କରାଯାଇଛି । ଏହି ସଂସ୍କରଣରେ ପ୍ରଫେସର ରାମସ୍ୱାମୀଙ୍କ ଦ୍ୱାରା ରୋହିଣୀ ଗୋଡବୋଲେ ସ୍ମାରକୀ ବକ୍ତୃତା ମଧ୍ୟ ସ୍ଥାନୀତ କରାଯାଇଛି । ଏହି ବକ୍ତୃତାଗୁଡ଼ିକ ଡିଜିଟାଲ୍ ମାଧ୍ୟମରେ ଆଉଟରିଚ୍ ପ୍ରୋଗ୍ରାମର ନିର୍ଦ୍ଦେଶକ ପ୍ରଫେସର ନଚିକେତା ଶର୍ମା ଏହାକୁ ସମ୍ପାଦିତ କରିଛନ୍ତି । ପୂର୍ବରୁ ୨୫ଟି ବକ୍ତୃତାକୁ ନେଇ ସୋଫଲମାଳାର ୩ଟି ସଂସ୍କରଣ ପ୍ରକାଶିତ ହୋଇସାରିଛି । ପୁସ୍ତକ ଉନ୍ମୋଚନ ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଆଡିସ୍‌ନାଲ୍ ରେଜିଷ୍ଟ୍ରାର ଆସୋସିଏଟ ପ୍ରଫେସର ଶଶାଙ୍କ ମିଶ୍ର, ବାୟୋମେଡିକାଲ୍ ବିଭାଗର ମୁଖ୍ୟ ଙ୍ଂ ମନୋରମା ପରିଡ଼ା ଓ ୟୁନିଭର୍ସିଟି ଆଉଟରିଚ୍ ପ୍ରୋଗ୍ରାମର ନିର୍ଦ୍ଦେଶକ ପ୍ରଫେସର ନଚିକେତା ଶର୍ମା ଉପସ୍ଥିତ ଥିଲେ ।


# କୁଲାଡ଼ ଉପର ବ୍ୟାଘ୍ର ଦେବୀ ମନ୍ଦିରରୁ ଖସିଲା ପଥର

ଭଞ୍ଜନଗର,(ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ସହର ନିକଟସ୍ଥ କୁଲାଡ ଉପର ବ୍ୟାଘ୍ରଦେବୀ ମନ୍ଦିରରୁ ବୁଧବାର ସନ୍ଧ୍ୟାରେ ଏକ ବିରାଟ ପଥର ଖସି ପଡ଼ିଛି । ଯାହାକୁ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ପଥରଟି ଖସି ତଳକୁ ଆସିବା ସମୟରେ ତଳେ ଥିବା ଶିବ ମନ୍ଦିରରେ ମାଡ ହୋଇ ମନ୍ଦିରର କ୍ଷତି ହୋଇଛି । ଜଦି ପଥରଟି ତଳେ ଥିବା ସାହି ଆଡ଼େ ଗଡି ଆସିଥାନ୍ତା ତେବେ ଧନଜୀନ କ୍ଷତି ହେବାର ଆଶଙ୍କା ଥିଲା । ପଥର ଖସିବା ପରେ ମନ୍ଦିରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି । ତେଣୁ ପ୍ରଶାସନ ପକ୍ଷରୁ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି । ଲଗାଣ ବର୍ଷା ଯୋଗୁଁ ପଥରଟି ଖସି ପଡ଼ିଥିବା ଅନୁମାନ କରାଯାଉଛି ।

## ବ୍ରହ୍ମପୁର ବିଜେପି ବିଧାୟକଙ୍କ ବିରୋଧରେ ମାମଲା

# ଆବେଦନକାରୀଙ୍କୁ ସୁରକ୍ଷା ଯୋଗାଇ ଦିଅ : ହାଇକୋର୍ଟ

କଟକ (ସବ୍ୟୁ): ବ୍ରହ୍ମପୁର ବିଜେପି ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାରେ ହାଇକୋର୍ଟ ଆବେଦନକାରୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବ୍ରହ୍ମପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଆବେଦନକାରୀ ମନୋଜ କୁମାର ପଣ୍ଡା ଗତ ୧୭ ତାରିଖ ଦିନ ଶୁଣାଣି ପାଇଁ ହାଇକୋର୍ଟକୁ ଆସିଥିଲେ। ହାଇକୋର୍ଟରେ ଶୁଣାଣି ଶେଷ ପରେ ସେ ବ୍ରହ୍ମପୁର ଫେରିଥିଲେ। ବ୍ରହ୍ମପୁର ଷ୍ଟେସନରେ ପହଞ୍ଚିବା ପରେ ସେଠାର ଥିବା କିଛି ଦୁର୍ବୃତ୍ତ ତାଙ୍କୁ ଅପହରଣ କରି ନେଇଥିଲେ । ପ୍ରାୟ ଦୁଇଦିନ ତାଙ୍କୁ ସେମାନେ ନିର୍ଯାତନା ଦେଇଥିଲେ । ପରେ କୌଣସି ପ୍ରକାରେ ତାଙ୍କୁ ଉଦ୍ଧାର କରାଯିବା ପରେ ସେ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ବୁଧବାର ହାଇକୋର୍ଟଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପ୍ରାର୍ଥନା କରିଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଆବେଦନକାରୀଙ୍କ ପ୍ରାର୍ଥନାକୁ ଗ୍ରହଣ କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ବୁଧବାର ମାମଲାରେ ବିଧାୟକଙ୍କ ପକ୍ଷରୁ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ସମ୍ପର୍କିତ ରେକର୍ଡ ମଗାଇବା ଲାଗି ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା । ଏହାକୁ ଆବେଦନକାରୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା । ଏହି ମାମଲା ପୀତବାସ ପଣ୍ଡାଙ୍କ ହତ୍ୟା ସହ କୌଣସି ସମ୍ପର୍କ ନଥବାରୁ ଏହି ରେକର୍ଡର ଆବଶ୍ୟକତା ନଥିବା କୁହାଯାଇଥିଲା। ବିଧାୟକଙ୍କ ଏହି ପ୍ରାର୍ଥନା ଉପରେ ଆବେଦନକାରୀଙ୍କୁ ପ୍ରତିଜବାବ ଦାଖଲ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି। ଆବେଦନକାରୀ ମନୋଜ କୁମାର ପଣ୍ଡା, ବିଧାୟକ କେ. ଅନୀଏ କୁମାରଙ୍କ ବିରୋଧରେ ଏହି ନିର୍ବାଚନୀ ମାମଲା ରୁଜୁ କରିଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ବିଧାୟକ ନିର୍ବାଚନ ପୂର୍ବରୁ ପ୍ରାର୍ଥୀପତ୍ର ଦାଖଲ ସମୟରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି । ତେଣୁ ତାଙ୍କ ବିଧାୟକ ପଦ ରଦ୍ଦ ପାଇଁ ସେ ପ୍ରାର୍ଥନା କରିଛନ୍ତି ।






## ସରକାର ଆକ୍ସନ ପ୍ଲାନ ସଂକ୍ରାନ୍ତରେ ହାଇକୋର୍ଟଙ୍କୁ କଲେ ଅବଗତ

# ସରକାରୀ ଜମିରୁ ମାର୍ଚ୍ଚ ୨୦୨୬ ସୁଦ୍ଧା ହଟିବେ ସବୁ ଜବରଦଖଲକାରୀ

କଟକ, (ସବ୍ୟୁ) : ଜବରଦଖଲକାରୀଙ୍କ ପାଇଁ ରାଜ୍ୟ ସରକାର 'ଶୂନ୍ୟ ସହନଶୀଳତ ନୀତି ଅବଲମ୍ବନ କରିଛନ୍ତି । ସରକାରୀ ଜାଗାକୁ ମାଡ଼ି ବସିଥିବା କୌଣସି ଜବରଦଖଲକାରୀଙ୍କୁ ଆଉ ଛଡ଼ାଯିବ ନାହିଁ । ଏଥିପାଇଁ ସରକାର ଏକ ସ୍ୱତନ୍ତ୍ର ପ୍ଲାନ୍ ମଧ୍ୟ ପ୍ରସ୍ତୁତ କରିଛନ୍ତି । ରାଜ୍ୟରେ ଯେତେ ଜବରଦଖଲ ସଂକ୍ରାନ୍ତ କେସ୍ ରହିଛି ସେସବୁ ଜମିରୁ ଜବରଦଖଲ ହଟିବ । ଆସନ୍ତା ୨୦୨୬ ମାର୍ଚ୍ଚ ପୂର୍ବରୁ ଯେତେ ଜବରଦଖଲ ସଂକ୍ରାନ୍ତ ମାମଲା ରହିଛି ସେସବୁର ମଧ୍ୟ ଅନ୍ତ ଘଟିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଆଜି ଅବଗତ କରାଯାଇଛି । ଯାଜପୁର ଜିଲ୍ଲା ଦର୍ପଣ ତହସିଲ୍ ଅନ୍ତର୍ଗତ ଦାଣ୍ଡ ହରିପୁର ଗ୍ରାମର ଏକ ଜବରଦଖଲ ସଂକ୍ରାନ୍ତ ମାମଲାର ଆଜି ପ୍ରାଥମିକ ଶୁଣାଣି ଅବସରରେ ହାଇକୋର୍ଟରେ ରାଜ୍ୟ ସରକାର ଏହି ଜବାବ ଦାଖଲ କରିଥିଲେ । ମାମଲାର ଆରମ୍ଭରୁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ସଂକ୍ରାନ୍ତ ଜବାବକୁ ନେଇ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶଂସା କରିବା ସହ ମାମଲାର ଅନ୍ତ ମଧ୍ୟ ଘଟାଇଛନ୍ତି । ହରିପୁର ଗ୍ରାମର ଏକ ଗ୍ରାମ୍ୟ ରାସ୍ତା ଜବରଦଖଲରେ ଥିବାରୁ ଏହାକୁ ଉଚ୍ଛେଦ ପାଇଁ ସୁଦର୍ଶନ ସାମଲ ଏବଂ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଜି ଏହି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। ଏହି ମାମଲା ଉଠିବା ପୂର୍ବରୁ ରାଜ୍ୟ ସରକାର ଏହା ଉପରେ ପ୍ରସ୍ତୁତ ହୋଇ ଆସିଥିଲେ। ଏହି ମାମଲା ଜବରଦଖଲ ସଂକ୍ରାନ୍ତ ହୋଇଥିବାରୁ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ପ୍ରସ୍ତୁତ ହୋଇଥିବା ଆକ୍ସନ୍ ପ୍ଲାନ୍ ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରାଯିବା ସହ ଏକ ସତ୍ୟପାଠ ଦାଖଲ କରାଯାଇଥିଲା । ଉକ୍ତ ଆକ୍ସନ୍ ପ୍ଲାନ୍‌ରେ ଜବରଦଖଲ ସଂକ୍ରାନ୍ତ ମାମଲା କେବେ ସୁଦ୍ଧା ସମାଧାନ କରାଯିବ, ସରକାରୀ ଜାଗାକୁ କିପରି ତହସିଲ୍‌ଦାରମାନେ ସୁରକ୍ଷିତ ରଖିବେ ଏସବୁ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦିଆଯାଇଛି । ଯଦି କୌଣସି ଗୋଟିଏ ସ୍ଥାନରେ ଏକାଧିକ ଲୋକଙ୍କ ଦ୍ୱାରା ସରକାରୀ ଜାଗା ଜବରଦଖଲରେ ରହିଥିବ ସେ କ୍ଷେତ୍ରରେ ତହସିଲଦାରମାନେ ଏ ଘଟଣା ସଂକ୍ରାନ୍ତରେ ଉପଜିଲ୍ଲାପାଳଙ୍କୁ ଅବଗତ କରିବେ । ଉଚ୍ଛେଦ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ। ଥରେ ଜବରଦଖଲ ହଟିବା ପରେ ଉକ୍ତ ଜାଗା ଯେପରି ସୁରକ୍ଷିତ ରହେ ସେଥିପାଇଁ ତହସିଲଦାର ଉକ୍ତ ଜାଗାକୁ ବାଡ଼ ଦ୍ୱାରା ବା ପାଚେରୀ ଦ୍ୱାରା ଆବଦ୍ଧ କରିବେ । ଯେତେ ଜବରଦଖଲ ସଂକ୍ରାନ୍ତ ପୁରୁଣା ମାମଲା ରହିଛି ସେସବୁର ସମାଧାନ ୨୦୨୬ ମାର୍ଚ୍ଚ ପୂର୍ବରୁ ଶେଷ କରିବାକୁ କୁହାଯାଇଛି। ଜବରଦଖଲ ଉଚ୍ଛେଦ ସଂକ୍ରାନ୍ତ ଯେତେ ଅପିଲ୍ ମାମଲା ରହିଛି ସେସବୁର ମଧ୍ୟ ଆସନ୍ତା ନଭେମ୍ବର ୩୦ ତାରିଖ ପୂର୍ବରୁ ସମାଧାନ କରିବାକୁ କୁହାଯାଇଛି। ଉଚ୍ଛେଦ ପରେ ଆଉ ଯେପରି ଜବରଦଖଲ ନହୁଏ ସେନେଇ ସ୍ଥାନୀୟ ଆରଆଇମାନେ ନିଶ୍ଚିନ୍ତ କରିବେ । ପ୍ରତ୍ୟେକ ମାସ ୧୦ତାରିଖ ସୁଦ୍ଧା ସେମାନଙ୍କ ଅଧୀନରେ ଆସୁଥିବା ସରକାରୀ ଜାଗାର ସ୍ଥିତି କଦଣ ରହିଛି ତାହାର ଏକ ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରିବେ । କେତେ ସରକାରୀ ଜାଗା ରହିଛି, ସେଥିରୁ କେତେ ଜମି ଜବରଦଖଲ ରହିଛି ସେସବୁ ଚିହ୍ନଟ କାମ ଆସନ୍ତା ୨୦୨୬ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ଶେଷ କରିବାକୁ କୁହାଯାଇଛି । ଆଉ ଯାହା ଜବରଦଖଲ ମାମଲା ରହିଲା ସେସବୁକୁ ୨୦୨୬ ଏପ୍ରିଲ ୩୦ସୁଦ୍ଧା ତହସିଲଦାରମାନେ ଶେଷ କରିବେ । ସରକାରୀ ଜମିର ଗୁରୁତ୍ୱ ଆଧାରରେ ତହସିଲଦାରମାନେ ସେ ସବୁକୁ ଚିହ୍ନଟ କରିବେ।

## ସୁସ୍ଥ ଶିକ୍ଷକ, ସୁସ୍ଥ ସମାଜ : ୟୁନେସ୍କୋ-ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ତିନିଦିନିଆ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ) : ପ୍ରଶିକ୍ଷଣପୂର୍ବ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ଅନ୍ତର୍ଭୁକ୍ତ କରିବା ପାଇଁ ୟୁନେସ୍କୋର ଦକ୍ଷିଣ ଏସୀୟ ଆଞ୍ଚଳିକ କାର୍ଯ୍ୟାଳୟ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍.ଆଇ.ଇ), ଭୁବନେଶ୍ୱରର ସହଯୋଗରେ ତିନିଦିନିଆ କର୍ମଶାଳା ବୁଧବାର ଠାରୁ ଆରମ୍ଭ ହୋଇଛି । ଅକ୍ଟୋବର ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କର୍ମଶାଳାରେ ରାଜ୍ୟର ୧୪ଟି ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରତିନିଧିମାନେ ଓ ଅନ୍ୟ ରାଜ୍ୟରୁ ଆସିଥିବା ଶିକ୍ଷା ବିଶାରଦ, ପାଠ୍ୟଖସଡ଼ା ବିଶେଷଜ୍ଞମାନେ ଯୋଗଦେଇଛନ୍ତି । ଆର୍.ଆଇ.ଇ ଭୁବନେଶ୍ୱରର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ କର୍ମଶାଳାର ଉଦ୍‌ଘାଟନ କରି ୟୁନେସ୍କୋର ନିରବଚ୍ଛିନ୍ନ ସହଯୋଗକୁ ସ୍ୱାଗତ କରିଛନ୍ତି । ସେ କହିଥିଲେ, "ଶିକ୍ଷକମାନଙ୍କୁ ସ୍ୱସ୍ଥ, ସମାନତାମୂଳକ ଓ ସୁରକ୍ଷିତ ଶିକ୍ଷା ପରିବେଶ ସୃଷ୍ଟିରେ ଦକ୍ଷ କରିବା ଏହି ପଦକ୍ଷେପର ପ୍ରାଧାନ୍ୟ ଲକ୍ଷ୍ୟ । ୟୁନେସ୍କୋର ଜାତୀୟ କାର୍ଯ୍ୟକ୍ରମ ଅଧିକାରୀ (ଶିକ୍ଷା) ସୁଶ୍ରୀ ସରିତା



ଯାଦବ କହିଛନ୍ତି ଯେ, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ବର୍ତ୍ତମାନ ଗୁଣାତ୍ମକ ଶିକ୍ଷା ପାଇଁ ବାଧ୍ୟତାମୂଳକ ଅଂଶ । ୟୁନେସ୍କୋ ଓ ଆର୍.ଆଇ.ଇ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା ଆଧାରରେ ଆୟୋଜିତ ଏହି କର୍ମଶାଳା ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟକୁ ଅଗ୍ରସର କରିବ ।ଏହି ଅବସରରେ ଏନ୍.ସି.ଇ.ଆର୍.ଟିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ପ୍ରଫେସର ଲକ୍ଷ୍ମୀଧର ବେହେରା, ପ୍ରଫେସର ରୀତାଞ୍ଜଳି ଦାଶ, ପ୍ରଫେସର ସରୋଜ ବାଳା ଯାଦବ ଓ ୟୁନେସ୍କୋର ସହଯୋଗୀ କାର୍ଯ୍ୟକ୍ରମ ଅଧିକାରୀ ପ୍ରଶାନ୍ତ ଯାଦବ ଉପସ୍ଥିତ ଥିଲେ । ସୁସ୍ଥ ଜୀବନ, ଗୁଣାତ୍ମକ ଶିକ୍ଷା ଓ ଲିଙ୍ଗ ସମାନତାକୁ ପ୍ରୋତ୍ସାହିତ କରିବା ଏହି କର୍ମଶାଳାର ମୂଳ ଲକ୍ଷ୍ୟ ରହିଛି ।

## ଓଡିଶୀ ଶାସ୍ତ୍ରୀୟ ସଂଗୀତର ସ୍ୱତନ୍ତ୍ର କାର୍ଯ୍ୟକ୍ରମ " ଆଳାପ " ଅନୁଷ୍ଠିତ

ଭୁବନେଶ୍ୱର, (ସବ୍ୟୁ) : ଗୁରୁ ନିମାକାନ୍ତ ରାଉତରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ତଥା ଓଡ଼ିଶୀ ସଂଗୀତ ପାଇଁ ଉତ୍ସର୍ଗୀକୃତ ଅନୁଷ୍ଠାନ" ଆଳାପ



"କଲଚୁରାଲ ଟ୍ରଷ୍ଟ ତରଫରୁ ଓଡ଼ିଶୀ ସଙ୍ଗୀତର ଏକ ବିଶେଷ କାର୍ଯ୍ୟକ୍ରମ ଆଳାପ ୨୦୨୫ ଭୁବନେଶ୍ୱର ରବିନ୍ଦ୍ରମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ସାରସ୍ୱତ ଉତ୍ସବରେ ଅତିଥି ଭାବେ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ତଥା ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଶ୍ରୀ ଧନେଶ୍ୱର ସ୍ୱାଇଁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିଜୟ କୁମାର ଜେନା, ମୁମ୍ବାଇ ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟାପିକା ଡଃ ଦୀପା ମିଶ୍ର,ଅବସର ପ୍ରାପ୍ତ ଅଧ୍ୟକ୍ଷ ଡଃ ଅଳକାନନ୍ଦ ମହାପାତ୍ର, ବିଶିଷ୍ଟ ସମାଜସେବୀ ମାନସ କୁମାର ଜେନା, ଅନୁଷ୍ଠାନର ସଭାପତି ବଦ୍ରୀ ନାରାୟଣ ମହାନ୍ତି ଓ ସଂପାଦକ ଗୁରୁ ନିମାକାନ୍ତ ରାଉତରାୟ ଯୋଗଦେଇ ଓଡ଼ିଶୀ ସଙ୍ଗୀତ ର,ଅତୀତ, ବର୍ତ୍ତମାନ, ଓ ଭବିଷ୍ୟତ, ଓଡ଼ିଶୀ ସଙ୍ଗୀତ ର ଉତ୍ପତ୍ତି ସ୍ଥଳ ଶ୍ରୀମନ୍ଦିର, ଜୀବନରେ ସଂଗୀତ ର ଆବଶ୍ୟକତା, ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟତା ସପକ୍ଷରେ ଉଦ୍ ବୋଧନ ଦେଇଥିଲେ । ଅନୁଷ୍ଠାନର ସଭାପତି ବଦ୍ରୀ ନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସଂପାଦକ ଗୁରୁ ନିମାକାନ୍ତ ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ -ଚଉପଦୀ,ଛାନ୍ଦ, ଓଡ଼ିଶୀ ,ଚମ୍ପୂ, ଚଉତିଶା ଆଦି ବୃନ୍ଦ ଗାୟନ,ଏକକ ଗାୟନ ଉପସ୍ଥିତ ଶ୍ରୋତାଙ୍କୁ ବିମୋହିତ କରିଥିଲା ।

## ସତର୍କତା ସଚେତନତା ସପ୍ତାହ, ରେଳବାଇ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା

ଜଟଣୀ, (ସବ୍ୟୁ) : ଚଳିତ ସତର୍କତା ସଚେତନତା ସପ୍ତାହର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ




ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଛାତ୍ରଛାତ୍ରୀ, ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ସଚ୍ଚୋଟତା ଏବଂ ସ୍ୱଚ୍ଛତାର ବାର୍ତ୍ତା ପ୍ରସାର କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ପ୍ରସାର କାର୍ଯ୍ୟକ୍ରମ ଆୟୋଜନ କରିଅଛି । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାରୋଡ଼ ସ୍ଥିତ ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଏବଂ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଉପକଣ୍ଠ ରଙ୍ଗାମାଟିଆ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ବଡ଼ସାହି ବିଧାୟକ ସନାତନ ବିଜୁଳି ମେଳାକୁ ଉଦ୍‌ଘାଟନ କରିଥିଲେ । ବେତନଟୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ. ରଞ୍ଜନ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ. ରମଣି ରଞ୍ଜନ ବିଶ୍ୱାଳ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ପାଳନକୁ ବ୍ୟବସାୟ ଭିତ୍ତିରେ ଗ୍ରହଣ କରି ବେକାରୀ ସମସ୍ୟାକୁ ଦୂର କରାଯାଇପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ କୌଶଲ୍ୟା ମାଝୀ, ୩୬ ନଂ ଜିଲ୍ଲାପରିଷଦ ସଭ୍ୟା ସବିତା ଦାସ, ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୁତାର, ଜିଲ୍ଲା ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ. ଗୋପାଳ ଚରଣ ବଳ , ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଦୀପକ କୁମାର ପରିଡ଼ା, ଭୁବନେଶ୍ୱର ସ୍ଥିତ ଏସ.ଓ.ଏ ବିଶ୍ୱବିଦ୍ୟାଳୟର ପ୍ରଫେସର, ଡାଃ. ଗୁରୁପ୍ରସାଦ ମହାନ୍ତି, ରାଜ୍ୟ ପ୍ରାଣୀ ଖାଦ୍ୟ ବିଶ୍ଳେଷଣାଗାର ସହକାରୀ ନିର୍ଦ୍ଦେଶିକା ଗୀତାଞ୍ଜଳୀ ଦାଶ, ପ୍ରାଣୀଚିକିତ୍ସା ଓ ପ୍ରାଣୀ ପାଳଣ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା (ଭେଷଜ ଗୁଣ ବିଜ୍ଞାନ ଓ ବିଷ ବିଜ୍ଞାନ) ଡାଃ. ସାନ୍ତ୍ୱନା ପଲାଇ, ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଶ୍ରୀମତୀ ସଂଘମିତ୍ରା ପଟ୍ଟନାୟକ ଓ କେନ୍ଦୁଝରର ସହକାରୀ ମତ୍ସ୍ୟ ଅଧିକାରୀ ବୀରେନ ନାୟକ ପ୍ରମୁଖ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ପାଳନ କରି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ । ମେଳାରେ ବିଶେଷ ଆକର୍ଷଣ ସ୍ୱରୂପ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ୧୨ ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା । ପ୍ରାଣୀ ପାଳନ କରୁଥିବା ୬ ଜଣ କୃତି ଚାଷୀ ମାନଙ୍କୁ ମାନପତ୍ର ସହିତ ଅର୍ଥ ରାଶି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏଥିରେ ମତ୍ସ୍ୟ ଓ ପଶୁ ପାଳକ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବେତନଟୀ ସହକାରୀ ମତ୍ସ୍ୟ ଅଧିକାରୀ ଶୁଭଶ୍ରୀ ଶୁଭସ୍ମିତା ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିରନ୍ତର ବାଣିଜ୍ୟ ଅଭିବୃଦ୍ଧିର ଚାବିକାଠି ଭାବେ ଜଳପଥର ପ୍ରଦର୍ଶନ କଲା ଓଡ଼ିଶା

ଭୁବନେଶ୍ୱର, (ସବ୍ୟୁ) : ମୁମ୍ବାଇଠାରେ ଆୟୋଜିତ ସାମୁଦ୍ରିକ ସପ୍ତାହ ୨୦୨୫ ରେ ଓଡ଼ିଶା ସରକାର ସ୍ଥାୟୀ ଏବଂ ସମନ୍ୱିତ ପରିବହନ ବିକାଶ ପାଇଁ ନିଜର ଦୂରଦୃଷ୍ଟିସମ୍ପନ୍ନ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। "ନେଭିଗେଟିଙ୍ଗ ଗ୍ରୋଥ: ଇନଲାଣ୍ଡ ୱାଟରୱେଜ୍ ଇନ୍ ଦ ଫ୍ରଣ୍ଟ ଅଫ୍ ଫ୍ୟୁଚର ଟ୍ରାନ୍ସପୋର୍ଟ ଆଣ୍ଡ ଲଜିଷ୍ଟିକ୍ସ" ଉପରେ ଏକ ଉଚ୍ଚସ୍ତରୀୟ ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ ଆଭ୍ୟନ୍ତରୀଣ ଏବଂ ଉପକୂଳ ଜଳପଥ ସଂଯୋଗକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ସକ୍ରିୟ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ଭାରତର ଆଭ୍ୟନ୍ତରୀଣ ଜଳପଥକୁ ଏକ ସ୍ୱଳ୍ପ ବ୍ୟୟବହୁଳ, ଦକ୍ଷ ଏବଂ ପରିବେଶ ପ୍ରତି ଉତ୍ତରଦାୟୀ ମାଲ ପରିବହନର ମାଧ୍ୟମ ଭାବେ ପୁନରୁଦ୍ଧାର ଏବଂ ଆଧୁନିକୀକରଣ ଉପରେ ବିଚାରବିମର୍ଶ କରାଯାଇଥିଲା। ଏହି ଆଲୋଚନାରେ




ଉପକୂଳ-ଆଭ୍ୟନ୍ତରୀଣ ସଂଯୋଗ, ବହୁମୁଖୀ ସମନ୍ୱୟ, ଦୂରଗାମୀ ମାଲ ପରିବହନ ଏବଂ ବ୍ୟୟ ପ୍ରତିଦ୍ୱନ୍ଦ୍ୱିତା, ଆଭ୍ୟନ୍ତରୀଣ ଜଳ ପରିବହନ (ଆଇ.ଡବ୍ଲ୍ୟୁ.ଟି.) କୁ ଭବିଷ୍ୟତର ଲଜିଷ୍ଟିକ୍ସ ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶ୍ରୀମତି ପାଢୀ ନୀଳ ସାମୁଦ୍ରିକ ଭିତ୍ତିଭୂମିର ବିକାଶ ଏବଂ ବନ୍ଦର, ନଦୀ ଏବଂ ଶିଳ୍ପ ସମୂହକୁ ସଂଯୋଗ କରୁଥିବା ବହୁମୁଖୀ ଲଜିଷ୍ଟିକ୍ସ ହବ୍ ପ୍ରତିଷ୍ଠା ପାଇଁ ଓଡ଼ିଶାର ରଣନୈତିକ ରୋଡମ୍ୟାପକୁ ପାଢୀ ରେଖାଙ୍କିତ କରିଥିଲେ। ନିଜର ଶେଷ ବକ୍ତବ୍ୟରେ, ଶ୍ରୀମତୀ ପାଢୀ "ଓଡ଼ିଶାର ନଦୀ ଏବଂ ଉପକୂଳ ଶତାବ୍ଦୀ ଶତାବ୍ଦୀ ଧରି ବାଣିଜ୍ୟ ଏବଂ ସଂସ୍କୃତିର ଜୀବନରେଖା ହୋଇ ରହିଛି ବୋଲି କହିଥିଲେ । ପ୍ୟାନେଲରେ ଅନ୍ୟ ବିଶିଷ୍ଟ ସଦସ୍ୟମାନଙ୍କ ମଧ୍ୟରେ ଆଇ. ଡବ୍ଲ୍ୟୁ. ଏ. ଆଇ. ର ଅଧ୍ୟକ୍ଷ (ସ୍ୱାଧୀନ ଦାୟିତ୍ୱ) ସୁନୀଲ କୁମାର ସିଂହ, ଆଇସି ଆଡବ୍ଲୁଏଆଇର ଅଧ୍ୟକ୍ଷ ହ୍ୟାରି ଡି ଲେଇଜର, ଜେ. ଏସ୍. ଡବ୍ଲ୍ୟୁ. ଷ୍ଟିଲ୍ ଲିମିଟେଡର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ପ୍ରଣବ ଝା, ଜେ. ଏସ୍. ଡବ୍ଲ୍ୟୁ. ଷ୍ଟିଲ୍ ଲିମିଟେଡ୍ ଅଲଟ୍ରାଟେକ୍ ପୋର୍ଟସ୍ ଆଣ୍ଡ ସିପିଂର ଏ. ଭି. ପି. ପ୍ରିୟରଞ୍ଜନ ବେହରା, ଷ୍ଟାର ସିମେଣ୍ଟର ସି. ଓ. ଓ. ପ୍ରଦୀପ ପୁରୋହିତ, ରେନସ୍ ଲଜିଷ୍ଟିକ୍ସ ଭାରତର ଆଞ୍ଚଳିକ ସି. ଇ. ଓ. ବିବେକ ଆର୍ଯ୍ୟ ଏବଂ ଆସାମ ପେଟ୍ରୋକେମିକାଲ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରଜନୀଶ ଗୋଗୋଇ ଏହି ଅବସରରେ ଉପସ୍ଥିତ ଥିଲେ।

## ଆପୋଲୋରେ ବିଶ୍ୱ ଷ୍ଟ୍ରୋକ୍ ଦିବସ ପାଳିତ

ଭୁବନେଶ୍ୱର: ଆପୋଲୋ ହସ୍ପିଟାଲରେ ବିଶ୍ୱ ଷ୍ଟ୍ରୋକ୍ ଦିବସ ସଚେତନତା ଆଲୋଚନାର ସଫଳତାର ସହିତ ଆୟୋଜନ କରିଥିଲା। ଯାହା ଷ୍ଟ୍ରୋକ୍ ନିବାରଣ, ସମୟୋଚିତ ହସ୍ତକ୍ଷେପ ଏବଂ ସାମୁହିକ ଶିକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା ଏହି କାର୍ଯ୍ୟକ୍ରମରେ ନ୍ୟୁରୋଲୋଜି, ନ୍ୟୁରୋସର୍ଜରୀ, ରେଡିଓଲୋଜି, ମନସ୍ତା%ିକ ଏବଂ ଡାଏଟେଟିକ୍ସର ପ୍ରମୁଖ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରାଯାଇଥିଲା, ଯେଉଁମାନେ ଜନସାଧାରଣଙ୍କୁ ଲକ୍ଷ୍ୟଭେଦୀ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଡକଟର ଆଲୋକ ଶ୍ରୀବାସ୍ତବ (ମୁଖ୍ୟ ପରିଚାଳନା ଅଧିକାରୀ ଏବଂ ଚିକିତ୍ସା ସେବା ନିର୍ଦ୍ଦେଶକ) ଷ୍ଟ୍ରୋକ୍ ପରିଚାଳନାରେ ମୂଲ୍ୟବାନ ମିନିଟ୍ ସଞ୍ଚୟ କରିବା ପାଇଁ ସମନ୍ୱିତ ଷ୍ଟ୍ରୋକ୍ ପ୍ରତିକ୍ରିୟା ଦଳ ଏବଂ ବିଶ୍ୱସ୍ତରୀୟ ନ୍ୟୁରୋ-ଜରୁରୀକାଳୀନ ଯନି ପ୍ରତି ଆପୋଲୋର




ଉତ୍ସର୍ଗତାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ଡକଟର ଶ୍ରୀମନ୍ନାରାୟଣ ମିଶ୍ର (ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ) ଉତ୍ତମ ଫଳାଫଳ ପାଇଁ ଷ୍ଟ୍ରୋକ୍ ଲକ୍ଷଣଗୁଡ଼ିକର ପ୍ରାରମ୍ଭିକ ଚିହ୍ନଟ ଏବଂ ଜରୁରୀକାଳୀନ ପ୍ରତିକ୍ରିୟାକୁ ଆହ୍ୱାନ କରି ଗୋଷ୍ଠୀବ୍ୟାପୀ ସଚେତନତାକୁ ଉନ୍ନତ କରିବା ଉପରେ ଧ୍ୟାନ ଦେଇଥିଲେ । ଡକଟର ସୁଭ୍ରାଂଶୁ ଶେଖର ଜେନା ଷ୍ଟ୍ରୋକ୍ ସତର୍କତା ଲକ୍ଷଣଗୁଡ଼ିକ - ମୁହଁ ଝୁଲି ପଡ଼ିବା, ହାତ ଦୁର୍ବଳତା, କଥା କହିବାରେ ଅସୁବିଧା - ଏବଂ ତୀବ୍ର ଷ୍ଟ୍ରୋକ୍ ଚିକିତ୍ସାରେ ନୂତନ ଅଗ୍ରଗତି ବିଷୟରେ ବ୍ୟାଖ୍ୟା କରିଥିଲେ ।
ଡକଟର ଦେବବ୍ରତ ବିଶ୍ୱାଳ ଶଲ୍ୟଚିକିତ୍ସା ହସ୍ତକ୍ଷେପ ଏବଂ ଷ୍ଟ୍ରୋକ୍ ପୁନରୁଦ୍ଧାରରେ ଉନ୍ନତ ନ୍ୟୁରୋସର୍ଜିକାଲ୍ ପଦ୍ଧତିର ଭୂମିକା ବିଷୟରେ ଆଲୋଚନା କରିଥିଲେ ।
ଡକଟର ଦୀପକ ପରିଡା ଜଟିଳ ଷ୍ଟ୍ରୋକ୍ ମାମଲା ପରିଚାଳନାରେ ଜରୁରୀକାଳୀନ ନ୍ୟୁରୋସର୍ଜରୀ ବିକଳ୍ପ ଏବଂ ବହୁବିଧ ଦଳଗତ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଡକଟର ମାନସ ରଞ୍ଜନ କର .ଡକଟର ଅନ୍ତର୍ଯ୍ୟାମୀ ନନ୍ଦ ,ଡକଟର ସତ୍ୟବ୍ରତ ଦାଶ ଷ୍ଟ୍ରୋକର ମାନସିକ ପ୍ରଭାବ ଏବଂ ପୁନରୁଦ୍ଧାର ସମୟରେ ମାନସିକ ସ୍ୱାସ୍ଥ୍ୟ ସହାୟତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଡକଟର ସୁନିତା ସାହୁ ଷ୍ଟ୍ରୋକ୍-ଅନୁକୂଳ ପୁଷ୍ଟିସାର, ଖାଦ୍ୟ ପରିବର୍ତ୍ତନ ଏବଂ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ପ୍ରମୁଖ ଖାଦ୍ୟ ଉପରେ ବ୍ୟବହାରିକ ମାର୍ଗଦର୍ଶନ ପ୍ରଦାନ କରିଥିଲେ ।ଆପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱର ବିଶ୍ୱ ଷ୍ଟ୍ରୋକ୍ ଦିବସ ୨୦୨୫କୁ ଏକ ସଫଳ କରିବା ପାଇଁ ସମସ୍ତ ଡାକ୍ତର, କର୍ମଚାରୀ ଏବଂ ଜନସାଧାରଣ ଅଂଶଗ୍ରହଣକାରୀଙ୍କ ପ୍ରତି ହୃଦୟର ସହିତ କୃତଜ୍ଞତା ପ୍ରକାଶ କରେ ଏବଂ ସମ୍ପ୍ରଦାୟକୁ ସତର୍କ ରହିବାକୁ ଆହ୍‌ଓ୍ୱାନ କରେ ।

## ବ୍ୟାଘ୍ରଗଣନା-୨୦୨୬ ବନାଞ୍ଚଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବେତନଟୀ,(ସବ୍ୟୁ): - ସର୍ବଭାରତୀୟ ବ୍ୟାଘ୍ରଗଣନା-୨୦୨୬ ଅଭିଯାନକୁ ଦୃଷ୍ଟିରେ ରଖି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବେତନଟୀ ରେଞ୍ଜ କାର୍ଯ୍ୟାଳୟରେ ବନାଞ୍ଚଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି । ବେତନଟୀ ରେଞ୍ଜ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର ଧିବେନ୍ଦ୍ରନାଥ ନାୟକଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ଏକଦିବସୀୟ ବନାଞ୍ଚଳସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ବାରିପଦା ବନଖଣ୍ଡର ସହକାରୀ ବନସଂରକ୍ଷକ ଏସିଏଫ ଶେଖ ମେହେରବାନ ଅଲ୍ଲୀ ଏବଂ ଉଦଳା ବନାଞ୍ଚଳ ଅଧିକାରୀ ଜଗଦୀଶ ଦାଶ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ରେଞ୍ଜର, ଡେପୁଟି ରେଞ୍ଜର, ବନପାଳ ଏବଂ ବନରକ୍ଷୀମାନଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରିଥିଲେ । ଏଣିକି ବ୍ୟାଘ୍ରଗଣନା ଆଉ କାଗଜ, କଲମରେ ସୀମିତ ନରହି ଅନଲାଇନ ମାଧ୍ୟମରେ କିଭଳି କରାଯିବ ସେନେଇ ତାଲିମ ଦିଆଯାଇଥିଲା ।ବାଘର ପ୍ରକାର ଭେଦକୁ ନେଇ ସେମାନଙ୍କ ବୟସ, ପ୍ରଜାତି ତଥା ବାଘ ସମ୍ପର୍କୀତ ସମସ୍ତ ତଥ୍ୟ ଅନଲାଇନରେ କିଭଳି ଅପଲୋଡ କରାଯିବ ସେନେ ପ୍ରଶିକ୍ଷଣ ଦିଆଯାଇଥିଲା ।

## ଚକ୍ରଧର ଦାସଙ୍କ ପରଲୋକ

କଟକ, (ସବ୍ୟୁ) : ସ୍ଥାନୀୟ ୫୨ ନମ୍ବର ୱାର୍ଡ ମଙ୍ଗଳା ମନ୍ଦିର ଶୁଭମ ପ୍ରିଣ୍ଟର୍ସ ଲେନର ବାସିନ୍ଦା ଚକ୍ରଧର ଦାସଙ୍କ ହୃଦଘାତରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ସେ ଗତ କିଛିଦିନ ଧରି ବୃକକ ଓ ହୃଦୟ ଜନିତ ରୋଗରେ ପୀଡ଼ିତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ବୁଧବାର ସକାଳୁ ହଠାତ ହୃଦଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଦାସ, ପୁତ୍ର ମାଗୁଣୀ ଦାସ, ଭାଗିରଥି ଦାସ, ଜିତେନ୍ଦ୍ର ଦାସ ଓ ପୁତ୍ରବଧୂଙ୍କ ସମେତ ଆତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ। ଏହି ଖବର ପ୍ରଘଟ ହେବା ପରେ ତାଙ୍କ ରାଜେନ୍ଦ୍ରନଗର



ବାସଭବନରେ ଭିଡ଼ ଜମିଥିଲା । ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, କାର୍ପୋରେଟର ଅରବିନ୍ଦ ଜେନା, ପୁର୍ଣ୍ଣେନ୍ଦୁ ଜେନା (ଟୁଲୁ), ସରୋଜ ରାଉତ, ବିନୋଦ ବେହେରା, ସାମ୍ବାଦିକ ସମୀର କର, ସାମ୍ବାଦିକ ବିଶ୍ୱଜିତ ଧଳ, ପ୍ରାକ୍ତନ ଶିକ୍ଷକ ହରିହର ସାମଲ, ପ୍ରାକ୍ତନ ଯନ୍ତ୍ରୀ ଶୈଳେନ୍ଦ୍ର ଭୋଳ, କଣ୍ଟ ନାୟକ, ଆଡ଼ଭୋକେଟ ପୂର୍ଣ୍ଣଚନ୍ଦ୍ର ମହାରଣା, ସାହି ଅଧିକାରୀ ପ୍ରମୋଦ ଭୋଳଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ହୋଇ ସ୍ୱର୍ଗତ ଦାସଙ୍କ ଶେଷ ଦର୍ଶନ କରିବା ସହିତ ତାଙ୍କ ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କ ମରଶରୀରକୁ ଏକ ପଟୁଆରରେ ରାଜେନ୍ଦ୍ରନଗର ଠାରୁ ଖାନନଗର ସ୍ଥିତ ସ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ମାଗୁଣୀ ଦାସ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ଦାସ ଜଣେ ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଭାବେ ସମଗ୍ର ଅଂଚଳରେ ପରିଚିତ ଥିଲେ। ତାଙ୍କ ପରଲୋକରେ ରାଜେନ୍ଦ୍ରନଗର, କଲ୍ୟାଣୀନଗର ସମେତ ତାଙ୍କ ପୈତୃକ ଗ୍ରାମ ଜଗତସିଂହପୁର ଜିଲ୍ଲା ଏରେଡାରେ ଶୋକର ଛାୟା ଖେଳିଯାଇଛି ।

# ଉପବାସରେ ପ୍ରଭୁ ଶ୍ରୀଲିଙ୍ଗରାଜ

ଭୁବନେଶ୍ୱର, (ସବ୍ୟୁ) : ସେବାୟତଙ୍କ ପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜ ବୁଧବାର ଦିନତମାମ ଖାଡା ଉପବାସରେ ଅଛନ୍ତି । ୧୨ଘଣ୍ଟା ବିତିଯାଇଥିଲେ ମଧ୍ୟ ଟ୍ରଷ୍ଟବୋର୍ଡ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ସମଥା ନିଯୋଗ କୌଣସି କାରଣରୁ ନେଇ ବୁଧବାର ସକାଳୁ ପ୍ରଭୁଙ୍କ ସେବାରୁ ବିରତ ରହିବାରୁ ନୀତିକାନ୍ତି ବନ୍ଦ ହୋଇଯାଇଛି । କାର୍ତ୍ତିକ ମାସ ଭଳି ଦିନରେ ହବିଷ୍ୟାଳିମାନେ ପ୍ରଭୁଙ୍କ ପ୍ରସାଦ ପାଇବାକୁ ଅପେକ୍ଷା କରିଥିବା ବେଳେ ସଞ୍ଜ ନଇଁଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିଲା ନାହିଁ । ସରକାର କେବଳ ଠାକୁରଙ୍କ ହୁଣ୍ଡିକୁ ଲକ୍ଷ୍ୟ ରଖିଛନ୍ତି । ନୀତିକାନ୍ତି ଉପରେ ସରକାରଙ୍କ ନିଘା ନରହିବାରୁ ଏପରି ବିଭ୍ରାଟ ଘଟିଚାଲୁଛି । କେବଳ ପ୍ରଭୁ ଶ୍ରୀଲିଙ୍ଗରାଜ ନୁହଁନ୍ତି ଜଗନ୍ନାଥଙ୍କ ପାଖରେ ମଧ୍ୟ ଅନୁରୂପ ଅବସ୍ଥା ପରିଲକ୍ଷିତ ହେଉଛି । ବହୁବାର ଏହିପରି ଘଟଣା ପ୍ରତିଷ୍ଠିତ ମନ୍ଦିରମାନଙ୍କରେ ଘଟୁଥିବାରୁ ପର୍ଯ୍ୟଟକମାନେ ନିରାଶ ହେଉଛନ୍ତି । କେବଳ ପର୍ଯ୍ୟଟକ ନୁହଁନ୍ତି ଶ୍ରଦ୍ଧାଳୁମାନେ ଠାକୁରଙ୍କ ପ୍ରସାଦ ପାଇବାରୁ ବଞ୍ଚିତ ହୋଇ ମନେ ମନେ ସେବାୟତଙ୍କୁ ଗାଳିଗୁଲଜ କରୁଛନ୍ତି । ସେହିପରି ଦୀର୍ଘଦିନ ହେବ ରାଜଧାନୀ ଉପକଣ୍ଠ କପିଳନାଥଙ୍କ ପାଖରେ ବିବାଦ ଲାଗି ରହିଥିବା ବେଳେ ତାହାର ସମାଧାନ ହୋଇପାରୁନାହିଁ । ପ୍ରତିଷ୍ଠିତ ମନ୍ଦିରମାନଙ୍କ ନୀତିକାନ୍ତି ଓ ପରିଚାଳନା ଉପରେ ସରକାରଙ୍କ ପକ୍ଷରୁ କଡା ନଜର ରହିଲେ ଏପରି ବିଭ୍ରାଟ ହେବନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ବିଭ୍ରାଟ ପରେ ସେବାୟତଙ୍କ ଉପରେମଧ୍ୟ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ସରକାରଙ୍କ ପକ୍ଷରୁ ନିଆଯାଉନାହିଁ । ଯାହା ଫଳରେ ପ୍ରଭୁ ଜଗନ୍ନାଥ, ଶ୍ରୀଲିଙ୍ଗରାଜଙ୍କ ପାଖରେ ବାରମ୍ବାର ବିଭ୍ରାଟ ଘଟି ନୀତିକାନ୍ତି ବନ୍ଦ ରହୁଛି ।

## ଅନୁକୂଳ ଚନ୍ଦ୍ରଙ୍କ ପୁଣ୍ୟ ଉତ୍କଳ ଆଗମନ ସ୍ମୃତି ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ପୁରୀ, (ସବ୍ୟୁ) : ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୦୪ ତମ ପୁଣ୍ୟ ଉତ୍କଳ ଆଗମନ ସ୍ମୃତି ମହୋତ୍ସବର ଆୟୋଜନ ନିମନ୍ତେ ଡାକ୍ତର ବିନାୟକ ମହାପାତ୍ର, ସମ୍ପାଦକ ସତସଙ୍ଗ, ଦେଓଘରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେରେ ଓଡିଶାର ଢେଙ୍କାନାଳ, ଗଞ୍ଜାମ, କେନ୍ଦ୍ରାପଡା, ,ପୁରୀ, କଟକ. ଖୋର୍ଦ୍ଧା ପ୍ରଭୃତି ଜିଲ୍ଲା ଏବଂ ଭୁବନେଶ୍ୱରରୁ ବହୁ ବରିଷ୍ଠ କର୍ମୀ ଯୋଗ ଦେଇଥିଲେ ।ପୁରୀ ଜିଲ୍ଲା ପ୍ରଶାସନ ଏହି ଉତ୍ସବର ସଫଳ ରୂପାୟନ ନିମନ୍ତେ ସହାୟତା ପ୍ରଦାନ ପାଇଁ ନଭେମ୍ବର ୭ ତାରିଖରେ ଏକ ଯୋଜନା ପ୍ରସ୍ତୁତି ନିମନ୍ତେ ବୈଠକ ସ୍ଥିର କରିଛନ୍ତି ।ଏଥିରେ ପୁରୀ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦାନ କରିବେ ।ସ୍ମୃତି ମହୋତ୍ସବ ଶୃଙ୍ଖଳିତ ଭାବେ ପାଳନ ନିମନ୍ତେ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ଇଚ୍ଛା ଏବଂ କେନ୍ଦ୍ରୀୟ ସତସଙ୍ଗର ନିର୍ଦ୍ଦେଶାବଳୀ ଅନୁଯାୟୀ ସେବା ନିବୃତ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ସୁରେଶ ଚନ୍ଦ୍ର ଦଲେଇଙ୍କ ଅଧ୍ୟକ୍ଷତାରେ , ବିଭିନ୍ନ ଜିଲାର ବରିଷ୍ଠ କର୍ମୀ ମାନଙ୍କୁ ନେଇ ଏକ ଉତ୍ସବ କମିଟି, ଗଠନ କରାଯାଇଛି । ପୁରୀ ଜିଲ୍ଲାର ଦୀକ୍ଷା ପତ୍ର, କାର୍ଯ୍ୟକ୍ରମ କୁ ତ୍ୱରାନ୍ୱିତ କରିବା ପାଇଁ, ଆନନ୍ଦ ବଜାର ପାଇଁ ବିଭିନ୍ନ ପ୍ରକାରର ସମାଗ୍ରୀ ବିଭିନ୍ନ ଅଞ୍ଚଳରୁ ଆୟୋଜନ କରିବା ପାଇଁ ସ୍ଥିର ହୋଇଥିଲା ।ବିଭିନ୍ନ ଅଞ୍ଚଳରୁ ଗୁରୁଭାଇ ମାନେ ଉତ୍ସବରେ ସକ୍ରିୟ ଯୋଗଦାନ କରିବାକୁ ଆମନ୍ତ୍ରଣ, ଯୋଗାଯୋଗ କରିବାକୁ ସଭାପତି ପରାମର୍ଶ ଦେଇଥିଲେ ।ନଭେମ୍ବର ୮ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇ ଏହାର ପୂର୍ଣ୍ଣାଙ୍ଗ ରୂପ ରେଖ ଉପରେ ଆଲୋଚନା କରିବା ପାଇଁ ନୂତନ ଗଠିତ କମିଟିର ସମ୍ପାଦକ ଡକ୍ଟର ହୃଷୀକେଶ ସେନାପତି ଙ୍କୁ ଦାୟିତ୍ୱ ଦିଆଯାଇଛି ।ଏହି ବୈଠକରେ ଓଡିଶାର ବିଭିନ୍ନ ଜିଲ୍ଲାର ଭାରପ୍ରାପ୍ତ କର୍ମୀ ମାନେ ପୁରୀ ଠାକୁର ବାଡ଼ିରେ ଯୋଗଦାନ ନିମନ୍ତେ ଉତ୍ସବ କମିଟି ତରଫରୁ ଅନୁରୋଧ କରାଯାଇଛି ।

# ନୋଟିସ ବୋର୍ଡ ପିନ୍ ଗିଳି ଆଦର୍ଶ ବିଦ୍ୟାଳୟ ଛାତ୍ରଙ୍କ ମୃତ୍ୟୁ



ଫୁଲବାଣୀ, (ସବ୍ୟୁ) : କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀ ସହରର ଉପକଣ୍ଠର ଧୋବାତୋଟା ଠାରେ ଥିବା ଫୁଲବାଣୀ ଆଦର୍ଶ ବିଦ୍ୟାଳୟ ତୁଷାର ମିଶ୍ର ନାମକ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର, ବିଦ୍ୟାଳୟ ନୋଟିସ ବୋର୍ଡ ରେ ଲାଗିଥିବା ଗୋଟିଏ ପିନ ଗିଳି ଦେବା ଫଳରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଗତ ପ୍ରାୟ ଏକ ସପ୍ତାହ ପୂର୍ବେ ମୃତ ଛାତ୍ର ନୋଟିସ ବୋର୍ଡର ଏକ ପିନ ଆଣି ନିଜ ପାଟିରେ ରଖିଲା, ଏବଂ ଅନ୍ୟ ମନସ୍କ ହୋଇ ପିନ ଟିକୁ ଗିଳି ଦେଇଥିଲା । ଏହି ବାବଦରେ ସେ ତାଙ୍କ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କୁ ଜଣାଇବା ପରେ ମଧ ଶିକ୍ଷକ ତା କଥାକୁ ଗୁରୁତ୍ୱ ନ ଦେଇ, କିଛି ହେବନାହିଁ ପାଣି ପିଇ ଦେ ବୋଲି କହିଥିଲେ ।

ତୁଷାର ସବୁ ଦିନ ଭଳି ସ୍କୁଲ ଛୁଟି ପରେ ଘରକୁ ଆସି ଏହି ବିଷୟରେ ତାର ପରିବାର ଲୋକଙ୍କୁ ଜଣାଇ ଥିଲା । ପରିବାର ଲୋକେ ପ୍ରଥମେ ଫୁଲବାଣୀ ସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ନେଇଥିଲେ ହେଲେ ଡାକ୍ତର ତାକୁ ବ୍ରହ୍ମପୁର ରେଫର କରିଥିଲେ । ବ୍ରହ୍ମପୁରରେ ଡାକ୍ତରମାନେ ତାର ଅସ୍ତ୍ରୋପଚାର କରିଥିଲେ । ହେଲେ ପିନଟି ତାର ଫୁସ ଫୁସ ପାଖରେ ଅଟକି ରହିଥିଲା । ଫଳରେ ଜଟିଳତା ଯୋଗୁଁ ତାର ଅସ୍ତ୍ରୋପଚାର ଅସଫଳ ହୋଇ ଛାତ୍ର ଜଣକ ପ୍ରଥମେ ପାରାଲିସିସ ଏବଂ ପରେ କୋମାକୁ ଚାଲି ଯାଇଥିଲା । ପରିବାର ଲୋକେ ତାକୁ କଟକ ନେଇଯାଇଥିଲେ । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରିବାର ଲୋକେ ପୂରୀ ସ୍ୱର୍ଗଦ୍ୱାରରେ ତାର ଅନ୍ତିମ ସଂସ୍କାର କରିଥିବା ଜଣା ପଡିଛି । ତେବେ ବିଦ୍ୟାଳୟରେ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନା ଆଣିଥିଲେ ତାକୁ ମୃତ୍ୟୁ ମୁଖରୁ ବଞ୍ଚାଇ ହୋଇ ପାରିଥାନ୍ତା ବୋଲି ତାର ପରିବାର ଲୋକେ ଅଭିଯୋଗ କହିଛନ୍ତି ।

## ପଶ୍ଚିମ ଓଡ଼ିଶାରେ ବାତ୍ୟା ମୋନ୍ଥାର ପ୍ରଭାବ ମଧ୍ୟରେ

# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ରେକର୍ଡ ସମୟରେ ବିଦ୍ୟୁତ୍ ଭିତ୍ତିଭୂମିର ପୁନରୁଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍)ବୁର୍ଲା ପକ୍ଷରୁ ବାତ୍ୟା ମୋନ୍ଥାର ପ୍ରଭାବକୁ ସଫଳ ମୁକାବିଲା ପୂର୍ବକ ରେକର୍ଡ ସମୟରେ ଏହାର ସମସ୍ତ ବିତରଣ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିର ପ୍ରାୟ ସମ୍ପୂର୍ଣ୍ଣ ପୁନରୁଦ୍ଧାର କାର୍ଯ୍ୟ ଶେଷ କରାଯାଇଅଛି । ବିଦ୍ଧିବଦ୍ଧ ଯୋଜନା, ସମ୍ବଳର ଦ୍ରୁତ ନିୟୋଜନ ଏବଂ ଉତ୍ସର୍ଗୀକୃତ କ୍ଷେତ୍ର କର୍ମଚାରୀଙ୍କ ପ୍ରଚେଷ୍ଟା ମାଧ୍ୟମରେ କମ୍ପାନୀ ପ୍ରତିକୂଳ ପାଗ ଏବଂ କଠିନ ପରିସ୍ଥିତି ସତ୍ତ୍ୱେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ଗ୍ରାହକ ସୁରକ୍ଷା ସୁନିଶ୍ଚିତ କରିପାରିଛି । ମଙ୍ଗଳବାର ଠାରୁ, ପ୍ରତିକୂଳ ପାଗ ଯୋଗୁଁ ବିଭିନ୍ନ ସ୍ଥାନରେ ଅନେକ ବିଦ୍ୟୁତ୍ ବିଭ୍ରାଟ ଅନୁଭବ କରାଯାଇଥିଲା । ତଥାପି, କମ୍ପାନୀ ପକ୍ଷରୁ ସକ୍ରିୟ ଯୋଜନା ଏବଂ ତୁରନ୍ତ ପ୍ରତିକ୍ରିୟା ଯୋଗୁଁ ଏହି ବିଭ୍ରାଟଗୁଡ଼ିକ ମଧ୍ୟରୁ ଅଧିକାଂଶକୁ ଯଥାଶୀଘ୍ର ସମ୍ଭବ ସମୟ ମଧ୍ୟରେ ପୁନଃସ୍ଥାପିତ କରାଯାଇପାରିଛି । ସମସ୍ତ ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ରକ୍ଷଣାବେକ୍ଷଣକାରୀ ଦଳମାନେ ରାତିଦିନ କାମ ଜାରି ରଖିଛନ୍ତି । ବୁଧବାର ସୁଦ୍ଧା କମ୍ପାନୀ ଏହାର ବିଦ୍ୟୁତ ନେଟୱାର୍କର ପୁନରୁଦ୍ଧାର କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିଛି । ମୋଟ ୩୨ଟି ପ୍ରଭାବିତ ୩୩ କେ.ଭି. ଫିଡର ମଧ୍ୟରୁ ୩୧ଟି ଫିଡରର ପୁନରୁଦ୍ଧାରା କାର୍ଯ୍ୟ ଶେଷ ହୋଇଛି । ସେହିଭଳି ମୋଟ ୩୮୪ଟି ପ୍ରଭାବିତ ୧୧ କେ.ଭି. ଫିଡର ମଧ୍ୟରୁ ୩୫୮ଟି ଫିଡର ପୁନରୁଦ୍ଧାରା କାର୍ଯ୍ୟ ଶେଷ ହୋଇଛି ଏବଂ ବାକି ୨୬ଟି ଫିଡରର ସକ୍ରିୟ ପୁନରୁଦ୍ଧାରା କାର୍ଯ୍ୟ ଜାରି ରହିଛି । ଏହି ଅବସରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହିପରି ପ୍ରାକୃତିକ ଦୁର୍ବିପାକ ସମୟରେ ବିଦ୍ୟୁତ ବିତରଣ କ୍ଷେତ୍ରରେ କମ୍ପାନୀର ପ୍ରତିବଦ୍ଧାତା ବିଷୟରେ ପ୍ରକାଶ କରିଛନ୍ତି ଯେ, ଆମର ରକ୍ଷଣାବେକ୍ଷଣକାରୀ ଦଳଗୁଡ଼ିକ ପ୍ରଭାବିତ ଜିଲ୍ଲାମାନଙ୍କରେ ବିଦ୍ୟୁତ ଭିତ୍ତିଭୂମିର ଯଥାଶୀଘ୍ର ପୁନରୁଦ୍ଧାର ସୁନିଶ୍ଚିତ କରିବା ଏବଂ ଗ୍ରାହକଙ୍କ ଅସୁବିଧାକୁ କମ୍ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି । ଟିପିଡବ୍ଲୁଓଡିଏଲର ଦୃଢ଼ ପ୍ରସ୍ତୁତି ଏବଂ ଉତ୍ସର୍ଗୀକୃତ ଟିମ୍ ସମସ୍ତ ଚ୍ୟାଲେଞ୍ଜିଂ ପରିସ୍ଥିତିରେ ମଧ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣର ଆମର ପ୍ରତିଶ୍ରୁତିକୁ ବଜାୟ ରଖିଛନ୍ତି ।



## ଆଇନଜୀବୀ ପୀତବାସ ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଆଶ୍ରୟ ଦେଇଥିବା ଘର ମାଲିକ ଗିରଫ



ବ୍ରହ୍ମପୁର, (ସବ୍ୟୁ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସି ର ଶୂନ୍ୟ ଦାସ (୬୧) । ପୀତବାସଙ୍କୁ ହତ୍ୟା ପାଇଁ ଗତ ସେପ୍ଟେମ୍ବର ମାସରେ ବିହାରରୁ ଆସିଥିବା ଦୁଇ ଯୁବକଙ୍କୁ ତାଙ୍କ ଅଳକାପୁରୀ ଘରେ ଆଶ୍ରୟ ଦେଇଥିଲେ। ଘଟଣା ପରେ ଶୂନ୍ୟ ଦାସ ଫେରାର ଥିଲେ। ମଙ୍ଗଳବାର ଅପରାଧୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ତାଙ୍କୁ ପୋଲିସ ଗିରଫ କରିଛି । ମାମଲା ନଂ ୫୧୮/୨୫ ରେ ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ସେହିପରି ଗତ ୨୨ ତାରିଖରେ କୋରାପୁଟ -ଜୟପୁରର ଫାର୍ମ ହାଉସ ମାଲିକ ସୁନୀଲ ହୋତା(୫୨)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। । ଗତ ବୁଧବାର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ପୂର୍ବତନ ମେୟର ଶିବଶଙ୍କର ଦାସ, ବିଏମସିର ୪୧ ନଂ ୱାର୍ଡ କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳାଇ ସମେତ ମୋଟ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପୀତବାସଙ୍କୁ ଗୁଳି କରି ହତ୍ୟା କରିବା ପରେ ହତ୍ୟାକାରୀ କୁରୁପତି ଭୂୟାଁ ଓ ଉମା ବିଷୋୟୀ ଏବେବି ଫେରାର ରହିଛନ୍ତି। ସେମାନଙ୍କୁ ପୋଲିସ ଧରିବା ପାଇଁ ପ୍ରୟାସ ଜାରି ରଖିଛି ।

# ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଘେରାଉ

ବାରିପଦା, (ସବ୍ୟୁ): ଫ୍ୟାକ୍ଟୋରୀ ଆଇନ୍ ୨୦୨୫କୁ କୁଠାରାଘାତ କରି ଦୈନିକ ଶ୍ରମ ସମୟ ୮ ଘଣ୍ଟା ପରିବର୍ତ୍ତେ ୧୦ଘଣ୍ଟା ଘୋଷଣା କରି କର୍ମଚାରୀ ସଂଖ୍ୟା ହ୍ରାସ, ନୂତନ ନିଯୁକ୍ତି ବନ୍ଦ କରିବା ପ୍ରତିବାଦରେ ଏବଂ ଓଡ଼ିଶାରେ ବିଜେପି ଶାସନ ଅମଳରେ ମହିଳାଙ୍କ ପ୍ରତି ହିଂସା ବଢୁଥିବା ବେଳେ ସପସ୍ ଆଣ୍ଡ କମର୍ସିଆଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟର ପରିବର୍ତ୍ତନ କରି ମହିଳାମାନଙ୍କୁ ରାତ୍ର ସମୟ ଡିଉଟି ଦେବା ଆହୁରି ଅସୁରକ୍ଷା ବୃଦ୍ଧି ସମ୍ଭାବନା ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସ୍ୱାଧୀନ ଫେଡେରେସନଙ୍କ ଆହ୍ୱାନ କ୍ରମେ ମଙ୍ଗଳବାର ଦିନ ବାରିପଦା ସ୍ଥିତ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି ।

ଏହି ଆନ୍ଦୋଳନରେ ଏଆଇଟିୟୁସି, ଏଚ୍.ଏମ୍.ଏସ୍, ସିଆଇଟିୟୁ ଏବଂ ଏଆଇୟୁଟିୟୁସି ଇତ୍ୟାଦି ଶ୍ରମିକ ସଂଗଠନ ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଏଆଇଟିୟୁସି ନେତା କାହ୍ନୁଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରମିକ ସମାବେଶରେ ସିଆଇଟିୟୁର ଅମଳ ଦେ, ରବି ଗୋସ୍ୱାମୀ, ରଘୁନାଥ ପଣ୍ଡା, ଏଆଇଟିୟୁସିର ପରମେଶ୍ୱର ମହାନ୍ତ, ହୃଷିକେଶ ସାହୁ, ଏଆଇୟୁଟିୟୁସିର ପୀତାମ୍ବର ନାଏକ, ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରକଲଚର ଆଣ୍ଡ ବିଲଡିଙ୍ଗ କନଷ୍ଟ୍ରକଶନ ୱାର୍କରସ ୟୁନିୟନର ମହେଶ୍ୱର ବେହେରା ପ୍ରମୁଖ ଉଦବୋଧନ ଦେଇଥିବା ବେଳେ, ସିଂହଲତା ମାଝୀ, ପ୍ରଫୁଲ୍ଲ ମହାନ୍ତି, ମନୋରଞ୍ଜନ ପରିଡା, ରାପି ମାଝୀ, ଅଶୋକ ଭଞ୍ଜଦେଓ, ସୁବାସ ତ୍ରିପାଠୀ, ଜଳେଶ୍ୱର ସାମଲ, ଶ୍ରୀକାନ୍ତ ବୋଷ, ସୁଭାଷିନୀ ବିନ୍ଧାଣୀ, ସଞ୍ଜୁଲତା ମହାକୁଡ, ବାସନ୍ତୀ ନାଏକ, ଦିନ ମୁର୍ମୁ, ଗାୟତ୍ରୀ ମହାପାତ୍ର, ହୀରା ମହାକୁଡ, କୁଞ୍ଜଲତା ମହାନ୍ତ, ସୁଶିଳା ପାତ୍ର, ମାନସୀ ନାୟକ ଓ କାବୁ ଦେହୁରୀ ପ୍ରମୁଖଙ୍କ ନେତୃତ୍ୱରେ ବାରିପଦା ଷ୍ଟେସନ ଠାରୁ ଏକ ବର୍ଣ୍ଣାଢ଼ଯ ଶୋଭାଯାତ୍ରା ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ।

## ଟିପିଏସଓଡିଏଲର ଦୃଢ଼ ପ୍ରସ୍ତୁତି ବାତ୍ୟା ମୋନ୍ଥାର ସଫଳ ମୁକାବିଲା

# ୧୮ ଘଣ୍ଟାରେ ପୁନରୁଦ୍ଧର, ୧୦୦% ବିଜୁଳି ଯୋଗାଣ ସ୍ୱାଭାବିକ



ବ୍ରହ୍ମପୁର, (ସବ୍ୟୁ): ବାତ୍ୟା ମୋନ୍ଥା ପ୍ରଭାବରେ ସମଗ୍ର ଦକ୍ଷିଣ ଓଡ଼ିଶାରେ ପବନ ଏବଂ ବର୍ଷା ଦେଖିବାକୁ ମିଳିଥିଲା । ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ଅଧୀନରେ ଅନେକ ଅଞ୍ଚଳରେ ଏଥିପାଇଁ ସାମୟିକ ଭାବରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିଲା । ଏଭଳି ଏକ ଆହ୍ୱାନମୂଳକ ସ୍ଥିତିରେ ଟିପିଏସଓଡିଏଲର ଅସାଧାରଣ ପ୍ରସ୍ତୁତି ଏବଂ ଦୃତ ପଦକ୍ଷେପ ଯୋଗୁଁ ସଫଳତାର ସହ ଏହି ସ୍ଥିତିର ମୁକାବିଲା ହୋଇପାରିଛି । ପ୍ରଭାବିତ ହୋଇଥିବା ମୋଟ ୯ଲକ୍ଷ ୮୮ହଜାର ୨୫୩ଜଣ ଉପଭୋକ୍ତାଙ୍କ ମଧ୍ୟରୁ ୯ଲକ୍ଷ ୫୦ହଜାରରୁ ଅଧିକ ଉପଭୋକ୍ତାଙ୍କୁ ବିଜୁଳି ଯୋଗାଣ ସ୍ୱାଭାବିକ ହୋଇ ପାରିଛି । ବାତ୍ୟା ମୋନ୍ଥାର ପ୍ରକୋପ ସତ୍ତ୍ୱେ ମାତ୍ର ୧୮ଘଣ୍ଟାରେ ୯୮ପ୍ରତିଶତ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି ।

ବିଦ୍ୟୁତ ଭିତ୍ତିଭୂମି କ୍ଷେତ୍ରରେ ୩୩ କେଭି ଓ ୧୧ କେଭି ଫିଡର୍, ସବଷ୍ଟେସନ ଏବଂ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର୍ଗୁଡ଼ିକ ବାତ୍ୟା ମୋନ୍ଥା ପ୍ରଭାବରେ ପ୍ରଭାବିତ ହୋଇଥିଲା । ମାତ୍ର ଟିପିଏସଓଡିଏଲର ନିରବଚ୍ଛିନ୍ନ ପ୍ରୟାସ ଏବଂ ଦୃଢ଼ କାର୍ଯ୍ୟପ୍ରଣାଳୀ ଏବଂ ଦୃତ ପ୍ରକ୍ରିୟା ଯୋଗୁଁ ପ୍ରଭାବିତ ହୋଇଥିବା ସମସ୍ତ ୩୩କେଭି ଫିଡରଗୁଡ଼ିକର ଶତପ୍ରତିଶତ ମରାମତି ଶେଷ ହୋଇ ପାରିଛି । ଏଥିସହିତ ପ୍ରାଇମେରୀ ସବଷ୍ଟେସନଗୁଡ଼ିକର ମଧ ପୁନରୁଦ୍ଧାର ୧୦୦ପ୍ରତିଶତ ଶେଷ ହୋଇଛି । ସେହିଭଳି ପ୍ରାୟ ୯୯ ପ୍ରତିଶତ ୧୧କେଭି ଫିଡରର ପୁନରୁଦ୍ଧାର ଓ ଆବଶ୍ୟକୀୟ ମରାମତି କାର୍ଯ୍ୟ ଶେଷ ହୋଇ ପାରିଛି । ବାତ୍ୟା ପ୍ରଭାବରେ ପ୍ରଭାବିତ ହୋଇଥିବା ମୋଟ ୩୩ହଜାର ୫୩୫ଟି ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ମଧ୍ୟରୁ ୩୨ହଜାର ୩୪୪ଟି ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମରର ମରାମତି କାର୍ଯ୍ୟ ଶେଷ ହୋଇଛି ଏବଂ ବିଦ୍ୟୁତ ଯୋଗାଣ ପୁନଃ ସ୍ଥାପିତ ହୋଇଛି । ଯାହାଦ୍ୱାରା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମାତ୍ର ୧୮ଘଣ୍ଟା ମଧ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇ ପାରିଛି ।

ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକୀୟ ସେବାଗୁଡ଼ିକର ପୁନରୁଦ୍ଧାର କରିବା ଏବଂ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା ପାଇଁ ଟିପିଏସଓଡିଏଲ ସମସ୍ତ ପଦକ୍ଷେପ ନେଇଛି ଏବଂ ଅଗ୍ରାଧିକାର ଦେଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଟିପିଏସଓଡିଏଲ ସମସ୍ତ କାର୍ଯ୍ୟ ଶେଷ କରିଛି । ଯାହା ଦ୍ୱାରା ବହୁ ମେଡ଼ିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବିଦ୍ୟୁତ ସେବା ଶତ ପ୍ରତିଶତ ସ୍ୱାଭାବିକ ହୋଇ ପାରିଛି । ସେହିପରି ଜନସ୍ୱାସ୍ଥ୍ୟ ବିଭାଗ (ପିଏଚଡି) ଏବଂ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ମଧ ବିଦ୍ୟୁତ ସେବା ଯୋଗାଇ ସ୍ଥିତି ସ୍ୱାଭାବିକ କରାଯାଇଛି । ଏହି କ୍ଷେତ୍ରରେ ୧୦୦ପ୍ରତିଶତ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି । ଯାହା ଝଡ଼ ପରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଅଧିକ ସହାୟକ ହୋଇ ପାରିଛି । ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, ନବରଙ୍ଗପୁର ଏବଂ ବୌଦ୍ଧ ଜିଲ୍ଲାଗୁଡ଼ିକରେ ୫,୯୨୫ ଜଣ ଦକ୍ଷ କର୍ମଚାରୀମାନେ ସ୍ଥିତି ସ୍ୱାଭାବିକ କରିବା ପାଇଁ ନିୟୋଜିତ ଅଛନ୍ତି । ଆବଶ୍ୟକୀୟ ସରଞ୍ଜାମ ହିସାବରେ ମୋବାଇଲ ପାୱାର ଜେନେରେଟର ଏବଂ ରାପିଡ ରେସପନ୍ସ ୟୁନିଟ ଫଳରେ ବାତ୍ୟା ପ୍ରଭାବିତ ସମଗ୍ର ଅଞ୍ଚଳରେ ବିଦ୍ୟୁତ ସେବା ପୁନରୁଦ୍ଧାର କରିବା ପାଇଁ ଟିପିଏସଓଡିଏଲର କର୍ମଚାରୀମାନେ କାର୍ଯ୍ୟରତ ଅଛନ୍ତି ।

ଏଥିସହିତ ସମସ୍ତ ଭିତ୍ତିଭୂମିର ନିରୀକ୍ଷଣ ପାଇଁ କମ୍ପାନୀ ତରଫରୁ କେନ୍ଦ୍ରୀୟ ଏବଂ ଜିଲ୍ଲା ସ୍ତରରେ ପରିଚାଳନା ବ୍ୟବସ୍ଥା କରାଯାଇଛି । ଏ ସମ୍ପର୍କରେ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆମ ଟିମ ବିଭିନ୍ନ ସ୍ଥାନରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ କାର୍ଯ୍ୟରତ ଅଛନ୍ତି । ୯୮ ପ୍ରତିଶତ ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯିବା ସହିତ, ଅତ୍ୟାବଶ୍ୟକୀୟ ସେବା କ୍ଷେତ୍ରଗୁଡ଼ିକୁ ମାତ୍ର ୧୮ ଘଣ୍ଟା ମଧ୍ୟରେ ବିଦ୍ୟୁତ ସେବା ଶତ ପ୍ରତିଶତ ଯୋଗାଇ ଦିଆଯାଇଛି । ଦୃଢ଼ ପ୍ରସ୍ତୁତି, ସମସ୍ତ ବୈଷୟିକ କୌଶଳକୁ ଉପଯୋଗ କରି ସମ୍ପୂର୍ଣ୍ଣ ସ୍ଥିତିର ସ୍ଥିରତା ଏବଂ ସ୍ଥିତି ସ୍ୱାଭାବିକ କରିବା ଯାଏଁ ଆମେ ସତର୍କ ଅଛୁ ।ଭାରତୀୟ ପାଣିପାଗ ବିଭାଗ ତରଫରୁ କିଛି ଅଞ୍ଚଳରେ ବର୍ଷା ଓ ପବନ ପାଇଁ ସତର୍କତା ଜାରି କରାଯାଇଛି । ଏଥିପାଇଁ ଟିପିଏସଓଡିଏଲ ଜିଲ୍ଲା ପ୍ରଶାସନସହିତ ସମନ୍ୱୟ ରଖି ସମସ୍ତ ପ୍ରସ୍ତୁତି ଶେଷ କରିଛି । କମ୍ପାନୀ ତରଫରୁ ଉପଭୋକ୍ତାଙ୍କୁ ଅନୁରୋଧ କରାଯାଇଛି ଛିଣ୍ଡା ବିଜୁଳି ତାର, ଭଙ୍ଗା ଖୁଣ୍ଟ ଠାରୁ ସୁରକ୍ଷିତ ଦୂରତା ଅବଲମ୍ବନ କରିବା ପାଇଁ । ଏଥିସହିତ ଯେକୌଣସି ବିଦ୍ୟୁତ ସମ୍ବନ୍ଧୀୟ ସମସ୍ୟା ଉପୁଜିଲେ ତୁରନ୍ତ ଦେୟମୁକ୍ତ ନମ୍ବର ୧୮୦୦୨୦୨୬ କିମ୍ବା ୧୯୧୨ରେ ସମ୍ପର୍କ କରି ଜଣାଇବାକୁ କୁହାଯାଇଛି । ଟିପିଏସଓଡିଏଲ ଭରସାଯୋଗ୍ୟ, ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ପାଇଁ ତାର ପ୍ରତିବଦ୍ଧତାକୁ ଦୋହରାଉଛି । ଏଥିସହିତ ପୁନରୁଦ୍ଧାର ସମୟରେ ଉପଭୋକ୍ତା ଏବଂ ଜନସାଧାରଣଙ୍କ ଧୈର୍ଯ୍ୟ ଏବଂ ସହଯୋଗ ପାଇଁ ସାଧୁବାଦ ଜଣାଉଛି ।

# ମୋନ୍ଥା ପ୍ରଭାବ : ଧାନ, ପନିପରିବା ଫସଲ ବ୍ୟାପକ କ୍ଷତି

ଧରାକୋଟ,(ସବ୍ୟୁ): ସାମୁଦ୍ରିକ ବାତ୍ୟା ମୋନ୍ଥା ଓ ଲଘୁଚାପ ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷାର ବିକଳ ଚିତ୍ର ଧରାକୋଟ ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକର ୧୮ ଗୋଟି ପଞ୍ଚାୟତ ର ଖରିଫ ଧାନ ଫସଲ ବେଶ ପ୍ରଭାବିତ ହୋଇଛି। ଯାହା ଫଳରେ ଫଳ ଧରିଥିବା ଧାନକେଣ୍ଡା ଓ ପାଚିଲା ଧାନ ଫସଲ ପବନ ଓ ଲଗାଣ ବର୍ଷାରେ ଲୋଟି ପଡ଼ି ଧରାଶାୟୀ ହୋଇଛି । ପାଣି ଭର୍ତ୍ତି ଧାନ ବିଲରୁ ଚାଷୀ ଉଜୁଡ଼ା ଫସଲକୁ ଛାଣୁଥିବାର ଦୟନୀୟ ଚିତ୍ର ଅଧିକାଂଶ ପଞ୍ଚାୟତ ରେ ଦେଖିବାକୁ ମିଳିଛି। ଚଳିତ ବର୍ଷ ଭଲ ଫସଲ ହୋଇଥିଲା । ଧାନ ଓ ପନିପରିବା ଚାଷ ପାଇଁ ପାଗ ଆରମ୍ଭରୁ ଅନୁକୂଳ ରହିଥିଲା । ଏଣୁ ଚାଷୀ ମାନେ ହାତ ଉଧାରି ଓ ବ୍ୟାଙ୍କ,ସମବାୟ ସମିତି ରୁ କରଜ କରି ରୁଆ, ବେଉଷଣ, ବିହନ, ପିଡ଼ିଆ, ବଚ୍ଛା ବଛି କରିଥିଲେ । ଆଶା ରହିଥିଲା ଚଳିତ ବର୍ଷ ଉଭୟ ଧାନ ଓ ପନିପରିବା ଫସଲରୁ ଭଲ ଦୁଇ ପଇସା ରୋଜଗାର ହେବ । ହେଲେ ବାତ୍ୟା ଓ ଭାରୀ ବର୍ଷା ସବୁକିଛି ଛାରଖାର କରିଦେଇଛି । ମାଣିକପୁର ଅଞ୍ଚଳର ରାଜନ ଛାଟୋଇ, ବସନ୍ତ ବେହେରା, କାଠଗଡା ର ଉଦୟ ପରିଛା, ଡାକିବଜା ର ଦଣ୍ଡପାଣି ଜେନା, ପ୍ରମୋଦ ପାଢ଼ୀ, ଧରାକୋଟ ର ବନବାସ ସ୍ୱାଇଁ ପ୍ରମୁଖ ବର୍ଷକର ଫସଲ ଅଖି ଆଗରେ ନଷ୍ଟ ହୋଇଯାଇଥିବାରୁ କେମିତି କରଜ ସୁଝିବେ ସେଥି ପାଇଁ ଚିନ୍ତାରେ ପଡ଼ିଛନ୍ତି । ସରକାରୀ ସ୍ତରରେ କ୍ଷୟ କ୍ଷତି ଆକଳନ କରାଯାଇ ସରକାରୀ ସହାୟତା ପ୍ରଦାନ ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଚଳିତ ବାତ୍ୟା ଓ ବର୍ଷାରେ ପନିପରିବା ଫସଲ ବ୍ୟାପକ ନଷ୍ଟ ହୋଇଯାଇଛି । ଫଳରେ ବଜାରରେ ପନିପରିବା ଦରରେ ମୂଲ୍ୟ ବୃଦ୍ଧି ହୋଇଛି । ସେପଟେ ଧାନ ଫସଲ ନଷ୍ଟ ହୋଇଯାଇଥିବା ବର୍ଷକର ଆଦାୟ ଉଯୁଡ଼ି ଯାଇଛି । ଏଣୁ ନିଜ ପରିବାର ସଦସ୍ୟ ତୁଣ୍ଡରେ କେମିତି ଅହାର ଯୁଟାଇବ ସେଥିପାଇଁ ଚାଷୀର ଚିନ୍ତା ବଢ଼ିଛି । ସମଗ୍ର ବ୍ଲକ ଅଞ୍ଚଳର ହଜାର ହଜାର ହେକ୍ଟର ଜମି ର ଫସଲ ନଷ୍ଟ ହୋଇଯାଇଥିବା ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛି ।


**ଚକ୍ରଧରପୁର ଡିଭିଜନରେ ବିଭିନ୍ନ ଆସେଟ୍ସ୍ ପାଇଁ ଇ-ନିଲାମ ବିଜ୍ଞପ୍ତି**

ନଂ. : ସିଓଏମ୍ .୧୮/ଏନଏଫ୍ଆର/ଇ-ନିଲାମ କ୍ୟାଟେଲଗ୍ / ନଭେମ୍ବର/୨୫ ତାରିଖ : ୨୪.୧୦.୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନରେ ନିମ୍ନୋକ୍ତ ଆସେଟ୍ସ ବର୍ଗ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି : ଏ ସମ୍ପର୍କରେ ଇ-ନିଲାମ ବିଜ୍ଞପ୍ତିର ଚିଠା ସଂଲଗ୍ନ କରାଯାଇ ଅଛି । ଯାହାକି **http:/www.ireps.gov.in/** ୱେବସାଇଟ୍‌ରେ ସୂଚିତ ହୋଇଛି । ଇ-ନିଲାମର ସବିଶେଷ ବିବରଣୀ ନିମ୍ନରେ ଦିଆଗଲା : କ୍ର.ନଂ., କ୍ୟାଟେଗୋରୀ, କ୍ୟାଟଲଗ୍ ନଂ, ନିଲାମ ତାରିଖ, ନିଲାମ ଆରମ୍ଭ ସମୟ, ନିଲାମ ବନ୍ଦ ସମୟ ଯଥାକ୍ରମେ : (୧) ପାର୍ସଲ, ପାର୍ସଲ-ଭିପି-୧୮୧୦୧, ୦୪.୧୧.୨୦୨୫, ୧୨:୦୦ ଘଟିକା, ୧୨:୩୦ ଘଟିକା । (୨) ଅନ୍ୟାନ୍ୟ, ଏମ୍ଏସ୍ଏସ-ଏମଆଇଏସ୍ସି-ଏସଇପି-୨୫, ୦୭.୧୧.୨୦୨୫ ୧୦:୦୦ ଘଟିକା, ୧୧:୫୦ ଘଟିକା । (୩) ବିଜ୍ଞାପନ : ଏଡିଭିଟି-ସିକେପିଡିଆଇଭି-ଏସ୍ଇପି, ୦୭.୧୧.୨୦୨୫ ୧୨:୩୦ ଘଟିକା, ୧୩:୫୦ ଘଟିକା । (୪) ପେ ଆଣ୍ଡ ୟୁଜ୍, ପିଏନ୍ୟୁ-ସିକେପିଡିଆଇଭି-୧-୨୫, ୦୮.୧୧.୨୦୨୫, ୧୨:୦୦ ଘଟିକା, ୧୩:୦୦ ଘଟିକା । ଏଥିପ୍ରତି ଆଗ୍ରହୀ ପକ୍ଷ ଧ୍ୟାନ ଦିଅନ୍ତୁ ଏବଂ କାର୍ଯ୍ୟ କ୍ଷେତ୍ରର ସବିଶେଷ ବିବରଣୀ ପାଇଁ ଉପର ସୂଚିତ ୱେବସାଇଟକୁ ଯାଆନ୍ତୁ ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ପର୍କରେ ଆନୁଷଙ୍ଗିକ ସୂଚନା ପ୍ରାପ୍ତ ହୁଅନ୍ତୁ । ଯଦି କିଛି ଜାଣିବାର / ସ୍ପଷ୍ଟୀକରଣ ଥାଏ ଦୟାପୂର୍ବକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-780) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହାସ୍ୟ ସହ ସେବା ପ୍ରଦାନ କରୁଛୁ



**AFFIDAVIT**

By virtue of an affidavit before the Executive magistrate Kantapada, Cuttack. I, Pritiprajna Patra, D/o- Kshirod Kumar Patra,Resident of At- Brahmanbati, Po- Badamulai, Ps- Govindpur, Dist- Cuttack. Declare that i have changed my name from **Pritipragyan Patra** to **Pritiprajna Patra**. Henceforth, She shall be known as **Pritiprajna Patra** for all puroposes.

Sd/- Pritiprajna Patra

**AFFIDAVIT**

By virtue of an affidavit sworn before **R. Nayak**, Executive Magistrate, Bhubaneswar, Khordha, Odisha, on dated **16th Day of October, 2025 year, I, SMT. SAILABALA SAMAL**, Permanent resident of C/o- Shubhranshu Ranjan Behura, At: Sikharpur, Post: College Square, Police Station: College Square, City: Cuttack, Odisha, PIN-753003, declare that I have changed my single daughter name from ISHITA BEURA to **ISHITA BEHURA.** Henceforth, she shall be known as **ISHITA BEHURA** for all purposes.

Sd/-
SAILABALA SAMAL
(Mother)

**AFFIDAVIT**

By virtue of an affidavit sworn before Executive Magistrate, Kujanga, dt.14.07.2025 I Mohd. Ejaz Address At- Rasulpur, P.o- chhapian, P.s- Siwan, State- Bihar, at present Qrt no.- D/419, IFFCO Township, Paradeep, Dist- Jagatsinghpur, declare that I have changed my name from Mohammed Azaz to Mohd Ejaz and D.O.B from 22/11/1986 to 22/11/1984. Henceforth I shall be known as **Mohd Ejaz and D.O.B - 22/11/1984** for all purposes.

Mohd Ejaz


# ଗାଲେରୀରେ ଭୁଷୁଡ଼ିଲା ୬ ବଖରା

ଭଂଜନଗର, (ସବ୍ୟୁ): ବାତ୍ୟା ମୋନ୍ଥା ପ୍ରଭାବରେ ଲାଗିରହିଥିବା ଲଗାଣ ବର୍ଷା ଯୋଗୁଁ ଗଂଜାମ ଜିଲ୍ଲା ଭଂଜନଗର ବ୍ଲକ ଅନ୍ତର୍ଗତ ଗାଲେରୀ ଠାରେ ୬ ପରିବାରର ୬ ବଖରା ଘର ଭୁଷୁଡ଼ି ପଡ଼ିଛି । ବାତ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଛପର ଘରେ ରହୁଥିବା ଲୋକଙ୍କୁ, ଗାଲେରୀ ରିଲିଫ କେନ୍ଦ୍ରରେ ରଖା ଯାଇଥିଲା । ସଂପୃକ୍ତ ପରିବାରର ଲୋକେ ଘରେ ନଥିଲେ । ଏହି ସମୟରେ ଲଗାଣ ବର୍ଷା ଯୋଗୁଁ, ୬ ଟି ପରିବାରର ୬ ବଖରା ଘର ଭୁଶୁଡ଼ି ପଡ଼ିଥିଲା । ତେବେ କୌଣସି ଲୋକ ନିଶ୍ଚିତ ଆହତରୁ ବର୍ତ୍ତି ଯାଇଛନ୍ତି । ଖବର ପାଇ, ସ୍ଥାନୀୟ ରାଜସ୍ୱ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ ।

# ବାତ୍ୟା ଭୟ ଟଳିଲା, ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ବ୍ରହ୍ମପୁର, (ସବ୍ୟୁ): ବାତ୍ୟା ମୋନ୍ଥା ଆନ୍ଧ୍ର ପ୍ରଦେଶର କାକିନାଡ଼ା ନିକଟରେ ସ୍ଥଳ ଭାଗ ଛୁଇଁ ଥିବା ବେଳେ ଗଞ୍ଜାମକୁ ବାତ୍ୟା ଭାୟ ଟଳିଛି । ଗଞ୍ଜାମ ଜିଲ୍ଲାରେ ବାତ୍ୟାର ବିଶେଷ ପ୍ରଭାବ ପ ନଥିଲେ ମଧ୍ୟ ୨ ଦିନ ଧରି ବର୍ଷା ଜାରି ରହିଛି । ତେଣୁ ଆଜି ଦିନ ତମାମ ମେଘୁଆ ପାଗକୁ ତୁହାକୁ ତୁହା ବର୍ଷା ଜାରି ରହିଛି ଝ ତେଣୁ ଆଜି ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଙ୍ଗ ଜାରି ହୋଇଥିବା ବେଳେ ଗୋପାଳପୁର ଅଞ୍ଚଳରେ ଆଜି ସକାଳ ସାଢେ ୮ ଟା ଠାରୁ ସନ୍ଧ୍ୟା ସାଢେ ୫ ଟା ପର୍ଯ୍ୟନ୍ତ ୧.୩ ମିମି ବର୍ଷା ରେକର୍ଡ ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।ମତ୍ସ୍ୟଜୀବିଙ୍କୁ ସମୁଦ୍ର ଭିତରକୁ ନଯିବାକୁ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ବାରଣ ରହିଛି । ଗୋପାଳପୁର ବେଳାଭୂମିକୁ ପର୍ଯ୍ୟଟକଙ୍କୁ ବାରଣ ରହିଥିବା ବେଳେ ବୁଧବାରଦିନ କିଛି ଅମାନିଆ ପର୍ଯ୍ୟଟକ ବେଳାଭୂମିରେ ବୁଲୁଥିବା ଦେଖିବାକୁ ମିଳିଛି । ଆଜି ମଧ୍ୟ ବେଳାଭୂମିକୁ ପର୍ଯ୍ୟଟକ ନଆସିବାରୁ ବେକଭୂମିରେ ଥିବା ସମସ୍ତ ଉଠା ଦୋକାନୀ ଓ ଫାଷ୍ଟଫୁଡ ବନ୍ଦ ରହିଛି ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-112025-AUDIOCONF

କାର୍ଯ୍ୟର ନାମ : ଖୁର୍ଦ୍ଧାରୋଡ/ଭୁବନେଶ୍ୱର ଠାରେ ଅଡ଼ିଓ କନ୍‌ଫରେନ୍ସ ସିଷ୍ଟମ୍ (Audio Conference System), ଅଡ଼ିଓ ଭିଜୁଆଲ ସିଷ୍ଟମ୍ (Audio Visual System)ର ସ୍ଥାପନ ଏବଂ ବୃଦ୍ଧି ।

ଆନୁମାନିକ ବିଜ୍ଞାପିତ ମୂଲ୍ୟ(₹): 2,43,35,619.35, EMD (₹) : 2,71,700/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.17.11.2025 ଦିନ 1030 ଘଣ୍ଟାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ଶେଷରେ କାଜ/କୋଟିଗର/ଫାର୍ମମାନଙ୍କରେ ... (Firm)ର ... ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, (T&NW), ଭୁବନେଶ୍ୱର

PR-150/C/25-26



# ଭାରତ ସରକାର ଘୋଷଣା କଲେ ଝୋଟର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)

ଭାରତ ସରକାର ଛଅଟି ଝୋଟ ଉତ୍ପାଦନକାରୀ ରାଜ୍ୟରେ ୧୧୦ଟି କ୍ରୟ କେନ୍ଦ୍ର ଏବଂ ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ)ର ୧୪ଟି ଆଞ୍ଚଳିକ କାର୍ଯ୍ୟାଳୟ ମାଧ୍ୟମରେ ଚାଷୀମାନଙ୍କୁ ଏମଏସପି ସହାୟତା ପ୍ରଦାନ କରୁଛନ୍ତି ।

JCI ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ) ହେଉଛି କଞ୍ଚା ଝୋଟର ଏମଏସପି ପାଇଁ କେନ୍ଦ୍ରୀୟ ନୋଡାଲ୍ ଏଜେନ୍ସି

**ଏମଏସପି ହାର: ୨୦୨୫-୨୬**


୨୦୨୫-୨୦୨୬ ଫସଲ ଋତୁ ପାଇଁ ସାରା ଭାରତରେ କଞ୍ଚା ଝୋଟ ମେସ୍ତା ଏବଂ ବିମଲିର ବିଭିନ୍ନ କିସମ ଏବଂ ଗ୍ରେଡ୍ ପାଇଁ ସ୍ଥିର କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନରେ ଦିଆଯାଇଛି :

| ସମଗ୍ର ଭାରତରେ | | | | | | | |
|---|---|---|---|---|---|---|---|
| କିସମ | ଗ୍ରେଡ | ଟିଡି-୧/ଡବ୍ଲ୍ୟୁ୧ | ଟିଡି-୨/ଡବ୍ଲ୍ୟୁ୨ | ଟିଡି-୩/ଡବ୍ଲ୍ୟୁ୩ | ଟିଡି-୪/ଡବ୍ଲ୍ୟୁ୪ | ଟିଡି-୫/ଡବ୍ଲ୍ୟୁ୫ | |
| ତୋସା/ଧଳା | ଟ. / କ୍ୱିଣ୍ଟାଲ | ୬୩୫୦ | ୬୧୫୦ | ୫୬୫୦ | ୫୧୨୫ | ୪୮୭୫ | |
| | | | | | | | |
| କିସମ | ଗ୍ରେଡ୍ | ଏମ୧/ ଓ.ବିଓପି | ଏମ ୨/ ଏସ.ଏମଆଇଡି | ଏମ ୩/ ଏମଆଇଡି | ଏମ ୪/ ବିଓଡି | ଏମ ୫/ ବି.ବିଓଡି | ଲ ୬/ ଏକ୍ସ.ବିଓଡି |
| ମେସ୍ତା/ବିମଲି | ଟ. / କ୍ୱିଣ୍ଟାଲ | ୪୧୩୫ | ୩୯୮୫ | ୩୮୬୦ | ୩୭୬୦ | ୩୬୬୦ | ୩୫୬୦ |

**ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ) ୧୯୭୧ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଝୋଟ ଚାଷୀମାନଙ୍କୁ ସମର୍ଥନ କରେ**

- ୧୦ ବର୍ଷ ମଧ୍ୟରେ ଏମଏସପି ୧୩୫% ବୃଦ୍ଧି ୨୦୧୪-୧୫ ବର୍ଷରେ କ୍ୱିଣ୍ଟାଲ ପିଛା ଏମଏସପି ଟ୨୪୦୦/ ପ୍ରତି କ୍ୱିଣ୍ଟାଲରୁ ୨୦୨୫-୨୬ ବର୍ଷରେ କ୍ୱିଣ୍ଟାଲ ପିଛା ଟ୫୬୫୦/ କୁ ବୃଦ୍ଧି କରାଯାଇଛି
- ନୂତନ ରାଜ୍ୟ - ନାଗାଲାଣ୍ଡ, ମେଘାଳୟ, ଝାଡ଼ଖଣ୍ଡରେ ସର୍ବନିମ୍ନ ସହାୟକ ମୂଲ୍ୟ କାର୍ଯ୍ୟ ଆରମ୍ଭ ହୋଇଛି
- ୩ କାର୍ଯ୍ୟ ଦିବସ ମଧ୍ୟରେ ଚାଷୀମାନଙ୍କ ଦେୟ ବଣ୍ଟନ
- ବ୍ଲକ ଚେନ୍ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ ଇ-ଯୋଗାଣ ଶୃଙ୍ଖଳା ଏବଂ ଇ-ନିଲାମ ପ୍ଲାଟଫର୍ମଗୁଡ଼ିକ ବାସ୍ତବ ସମୟ ଆଧାରରେ ସ୍ୱଚ୍ଛତା, ଟ୍ରେସେବିଲିଟି, ମୂଲ୍ୟ ଆବିଷ୍କାର ଏବଂ ଇନଭେଣ୍ଟରୀ ପରିଚାଳନା ଆଣିବା ପାଇଁ କାର୍ଯ୍ୟାନ୍ୱୟନ ଯୋଜନା କରୁଛନ୍ତି
- କ୍ଷୁଦ୍ର ଏବଂ ସୀମାନ୍ତ ଚାଷୀଙ୍କଠାରୁ ଦ୍ରୁତ କ୍ରୟ କାର୍ଯ୍ୟ ପାଇଁ କାର୍ଯ୍ୟାନ୍ୱୟନର ଡିଜିଟାଲାଇଜେସନ୍
- ଏକ କାର୍ଯ୍ୟକାରୀ ସଂସ୍ଥା ଭାବରେ ଜେସିଆଇର ୧୧ ବର୍ଷ ଧରି ଏକ ଚାଲୁଥିବା ଝୋଟ କୃଷି ବିଜ୍ଞାନ ବିକାଶ ପ୍ରକଳ୍ପ ଆଇ-କେୟାର ଅଛି
- ସବସିଡିଯୁକ୍ତ (୫୦%) ଉଚ୍ଚ ଅମଳ ପ୍ରମାଣିତ ବିହନ ବଣ୍ଟନ
- ଚାଷୀମାନଙ୍କୁ ଆଧୁନିକ କୃଷି ଉପକରଣର ମାଗଣା ବଣ୍ଟନ ରେଟିଂ ଦ୍ରାବିତକାରୀର ମାଗଣା ବଣ୍ଟନ
- ମାଗଣା ପ୍ରଦର୍ଶନ ଏବଂ ସଚେତନତା କାର୍ଯ୍ୟକ୍ରମ
- ୫.୬ ଲକ୍ଷ ଚାଷୀଙ୍କୁ ଲାଭ ପହଞ୍ଚାଇବା ଏବଂ୨୦୧୫ରୁ ୨.୧୫ ଲକ୍ଷ ହେକ୍ଟର ଜମିକୁ କଭର କରିବା





**ଜେସିଆଇ ଲଞ୍ଚ କରିଛି PAAT MITRO ଆପ୍**

- ଏମ୍ଏସପି ହାର ଏବଂ କ୍ରୟ ସୂଚନାକେନ୍ଦ୍ର ।
- କୃଷି ବିଜ୍ଞାନ ପରାମର୍ଶ ।
- ପାଣିପାଗ ଅପଡେଟ୍ ।
- ଝୋଟର ଗୁଣବତ୍ତା ପାରାମିଟର
- କ୍ରୟ ପରେ ଦେୟ ସ୍ଥିତି ।

**ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତ ସରକାରଙ୍କ ଏମଏସପି କ୍ରୟ ତୁଳନା (୨୦୦୫-୨୦୧୪:୨୦୧୫-୨୦୨୪)**

| ୨୦୦୫-୨୦୧୪ | | ୨୦୧୫-୨୦୨୪ | |
|---|---|---|---|
| ପରିମାଣ (ପ୍ରାୟ ଲକ୍ଷ ବେଲରେ) | ମୂଲ୍ୟ (କୋଟି ଟ.ରେ) | ପରିମାଣ (ପ୍ରାୟ ଲକ୍ଷ ବେଲରେ) | ମୂଲ୍ୟ (କୋଟି ଟ.ରେ) |
| ୧୫ | ୩୮୦ | ୧୮ | ୧୩୯୫ |

ଦ ଜୁଟ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ
भारतीय पटसन निगम लिमिटेड
The Jute Corporation of India Limited

ମୁଖ୍ୟ କାର୍ଯ୍ୟାଳୟ: ପାଟସନ ଭବନ, ତୃତୀୟ ଏବଂ ଚତୁର୍ଥ ମହଲା, ବ୍ଲକ-ସିଏଫ, ଆକ୍ସନ ଏରିଆ -୧ ନ୍ୟୁ ଟାଉନ, କୋଲକାତା - ୭୦୦୧୫୬, ଫୋନ: (୦୩୩) ୨୨୫୨ ୧୧୦୦ / ୬୭୭୦ / ୬୭୫୦ / ୭୧୦୭ / ୭୧୦୯ ଫ୍ୟାକ୍ସ: (୦୩୩) ୨୨୫୨ ୧୭୭୧, ଇମେଲ: jcijcimail.in. www.jutecorp.in

ପଶ୍ଚିମବଙ୍ଗ: ଆଞ୍ଚଳିକ କାର୍ଯ୍ୟାଳୟ (ଆରଓ): କୋଲକାତା ଆରଓ, କୃଷ୍ଣନଗର ଆରଓ, ବେଥୁଆଡ଼ାହାରୀ ଆରଓ, ବେରହମପୁର ଆରଓ, ସିଲିଗୁଡ଼ି ଆରଓ, କୁଚବିହାର ଆରଓ, ମାଲଦା ଆରଓ

CBC 41122/15/0035/2526

# ଆଳୁ ଚାଷ ପାଇଁ ସରକାରୀ ସହାୟତା ଦାବି

ରଘୁନାଥପୁର, (ସବ୍ୟୁ) : ଆଳୁ ଆମଦାନୀରେ ପଶ୍ଚିମବଙ୍ଗ ସରକାରଙ୍କ ଅବହିଳିତ ନୀତିକୁ ଉପଲକ୍ଷି କରି ରାଜ୍ୟ ସରକାର ନିଜ ରାଜ୍ୟରେ ବ୍ୟାପକ ଆଳୁ ଚାଷ କରି ସ୍ୱାବଲମ୍ବୀ ହେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଏହି ଆଧାରରେ ରାଜ୍ୟରେ ବ୍ୟାପକ ଆଳୁ ଚାଷ କରାଯାଇ ଚାଷୀ ମାନଙ୍କ ଉନ୍ନତ ମାନର ଖୁସୁଫ୍ରୋଟି ଆଳୁ ମଞ୍ଜି ଯୋଗାଇ ଦେବା ସହ ବୈଷୟିକ ଜ୍ଞାନ କୌଶଳ ମଧ୍ୟ ସରକାରୀ ସ୍ତରରେ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ରଘୁନାଥପୁର ବ୍ଲକ ଅଂଚଳରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୦ହେକ୍ଟର ଜମିରେ ଆଳୁ ଚାଷ ପାଇଁ ସରକାରୀ ସ୍ତରରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଏଥିପାଇଁ ଆପାତତଃ ୩୦୦କ୍ୱିଣ୍ଟାଲ ଆଳୁ ମଞ୍ଜି ଯୋଗାଇ ଦିଆଯିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ନଭେମ୍ବର ୧୫ତାରିଖ ପରେ କେଜି ପ୍ରତି ୨୦ଟଙ୍କା ଦରରେ ରଘୁନାଥପୁର ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀ ମାନଙ୍କୁ ଆଳୁ ମଞ୍ଜି ଯୋଗାଇ ଦିଆଯିବ ବୋଲି ସହକାରୀ ଉଦ୍ୟାନ କୃଷି ଅଧିକାରୀ ମୋନାଲିସା ପତି ଜଣାଇଛନ୍ତି । ସେହିପରି ଚାଷ ପରେ ସଂପୃକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ କେଜି ପିଛା ୧୦ଟଙ୍କା ହିସାବରେ ସବସିଡି ଟଙ୍କା ଆସିବ ବୋଲି କ୍ଷେତ୍ର ଅଧିକାରୀ ସଂଜୀବ ରାଉତ ଓ ସୈମ୍ୟାରାଣୀ ପଣ୍ଡା କହିଛନ୍ତି । ତେବେ ରଘୁନାଥପୁର ବ୍ଲକରେ ବ୍ୟାପକ ଆଳୁ ଚାଷ ପାଇଁ ସରକାରୀ ସହାୟତା ପ୍ରଦାନ କରିବା ସହ ନୂତନ ଆଳୁ ଚାଷୀ ମାନଙ୍କୁ ଆଳୁ ଚାଷ ପାଇଁ ଆଗ୍ରହ ସୃଷ୍ଟି କରିବା ଓ ଜିଲ୍ଲାର ବିଭିନ୍ନ ସ୍ଥାନରେ ଉନ୍ନତମାନର ଶୀତଳଭଣ୍ଡାର ନିର୍ମାଣ କରିବା ଆବଶ୍ୟକ ବୋଲି ଜିଲ୍ଲା କୃଷକ ସଂଗଠନର ସଂପାଦକ ଇଂ ବାବାଜୀ ଚରଣ ଜେନା ଓ କୋଷାଧ୍ୟକ୍ଷ ଦିଲ୍ଲିପ ରଥଙ୍କ ସମେତ ବରିଷ୍ଠ ଚାଷୀ ମାନେ ଦାବି କରିଛନ୍ତି । ନତୁବା ରାଜ୍ୟରେ କେବଳ କାଗଜ କଲମରେ ଆଳୁ ଚାଷ ହେବସିନା ପ୍ରକୃତପକ୍ଷେ ରାଜ୍ୟ ଆଳୁରେ ସ୍ୱାବଲମ୍ବୀ ନହୋଇ ନିଜର ଚାହିଦା ପୂରଣ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ସେମାନେ ଜଣାଇଛନ୍ତି ।

# ଆମ ବଡ଼ଚଣା ମହୋତ୍ସବ କମିଟି ପଞ୍ଜିକୃତ : ସମସ୍ତଙ୍କ ସହଯୋଗ ଲୋଡିଲେ କର୍ମକର୍ତ୍ତା




ଚଣ୍ଡିଖୋଲ,(ସବ୍ୟୁ): ଯାଜପୁର ଜିଲ୍ଲାର ବଡ଼ଚଣା ଅଂଚଳର ଗୌରବମୟ କଳା,ସଂସ୍କୃତି ଓ ପରମ୍ପରାକୁ ପ୍ରୋତ୍ସାହିତ କରିବା ସହ ନିଜ ଅଞ୍ଚଳର ଲୁକାୟିତ ପ୍ରତିଭାର ବିକାଶ ପାଇଁ ଆମ ବଡ଼ଚଣା ମହୋତ୍ସବ ଗତ ୧୯ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ପୂର୍ବରୁ ବିନା ସରକାରୀ ପଞ୍ଜିକରଣରେ ଏହି ଉତ୍ସବ ଆୟୋଜିତ ହୋଇ ଆସୁଥିଲା ବେଳେ ଏବେ ଏହି ମହୋତ୍ସବ କମିଟି ସରକାରଙ୍କ ଦ୍ୱାରା ପଞ୍ଜିକୃତ ହୋଇଛି। କମିଟି ପଞ୍ଜିକୃତ ହେବାପରେ ବୁଧବାର ଦିନ କର୍ମକର୍ତ୍ତା ମାନେ ବଡଚଣା ଡାକ ବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀ ଆହ୍ୱାନକରି ସେ ସମ୍ପର୍କରେ ସୂଚନା ଦେଇଥିଲେ। କମିଟି ସମ୍ପାଦକ ଦିଲ୍ଲୀପକୁମାର ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ନୃସିଂହନାରାୟଣ ଓଟା,ରବିନ୍ଦ୍ର ପ୍ରଧାନ,କୋଷାଧ୍ୟକ୍ଷ ନାରାୟଣ ରାଉତ, ସହ ସମ୍ପାଦକ ରଶ୍ମିରଞ୍ଜନ ମହାନ୍ତି, କାର୍ଯ୍ୟକାରୀ କମିଟି ସଭ୍ୟ ଅମୀୟ ଦାଶ,ବ୍ଲକ ଉପାଧ୍ୟକ୍ଷ ବିଭାସଚନ୍ଦ୍ର ନନ୍ଦ,ମଧୁସୂଦନ ବଳଙ୍କ ସହ ବହୁ ସଦସ୍ୟ ଯୋଗଦେଇ ଶୃଙ୍ଖଳିତ ଓ ନିର୍ବିବାଦୀୟ ଭାବେ ଆଗାମୀ ଜାନୁଆରୀ ୭ ତାରିଖରୁ ଆରମ୍ଭ ହେବାକୁ ଥିବା ଚଳିତ ବର୍ଷର ମହୋତ୍ସବକୁ ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ତେବେ ଚଳିତ ବର୍ଷ ମହୋତ୍ସବ ଆୟୋଜନକୁ ନେଇ ପୂର୍ବରୁ ଥିବା ସଭାପତି ମନୋରମା ଆଚାର୍ଯ୍ୟଙ୍କ ସହ କେତେକ ପୂର୍ବ କର୍ମକର୍ତ୍ତା । ଏକ ସାମ୍ବାଦିକ ସମ୍ମିଳନୀରେ ଭିନ୍ନମତ ପୋଷଣ କରିଥିବାରୁ ସେ ସମ୍ପର୍କରେ ପଞ୍ଜିକୃତ କମିଟିର କର୍ମକର୍ତ୍ତା ମାନେ ସ୍ପଷ୍ଟୀକରଣ ଦେଇଥିଲେ। ତେବେ ବିବାଦର ଉର୍ଦ୍ଧ୍ୱକୁ ଯାଇ ସମସ୍ତେ ମିଳିମିଶି ଆୟୋଜିତ ହେବାକୁ ଥିବା ଚଳିତ ବର୍ଷର ମହୋତ୍ସବ ଆହୁରି ଅଧିକ ସରସ ଓ ସୁନ୍ଦର କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଏହି କର୍ମକର୍ତ୍ତା ମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।କିଏ କମିଟିର କର୍ମକର୍ତ୍ତା ହେବ କି ନହେବ ତାହା ବଡକଥା ନୁହେଁ ସେସବୁ ସ୍ୱାର୍ଥକୁ ପଛକୁ ଦେଇ ବଡଚଣାର ଐତିହ ଓ ଭାଇଚାରାକୁ ଦୃଢ଼ କରିବା ପାଇଁ ଆମେ ନିଜର ସ୍ୱାର୍ଥକୁ ତ୍ୟାଗ କରିବୁ ବୋଲି ଅନେକ ସଦସ୍ୟ ମତ ଦେଇଥିଲେ।

ନୂତନ ଭାବେ ପଞ୍ଜିକୃତ ହୋଇଥିବା ଉକ୍ତ ଆମ ବଡଚଣା ମହୋତ୍ସବ କମିଟିର ଉପଦେଷ୍ଟା ଭାବେ ବଡଚଣା ବିଧାୟକ ଅମରକୁମାର ନାୟକ ନିଜେ ରହିଥିଲା ବେଳେ ପୂର୍ବରୁ ସମ୍ପାଦକ ଦାୟିତ୍ୱ ତୁଲାଉଥିବା ବିଶିଷ୍ଟ ବ୍ୟବସାୟୀ ତଥା ଯୁବ ସମାଜସେବୀ ଦିଲ୍ଲୀପକୁମାର ଚୌଧୁରୀ ନୂତନ କମିଟିରେ ମଧ୍ୟ ସମ୍ପାଦକ ରହିଛନ୍ତି। ଚଳିତ ବର୍ଷର ମହୋତ୍ସବ ଆସନ୍ତା ଜାନୁୟାରୀ ୭ରୁ୧୩ ତାରିଖ ପର୍ଯ୍ୟନ୍ତ [illegible] ପରିବର୍ତ୍ତେ ଏହା ୭ ଦିନ ଧରି ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ଦିଆଯାଇଥିଲା। ଶେଷରେ ଅମୀୟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନମନ୍ତ୍ରୀ ସଡକ, ଗଛଲତା ମାଡି ସଙ୍କୁଚିତ
# ଯାତାୟତରେ ଘୋର ଅସୁବିଧା

ସାଲେପୁର, (ସବ୍ୟୁ) : ସାଲେପୁର କଲେଜ ନିକଟ କେନ୍ଦ୍ରାପଡା କେନାଲ ବନ୍ଧ ଉପରେ ଆରମ୍ଭ ହୋଇ ବାଲିସାହି ଗ୍ରାମ ଏବଂ ରାଘବପୁର ଗ୍ରାମ ମଧ୍ୟ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ସଡକ ରାସ୍ତାରେ ଏବେ ଯିବା ଆସିବା କରିବା କଷ୍ଟକର ହୋଇ ପଡିଛି । ଏହାର ପ୍ରମୁଖ କାରଣ ହେଲା ରାସ୍ତାର ଉଭୟ ପାର୍ଶ୍ୱରୁ ଗଛ ଲତା ମାଡି ଯାଇ ରାସ୍ତାକୁ ସଙ୍କୁଚିତ କରି ଦେଇଛି । ଏହି ରାସ୍ତାର ବହୁ ସ୍ଥାନରେ ଏତେ ଗଛ ଲତା ମାଡି ଯାଇଛି ଯେ ସେ ବାଟରେ ଯିବା ପାଇଁ ଭୟ ଲାଗୁଛ । ଏହି ରାସ୍ତାରେ ଗୋଟିଏ ଚାରି ଚକିଆ କିମ୍ବା ଅଟୋ ଅବା ଟ୍ରଲି ଗଲେ ଆଉ ଗୋଟିଏ ବାଇକ ପରସ୍ପରକୁ ଅତିକ୍ରମ କରିବା କଷ୍ଟକର ହୋଇପଡୁଥିବା ଦେଖିବାକୁ ମିଳୁଛି । ଏହି ରାସ୍ତାରେ ପ୍ରତିଦିନ ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନେ ଯିବା ଆସିବା କରିବା ସହିତ ସଧାରଣ ଲୋକଙ୍କ ସାଲେପୁର ମେଡିକାଲକୁ ଯିବାର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହା ଗଛ ଲତାରେ ସଙ୍କୁଚିତ ହୋଇ ଥିବାରୁ ଯାତାୟାତରେ ଅସୁବିଧା ହେଉଛି । ଏହି ରାସ୍ତାରେ ପ୍ରତେହ ଆମ୍ବୁଲାନ୍ସ ଯିବାଆସିବା କରିବା ପାଇଁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏକ ପଟରୁ ଗୋଟିଏ ଗାଡି ଯାଉଥିଲେ ଆର ପଟରୁ ଆସୁଥିବା ଅନ୍ୟ ଗାଡିକୁ ରାସ୍ତା ଦେବାରେ ଅନେକ ସ୍ଥାନରେ ହଇରାଣ ହେଉଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ପ୍ରଧାନମନ୍ତ୍ରୀ ସଡକ ରାସ୍ତାକୁ ନିୟମିତ ବ୍ୟବଧାନରେ ରାସ୍ତାର ଉଭୟ ପାର୍ଶ୍ୱକୁ ସଫା ନ କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେଇ ତୁରନ୍ତ ଏହି ରାସ୍ତାର ଉଭୟ ପାର୍ଶ୍ୱକୁ ସଫା କଲେ ଲୋକମାନେ ଯିବାଆସିବା କରିବାରେ ସୁବିଧା ପାଇ ପାରିବେ ବୋଲି ସାଧାରଣରେ ଦାବି ହୋଇଛି ।

# ମହର୍ଷି ବାଲ୍ମିକୀ ଜୟନ୍ତୀ ଓ ଓଡ଼ିଆ ରାମାୟଣ କଥା ଉତ୍ସବ



ଚଣ୍ଡିଖୋଲ, (ସବ୍ୟୁ) : ପବିତ୍ର ରାମାୟଣ ଗ୍ରନ୍ଥର ରଚୟିତା ମହର୍ଷି ବାଲ୍ମିକୀଙ୍କ ଜୟନ୍ତୀ ଓ ରାମାୟଣ କଥା ଉତ୍ସବ ଚଣ୍ଡିଖୋଲର ଚାରିବାଟିଆ ମା ଦୁର୍ଗାଙ୍କ ପୀଠ ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି।ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ଉତ୍ସବରେ ତୁଷରକାନ୍ତ ଗନ୍ତାୟତ ଅଧକ୍ଷତା କରିଥଲେ।ରାଷ୍ଟ୍ର ଦୀପ ପାଠକ ସମିତି ଓ ଅଖିଳ ଭାରତୀୟ ସାହିତ୍ୟ ପାରିଷଦ ଆନୁକୁଲ୍ୟରେ ରାମାୟଣ କଥାବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରବଚକ ବିଭୂତିଭୂଷଣ ପାଳ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତକୁମାର ଜେନା, ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ ସଂଗଠକ ବଟକୃଷ୍ଣ ଜେନା ପ୍ରମୁଖ ଯୋଗ ଦେଇଥିଲେ ମହର୍ଷି ବାଲ୍ମୀକି ଓ ରାମାୟଣ ଗ୍ରନ୍ଥ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ।ଏହି ଉତ୍ସବରେ ଅକ୍ଷୟକୁମାର୍ ଗୋଚ୍ଛାୟତ,ଶୁଶାନ୍ତ ସ୍ୱାଇଁ, ଆଶୋକ ସିଂହ ପ୍ରମୁଖ ସହଯୋଗ କରିଥିଲେ।ଏଥିରେ ସ୍ଥାନୀୟ ଚାରୀବାଟିଆ ଓ ଶୁଭଦ୍ରାପୁରର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଦୁଷ୍କର୍ମକାରୀଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ

ଜଗତସିଂହପୁର, (ସବ୍ୟୁ): ୨୦୧୩ ମସିହାରେ ଦୁଷ୍କର୍ମ ଅଭିଯୋଗରେ ପାରାଦ୍ୱୀପ ଅଭୟଚାନ୍ଦପୁର ଥାନା ମାହାଳ ଗ୍ରାମର ଶଙ୍କର୍ଷଣ କଟିକିଆଙ୍କୁ (୩୫)କୁ ଆଜି ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ ବିଚାରପତି ଏସ.ଏ.କେ.ଜେଡ ଅହମ୍ମଦ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।ଏହା ସହିତ ଅଭିଯୁକ୍ତକୁ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଥିବା ବେଳେ ଜୋରିମାନା ଅନାଦେୟ ଅଧୀକ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ।

ସୁଚନା ଅନୁସାରେ ଗତ ୨୦୧୩ ସେପ୍ଟେମ୍ବର ୧୦ ତାରିଖ ଦିନ ପାରାଦ୍ୱୀପ ଅଭୟଚାନ୍ଦପୁର ଥାନା ଅଧୀନ ମାହାଳ ଗ୍ରାମରେ ଜନୈକା ମହିଳାଙ୍କୁ ଘରେ ଏକୁଟିଆ ରହୁଥିବା ସୁଯୋଗ ନେଇ ରାତି ୧୧.୩୦ ସମୟରେ ଅଭିଯୁକ୍ତ ଶଙ୍କର୍ଷଣ କଟିକିଆ ଝରକା ଡେଇଁ ସଂପୃକ୍ତ ମହିଳାଙ୍କ ଘରେ ପଶିଥିଲେ ।

ଘର ଭିତରେ ପଶିବା ପରେ ସଂପୃକ୍ତ ମହିଳାଙ୍କୁ ଅଭିଯୁକ୍ତ ଜୋର ଜବରଦସ୍ତି ଧରିବା ସହିତ ହାତରେ ମହିଳାଙ୍କ ପାଟିକୁ ମାଡି ବସିଥିଲେ ।ଫଳରେ ମହିଳା ଜଣକ ଆଉ ପାଟି କରିବାର ସୁଯୋଗ ପାଇ ନଥିଲେ । ଏହି ସୁଯୋଗରେ ଅଭିଯୁକ୍ତ ଜଣକ ସଂପୃକ୍ତ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ ।ଦୁଷ୍କର୍ମ କରିବା ପରେ ସେହି ଝରକା ଦେଇ ଅଭିଯୁକ୍ତ ଖସି ପଳାଇ ଯାଇଥିଲେ ।କିଛି ସମୟ ପରେ ସଂପୃକ୍ତ ମହିଳାଙ୍କ ସ୍ୱାମୀ ଘରକୁ ଫେରିବା ପରେ ମହିଳା ଜଣକ ସବୁ କଥା ସ୍ୱାମୀଙ୍କୁ ଜଣାଇ ଥିଲେ ।

ଏହି ଘଟଣାକୁ ନେଇ ଉଭୟ ଅଭୟଚାନ୍ଦପୁର ଥାନାକୁ ଯାଇ ଅଭିଯୁକ୍ତଙ୍କ ବିରୋଧରେ ଏତଲା ଦେଇଥିଲେ ।ଅଭୟଚାନ୍ଦପୁର ପୋଲିସ କେଶ ନମ୍ବର ୧୭୫/୨୦୧୩ ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତ ଶଙ୍କର୍ଷଣ କଟିକିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଆଜି ଏହି କେଶର ବିଚାର ହୋଇ ଅଭିଯୁକ୍ତ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ଅଭିଯୁକ୍ତକୁ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ ବିଚାର ପତି ଏସ.ଏ.କେ.ଜେଡ ଅହମ୍ମଦ ।ଏହି କେଶକୁ ଅତିରିକ୍ତ ସହକାରୀ ଓକିଲ ସୁଭାଷ ଭୂଷଣ ମହାପାତ୍ର ପରିଚାଳନା କରୁଥିଲେ ।

# ନଇଗୁଆଁ-ଦାଉଦପୁର ହାଇସ୍କୁଲ ଛାତ୍ରଛାତ୍ରୀଙ୍କ କୃତିତ୍ୱ



ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ସ୍ତରୀୟ ସୁରଭି ପ୍ରତିଯୋଗିତାରେ ନଇଗୁଆଁ-ଦାଉଦପୁର ହାଇସ୍କୁଲର ଛାତ୍ର ଛାତ୍ରୀମାନେ କୃତୀତ୍ୱ ଅର୍ଜନ କରିଥିବାରୁ ବିଦ୍ୟାଳୟ ତରଫରୁ ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ରାମକୃଷ୍ଣପୁର-ଓସ୍ତପୁର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମର ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଚିତାକର୍ଷକ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମାହାଙ୍ଗା ବିଧାୟକ ସାରଦା ପ୍ରଧାନ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସଫଳତା ଯୋଗୁ ପ୍ରଧାନ ଶିକ୍ଷକ ମାଧବାନନ୍ଦ ପତି ,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ହିମାଂଶୁ ଶେଖର ମହାନ୍ତି, ପୂର୍ବତନ ସରପଂଚ ଦିବାକର ସାହୁ, ସରପଂଚ ଲଳିତେନ୍ଦୁ ବିଶୋଇ, ସମିତି ସଭ୍ୟ ଆଶିଷ ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଏହି ସଫଳତା ନିମନ୍ତେ ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଜେପିର ଯୁବ ସଙ୍ଗଠନ ପକ୍ଷରୁ ସହାୟତା ଓ ସାଙ୍ଗଠନିକ ଆଲୋଚନା

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପରାମର୍ଶକ୍ରମେ ଆଜି ବିଜେପି ଯୁବ ସଙ୍ଗଠନ ପକ୍ଷରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀ କୋଟପୁର ମଣ୍ଡଳ ଅଧିନ ବିଭିନ୍ନ ଗ୍ରାମକୁ ଗସ୍ତକରି ସାଙ୍ଗଠନିକ ଆଲୋଚନା କରିବା ସହ ରୋଗରେ ପୀଡିତ ଲୋକମାନଙ୍କୁ ସହାୟତା କରାଯାଇଛି । ଧର୍ମଶାଳା ବିଧାୟକ ଶ୍ରୀ ସାହୁଙ୍କ ପରାମର୍ଶକ୍ରମେ ଆଜି ଧର୍ମଶାଳା ନିର୍ବାଚନମଣ୍ଡଳୀର ଯୁବସଙ୍ଗଠକ ରାଜେଶ କୁମାର ପାଳଙ୍କ ନେତୃତ୍ୱରେ ବିଜେପି ସଙ୍ଗଠନର କର୍ଯ୍ୟକର୍ତାମାନେ ଅରାବଳ ପଂଚାୟତକୁ ଯାଇ ଲୋକମାନଙ୍କ ସମସ୍ୟା ପଚାରି ବୁଝିବା ସହିତ ସାଙ୍ଗଠନିକ ଆଲୋଚନା କରିଥିଲେ । ଏଥିସହ ପକ୍ଷାଘାତରେ ଆକ୍ରାନ୍ତ ମୋହନପୁର ଗ୍ରାମର ହେମଲତା ମଲିକ ଓ ଅରାବଳ ଗ୍ରାମର ଅସହାୟ ଭାବେ ଜୀବନ ଅତିବାହିତ କରୁଥିବା ଅଜୟ ମଲିକ , ପକ୍ଷାଘାତରେ ଅକ୍ରାନ୍ତ ନାଳକୁଳ ଗ୍ରାମର ଶତ୍ରୁଘ୍ନ ମଲିକ ଓ କ୍ୟାନସର ରୋଗରେ ଆକ୍ରାନ୍ତ ଏହି ଗ୍ରାମର କୁନିଲତା ମଲିକଙ୍କୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସଦସ୍ୟ ଓ ବିଜେପି କାର୍ଯ୍ୟକର୍ତାମାନେ ସେମାନଙ୍କ ଘରେ ପହଁଚି ଆର୍ଥୀକ ସହାୟତା ପ୍ରଦାନ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ କୋଟପୁର ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକ ସମେତ ତୀର୍ଥରାଜ ପଣ୍ଡା, ପ୍ରଦୀପ କୁମାର ପରିଡା, ଅଭିଶେକ ରାଉତ,ବିଶ୍ୱଜିତ ପୃଷ୍ଟି, ଲୋକନାଥ ମହାନ୍ତି ପ୍ରମୁଖ ଶତାଧିକ ବିଜେପି ଯୁବ ସଙ୍ଗଠକ ଓ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ସାମିଲ ହୋଇଥିଲେ ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ



କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ ରଘୁରାମ୍.ଆର୍.ଆଇ.ଆର୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିବହନ ଅଧିକାରୀ ଲୋକନାଥ ମେହେରଙ୍କ ପରିଚାଳନାରେ ଆୟୋଜିତ ଏହି କମିଟି ବୈଠକରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷାର ବିଭିନ୍ନ ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ପୋଲିସ୍ ଏବଂ ଆର୍‌ଟିଓ ଦଳ ଦ୍ୱାରା ଅନଧିକୃତ ପାର୍କିଂ ଏବଂ ନିୟମିତ କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା କରାଯାଇଛି । ରାସ୍ତା ମାଲିକ କର୍ତ୍ତୁପକ୍ଷଙ୍କ ଦ୍ୱାରା ତୁରନ୍ତ ପ୍ରତିବନ୍ଧିତ ଯାନବାହାନ ପାଇଁ ସାଇନ୍‌ବୋର୍ଡ ସ୍ଥାପନ, ପୌର ପାଳିକା ଦ୍ୱାରା ବୁଲୁଥିବା ଗୋରୁଙ୍କ ପାଇଁ ଗୋଶାଳା ଓ ଆଶ୍ରୟସ୍ଥଳ ନିର୍ମାଣ, ୨୦୨୪-୨୦୨୫ ବର୍ଷ ପାଇଁ ସଡକ ସୁରକ୍ଷା ଦୁର୍ଘଟଣାର ମୃତ୍ୟୁହାର ଓ ତଥ୍ୟ ବିଶ୍ଳେଷଣ ଉପରେ ଆଲୋଚନା, ଦୁର୍ଘଟଣା ଏବଂ ସଡକ ସୁରକ୍ଷା ପାଇଁ ସହର ଭିତରେ ସିସିଟିଭି ନିରୀକ୍ଷଣ ମାଧ୍ୟମରେ ଚାଲାଣ ଜାରି କରିବା, ଦୁର୍ଘଟଣା ଓ ଦ୍ରୁତ ଗତିରେ ଗାଡି ଗୁଡିକୁ ନିୟନ୍ତ୍ରଣ କରିବା ପାଇଁ ସମ୍ବେଦନଶୀଳ ସ୍ଥାନରେ ହମ୍ପ ନିର୍ମାଣ କରିବା, ମଟର ସାଇକେଲ୍‌ରେ ବେଆଇନ୍ ଭାବେ ଲଗାଯାଉଥିବା ସାଇଲେନ୍ସର ପାଇପ୍‌କୁ ଜବତ କରିବା ଏବଂ ନିୟମିତ ଭାବରେ ଗାଡି ଗୁଡିକୁ ଚେକିଂ କରିବା ଉପରେ ଆଲୋଚନା କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା

ଯାଜପୁର, (ସବ୍ୟୁ) : ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅନୁମୋଦନ ଏବଂ ଅନୁମତି କ୍ରମେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ନିର୍ମାଣ ଶ୍ରମିକ ମାନଙ୍କ ସହାୟତା ରାଶି ଡମି ଚେକ ମାଧ୍ୟମରେ ଶ୍ରମିକ ମାନଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୃତ୍ୟୁକାଳୀନ,ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୨୫ ଜଣଙ୍କୁ ୩୨,୭୦,୦୦୦/-,ଶିକ୍ଷା ସହାୟତା ବାବଦରେ ୨୧୯ ଜଣଙ୍କୁ ୧୨,୧୭,୦୦୦/-,ବିବାହ ସହାୟତା ବାବଦରେ ୧୦୨ ଜଣଙ୍କୁ ୫୦,୭୫,୦୦୦/- ଏବଂ ପ୍ରସୂତୀ କାଳୀନ ସହାୟତା ବାବଦରେ ୪ ଜଣଙ୍କୁ ୪୦,୦୦୦/- ଟଙ୍କା ର ସହାୟତା ରାଶି ପ୍ରଦାନ କରାଯାଇଛି । ସିଧା ଉକ୍ତ ୧,୯୭,୦୦,୦୦୦ /- ଅର୍ଥ ରାଶି ହିତାଧିକାରୀଙ୍କ ଆକାଉଣ୍ଟକୁ ଛାଡି ଦିଆଯାଇଛି ବୋଲି ଜିଲ୍ଲା ଶ୍ରମ ଅଧିକାରୀ ସୁଧିର କୁମାର ସାହୁ ପ୍ରକାଶ କରିଛନ୍ତି । ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର ଓ ଯାଜପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଏହା ସୁରୁଖୁରୁରେ ସମ୍ପନ୍ନ ହୋଇଛି । ଏତଦଭିନ୍ନ ଓଡିଶା ଅଣସଙ୍ଗଠିତ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୨ ଜଣ ହିତାଧିକାରୀଙ୍କ ମୃତ୍ୟୁ ପାଇଁ ତାଙ୍କ ମନୋନୀତ ବ୍ୟକ୍ତିଙ୍କୁ ୪,୦୦,୦୦୦/- ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଶଶିକାନ୍ତ ପ୍ରଧାନ, ନାରାୟଣ ଚନ୍ଦ୍ର ନନ୍ଦ, ପ୍ରକାଶ ଜେନା ପ୍ରମୁଖ ସହଯୋଗ କରିଥିଲେ ।


# ଆଧୁନିକ ସେବା ପାଇଁ ଜ୍ଞାନ କୌଶଳ ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ପୁରୁଣା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ସେବିକା ଜ୍ଞାନକୌଶଳ (ଅପ୍‌ଡେଟ୍ ନଲେଜ୍) ର ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏଏନ୍‌ଏମ୍ କଲେଜ୍‌ର ଅଧ୍ୟକ୍ଷ ଭାରତୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଡଃ. ପି.କେ. ପ୍ରହରାଜ, ଡଃ. ସଚ୍ଚିଦାନନ୍ଦ ମିଶ୍ର, ଡାଃ. ଶ୍ୟାମସୁନ୍ଦର ଟୁଡୁ, ଡାଃ. ଗୌରାଙ୍ଗ ଚରଣ ଗିରି ପ୍ରମୁଖ ଅତିଥିଭାବେ ଯୋଗଦେଇ ଏଏନ୍‌ଏମ୍ ଛାତ୍ରୀ ମାନଙ୍କୁ ବିପର୍ଯ୍ୟୟର ମୁକାବିଲା ଓ ନୂଆ ଜ୍ଞାନ କୌଶଳ ଉପରେ ଚିକିତ୍ସା କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହିତ ରାଜ୍ୟସ୍ତରରେ ଭିସି ମାଧ୍ୟମରେ ଏଏନ୍‌ଏମ୍ ଛାତ୍ରୀ ମାନଙ୍କୁ ଡକ୍ଟର ରଞ୍ଜିତା ବେହୁରା, ଡା. ନାରାୟଣୀ କୁମାରୀ ସାମଲ, ଡା. ସରସ୍ୱତୀ ବେହେରା, ରଶ୍ମିତା ନାୟକ ପ୍ରମୁଖ ଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ୟୁଟର ଅଞ୍ଜୁଆ ନାୟକ, ସୁଶ୍ରୀ ସଙ୍ଗୀତା ବିଶ୍ୱାଳ, ପ୍ରଭାତୀ ଜେନା, ଅନିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଓଲାଭର ନୋଡାଲ ଉଚ୍ଚ ବିଦ୍ୟାଳୟ ୧୯୭୮ ବ୍ୟାଚ୍ ବନ୍ଧୁମିଳନ

ରାଜକନିକା ,(ସବ୍ୟୁ) : ଓଲାଭର ନୋଡାଲ ଉଚ୍ଚ ବିଦ୍ୟାଳୟ ୧୯୭୮ ବ୍ୟାଚ ସହପାଠୀ ଙ୍କ ବନ୍ଧୁ ମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ । ଶ୍ରୀ ମହିମା ମଣ୍ଡପ ଓଲାଭର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ୧୯୭୮ ମାଟ୍ରିକ ବ୍ୟାଚର ସହପାଠୀନ ଏକତ୍ରିତ ହୋଇ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ । ପୁରାତନ ଛାତ୍ର ଧନେଶ୍ୱର ସାମଲଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସେକାଳର ଶିକ୍ଷକ ସନାତନ ପୃଷ୍ଟି, କୁର୍ତ୍ତିବାସ ନାୟକ, କ୍ଷେତ୍ରବାସୀ ପଢ଼ିଆରୀ, ବନମାଳୀ ସାହୁ,ବରିଷ୍ଠ କିରାଣୀ ରମାକାନ୍ତ ଦାସ ପ୍ରମୁଖ ଯୋଗ ଦେଇ ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିବା ସହିତ ୧୯୭୮ ବ୍ୟାଚ ସହ ପାଠୀଙ୍କ ଏହି କାର୍ଯ୍ୟକୁ ଭୁୟସୀ ପ୍ରଶଂସା କରିଥିଲେ । ପୁରାତନ ଛାତ୍ର ସଂସଦ ର ସଭାପତି ଚନ୍ଦ୍ର ଭାନୁ ନାୟକ, ସମ୍ପାଦକ ପ୍ରଦୀପ କୁମାର ଦାସ, କୋଷାଧକ୍ଷ ଅରୁଣ କୁମାର ବାରିକ, ଉପସଭାପତି କଳାକର ବେହେରା, ସହ ସମ୍ପାଦକ କାଳନ୍ଦୀ ବେହେରା ସଦସ୍ୟ ରବୀନ୍ଦ୍ର, ମଦନ, ସଞ୍ଜୟ, ଭୀମ, ରାମ, ଶେଖର, ଶକୁନ୍ତଳା, ନିର୍ମଳା, ପ୍ରତିମା, କିଶୋର,ଚିତ୍ତ,ପ୍ରଶାନ୍ତ ଙ୍କ ସମେତ ୧୯୭୮ ବ୍ୟାଚ ର ଅନାନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଢଳେଇର ଦୁଇ ସପ୍ତାହ ନପୂରୁଣୁ ରାସ୍ତା ଫାଟି ଆଁ



କୁଆଁପାଳ,(ସବ୍ୟୁ) : ବିକାଶ ମୂଳକ କାର୍ଯ୍ୟରେ ଦୁର୍ନୀତି ଅନୀୟମିତତା ପ୍ରଗତିର ପରିପନ୍ଥୀ । ଲୋକଙ୍କ ସରକାର ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶିଳତା ନୀତି ଅବଲମ୍ବନ କରୁଥିବା କୁହାଯାଉଥିବା ବେଳେ ବାସ୍ତବରେ ତୃଣମୂଳ ସ୍ତରରେ ଦୁର୍ନୀତି କିପରି ଖୁଲମ ଖୋଲା ଚାଲିଛି ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ନିର୍ମାଣଧିନ କଲ୍ୟାଣପୁର-ବରଅଠା ମୁଖ୍ୟମନ୍ତ୍ରୀ ସଡକ ପ୍ରକଳ୍ପ । ଖବରରୁ ପ୍ରକାଶ , ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଅଧିନସ୍ଥ କଲ୍ୟାଣପୁର-ବରଅଠା ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ଦେଖିବାକୁ ମିଳିଛି ।

ଉକ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇ ୬.୫ କୋଟି ଟଙ୍କା ବ୍ୟୟ ଅଟକଳରେ ମାହାଙ୍ଗା ବାହାରର ଜୈନିକ ଠିକାଦାରଙ୍କୁ ଠିକା କାର୍ଯ୍ୟ ଦିଆଯାଇଛି । ତେବେ ଏହି ରାସ୍ତାର ବାସୁଦେବପୁର ବଜାର ନିକଟରେ ଠିକାଦାରଙ୍କ ପକ୍ଷରୁ ଢଳେଇ କାର୍ଯ୍ୟ କରାଯାଇଥିବା ବେଳେ ବାହାର ଅଂଚଳରୁ ଗୋଳା ହୋଇ ଆସୁଥିବା କଂକ୍ରିଟ ଢଳେଇର ସିମେଂଟ ,ବାଲି,ଚିପ୍ସର ଭାଗମାପ ସଠିକ୍ ଢଙ୍ଗରେ କରାଯାଇନଥିବାରୁ ଦୁଇ ସପ୍ତାହ ନ ପୁରୁଣୁ ଢଳେଇ ଫାଟି ଆଁ କରିବା ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ସୃଷ୍ଟି ହୋଇଥିବା ଜଣାଯାଇଛି । ଏପରିକି ଫାଟି ଥିବା ଢଳେଇକୁ ତଡା ଯାଇ ପୁନଃ କଂକ୍ରିଟ କରଣ କାର୍ଯ୍ୟ କରାନଯାଇ ଦୋଷ ଲୁଚାଇବା ପାଇଁ ଅତି ତରବରିଆ ଭାବରେ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତୁରାରେ ଏହି ନିମ୍ନମାନର କାର୍ଯ୍ୟ ଯୋଗୁ ସୃଷ୍ଟ ଫାଟରେ ସିମେଂଟ ରସ ଲିପା ଯିବା ଘଟଣା ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରିକି ନିର୍ମାଣ ସମୟରେ ଢଳେଇ ଉପରେ ଆବଶ୍ୟକୀୟ ଭାଇବ୍ରେଟର ଚଲାଯାଉନଥିବାରୁ ରାସ୍ତାର ଅନେକ ସ୍ଥାନରେ ଛୋଟ ଛୋଟ ଫାଙ୍କ ରହିବା ଏବଂ ପରେ ତାହାକୁ ଶ୍ରମିକଙ୍କ ଦ୍ୱାରା ପୁନଃ ସିମେଂଟ ବୋଳିବା ଘଟଣା ଠିକାଦାର ଓ ଯନ୍ତ୍ରୀ ସରକାରୀ ଅର୍ଥକୁ କିପରି ପାଣିରେ ପକାଉଥାଆନ୍ତି ତାହା ଜଳ ଜଳ ହୋଇ ଦେଖାଯାଉଛି । ସେହିପରି ବାହାର ଅଂଚଳରୁ ମାଟି ଅଣାନଯାଇ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ଲଗାଯିବାର ପ୍ରାବଧାନ ରହିଥିଲାବେଳେ ସଂପୃକ୍ତ ଠିକାଦାର ଅନେକ ସ୍ଥାନରେ ରାସ୍ତା ମୂଳରୁ ମାଟି ତାଡି ରାସ୍ତା ଉପରେ ପକାଇ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରିଥିବା ଦେଖାଯାଇଛି । ଏପରିକି ଉକ୍ତ ସଡକଟି କଲ୍ୟାଣପୁର ଛକ ଠାରେ ୪ଟି ରାସ୍ତାକୁ ସଂଯୋଗ କରୁଥିବା ସ୍ଥାନରେ ଶିଳାନ୍ୟାସ କରାଯାଇଥିଲା । ଶିଳାନ୍ୟାସ ସ୍ଥାନ ଠାରୁ କୁଆଁପାଳର ଦୂରତ୍ୱ ୧ କିମି ରହିଥିବାବେଳେ କୁଆଁପାଳ ଠାରୁ କଲ୍ୟାଣପୁର ପର୍ଯ୍ୟନ୍ତ ସଡକଟି ପୂର୍ତ୍ତ ବିଭାଗ ଅଧିନରେ ନିକଟ ଅତିତରେ ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ କରାଯାଇଥିବାବେଳେ କାହା ସ୍ୱାର୍ଥରେ ଶିଳାନ୍ୟାସ ଫଳକରେ କଲ୍ୟାଣପୁର -ବରଅଠା ରାସ୍ତା ପରିବର୍ତେ କୁଆଁପାଳ -ବରଅଠା ରାସ୍ତା ଉଲ୍ଲେଖ କରାଯାଇଛି ତାହା ବୁଦ୍ଧିଜିବୀ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରିକି କାର୍ଯ୍ୟ ଆରମ୍ଭରୁ ଉକ୍ତ ପ୍ରକଳ୍ପରେ ସୂଚନା ଫଳକ ମରାନଯାଇ ଅଂଚଳବାସୀଙ୍କୁ ଅନ୍ଧାରରେ ରଖାଯାଇଥିବା ବେଳେ ଅଧିକାଂଶ ଦିନ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁନଥିବା ଦେଖାଯାଇଛି । ଏପରକି ସଂପୃକ୍ତ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଫାଟକରେ ଅଧିକାଂଶ ଦିନ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଏ ସଂପର୍କରେ କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜହନ ମଲିକଙ୍କୁ ପଚାରିବାରୁ ସେ ଫାଟ କିଛି ନୁହେଁ ବୋଲି କହିଥିଲେ । ଏହି ନିମ୍ନମାନର କାର୍ଯ୍ୟର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହୋଇଛି ।

# ବାତ୍ୟା ସତ୍ତ୍ୱେ ଅକ୍ଟୋବର ମାସରେ ଧର୍ମଶାଳାରେ ସ୍ୱଳ୍ପ ବୃଷ୍ଟିପାତ ରେକର୍ଡ଼

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକରେ ଚଳିତ ଅକ୍ଟୋବର ମାସରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି । ତେବେ ବାତ୍ୟା ମୋନ୍ଥାର ପ୍ରଭାବରେ ବର୍ଷା ଅଧିକ ପରିମାଣର ହେବା ନେଇ ପୂର୍ବାନୁମାନ କରାଯାଇଥିଲେ ମଧ୍ୟ ଗତକାଲି ଏହି ବ୍ଲକରେ ୮ ମିଲିମିଟର ଓ ଆଜି ୧୫ ମିଲିମିଟର ବର୍ଷା ହୋଇଥିବା ବେଳେ ଯାଜପୁର ବ୍ଲକରେ ଦୁଇଦିନ ମଧ୍ୟରେ ସର୍ବାଧିକ ୭୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସମଗ୍ର ଜିଲ୍ଲାର ୧୦ ଗୋଟି ବ୍ଲକ ମଧ୍ୟରୁ ଧର୍ମଶାଳା ବ୍ଲକରେ ଚଳିତ ମାସ ଆଜି ପର୍ଯ୍ୟନ୍ତ ସର୍ବନିମ୍ନ ୪୩ ମିଲିମିଟର ବର୍ଷା ହୋଇଥିବା ବେଳେ ଯାଜପୁର ବ୍ଲକରେ ସର୍ବାଧିକ ୧୭୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି ମୋନ୍ଥା ପ୍ରଭାବରେ ଧର୍ମଶାଳା ସମେତ ଜିଲ୍ଲାର ବିଭିନ୍ନ ବ୍ଲକରେ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଥିଲେ ମଧ୍ୟ ଏହା ଭୁଲ ପ୍ରମାଣିତ ହୋଇଛି । ତେବେ ଏହି ଅଦିନିଆ ବର୍ଷାରେ ବ୍ଲକର କେତେକ ସ୍ଥାନରେ ଧାନ ଫସଲ ନଷ୍ଟ ହେବା ସହ ପନିପରିବା ଚାଷ ଉପରେ ଏହାର ପ୍ରଭାବ ପଡିଛି ।

# ବର୍ଷା ଯୋଗୁ ପରିବା ଚାଷୀ କ୍ଷତିଗ୍ରସ୍ତ

କୁଆଖିଆ , (ସବ୍ୟୁ): ରସୁଲପୁର ବ୍ଲକ ଅଂଚଳରେ ୨ ଦିନ ଧରି ଲଗାଣ ବର୍ଷା ଫଳରେ ପରିବା ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି । ବଡକଇଁଚି, ଗନ୍ଦଣ, ଓଡିଶୋ, ଭୋଟକା, ରସୁଲପୁର, ମୁଗୁପାଳ, ବାହାଦଲପୁର, ପ୍ରଥମଖଣ୍ଡ, ସିଂହାପୁର, ଯାବରା, ଶ୍ରୀବନ୍ତପୁର, ନଥୁଆବର, ରାହାମ୍ବା ଆଦି ବିଭିନ୍ନ ପଂଚାୟତର କୋବି, ଭେଣ୍ଡି, ବାଇଗଣ, ଛୁଇଁ, ସାଗ ସବୁ ପଚିଯାଇଛି । ପନିପରିବା ଦର ମଧ୍ୟ ଆକାଶ ଛୁଆଁ ବୃଦ୍ଧି ପାଇଛି । ବର୍ଷା ପାଣି ବିଲରେ ଜମି ରହିବା ଫଳରେ ରବି ଫସଲରେ ମଧ୍ୟ ଅସୁବିଧା ଦେଖାଦେଇଛି । କୋବି ଗଛମୂଳ ପଚି ଯିବା ଫଳରେ ଚାଷୀ ମାନେ ପୁଣି ଆଉ ଥରେ କୋବି ଚାରା ଲଗାଇବାକୁ ପ୍ରସ୍ତୁତ ହେଲେଣି । ଖ୍ୟତି ଗ୍ରସ୍ତ ଚାଷୀ ଙ୍କୁ ସରକାରୀ ସହାୟତା ଦେବାକୁ ରସୁଲପୁର ବ୍ଲକ ପରିବା ଚାଷୀ ନିବେଦନ କରିଛନ୍ତି ।

## ନନ୍ଦନକାନନ : ଆଖିବୁଜିଲା କୁଟୁରା , ସାରସ ପକ୍ଷୀ ଅସୁସ୍ଥ

ବାରଙ୍ଗ ,(ସବ୍ୟୁ) : ଗୋଟିଏ ୪ ମାସର କୁଟୁରା ଚିକିତ୍ସା ପାଇଁ ଆସି ସୁସ୍ଥ ହେବା ପରିବର୍ତ୍ତେ ମତ୍ୟୁ ହୋଇଥିବା ବେଳେ ଆଉ ଗୋଟେ ସରସ ପକ୍ଷୀ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି । ତେବେ ଏହି ଅସୁସ୍ଥ ସରସ ପକ୍ଷୀ ସୁସ୍ଥ ହୋଇ ଖୁଆଡ କୁ ଫେରିବ ନା କୁଟୁରା ପରି ଆଖିବୁଜିବ ତାହା ସମୟ କହିବ ବୋଲି ପଶୁପ୍ରେମୀଙ୍କ ମହଲରେ ଚର୍ଚ୍ଚା ହେଉଛି ।ସୂଚନା ଯୋଗ୍ୟ ଯେ ,ପ୍ରାଣୀ ଉଦ୍ୟାନ ନନ୍ଦନକାନନର କୁଟୁରା ଖୁଆଡ଼ ରେ ରହୁଥିବା ୪ମାସର କୁଟୁରା ଅସୁସ୍ଥ ହୋଇପଡ଼ିଥିଲା । ଖୁଆଡ ରେ ନିୟୋଜିତ ଥିବା କର୍ମଚାରୀ ଦେଖି କର୍ତ୍ତୃପକ୍ଷ ଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇଁ କର୍ତ୍ତୃପକ୍ଷ ମଙ୍ଗଳବାର ଦିନ ଏହି କୁଟୁରାକୁ ଡାକ୍ତରଖାନାକୁ ଆଣି ଚିକିତ୍ସା ଜାରି ରଖିଥିବା । ଜଣା ପଡିଲା ଯେ କୁଟୁରା ଟିର ପେଟତଳ ନାଭୀପାଖରେ କ୍ଷତ ହୋଇଥିବାର ଜାଣିବାକୁ ପାଇଥିଲେ ।

# ଦେଢ଼ ମାସ ପରେ ନାଲସିଂହ ଅଟଳା ପାହାଡ଼ରୁ ସୁନିଲଙ୍କ ଗଳିତ ଶବ ଉଦ୍ଧାର
# ନିକଟରେ ପଡ଼ିଥିଲା ବାଇକ , ମୋବାଇଲ, ବିଷ ବୋତଲ



ନିରାକାରପୁର,(ସବ୍ୟୁ): ସୁନିଲ ପ୍ରାୟ ଦେଢ଼ ମାସ ତଳେ ହେବ ନିଖୋଜ ଥିବାବେଳେ ପରିବାର ଲୋକେ ଭୁବନେଶ୍ୱର ମଞ୍ଚେଶର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ବୁଧବାର ଦିନ ତାଙ୍କ ପୁଅ ସୁନିଲର ଶବ ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଅଚ୍ୟୁତପୁର ପଞ୍ଚାୟତ ନାଲସିଂହ ଅଟଳା ପାହାଡ଼ରେ ପଡ଼ିଥିବା ଖବର ପାଇ ଦୁଃଖର ପାହାଡ ମାଡ଼ି ବସିଥିଲା। ୭ ମାସ ତଳେ ବିବାହ ହୋଇଥିବା ସୁନିଲଙ୍କ ପରିବାର ଲୋକେ ମୃତ୍ୟୁ ଖବର ପାଇ ହୋଇଯାଇଥିଲେ ହତବାକ । ସୂଚନାଯୋଗ୍ୟ କି ବୁଧବାର ସକାଳୁ ନାଲସିଂହ ଅଞ୍ଚଳ ର କିଛି ଲୋକ କାଠ ପାଇଁ ଉକ୍ତ ପାହାଡକୁ ଯିବା ସମୟରେ ଏକ ବାଇକ (ନଂଓଡ଼ି ୦୨ ପି ୬୮୯୮) ପଡିଥିବାର ପ୍ରଥମେ ଦେଖିଥିଲେ। ପରେ ଜଣେ ଯୁବକର ଗଳିତ ଶବ ପଡିଥିବାର ଦେଖିବାକୁ ପାଇଥିଲେ। ପାଖରେ ଦୁଇଟି ମୋବାଇଲ ମଧ ପଡ଼ିଥିଲା। ପରେ ଜଂକିଆ ପୋଲିସ ଆଇଆଇସି ସୁଶାନ୍ତ କୁମାର ବେହେରା ସଦଳବଳେ ପହଞ୍ଚି ପରିବାର ଲୋକଙ୍କୁ ଯୋଗାଯୋଗ କରିବା ପରେ ପରିବାର ଲୋକ ଘଟଣାସ୍ଥଳକୁ ଆସିଥିଲେ। ପରେ ଯୁବକର ପରିଚୟ ମିଳିଥିଲା। ମୃତକ ଜଣକ କଟକ ଜିଲ୍ଲା ନିଆଳି ଥାନା କୁଳଶ୍ରୀ ଗ୍ରାମର ଅମୂଲ୍ୟ ସାହୁଙ୍କ ପୁତ୍ର ସୁନିଲ କୁମାର ସାହୁ ( ୩୫)। ସୁନିଲ ଭୁବନେଶ୍ୱର ପଳାଶୁଣୀ ଅଞ୍ଚଳରେ ଏକ ମୋବାଇଲ ଦୋକାନ କରିଥିଲେ। ଗତ ମାର୍ଚ୍ଚ ମାସରେ ସେ କେନ୍ଦ୍ରାପଡ଼ା ବିବାହ କରିଥିବାର ବି ସୂଚନା ମିଳୁଛି। ସୁନୀଲଙ୍କ ମୃତ କେମିତି ,କେଉଁ ପରିସ୍ଥିତିରେ ଏତେ ଦୂରରେ ଘଟିଲା ସେ ବିଷୟ ସମସ୍ତ ଙ୍କୁ ଆଶ୍ଚର୍ଯ୍ୟ କରିଛି। ଜଂକିଆ ପୋଲିସ, ସାଇଣ୍ଟିଫିକ ଟିମ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିବାବେଳେ ଟାଙ୍ଗୀ ଅତିରିକ୍ତ ତହସିଲଦାର ସନାତନ ବାରିକ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସି ପଞ୍ଚନାମା କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ହସ୍ପିଟାଲ ପଠାଯାଇଥିବା ଜଣାପଡିଛି। ଜଂକିଆ ଥାନାରେ ଏକ ଅପମୃତ୍ୟୁ ମାମଲା କେସ ନଂ ୨୬/୨୦୨୫ ରେ ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଆଇଆଇସି ସୁଶାନ୍ତ କୁମାର ବେହେରା ଠାରୁ ଜଣାପଡିଛି।

# ବ୍ୟାରିକେଡ଼ରୁ ହଟିଲା ଫଟୋ



ସାକ୍ଷୀଗୋପାଳ ,(ସବ୍ୟୁ): ସାକ୍ଷୀଗୋପାଳ ମନ୍ଦିରରେ ଆସନ୍ତା ୩୧ତାରିଖରେ ପବିତ୍ର ଅଁଳା ନବମୀ ଅବସରରେ ଠାକୁରାଣୀ ଶ୍ରୀ ଶ୍ରୀ ରାଧାରାଣୀଙ୍କର ପାଦ ଦର୍ଶନ ଅନୁଷ୍ଠିତ ହେବ । ଭକ୍ତମାନଙ୍କ ଦର୍ଶନ ନିମନ୍ତେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ୧୧ ଥାକିଆ ଷ୍ଟିଲ ବ୍ୟାରିକେ ନିର୍ମାଣ ହୋଇଛି । ଏହି ବ୍ୟାରିକେ ପରିସରରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ପରିଷଦର ଅନ୍ୟ ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ଫଟୋ ଲଗା ଯାଇଥିଲା । ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଏ ସମ୍ପର୍କରେ ସତ୍ୟବାଦୀ ତହସିଲଦାରଙ୍କ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରି ଅଁଳା ନବମୀ ସମନ୍ୱୟ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ କୌଣସି ରାଜନୈତିକ ଦଳ କିମ୍ବା ରାଜନୈତିକ ନେତାଙ୍କ ଫଟୋ ଲାଗି ପାରିବ ନାହିଁ କିମ୍ବା ରାସ୍ତା ଅତିକ୍ରମ କରି ତୋରଣ କରା ଯାଇ ପାରିବ ନାହିଁ ବୋଲି ହୋଇଥିବା ନିଷ୍ପତ୍ତିର ଉଲ୍ଲଙ୍ଘନ କରା ଯାଉଛିବୋଲି ଜଣାଇଥିଲେ ।ପରେ ପ୍ରଶାସନ ତରଫରୁ ଷ୍ଟିଲ ବ୍ୟାରିକେ ମଧ୍ୟରେ ଲଗା ଯାଇଥିବା ମନ୍ତ୍ରୀ ପରିଷଦ ଫଟୋ ଗୁଡିକ ହଟାଇ ଦିଆ ଯାଇଛି ।

## ଦୁର୍ଗାପୁର ପାହାଡରୁ ମୋରମ ଉଠାଣ: ମେସିନ ଜବତ

ବାଙ୍କୀ ,(ସବ୍ୟୁ): କାଯକ ଜିଲ୍ଲା ବାଙ୍କୀ ତହସିଲ ଅନ୍ତର୍ଗତ ତଥା ଦୁର୍ଗାପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ପୁରୁଣା ପାହାଡରୁ ପୂର୍ବରୁ ଚୋରାରେ ମୋରମ ଚାଲାଣ ହେଉଥିଲା। ମାତ୍ର ନିକଟସ୍ଥ ମାଳତୀ ପାହାଡରୁ ମୋରମ ଉଠାଣ ପାଇଁ ଲିଜଧାରୀଙ୍କୁ ଲିଜ ମିଳିଥିବା ବେଳେ ଲିଜଧାରୀ ସେଠାରୁ ମୋରମ ନ ନେଇ ଭଲ ପଥର ପାହାଡରୁ ପ୍ରୋକୋଲିନ ମେସିନ ଦ୍ୱାରା ଉଠାଣ କରିବା ଅଭିଯୋଗ ଗ୍ରାମବାସୀ କଟକ ଜିଲ୍ଲାପାଳ ଓ ଖଣି ବିଭାଗ ରେ ଅଭିଯୋଗ କରିଥିଲେ। କଟକ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ଅନୁଯାୟୀ କଟକ ଖଣି ବିଭାଗର ଦୁଇ ଜଣ ସହକାରୀ ଖଣି ଅଧିକାରୀ ଓ ବାଙ୍କୀ ତହସିଲଦାର ଅଶେଷ କୁମାର୍ ନାୟକ ପହଞ୍ଚି ରାଜସ ନିରୀକ୍ଷକଙ୍କ ଦାରା ମାପ ଚୁପ କରାଇ ବେଆଇନ ଭାବେ ଲିଜ ନେଇ ନ ଥିବା ପାହାଡରୁ ପୁଣି ମେସିନ ସାହାଯ୍ୟରେମୋରମ ଉତ୍ତୋଳନ କରୁଥିବାରୁ ମେସିନ ଜବତ କରି ଥାନାରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଖଣି ବିଭାଗ ଅଧିକାରୀ। ସେପଟେ ଏହି ପାହାଡ ଲିଜଧାରୀ ନିଜେ ଉପସ୍ଥିତ ନ ରହି ତାଙ୍କର ଦୁଇ ଜଣ ସହକର୍ମୀଙ୍କୁ ପଠାଇଥିଲେ। ତେଣୁ ଲିଜଧାରୀ ଲିଜ ନେଇଥିବା ପାହାଡରୁ ବିନା ମେସିନରେ ମୋରମ ଉତ୍ତୋଳନ କରିବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଗ୍ରାମ ର ଶହ ଶହ ଲୋକ ଏହି ଖଣି ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି । ଏ ସମ୍ପର୍କ ରେ ବାଙ୍କୀ ତହସିଲଦାର ଅଶେଷ କୁମାର୍ ନାୟକ ଙ୍କୁ ପଚାରିବାରୁ ସେ କହିଲେ ବେଆଇନ ଭାବେ ପଥର ଓ ମୋରମ ଉଠାଣ କରୁଥିବା ମେସିନକୁ ଜବତ କରାଯାଇଛି। ଥାନାରେ ରଖାଯିବ।

# ନିରତାରରେ ପକ୍ଷାଘାତ ଦିବସ ପାଳିତ



କଣ୍ଟାପଡ଼ା, (ସବ୍ୟୁ): ଓଲଟପୁରସ୍ଥିତ ଏସଭି ନିତାରରେ ଆଜି ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ପ୍ରତିଷ୍ଠାନରେ ଚିକିତ୍ସିତ ହେଉଥିବା ପକ୍ଷାଘାତ ଦିବାଙ୍ଗମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ଓ ବୈଷୟିକ ଉପନିର୍ଦ୍ଦେଶକ ଡାକ୍ତର କିଶୋରଚନ୍ଦ୍ର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଡାକ୍ତର କାହ୍ନୁଚରଣ ମଲିକ, ଅଧାପକ ବସନ୍ତ କୁମାର ନନ୍ଦ ଓ ସୁଜାତା ମହାରଥି କାର୍ଯକ୍ରମର ଆଭିମୁଖ ବାବଦରେ ଆଲୋକପାତ କରିବା ସହିତ ନିୟମିତ ବାୟାମ ଓ ଠିକ ସମୟରେ ଔଷଧ ସେବନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅନ୍ତେବାସୀ ଦିବ୍ୟାଙ୍ଗ ଓ ସେମାନଙ୍କ ପରିବାରବର୍ଗଙ୍କ ସମେତ ଅନୁଷ୍ଠାନର କର୍ମଚାରୀ ତଥା ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। କର୍ମଚାରୀମାନେ ଏହାକୁ ପରିଚାଳନା କରିଥିଲେ। ବସନ୍ତ କୁମାର ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନଶନ ପରେ ରାସ୍ତାସୀମା ନିର୍ଦ୍ଧାରଣ

କାକଟପୁର (ସବ୍ୟୁ) : କାକଟପୁର ବ୍ଲକ ଅଧିନସ୍ଥ ସୁହାଣପୁର ଗ୍ରାମପଞ୍ଚାୟତ ର (୮) ନମ୍ବର ୱାର୍ଡ ରେ ସରକାରୀ ରାସ୍ତା ନିର୍ମାଣ ପଦ୍ମ ଘୁଞ୍ଚିଲା ଭଳି ଘୁଞ୍ଚି ଘୁଞ୍ଚି ଯାଉଥିବାବେଳେ ୱାର୍ଡବାସୀ ଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା । ଏହି ରାସ୍ତାଟି ନିର୍ମାଣ ପାଇଁ ପ୍ଲଟ ନମ୍ବର (୧୧୪୨) ରେ ସୀମା ନିର୍ଦ୍ଧାରଣ ପାଇଁ କାକଟପୁର ବ୍ଲକ ବିଡ଼ିଓଙ୍କ ଚିଠି ସଂଖ୍ୟା (୮୮୦୭) ଦ୍ୱାରା ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ମଧ ସୀମା ନିର୍ଦ୍ଧାରଣ କରାଯାଉନଥିବାରୁ, ବୁଧବାର ଦିନ ତହସିଲ ଅଫିସ ସାମ୍ନାରେ ମଲିକ ଏନାମୁଲ ଙ୍କ ନେତୃତ୍ୱରେ ମଲ୍ଲିକ ହନିଫ, ତସଲିମ ଖାନ, ବାବୁ ଖାନ, ରମୁଁ ଖାନ, ରସିଦ ଖାନ, ମୁସିଲମ ଖାନ, ମହମଦ ଶିରାଜ, ମଲ୍ଲିକ ଜାହିର, କାମରାନ ଖାନ ଙ୍କ ସମେତ ଶତାଧିକ ଗ୍ରାମବାସୀ ଆମରଣ ଅନଶନ ରେ ବସିଥିଲେ । ସୁହାଣପୁର ସରପଞ୍ଚ ପ୍ରାର୍ଥୀ ଜଶୋବନ୍ତ ନାରାୟଣ ମହାନ୍ତି ଓ କାକଟପୁର ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ଅବଧୁତ ସ୍ୱାଇଁ ଘଟଣା ସ୍ଥଳରେ ପହଁଚି କାକଟପୁର ତହସିଲଦାର ଅଙ୍କିତା ଅନନ୍ଦିତାଙ୍କ ସହ ଆଲୋଚନା କରିବା ପରେ ଗ୍ରାମବାସୀ ଅନଶନରୁ ଓହରିଥିଲେ ।

# ଉପ ଜିଲ୍ଲାପାଳଙ୍କ ଗାଡି ଚଳାଉଥିବା ଡ୍ରାଇଭରଙ୍କ ଦବଙ୍ଗଗିରି

ବାଙ୍କୀ ,(ସବ୍ୟୁ): କଟକ ଜିଲ୍ଲା ବାଙ୍କୀ ଉପ ଜିଲ୍ଲାପାଳ ବ୍ୟବହାର କରୁ ଥିବା ଘରୋଇ ଗାଡିକୁ ମାସିକିଆ ଭଡା ସୂତ୍ରରେ ନିୟୋଜିତ କରାଯାଇଛି। ଏହି ଗାଡିର ଡ୍ରାଇଭର ଜଣକ ରତିରେ ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ବିନା ଅନୁମତିରେ ଅପ ବ୍ୟବହାର କରୁଥିବାର ଅଭିଯୋଗ ହୋଇଛି। ବାଙ୍କୀ ଉପ ଜିଲ୍ଲାପାଳଙ୍କ ଲେଖା ଫଳକ ଉପରେ କାଗଜ ଲଗାଇ ଦେଇ ନାଲି ବତି ଆଲୋକ ଜଳାଇ ବାଙ୍କୀ ଥାନା ଅନ୍ତର୍ଗତ ଜାତମୁଣ୍ଡିଆ ଛକ ଠାରେ ମଙ୍ଗଳବାର ରାତି ପ୍ରାୟ ୧୦ ଟାରେ ବାଲି ବୋଝେଇ ହାଇୱା, ଟ୍ରକ ଡ୍ରାଇଭରଙ୍କୁ ବାବୁ ଗାଡ଼ିରେ ଅଛନ୍ତି ତୁମ ଗାଡ଼ିର କାଗଜ ପତ୍ର ଚେକିଂ କରିବା ବାହାନାରେ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଛି । ଏପରିକି ଡ୍ରାଇଭର ଜଣକ ହାତରେ ପ୍ଲାଷ୍ଟିକ ପାଇପ ଧରି ଗୋଟିଏ ପରେ ଗୋଟିଏ ହାଇୱା ଡ୍ରାଇଭରଙ୍କ ଠାରୁ ଚାନ୍ଦା ମାଗିବା ବେଳେ କିଏ ଚାନ୍ଦା ନେବେ କହି ଉପ ଜିଲ୍ଲାପାଳଙ୍କ ନାଲି ବତି ଜଳୁଥିବା ଗାଡି ପାଖକୁ ଆସିବା ବେଳେ ଗାଡିରେ କେହି ନ ଥିଲେ । ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ନାଲବତୀ ଗାଡି ରଖି ଗାଡ଼ିର ଡ୍ରାଇଭର ନିଜେ ଚାନ୍ଦା ଆଦାୟ କରୁଛି ବୋଲି ହାଇୱା ଓ ଅନ୍ୟ ଗାଡ଼ିର ଡ୍ରାଇଭରମାନେ ଜାଣି ପୋଲିସ କୁ ଫୋନ କରିବା ବେଳକୁ ଡ୍ରାଇଭର ଶ୍ରୀଧର ସାହୁ ବାଙ୍କୀ ଆଡେ ଦ୍ରୁ ଗତିରେ ପଳାଇ ଯାଇଛି। ଏ ସମ୍ପର୍କ ରେ ବାଙ୍କୀ ଉପ ଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କ ଜାଣିଛି ବୋଲି କହିବା ସହ ତାଙ୍କୁ ବୁଧବାର ସକାଳୁ ଚାକିରିରୁ ବାହାର କରା ଯାଇଛ ବୋଲି କହିଥିଲେ । ତେବେ ଯେଉଁ ଘରୋଇ ସଂସ୍ଥା ଗାଡିକୁ ନିୟୋଜିତ କରିଛି। ସେ ସଂସ୍ଥା ଗାଡି କୁ ମାସିକ ଭଡ଼ାରେ ନ ଆଣି ଅନ୍ୟ ସଂସ୍ଥାରୁ ଗାଡି ଭଡା ସୂତ୍ର ରେ ଆଣିବା ପାଇଁ ଦାବି କରିଛନ୍ତି ଡ୍ରାଇଭର ମହାସଂଘ । ଏ ସମ୍ପର୍କ ରେ ବାଙ୍କୀ ଉପ ଜିଲ୍ଲାପାଳ ପ୍ରଣବ କୁମାର ବେହେରା ସ୍ୱୀକାର କରିଛନ୍ତି।

# ମହାବାତ୍ୟାକୁ ପୁରିଲା ୨୬ ବର୍ଷ : ଅସଜଡ଼ା ଉପକୂଳର ଉଜୁଡା ସମ୍ପଦ





ଅସ୍ତରଙ୍ଗ,(ସବ୍ୟୁ): ୧୯୯୯ ମାସିହା ଅକ୍ଟୋବର ମାସ ୨୯ଓ ୩୦ ତାରିଖ ରେ ହୋଇଥିବା ମହାବାତ୍ୟାକୁ ପୁରିଛି ୨୬ବର୍ଷ । ଏହି ବାତ୍ୟା ଥିଲା ସେହି ଶତାବ୍ଦୀର ସବୁଠାରୁ ଭୟଙ୍କର ମହାବାତ୍ୟା । ବାତ୍ୟାର ତିନି ଦିନ ପରେ ଅସ୍ତରଙ୍ଗ ର ଚିତ୍ର ଦିଖିବାକୁ ମିଳିଥିଲା ହୃଦୟ ବିଦାରକ । ସବୁଜ ଶସ୍ୟ କ୍ଷେତ୍ର ରେ ଭରପୁର ହୋଇଥିବା ଶ୍ୟାମଳ ଶସ୍ୟ କ୍ଷେତ୍ର ବୁଡି ଥାଏ ପାଣି ଭିତରେ। ଚାରିଆ କଳା କୀଟ କୀଟ ପଚା ପାଣି ଓ ପଶୁ ପକ୍ଷି ମଣିଷ ଓ , କୁଢ଼ କୁଢ଼ ଗାଈ ଗୋରୁଙ୍କ ଶବ । ସମୁଦ୍ର କୂଳରେ ଥିବା ଝାଉଁ ଜଙ୍ଗଲ ସମ୍ପୂର୍ଣ ବିପର୍ଯ୍ୟସ୍ତ । ମାଛ ଧାରା ପାଇଁ ଉଦିଷ୍ଟ ନୂଆ ଗଡ଼ ଜେଠି ଭାଙ୍ଗି ଚୁରମାର । ମୋଟ ଉପରେ ମହାବାତ୍ୟା ସବୁ କିଛି ଲୁଟି ନେଇଥିଲା ଅସ୍ତରଙ୍ଗ ଅଞ୍ଚଳରୁ । ଅସ୍ତରଙ୍ଗ ହେଉଛି ମହାବାତ୍ୟାର ସବୁଠାରୁ କ୍ଷତି ଗ୍ରସ୍ତ ଅଞ୍ଚଳ । ଗଣ ମାଧ୍ୟମରେ ଅସ୍ତରଙ୍ଗ ର କରୁଣ କାହାଣୀ ପ୍ରଚାରିତ ହେବା ପରେ ଏହି ଅଞ୍ଚଳକୁ ଧାଇଁ ଆସିଥିଲେ ଦେଶ ତଥା ବାହାର ନେତୃବୃନ୍ଦଙ୍କ ସମେତ ବିଶିଷ୍ଟ ସମାଜସେବୀ ।ସେମାନଙ୍କ ଭିତରେ ଥିଲେ ସୋନିଆ ଗାନ୍ଧୀ, ଗୁଲାବନବି ଆଜାଦ, ଚିଲା ଦୀକ୍ଷିତି, ପି ଏ ଶାଙ୍ଗାମା ଙ୍କ ସମେତ କେୟାର ମୁଖ୍ୟ ।। ଆରମ୍ଭ ହୁଏ ବାତ୍ୟା କ୍ଲିଷ୍ଟ ଲୋକଙ୍କ ଥାଇ ଥାନ ଯୋଜନା । ପାଖା ପାଖି ଆଠ ହଜାର ଗୃହ ଶୂନ୍ୟ ପରି ବାରଙ୍କୁ ଇନ୍ଦିରା ଆବାସ ଗୃହ ଯୋଗାଇ ଦେବାର ହୁଏ ଯୋଜନା। ବିଭିନ୍ନ ବେସରକାରୀ ଓ ସରକାରୀ ଅନୁଷ୍ଠାନମାନଙ୍କ ଦାରା ୩୦ ଉର୍ଦ୍ଧ ସ୍ଥାନରେ ନିର୍ମାଣ ହୁଏ ବାତ୍ୟା ଆଶ୍ରୟ ସ୍ଥଳୀ । ଏହି ପୁନଃ ନିର୍ମାଣ ଯୋଜନାକୁ ତଦାରଖ କରିବା ପେଇଁ କେନ୍ଦ୍ର ମନ୍ତ୍ରୀ ଜର୍ଜ ଫର୍ନାଡେଜି,ଜାତି ସଙ୍ଘର ଉପମୁଖ୍ୟ ସଚିବ, ମୁଖମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ଉପ ମୁଖମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ, ବିଧାୟକ ସୁରୁନ୍ଦ୍ର ନାଥ ନାୟକ, ପୂର୍ବତନ ମୁଖମନ୍ତ୍ରୀ ଜାନକୀବଲ୍ଲ ପଟନାୟକ ପ୍ରମୁଖ ଆସନ୍ତି । ଏହି ୨୬ବର୍ଷ ଭିତରେ ଫନି, ତିତିଲି, ହୁଦୁହୁଦୁ ଭଳି ଛୋଟ ବଡ଼ ବାତ୍ୟା ଅତି ବାହିତ ହୋଇ ଥିଲେ ମଧ ଅସ୍ତରଙ୍ଗବାସୀ ସେହି ସବୁ ବାତ୍ୟାକୁ ସାମନା କରି ନିଜ ସ୍ଥିତିକୁ କିପରି ସୁଦୃଢ କରି ପାରିଛନ୍ତି । ତାହା ଆଗାମୀ ଦିନରେ ବିପର୍ଯ୍ୟୟକୁ ମୁକାବିଲା କରିବାରେ ସମସ୍ତଙ୍କର ମନୋଭାବକୁ ବଳିଷ୍ଠ ଓ ଅତୁଟ ରଖିବ ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ ।

# ବାତ୍ୟା ପ୍ରଭାବ: ପାଣିରେ ଭାସୁଛି ଧାନ

କଣାସ,(ସବ୍ୟୁ): :ବାତ୍ୟା ମୋନ୍ଥା ପ୍ରଭାବରେ ଦୁଇଦିନ ହେଲା ଲଗାଣ ବର୍ଷା ଓ ହାଲୁକା ପବନ ଜାରି ରହିଛି । ଫଳରେ ପାଚିବାକୁ ଥିବା ଧାନ ତଳେ ପଡି ଉପରେ ପାଣି ଲହଡ଼ି ଖେଳୁଛି। ଖଳା ମୁଣ୍ଡକୁ ଧାନ ଆସିବକି ନାହିଁ ଚିନ୍ତାରେ ଚାଷୀ। ଏହି ପରି ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ,ତ୍ରିଲୋଚନପୁର ପଞ୍ଚୟେତର କେତେକ ଚାଷୀଙ୍କର ଧାନ ପାଣିରେ ପଡ଼ିଯାଇଥିବା କୃଷି ଅଧିକାରୀଙ୍କୁ ଜଣାଇଛନ୍ତି । ଚାଷୀ ଧାର କରଜ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ଧାନ ଚାଷ କରିଥିବା ବେଳେ ଧାନ ପାଚିଲା ବେଳକୁ ଦିନେ ଦୁଇଦିନ ଯାଇଥିଲେ ଧାନ କଟା ହୋଇଥାନ୍ତା କିନ୍ତୁ ଲଗାଣ ବର୍ଷାରେ ଧାନ ପାଣିରେ ବୁଡି ନଷ୍ଟ ହେବାକୁ ବସିଛି ।ଦୋକନ୍ଦା , ବଡ଼ାସ,ପାଣ୍ଡିଆକେରା ପଞ୍ଚାୟତରେ ପନିପରିବା ଫସଲ ଭଲ ହୋଇଥିବା ବେଳେ ସେ ସବୁ ପାଣିରେ ବୁଡି ନଷ୍ଟ ହେବାକୁ ବସିଛି ।ଫଳରେ ବାହାରୁ ଆସୁଥିବା ପନିପରିବା ଦର ଆକାଶ ଛୁଆଁ ହୋଇଛି ।ଏଣୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାପାଇଁ ଚାଷୀମାନେ ଦାବି ହୋଇଛି ।



# ଭାରତର ଶ୍ରମ ସଂହିତା: ସମାବେଶୀ ଆର୍ଥିକ ବିକାଶରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ

**ଚନ୍ଦ୍ରଜିତ ବାନାର୍ଜୀ, ମହାନିର୍ଦ୍ଦେଶକ,**
**ଭାରତୀୟ ଉଦ୍ୟୋଗ ମହାସଂଘ (ସିଆଇଆଇ)**

ଭୂମି ଏବଂ ଶ୍ରମ ଭାରତର ବିକାଶର ଦୁଇଟି ଆଧାର ସ୍ତମ୍ଭ ଭାବରେ ସୁପରିଚିତ – ଭୂମି ଭିତ୍ତିଭୂମି ଏବଂ ଔଦ୍ୟୋଗିକ ବିକାଶକୁ ଗତି ପ୍ରଦାନ କରିଆସୁଛି, ଯଦ୍ୟପି ଶ୍ରମ ଉତ୍ପାଦକତା ଏବଂ ଅନ୍ତର୍ଭୁକ୍ତିକୁ ସମ୍ବର୍ଦ୍ଧନ କରିଥାଏ । ଏହି ପରିପ୍ରେକ୍ଷୀରେ, ଭାରତର ନୂତନ ଶ୍ରମ ସଂହିତା ଏକ ପରିବର୍ତ୍ତନକାରୀ ପଦକ୍ଷେପକୁ ଚିହ୍ନିତ କରେ, ୨୯ଟି ଆଇନକୁ ଏକ ଆଧୁନିକ, ଏକୀକୃତ ଢାଞ୍ଚାରେ ଏକୀକୃତ କରେ ଏବଂ ଶ୍ରମ କ୍ଷେତ୍ରରେ ସ୍ୱଚ୍ଛତା, ଏକରୂପତା ଏବଂ ସମାନତା ସୁନିଶ୍ଚିତ କରେ।

ଶ୍ରମିକମାନଙ୍କ ପାଇଁ, ଏହି ସଂହିତାଗୁଡ଼ିକ ଦୃଢ଼ ସାମାଜିକ ସୁରକ୍ଷା, ଏକ ସୁରକ୍ଷିତ କର୍ମକ୍ଷେତ୍ର ଏବଂ ଆନୁଷ୍ଠାନିକ ଲାଭ ପାଇଁ ବ୍ୟାପକ ପ୍ରବେଶ ପ୍ରଦାନ କରେ, ଯେତେବେଳେ ବ୍ୟବସାୟଗୁଡ଼ିକ ସରଳୀକୃତ ଅନୁପାଳନ, କର୍ମଶକ୍ତି ପରିଚାଳନାରେ ନମନୀୟତା ଏବଂ ବିଭିନ୍ନ କ୍ଷେତ୍ରରେ ସମାନ ସୁଯୋଗରୁ ଲାଭ ପାଆନ୍ତି। ଯଦିଓ ଏହାର ଚୂଡ଼ାନ୍ତ ପ୍ରଭାବ କାର୍ଯ୍ୟାନ୍ୱୟନର ଗୁଣବତ୍ତା ଉପରେ ନିର୍ଭର କରେ, ଏହି ସଂହିତାଗୁଡ଼ିକ ଏକବିଂଶ ଶତାବ୍ଦୀର ଅର୍ଥନୀତିର ଆବଶ୍ୟକତା ସହିତ ଭାରତର ଶ୍ରମ ବଜାରକୁ ପୁନଃସଜ୍ଜିତ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ ।

ଜୟପୁରରେ ବିତରଣ ସେବା ଠାରୁ ଆରମ୍ଭ କରି ସାନନ୍ଦରେ ପ୍ରଯୁକ୍ତିର ଭୂମିକା ଏବଂ ଗୁଆହାଟୀରେ ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ– ବିଭିନ୍ନ କ୍ଷେତ୍ରରେ ଭାରତର କାର୍ଯ୍ୟଶକ୍ତିର ଆକାଂକ୍ଷା କେବଳ ଏକାଭଳି ଅଟେ: ସୁରକ୍ଷିତ କାର୍ଯ୍ୟ ପରିସ୍ଥିତି ପର୍ଯ୍ୟନ୍ତ ପହଞ୍ଚ, ଉଚିତ ପାରିଶ୍ରମିକ ଏବଂ ଅନ୍ୟ ସ୍ଥାନକୁ ନେଇଯିବା ଭଳି ତଥା ବିଶ୍ୱସନୀୟ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା । ଶ୍ରମିକମାନେ କାରଖାନାରେ ଯେପରି ଭାବରେ କାର୍ଯ୍ୟରତ ଥାଆନ୍ତୁ କିମ୍ବା କ୍ଷେତରେ କାର୍ଯ୍ୟ କରୁଥାଆନ୍ତୁ, କିମ୍ବା ପ୍ଲାଟଫର୍ମ – ଆଧାରିତ ସେମାନଙ୍କ ସହିତ ଜଡ଼ିତ ହୋଇଥାଆନ୍ତୁ, ସେମାନଙ୍କୁ ତିନିଗୋଟି ମୁଖ୍ୟ ଆଶ୍ୱାସନା ଆବଶ୍ୟକ ଯାହାକି ସେମାନେ ଚାହିଁଥାଆନ୍ତି: ଉପାର୍ଜନ ସ୍ଥିରତା, ପୂର୍ବାନୁମାନଯୋଗ୍ୟ ସାମାଜିକ ସୁରକ୍ଷା ଏବଂ ନିଯୁକ୍ତିରେ ମର୍ଯ୍ୟାଦା । ଭାରତର ଚାରିଗୋଟି ଶ୍ରମ ସଂହିତା ଏହି ଆକାଂକ୍ଷାକୁ ଜୀବନ୍ତ ବାସ୍ତବିକତାରେ ପରିବର୍ତ୍ତନ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଫଳରେ ସମତା ଏବଂ ସୁରକ୍ଷାର ସିଦ୍ଧାନ୍ତ କାର୍ଯ୍ୟ ଜଗତରେ ଅନ୍ତର୍ନିହିତ ହେବାକୁ ସୁନିଶ୍ଚିତ କରିପାରିବ ।

ଏଭଳି ସଂସ୍କାର କେନ୍ଦ୍ରରେ ରହିଛି– ସାମାଜିକ ସୁରକ୍ଷାର ଛତ୍ର ବିସ୍ତାର । ଲକ୍ଷ ଅସଂଗଠିତ, ଗିଗ୍ ଏବଂ ପ୍ଲାଟଫର୍ମ ଶ୍ରମିକ, ଯେଉଁମାନେ ଭାରତର କାର୍ଯ୍ୟବଳର ଏକ ମହତ୍ତ୍ୱ ପୂର୍ଣ୍ଣ ଅଂଶ ବିଶେଷ ବୋଲି ବିବେଚନା କରାଯାଇଥାଏ, ତାହା ନୂତନ ବ୍ୟବସ୍ଥା ଅଧୀନରେ ଔପଚାରିକ ମାନ୍ୟତା ପ୍ରାପ୍ତ କରିବ ଏବଂ ଅନେକ ସୁବିଧାମାନଙ୍କ ପାତ୍ରରେ ପରିଣତ ହେବ । ଭବିଷ୍ୟନିଧି, ସ୍ୱାସ୍ଥ୍ୟ ବୀମା ଏବଂ ମାତୃତ୍ୱ ଲାଭର ପ୍ରାବଧାନ ବର୍ତ୍ତମାନ ଔପଚାରିକ କ୍ଷେତ୍ରରେ କର୍ମଚାରୀମାନଙ୍କ ପର୍ଯ୍ୟନ୍ତ ସୀମିତ ହୋଇ ରହିବନାହିଁ ବରଂ ଐତିହାସିକ ଭାବରେ ବହିଷ୍କୃତ ଶ୍ରେଣୀମାନଙ୍କ ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରିବେ । ଏଭଳି ପରିବର୍ତ୍ତନ, କେବଳ ଦୁର୍ବଳ ଶ୍ରମିକମାନଙ୍କ ନିମନ୍ତେ ସୁରକ୍ଷା ସୁବିଧାକୁ ମଜଭୁତ କରେନାହିଁ, ଅପର ପକ୍ଷେ ଉଦ୍ୟୋଗମାନଙ୍କ ଉପାର୍ଜନକୁ ଔପଚାରିକ ବନାଇବା ସକାଶେ ମଧ ପ୍ରୋତ୍ସାହିତ କରିଥାଏ, ଯଦ୍ୟପି ଏହାର ପରିଣାମ ସ୍ୱରୂପ ସାମାଜିକ ସୁରକ୍ଷାର ସମଗ୍ର ଆଧାରର ମଧ ବିସ୍ତାରଣ ହୋଇଥାଏ ।

ସାମାଜିକ ସୁରକ୍ଷା ସଂହିତା, ୨୦୨୦ ଔପଚାରିକ ଭାବରେ ଗିଗ୍, ପ୍ଲାଟଫର୍ମ ଏବଂ ଅସଂଗଠିତ ଶ୍ରମିକମାନଙ୍କୁ ଆନୁଷ୍ଠାନିକ ମାନ୍ୟତା ପ୍ରଦାନ କରିଥାଏ ତଥା କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମଧ୍ୟରେ ସେମାନଙ୍କ ପାଇଁ ସେମାନଙ୍କ ସମର୍ପିତ ସାମାଜିକ – ସୁରକ୍ଷା କୋଷ ସ୍ଥାପନ କରିବାର ସୁବିଧା ମଧ ପ୍ରଦାନ କରିଥାଏ। ଏଗ୍ରିଗେଟର୍ସଙ୍କୁ ଟର୍ଣ୍ଣ ଆଉଟର ୧– ୨ ପ୍ରତିଶତ, ପେମେଣ୍ଟର ଅଧିକତମ ୫ ପ୍ରତିଶତ, ଯୋଗଦାନ କରିବା ନିମନ୍ତେ ବାଧ୍ୟ କରାଯାଇ ପାରିବ । ଯାହା ଗିଗ୍ ଏବଂ ପ୍ଲାଟଫର୍ମ ଶ୍ରମିକମାନଙ୍କ ଲାଭର ଆର୍ଥିକ ପୋଷଣର ଏକ ବ୍ୟବହାରିକ ଉପାୟ ବୋଲି ବିବେଚନା କରାଯାଇପାରେ । ଆଧାର– ଆଧାରିତ ପଞ୍ଜୀକରଣ ପୂର୍ବରୁ ଅଧିସୂଚିତ କରାଯାଇ ସାରିଛି ଏବଂ ଇ–ଶ୍ରମ ପୋର୍ଟାଲରେ ୩୧ କୋଟିରୁ ଅଧିକ ଶ୍ରମିକ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି । ପ୍ରତ୍ୟେକ ଶ୍ରମିକଙ୍କୁ ଏକ ସାର୍ବଭୌମିକ ଖାତା ସଂଖ୍ୟା (ୟୁନିଭର୍ସାଲ ଆକାଉଣ୍ଟ ନମ୍ବର– ୟୁ.ଏ.ଏନ.) ପ୍ରଦାନ କରାଯାଇଛି, ଯାହା ମାଧ୍ୟମରେ ସ୍ୱାସ୍ଥ୍ୟ ବୀମା, ମାତୃତ୍ୱ ସହାୟତା, କିମ୍ବା ବାର୍ଦ୍ଧକ୍ୟ ପେନସନ ଭଳି ଲାଭକୁ ନୂତନ କାର୍ଯ୍ୟସ୍ଥଳରେ ସ୍ଥାନାନ୍ତରିତ କରାଯାଇ ପାରିବ– ତାହା ସେମାନେ ଯେଉଁଠାରେ କାର୍ଯ୍ୟ କରୁଥାଆନ୍ତୁ ନା କାହିଁକି । ଇ–ଶ୍ରମ ରେଜିଷ୍ଟ୍ରୀ, ବାସ୍ତବ ପକ୍ଷେ, ଅସଂଗଠିତ ଶ୍ରମିକମାନଙ୍କ ସମ୍ପର୍କରେ ଭାରତର ପ୍ରଥମ ରାଷ୍ଟ୍ରୀୟ ଡାଟାବେସ୍ ଅଟେ– ଯାହା ସମାବେଶୀ ବିକାଶ ଏବଂ ସହନଶୀଳତା ଦିଗରେ ଏକ ଆବଶ୍ୟକ ପଦକ୍ଷେପ ବୋଲି କୁହାଯାଇପାରେ ।

ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ମଧ ସେତିକି ମାତ୍ରାରେ ପରିବର୍ତ୍ତନକାରୀ ଅଟେ, ଯାହା ସୁରକ୍ଷା ମାନଦଣ୍ଡଗୁଡ଼ିକୁ ଏକୀକୃତ କରେ ଏବଂ ବିଶେଷ ଭାବରେ ମହିଳାମାନଙ୍କ ସହମତି ଏବଂ ସୁରକ୍ଷା ଉପାୟମାନଙ୍କ ସହିତ ରାତି ସିଫ୍ଟରେ କାମରେ କାମ କରିବାର ଅନୁମତି ପ୍ରଦାନ କରିଥାଏ । ଏହି ପ୍ରଗତିଶୀଳ ଉପାୟ ମହିଳାମାନଙ୍କ ନିମନ୍ତେ ଥିବା ସୁଯୋଗକୁ ବିସ୍ତାର କରିଥାଏ, ଯଦ୍ୟପି ସୁରକ୍ଷାକୁ ଅନିବାର୍ଯ୍ୟ ବଜାୟ ରଖିଥାଏ । ଓଏସଏଚ ସଂହିତା ଦଣ୍ଡ ବଦଳରେ ପ୍ରତିରୋଧର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ବିପଦ– ଆଧାରିତ, ପ୍ରଯୁକ୍ତିବିଦ୍ୟା–ସକ୍ଷମ ଅନୁପାଳନ ଆଡ଼କୁ ଗତି କରି ଲାଇସେନ୍ସିଂ ଏବଂ ଯାଞ୍ଚ ବ୍ୟବସ୍ଥାକୁ ଯୁକ୍ତିଯୁକ୍ତ କରିଥାଏ । ସେହିପରି, ମଜୁରୀ ସଂହିତା କ୍ଷେତ୍ର କିମ୍ବା ଦକ୍ଷତା ସ୍ତର ନିର୍ବିଶେଷରେ ସମସ୍ତ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ଏବଂ ସମୟୋଚିତ ଦେୟ ବ୍ୟବସ୍ଥାକୁ ସାର୍ବଜନୀନ କରିଥାଏ।

ଔଦ୍ୟୋଗିକ ସମ୍ପର୍କୀତ ସଂହିତା, ବିବାଦ ସମାଧାନ ତନ୍ତ୍ରକୁ ଅଧିକ ମଜଭୁତ ଏବଂ ସାମାଜିକ ଆଲୋଚନାକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରେଛ । ବିବାଦ ବିବା ପୂର୍ବରୁ ଆଲୋଚନା, ସମାଧାନ ଓ ମଧ୍ୟସ୍ଥତାକୁ ପ୍ରୋତ୍ସାହିତ କରି, ଏହି ସଂହିତା ଏକ ଅଧିକ ସ୍ଥିର ଔଦ୍ୟୋଗିକ ସମ୍ପର୍କର ବାତାବରଣକୁ ଗଠନ କରିଥାଏ । ଏହା ବ୍ୟତୀତ, ଶ୍ରମିକ ସଂଗଠନ ମାନ୍ୟତା ଏବଂ ବଡ଼ ବଡ଼ ଉଦ୍ୟୋଗମାନଙ୍କ ସକାଶେ ସ୍ଥାୟୀ ଆଦେଶମାନଙ୍କ ସମ୍ପର୍କୀତ ସରଳୀକୃତ ନିୟମ ନିଯୁକ୍ତିଦାତା– କର୍ମଚାରୀମାନଙ୍କ ମଧ୍ୟରେ ସମ୍ପର୍କରେ ସ୍ୱଚ୍ଛତା ଏବଂ ପୂର୍ବାନୁମାନକୁ ଉନ୍ନତ କରିବା ପାଇଁ ଡିଜାଇନ କରାଯାଇଛି।

ଉଦ୍ୟୋଗମାନେ, ବିଶେଷ ଭାବର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ମାନଙ୍କ ନିମନ୍ତେ ଶ୍ରମ ଆଇନଗୁଡ଼ିକର ଅର୍ଥ ହେଲା ସରଳ ଭାବରେ ସେସବୁର ଅନୁପାଳନ ମାନକୀକୃତ ପରିଭାଷା, କମ୍ ରେଜିଷ୍ଟର, ଡିଜିଟାଲ ରୂପରେ ସବୁକିଛି କାର୍ଯ୍ୟ ଓ ଅଭିଯୋଗ ଦରଜ କରିବା ଏବଂ ଖୁବ୍ କମ୍ ଅସ୍ୱଷ୍ଟତା ରଖିବା । ଭାରତର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ.ଡି.ଆଇ.) ପ୍ରବାହ ୨୦୨୧–୨୨ ଆର୍ଥିକ ବର୍ଷରେ ୮୩.୬ ବିଲିଅନ ଆମେରିକୀୟ ଡଲାର ରହିଥିଲା ଏବଂ ଆର୍ଥିକ ବର୍ଷ ୨୦୨୪–୨୫ରେ ତାହା ୮୧ ବିଲିଅନ ଆମେରିକୀୟ ଡଲାର ସହିତ ବେଶ୍ ମଜଭୁତ ସ୍ଥିତିରେ ରହିଛି । ଏହି ସମୟ ମଧ୍ୟରେ ଭାରତ ସରକାର ଅନେକ ମହତ୍ତ୍ୱ ପୂର୍ଣ୍ଣ ସଂସ୍କାର ବ୍ୟବସ୍ଥା ମଧ କାର୍ଯ୍ୟକାରୀ କରିଛନ୍ତି, ଯାହା ମଧ୍ୟରେ ଶ୍ରମ ସଂସ୍କାରଗୁଡ଼ିକର ଅଧିନିୟମ ମଧ ସାମିଲ ରହିଛି । ଆର୍ଥିକ ବର୍ଷ ୨୦୨୧–୨୨ରେ ପୁଞ୍ଜିଗତ ବ୍ୟୟ ନିମନ୍ତେ ହାରାହାରି ୧୩ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଂଜି ଆବଣ୍ଟନ କରାଯାଇଛି । ଏହା ବ୍ୟତୀତ, ସଂସ୍ଥାଗତ ନୀତି, ଡିଜିଟାଲ ସଂସ୍କାର, ଦେଶରେ ବ୍ୟାପାର କରିବା ପ୍ରକ୍ରିୟାକୁ ଅଧିକ ସହଜସାଧ କରିବା ସହିତ ଏହାକୁ ଆଗକୁ ବାଇବାରେ ମଧ ସହାୟକ ହୋଇଛି । ଏହା ଫଳରେ ଭାରତ ସମଗ୍ର ବିଶ୍ୱରେ ଏକ ଆକର୍ଷକ ପୁଞ୍ଜି ନିବେଶ ଗନ୍ତବ୍ୟ ସ୍ଥଳରେ ପରିଣତ ହୋଇଛି ଏବଂ ଏହା ଫଳରେ ଅନୁପାଳନର ବୋଝକୁ ହ୍ରାସ କରିବା ନିମନ୍ତେ ଅନେକ ମହତ୍ତ୍ୱ ପୂର୍ଣ୍ଣ ସଂସ୍କାର ପଦକ୍ଷେପ ମଧ ଗ୍ରହଣ କରାଯାଇଛି । ଏହି ସମୟ ମଧ୍ୟରେ, ଉତ୍ପାଦନ କ୍ଷେତ୍ରରେ ଉନ୍ନତି ଏବଂ ସେମିକଣ୍ଡକ୍ଟର ଶିଳ୍ପ, କୋଇଲା କ୍ଷେତ୍ର, ଏବଂ ଶକ୍ତି ଏବଂ ଖଣିଜ କ୍ଷେତ୍ରକୁ ସୁଦୃଢ଼ କରିବା ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବଜାରରେ ଦେଶର ସ୍ଥିତିକୁ ଆହୁରି ମଜବୁତ କରିବାରେ ଅବଦାନ ଦେଇଥିଲା।

ତଥାପି, ଆଇନ ପ୍ରଣୟନ କେବଳ ଅଧା ଯୁଦ୍ଧ । ଶ୍ରମ ସମକାଳୀନ ତାଲିକାରେ ଏକ ବିଷୟ, ଅର୍ଥାତ କେନ୍ଦ୍ର ଏବଂ ରାଜ୍ୟ ଉଭୟଙ୍କୁ କାର୍ଯ୍ୟାନ୍ୱୟନ ପାଇଁ ନିୟମ ପ୍ରଣୟନ ଏବଂ ସୂଚିତ କରିବାକୁ ପଡିବ । ଯଦିଓ ଅଧିକାଂଶ ରାଜ୍ୟ ସମସ୍ତ ଚାରୋଟି ସଂହିତା ଅଧୀନରେ ନିୟମ ପ୍ରସ୍ତୁତ କରିଛନ୍ତି, ତଥାପି ଚୂଡ଼ାନ୍ତ ବିଜ୍ଞପ୍ତି ଜାରି କରିବାର ଗତି ଅସମାନ ରହିଛି। ଏକ ରାଷ୍ଟ୍ର, ଏକ ଶ୍ରମ ଆଇନ ବ୍ୟବସ୍ଥାର ଦୃଷ୍ଟିକୋଣକୁ ସାକାର କରିବା ପାଇଁ, କେନ୍ଦ୍ର ଏବଂ ସମସ୍ତ ରାଜ୍ୟ ଦ୍ରୁତ ଗତିରେ କାର୍ଯ୍ୟାନ୍ୱୟନ ଦିଗରେ ଅଗ୍ରସର ହେବା ଅତ୍ୟନ୍ତ ଜରୁରୀ।

ଏଭଳି ପରିବର୍ତ୍ତନକୁ ଅଧିକ ପ୍ରଭାବୀ କରିବା ନିମନ୍ତେ, କିଛି ପ୍ରାଥମିକତା ବର୍ତ୍ତମାନ ନଜରକୁ ଆସିଛି – ପ୍ରଥମ, ଅସଂଗଠିତ ଶ୍ରମିକମାନଙ୍କ କଭରେଜକୁ କ୍ରିୟାନ୍ୱିତ କରିବା । ଏଗ୍ରିଗେଟର୍ସ ନିମନ୍ତେ ଅଂଶଦାନ ମୂଲ୍ୟର ସୂଚନା ପ୍ରଦାନ, ପାରଦର୍ଶୀ ନାମାଙ୍କନ ଏବଂ ଲାଭ ବିତରଣ ପ୍ରଣାଳୀମାନ ସ୍ଥାପନ କରିବା ତଥା ଏକ ଉତ୍ତରଦାୟୀ ବ୍ୟବସ୍ଥା ସୁନିଶ୍ଚିତ କରିବା ନିମନ୍ତେ ସାର୍ବଜନୀନ ଡାଟାବେସ୍ ପ୍ରସ୍ତୁତ କରିବା । ପ୍ଲାଟଫର୍ମ ଶ୍ରମିକମାନଙ୍କ ନିମନ୍ତେ ସିଙ୍ଗାପୁରର କେନ୍ଦ୍ରୀୟ ଭବିଷ୍ୟ ( ସିପିଏଫ) ଭଳି ଆନ୍ତର୍ଜାତିକ ମଡେଲ, ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥାଏ ।

ଦ୍ୱିତୀୟ, ଡିଜିଟାଲ ଅବସଂରଚନାକୁ ବାସ୍ତବିକତାରେ ପରିବର୍ତ୍ତନ କରିବା । ଇ– ଶ୍ରମ, ଇପିଏଫଓ ଏବଂ ଇଏସଆଇସି ଡାଟାବେଶକୁ ଲିଙ୍କ୍ (ସଂଯୋଗ) କରିବା, ଯାହା ଫଳରେ ଶ୍ରମିକମାନେ ଯେଉଁଠାକୁ ଯାଆନ୍ତୁ ପଛକେ, ସୁଫଳ ପ୍ରାପ୍ତି ସେମାନଙ୍କ ସହିତ ହିଁ ଚାଲିଥିବ । ଆଧାର କାର୍ଡର ଉପଯୋଗ ଅନ୍ୟ ସ୍ଥାନକୁ ଯିବାର ସୁବିଧା (ପୋର୍ଟେବିଲିଟି) ନିମନ୍ତେ ବ୍ୟବସ୍ଥା କରାଯିବା ଆବଶ୍ୟକ, କେବଳ ସେମାନଙ୍କ ବହିଷ୍କରଣ ନିମନ୍ତେ ନୁହେଁ । ତୃତୀୟ, ସଚେତନତା ଏବଂ କ୍ଷମତାର ନିର୍ମାଣ । ଏମଏସଏମଇକୁ ସଂହିତାଗୁଡ଼ିକୁ ବୁଝିବା ନିମନ୍ତେ ହେଲ୍ପ ଡେସ୍କ ଏବଂ ସରଳୀକୃତ ମାର୍ଗଦର୍ଶିକାମାନ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି । ଶ୍ରମିକମାନଙ୍କୁ ବହୁଭାଷୀ ହେଲ୍ପଲାଇନ ଏବଂ କର୍ମ କ୍ଷେତ୍ରରେ ସହାୟତାର ଆବଶ୍ୟକତା ପଡ଼ିଥାଏ । ସରକାର, ଉଦ୍ୟୋଗ ନିଗମ ଏବଂ ସଂଘମାନଙ୍କ ସଂଯୁକ୍ତ ପ୍ରୟାସ ଏହା ସୁନିଶ୍ଚିତ କରୁଛି ଯେ, କାଗଜରେ ଲିଖିତ ଅଧିକାର, ଲାଭ ପ୍ରାପ୍ତିରେ ପରିବର୍ତ୍ତିତ ହେବା ଆବଶ୍ୟକ ।

ମୂଳତଃ ଏହି ସୁଧାର ଏହି ବିଶ୍ୱାସ ଉପରେ ଆଧାରିତ ଅଟେ ଯେ କାର୍ଯ୍ୟ ସୁରକ୍ଷିତ ହେବ ଏବଂ ଉଚିତ ମୂଲ୍ୟ ପ୍ରଦାନ କରାଯିବ । ସାମାଜିକ ସୁରକ୍ଷା ଶ୍ରମିକମାନଙ୍କ ସହିତ ରହିବ ଏବଂ ଅନୁପାଳନ ଏତେ ସରଳ ହେବ ଯେ, ସମସ୍ତେ ଏଥିରେ ଅଂଶଗ୍ରହଣ କରିପାରିବେ । ଏଭଳି ସଂରଚନାର ନିର୍ମାଣ ନିମନ୍ତେ ସରକାର ପ୍ରଶଂସାର ପାତ୍ର ହୋଇପାରିବେ । ଯଦି ଆମେ ଏସବୁକୁ ଗତି, ପାରଦର୍ଶିତା ଏବଂ ସହଯୋଗର ସହିତ କାର୍ଯ୍ୟାନ୍ୱୟନ କରିବା, ତେବେ ଏହିସବୁ ସଂହିତାଗୁଡ଼ିକ ଭାରତର ଭବିଷ୍ୟତର ବିକାଶ ଅଧ୍ୟାୟର ଆଧାର ହୋଇପାରିବ– ବ୍ୟବସାୟମାନଙ୍କ ନିମନ୍ତେ ପ୍ରତିସ୍ପର୍ଦ୍ଧା, ଶ୍ରମିକମାନଙ୍କ ଲାଗି ସମ୍ମାନଜନକ କାର୍ଯ୍ୟ ଏବଂ ନିବେଶକମାନଙ୍କ ପାଇଁ ପୂର୍ବାନୁମାନିତ ବ୍ୟାବସାୟିକ ବାତାବରଣ ମଧ ସୁନିଶ୍ଚିତ ହେବ । ଏହା ଏକ ବିକଶିତ ଭାରତର ମୂଳମନ୍ତ୍ର – ପ୍ରତ୍ୟେକ ଶ୍ରମିକଙ୍କ ନିକଟରେ ପହଞ୍ଚୁଥିବା ଅନ୍ତର୍ଭୁକ୍ତିକରଣ ସହିତ ଅଭିବୃଦ୍ଧି ଏବଂ ସମୃଦ୍ଧି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୭୫)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ )

**ବ୍ୟାସପ୍ରାସାଦାଚ୍ଛ୍ରୁତବାନେତଦ୍ ଗୁହ୍ୟମହଂ ପରମ୍ ।**
**ଯୋଗଂ ଯୋଗେଶ୍ୱରାତ୍‌କୃଷ୍ଣାତ୍‌ସାକ୍ଷାତ୍ କଥୟତଃ ସ୍ୱୟମ୍ ।। ୭୫ ।।**

(ଆତ୍ମନଃ ତତ୍‌ଶ୍ରବଣେ ସମ୍ଭାବନାମାହ)- ଅହଂ ବ୍ୟାସପ୍ରାସାଦାତ୍ ଇମଂ ପରଂ ଗୁହ୍ୟଂ ଯୋଗଂ ସାକ୍ଷାତ୍ (ସ୍ୱୟଂ) କଥୟତଃ ଯୋଗେଶ୍ୱରାତ୍ କୃଷ୍ଣାତ୍ ଶ୍ରୁତିବାନ୍ ।। ୭୫ ।।

# ୨୬ ବର୍ଷ ପରେ...

ଓଃ କି ବାତ୍ୟା ବିଭୀଷିକା! ୧୯୯୯ ଅକ୍ଟୋବର ୨୯ ଓ ୩୦ ତାରିଖର ସେହି ଭୟ ମିଶ୍ରିତ ଦୁଃଖର ଅନୁଭୂତିକୁ ଭୁଲି ହୁଏ ନାହିଁ ସହଜରେ । ଓଡ଼ିଶାକୁ ପୂର୍ବରୁ ବାତ୍ୟା ଆସିଥିଲା, ମାତ୍ର ଏପରି ଭୟଙ୍କର ବାତ୍ୟା ଆସି ନଥିଲା । ନାମ ଦିଆଯାଇ ଥିଲା ତାହାର 'ମହାବାତ୍ୟା' । ପ୍ରକୃତରେ ଉପକୂଳ ଓଡ଼ିଶାର ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ଏସବୁ ସହରର ଆଖପାଖ ଅଞ୍ଚଳରେ ମହାବାତ୍ୟା ତା'ର କରାଳ ରୂପ ପ୍ରଦର୍ଶନ କରିଥିଲା । ଦଶ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଥିଲେ । ସେହି ମହାବାତ୍ୟା ପରେ ଓଡ଼ିଶାରେ ହୁଏତ ୧୩ଟିରୁ ଅଧିକ ବାତ୍ୟା ଆସି ମଧ୍ୟ ଭୟ ପ୍ରଦର୍ଶନ କରିଛି । ଅବଶ୍ୟ ୨୦୧୯ରେ, ପ୍ରାୟ ଛଅ ବର୍ଷ ତଳେ ଓଡ଼ିଶା ଉପକୂଳରେ ମେ ୩ରେ 'ଫନୀ' ଆସିଥିଲା । କିନ୍ତୁ ମହାବାତ୍ୟା ପରି ନ ହେଲେ ମଧ୍ୟ ତା'ଠାରୁ ଅଳ୍ପ ପ୍ରକୋପରେ 'ଫନୀ' ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ଅନେକ କ୍ଷୟକ୍ଷତି କରିଥିଲା । ଗଛବୃଛ ଓ ଘରଦ୍ୱାର ଭାଙ୍ଗି ପକାଇଲା । ଅକ୍ଟୋବର ମାସରେ ବାତ୍ୟା ନ ହୋଇ ଖରାଦିନେ ଏହି 'ଫନୀ' ବାତ୍ୟା ହୋଇଥିବା ଘଟଣା ଅଧିକାଂଶ ସଚେତନ ବ୍ୟକ୍ତିଙ୍କୁ ବିଚଳିତ କରି ପକାଇଥିଲା ।

ଅବଶ୍ୟ ୧୯୯୯ର ମହାବାତ୍ୟା ପରେ ୨୦୧୩ ମସିହାରେ ସେହି ଅକ୍ଟୋବର ୧୪ରେ ବାତ୍ୟା 'ଫାଇଲିନ' ମଧ୍ୟ ଗଞ୍ଜାମର ଅନେକ ଅଞ୍ଚଳରେ ତାହାର କରାଳ ରୂପ ପ୍ରଦର୍ଶନ କରିଥିଲା । ସବୁଠାରୁ କ୍ଷତିଗ୍ରସ୍ତ ଅଞ୍ଚଳ ହୁମାର ଖଟିଆ ରାମଚନ୍ଦ୍ରପୁରକୁ 'ଓଡ଼ିଶା ଉଇଦାଉଟ ବୋର୍ଡର' ପକ୍ଷରୁ ଆମେ କେତେଜଣ ରିଲିଫ ବାଣ୍ଟିବାକୁ ଯାଇଥିଲୁ । ସେ ଗାଁ ଟି ଥିଲା ମାଡ୍ରାସ ଓଡ଼ିଆ ଏସୋସିଏସନର ପୂର୍ବତନ ସମ୍ପାଦକ ଶ୍ରୀ ନିରଞ୍ଜନ ମିଶ୍ରଙ୍କ ଗାଁ । ନିକଟସ୍ଥ ବାଉରୀ ଷ୍ଟ୍ରିଟ, ନୂଆଗାଁ ଓ ବରପାଲି ପ୍ରଭୃତି ଗ୍ରାମରେ ନିରଞ୍ଜନ ମିଶ୍ରଙ୍କ ସମେତ, ଅନ୍ୟ ଯେଉଁ କର୍ମକର୍ତ୍ତା ଓ ସଦସ୍ୟମାନେ ସାଙ୍ଗରେ ଥିଲେ, ସେମାନଙ୍କ ମଧ୍ୟରେ କ୍ଷୀରୋଦ ଜେନା (ମାଡ୍ରାସ), ସୀତାବଲ୍ଲଭ ମହାପାତ୍ର, ନିହାର ସାମନ୍ତରାୟ (ବାଙ୍ଗାଲୋର), ବିଶାଖାପାଟଣାର ଜେ.କେ. ନାୟକ, ବାଙ୍ଗାଲୋରର ନରେଶ ରଥ, 'ଓଡ଼ିଶା ଲାଇଭ୍'ର ନୀଳାମ୍ବର ରଥ, ବ୍ରହ୍ମପୁରର ସୁଶାନ୍ତ ସାବତ ପ୍ରମୁଖ ଆବଶ୍ୟକୀୟ ସାମଗ୍ରୀ ମଧ୍ୟରେ ଶୁଖିଲା ଖାଦ୍ୟ ଦ୍ରବ୍ୟ, ଲୁଗା, ଷ୍ଟୋଭ ପ୍ରଭୃତି ବିତରଣ କରିଥିଲେ । ଗୋଟାଏ ଗୋଟାଏ କୋଠାଘରର ଛାତକୁ ଫାଇଲିନ ବାତ୍ୟା ଉଡାଇ ନେଇ ନିକଟରେ ଫିଙ୍ଗି ଦେବାର ଦୃଶ୍ୟ ଖୁବ୍ ହୃଦୟ ବିଦାରକ ଥିଲା । ସେତେବେଳେ ଗୁଜରାଟର ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି (ପରବର୍ତ୍ତୀ ସମୟରେ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ) ଗୁଜରାଟରୁ ବହୁ ରିଲିଫ ସାମଗ୍ରୀ ବାତ୍ୟା ବିପନ୍ନଙ୍କ ସକାଶେ ପଠାଇଥିଲେ । ମାତ୍ର ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହିଁକି କେଜାଣି ସେହି ରିଲିଫ ଗ୍ରହଣ ନ କରିବାକୁ କହି ଫେରାଇ ଦେଇଥିଲେ । ସମ୍ଭବତଃ କେନ୍ଦ୍ରରେ ଥିବା କଂଗ୍ରେସ ସରକାରଙ୍କ ଚାପରେ ସେ ଏହା କରିଥିଲେ ବୋଲି ଚର୍ଚ୍ଚା ହେଉଥିଲା ସେତେବେଳେ । ସେ ଯାହା ହେଉ, ବିଗତ ୨୫ ବର୍ଷ ମଧ୍ୟରେ ଓଡ଼ିଶା ପ୍ରାୟ ୧୩ଟି ବାତ୍ୟାର ମୁକାବିଲା କରିଛି । ମାତ୍ର ସବୁଠାରୁ ଭୟାନକ ବାତ୍ୟା ଥିଲା ମହାବାତ୍ୟା । ଏହି ମହାବାତ୍ୟାର ପ୍ରାୟ ଦଶ ଦିନ ପୂର୍ବରୁ ଗଞ୍ଜାମ ଅଞ୍ଚଳରେ ମହାବାତ୍ୟା ପରି ନ ହେଲେ ମଧ୍ୟ ଅଳ୍ପ କିଛି ସେହିପରି ପ୍ରକୋପ ଦେଖାଇଥିଲା ବାତ୍ୟା । ପ୍ରବଳ ବୃଷ୍ଟିପାତ ଓ ପବନ ମଧ୍ୟ ରାଜଧାନୀ ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳକୁ ଗ୍ରାସ କରିଥିଲା । ସେତେବେଳେ ମୋବାଇଲ ଫୋନର ବ୍ୟବହାର ପ୍ରାୟ ନଥିଲା । କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏନ୍.ଡି.ଏ. ସରକାର ଓ ରାଜ୍ୟରେ ଗିରିଧାରୀ ଗମାଙ୍ଗଙ୍କ ନେତୃତ୍ୱରେ କଂଗ୍ରେସ ସରକାର । ଘଣ୍ଟାକୁ ପ୍ରାୟ ୨୦୦ କିଲୋମିଟର ବା ୨୫୦ କିଲୋମିଟର ପର୍ଯ୍ୟନ୍ତ ପବନ ବହୁଥାଏ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଗମାଙ୍ଗ ଗଞ୍ଜାମ ଅଞ୍ଚଳରେ ଏପରି ଭୟଙ୍କର ବାତ୍ୟା ବିଷୟରେ କୌଣସି ସୂଚନା ପାଇ ନଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ବାଜପେୟୀ ତାଙ୍କୁ ସେ ବିଷୟରେ ସୂଚନା ଦେଇ ଅବିଳମ୍ୱେ ବାତ୍ୟାର ମୁକାବିଲା ଲାଗି ଶ୍ରୀ ଗମାଙ୍ଗଙ୍କୁ ପରାମର୍ଶ ଦେଇଥିଲେ । ମାତ୍ର ଶ୍ରୀ ଗମାଙ୍ଗ ଗଞ୍ଜାମ ଅଞ୍ଚଳକୁ ପରିଦର୍ଶନ କରି ପାରି ନଥିଲେ ଏବଂ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ନବୀନ ପଟ୍ଟନାୟକ ରାସ୍ତାଘାଟ ସଫା କରାଇ ଗଞ୍ଜାମର ବାତ୍ୟାଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ । ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନ (ଏଇ କିଛି ମାସ ତଳେ ସେ ସ୍ୱର୍ଗାରୋହଣ କରିଛନ୍ତି) ଲ୍ୟାଣ୍ଡ ଫୋନ୍‌ରେ ଏ ସାମ୍ବାଦିକଙ୍କୁ ପଚାରି ଗଞ୍ଜାମ ବାତ୍ୟା ସମ୍ପର୍କରେ କିଛି ବୁଝିଥିଲେ । ମୋବାଇଲ ଫୋନର ପ୍ରଚଳନ ନଥିଲା ।

'ସମୟ'ର ପ୍ରତିଷ୍ଠାତା ବସନ୍ତ କୁମାର ବିଶ୍ୱାଳ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥାଇ ପରିସ୍ଥିତିର ମୁକାବିଲା ଦିଗରେ ମନ ବଳାଇଥିଲେ । ଏ ସାମ୍ବାଦିକ 'ସମୟ'ର ଭୁବନେଶ୍ୱର ମୁଖ୍ୟ ଭାବେ ଦାୟିତ୍ୱରେ ଥାଏ । ଏପରି ଏକ 'ମହାବାତ୍ୟା' ଆସିବ ବୋଲି ରାଜ୍ୟ ମନ୍ତ୍ରିମଣ୍ଡଳର ଜରୁରୀ ବୈଠକ ଗତ ୧୯୯୯ ଅକ୍ଟୋବର ୨୮ ତାରିଖ ସନ୍ଧ୍ୟାରେ ହୋଇଥାଏ । ଭାରତ ସରକାର ଫାକ୍ସ ଯୋଗେ ମହାବାତ୍ୟାର ଦ୍ରୁତ ଗତି ସଂପର୍କରେ ପଠାଇଥିବା ଏକ ଫଟୋଚିତ୍ର ଉପରେ ଆଲୋଚନା ଚାଲିଥାଏ । ସେହି ଫଟୋଚିତ୍ରର କପିଟାଏ ନିଜେ ଆଣି 'ସମୟ'ର ମଞ୍ଚେଶ୍ୱର କାର୍ଯ୍ୟାଳୟରେ ଦେଇଥିଲି । ସେ ଦିନ ସେହି କପିଟି 'ସମୟ'ର ପ୍ରଥମ ପୃଷ୍ଠା ମଣ୍ଡନ କରିଲା ସତ, ମାତ୍ର ପ୍ରାୟ ୨୫୦ରୁ ୩୦୦ କିଲୋମିଟର ବେଗରେ ପବନ ବହି ମହାବାତ୍ୟା ତା'ର କରାଳ ରୂପ ପ୍ରଦର୍ଶନ କରିବା ପରେ ରାସ୍ତାଘାଟରେ କେହି ଜଣେ ହେଲେ ବି ଚଳପ୍ରଚଳ କରିପାରିଲେ ନାହିଁ । ସମ୍ବାଦପତ୍ର ଏକା 'ସମୟ'ର ନୁହେଁ, କୌଣସି ସମ୍ବାଦପତ୍ର ପ୍ରସାରିତ ହୋଇପାରିଲା ନାହିଁ । ବାତ୍ୟା ପରବର୍ତ୍ତୀ ଅବସ୍ଥାରେ ବହୁ ଗୁରୁତ୍ୱପୂର୍ଣ୍ଣ ଖବର ଓ ଫଟୋ ଚିତ୍ର ବହନ କରି 'ସମୟ' ପ୍ରକାଶନ ନିୟମିତ ହୋଇଥିଲା । ଆମେମାନେ ଆଶ୍ୱସ୍ତ ହୋଇଥିଲୁଁ ।

ସେ ସମୟର ଫଟୋଚିତ୍ର ଉତ୍ତୋଳନ କରୁଥିବା 'ସମୟ'ର ଅଶୋକ ପଣ୍ଡା ଆଉ ଆମ ଗହଣରେ ନାହାନ୍ତି । କିନ୍ତୁ ମହାବାତ୍ୟାର ଫଟୋଚିତ୍ରକୁ ନିଜ କ୍ୟାମେରାରେ କଏଦ କରିଥିବା ଏବର 'ସମୟ'ର ଫଟୋ ସାମ୍ବାଦିକ ଅତୁଲ୍ୟ କୁମାର ମହାନ୍ତିଙ୍କ ମହାବାତ୍ୟାଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ସବୁ ବାତ୍ୟା ଓ ବନ୍ୟାର ଫଟୋଚିତ୍ର ପ୍ରଦର୍ଶନୀକୁ ଗତ ୨୮ ତାରିଖରେ ଜୟଦେବ ଭବନରେ ଉଦ୍‌ଘାଟନ କରିଛନ୍ତି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ । ସମ୍ମାନିତ ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ 'ସମୟ'ର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଅନିତା ମହାନ୍ତି । ଏହି ଫଟୋଚିତ୍ର ପ୍ରଦର୍ଶନୀ ଖୁବ୍ ଆକର୍ଷଣୀୟ ହୋଇପାରିଛି । ସେଦିନର ସ୍ମୃତିକୁ ସ୍ମରଣ କଲେ ଯୁଗପତ ହର୍ଷ ଓ ବିଷାଦରେ ଏକ ଅଦ୍‌ଭୁତ ଭାବାବେଗ ଆମମାନଙ୍କୁ ଉଦ୍‌ବେଳିତ କରୁଛି ।

ଜଗନ୍ନାଥଙ୍କ କୃପାରୁ 'ମୋଣ୍ଠା' ବାତ୍ୟା ଗତ ୨୮ ଅକ୍ଟୋବର (୨୦୨୫) ମଧ୍ୟ ରାତ୍ରରେ ଆନ୍ଧ୍ରପ୍ରଦେଶର ନର୍ସାପୁରମ୍‌ଠାରେ ସ୍ଥଳଭାଗରେ ଉପନୀତ ହୋଇଛି ଏବଂ ତାହାରି ପ୍ରଭାବରେ ଓଡ଼ିଶା ପ୍ରାୟ କ୍ଷତିଗ୍ରସ୍ତ ହୋଇ ନାହିଁ । ବାତ୍ୟାର ମୁକାବିଲା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ପ୍ରକୃତରେ ଆମମାନଙ୍କୁ ଆଶ୍ୱସ୍ତ କରିଛି ।

# ସମାଜ ଜୀବନର ସମୃଦ୍ଧି ପାଇଁ ସାମ୍ବାଦିକତା



**ପ୍ରହଲାଦ କୁମାର ସିଂହ**

ସମାଜ ଓ ରାଷ୍ଟ୍ରର କ୍ରାନ୍ତିକାରୀ ପରିବର୍ତ୍ତନ କ୍ଷେତ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ଏମିତିକି ପରାଧୀନତାର ବେଡିରୁ ଦେଶମାତୃକାକୁ ମୁକ୍ତ କରିବା ଲାଗି ଗଣମାଧ୍ୟମର ଅନବଦ୍ୟ ଅବଦାନ କେତେ, ତାହା ଆମ ସ୍ୱାଧୀନତା ସଂଗ୍ରାମ ଇତିହାସ କୁହେ । ସୁପ୍ତ ଜନମତକୁ ଜାଗ୍ରତ କରିବା ସହିତ ଗୋଟିଏ ଜାତି ପାଇଁ ବିକାଶର ପ୍ରଶସ୍ତ ରାଜପଥ ନିର୍ମାଣ କରେ ଗଣମାଧ୍ୟମ । ଏଥିଲାଗି ସଙ୍କଳ୍ପବଦ୍ଧ ଓ ସମର୍ପିତ ସାମ୍ବାଦିକ ଓ ସମ୍ପାଦକମାନେ କିଭଳି ସମୟ ସ୍ରୋତର ପ୍ରତିକୂଳ ଦିଗରେ ସନ୍ତରଣ କରି ଜାତିର ପ୍ରାଣରେ ନୂତନ ଚେତନା ଜାଗ୍ରତ କରାଇପାରନ୍ତି ତାହାର ଉଦାହରଣ ହେଉଛନ୍ତି ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ, ଲାଲା ଲଜପତ୍ ରାୟ, ମହାତ୍ମା ଗାନ୍ଧି, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଶ୍ରୀଅରବିନ୍ଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଆନିବେଶାନ୍ତଙ୍କ ଭଳି ପତ୍ରକାରମାନେ । ସାମ୍ବାଦିକତା ଓ ସମ୍ବାଦପତ୍ର ଏମାନଙ୍କ ପାଇଁ ବ୍ୟବସାୟ ନଥିଲା, ଥିଲା ଜାତି ପ୍ରେମବହ୍ନି ପ୍ରଜ୍ୱଳିତ କରିବାର ଅନ୍ୟତମ ମାଧ୍ୟମ । ଏଥିଲାଗି ତିଲକ୍, ଗାନ୍ଧି, ଗୋପବନ୍ଧୁଙ୍କ ଭଳି ସାମ୍ବାଦିକମାନେ ବାରମ୍ବାର କାରାବରଣ କରିଥିଲେ ମଧ୍ୟ ସେମାନେ ନିଜ ନିଜର ଲେଖନୀକୁ ବିଶ୍ରାମ ଦେଇନାହାନ୍ତି । ଏବେ ଆମ ଦେଶ ଓ ସମାଜ ବ୍ୟବସ୍ଥା ଆଗରେ ଯେତେସବୁ ସମସ୍ୟା ଉଭା ହେଉଛି ତାହାର ସଂସ୍କାର ପାଇଁ ପୁଣି ଲୋଡ଼ା ପଡୁଛନ୍ତି ଗାନ୍ଧି, ଗୋପବନ୍ଧୁ, ତିଲକ୍‌ଙ୍କ ଭଳି ଆଦର୍ଶବାଦୀ ସଂପାଦକ ଓ ସାମ୍ବାଦିକମାନେ ।

ସତ୍ୟାଗ୍ରହୀ ଗାନ୍ଧି ଦେଶର ସ୍ୱାଧୀନତା ଏବଂ ବଞ୍ଚିତ ଓ ଅତ୍ୟାଚାରିତ ଲୋକଙ୍କ ଅଧିକାର ସାବ୍ୟସ୍ତ ଲାଗି ୫୦ବର୍ଷରୁ ଅଧିକ ସମୟ ଧରି ଲଢିଛନ୍ତି । ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଅସ୍ପୃଶ୍ୟତା ନିବାରଣ, ନିଶା ନିବାରଣ, ନାରୀ ଜାଗରଣ, ମୌଳିକ ଶିକ୍ଷା, ଖଦୀ ଓ ଗ୍ରାମୋଦ୍ୟୋଗ, ଶିକ୍ଷାର ବିକାଶ, ପରିଚ୍ଛନ୍ନତା ସହ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟରକ୍ଷା ଏବଂ ଆର୍ଥିକ, ନୈତିକ, ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଆଦି ବିଭିନ୍ନ କ୍ଷେତ୍ରରେ କ୍ରାନ୍ତି ପାଇଁ ଗ୍ରାମସ୍ୱରାଜର ପ୍ରବକ୍ତା ଗାନ୍ଧି ଗଣସଂଗ୍ରାମ ସହ ରଚନାତ୍ମକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଉଥିଲେ । ତାଙ୍କର ସମସ୍ତ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ମାଧ୍ୟମ ଥିଲା ସମ୍ବାଦପତ୍ର । ଗାନ୍ଧୀଜୀଙ୍କ ଜୀବନର ଅନ୍ୟାନ୍ୟ ଦିଗ ସମ୍ପର୍କରେ ଅଧିକ ଆଲୋଚନା ହେଉଥିବାବେଳେ ତାଙ୍କ ସାମ୍ବାଦିକତା ଜୀବନ ସଂକ୍ରାନ୍ତରେ କିନ୍ତୁ କମ୍ ଚର୍ଚ୍ଚା ହୁଏ । କିନ୍ତୁ ସାମ୍ବାଦିକ ଗାନ୍ଧିଙ୍କ ସଙ୍କଳ୍ପବଦ୍ଧ, ସଂଘର୍ଷର କାହାଣୀ ବସ୍ତୁତଃ ଗଣମାଧ୍ୟମ ପାଇଁ ଢେର୍ ପ୍ରେରଣାଦାୟୀ ।

ବାରିଷ୍ଟରୀ ପଢିବା ପାଇଁ ଲଣ୍ଡନ ଯାଇଥିବାବେଳେ ଗାନ୍ଧିଜୀ ସେଠାରୁ ପ୍ରକାଶିତ ଏକ ସାପ୍ତାହିକ ପତ୍ରିକା 'ଦି ଭେଜିଟେରିଆନ୍' ପାଇଁ କିଛି କିଛି ଲେଖୁଥିଲେ । ତେବେ ଦକ୍ଷିଣ ଆଫ୍ରିକାକୁ ଆଇନ ବ୍ୟବସାୟ କରିବା ପାଇଁ ଯିବାପରେ ତାଙ୍କର ସାମ୍ବାଦିକ ଜୀବନ ନୂଆ ମୋଡ ନେଇଥିଲା । ସେଠାରେ ମନସୁଖ ଲାଲ୍ ନାଜାର ଓ ମଦନଜିତ୍ ନାମକ ଦୁଇ ଜଣ ଭାରତୀୟଙ୍କ ସହ ମିଶି ଗାନ୍ଧିଜୀ ୧୯୦୩ ଜୁନ୍ ୪ ତାରିଖରେ ଏକ ବହୁଭାଷୀ ପତ୍ରିକା ଆରମ୍ଭ କଲେ ଯାହା 'ଇଣ୍ଡିଆନ୍ ଓପିନିୟନ୍' ନାମରେ ବେଶ୍ ଚର୍ଚ୍ଚିତ ହୋଇଥିଲା । ଗାନ୍ଧିଜୀ ଏହାର ସମ୍ପାଦକ କିମ୍ବା ପରିଚାଳକ ନଥିଲେ, କିନ୍ତୁ ବସ୍ତୁତଃ ଏହି ପତ୍ରିକାଟି ଗାନ୍ଧି ବିଚାର ଓ ଦକ୍ଷିଣ ଆଫ୍ରିକାରେ ନିର୍ଯାତିତ ଭାରତୀୟମାନଙ୍କ ମୁଖପତ୍ର ଥିଲା । ଇଣ୍ଡିଆନ୍ ଓପିନିୟନ୍ ପତ୍ରିକା ପାଇଁ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ତାଙ୍କ ରୋଜଗାରରୁ ମୁଖ୍ୟାଂଶ ବ୍ୟୟ କରୁଥିଲେ । ଏହି ପତ୍ରିକାର ଲୋକପ୍ରିୟତା ଏଭଳି ଥିଲା ଯେ ଡର୍‌ବାନ୍‌ର ଡାକବିଭାଗ ଯେତେସବୁ ପତ୍ରିକା ପହଞ୍ଚାଉଥିଲେ ସେଗୁଡିକ ମଧ୍ୟରେ ଏହାଥିଲା ସର୍ବାଧିକ । ଲିଓ ଟଲ୍‌ଷ୍ଟୟଙ୍କଠାରୁ ଆରମ୍ଭ କରି ଦାଦାଭାଇ ନରୋଜି, ଗୋପାଲ୍‌କୃଷ୍ଣ ଗୋଖ୍‌ଲେ, ରୋମା ରୋଲାଁଙ୍କ ଭଳି ବିଖ୍ୟାତ ବ୍ୟକ୍ତିମାନେ ଦେଶ ବିଦେଶରେ ଥିଲେ ଏହି ପତ୍ରିକାର ବିମୁଗ୍ଧ ପାଠକ । ଇଣ୍ଡିଆନ୍ ଓପିନିୟନ୍‌ରେ ବିଶ୍ୱର ପ୍ରେରଣାଦାୟୀ ବ୍ୟକ୍ତିତ୍ୱମାନଙ୍କ ଜୀବନର ଝଲକ ପ୍ରକାଶ ପାଉଥିଲା । ସରଳ, ସଂକ୍ଷିପ୍ତ ଓ ସ୍ପଷ୍ଟ ରଚନାଶୈଳୀ ଯୋଗୁଁ ଏହି ପତ୍ରିକାଟିର ଗ୍ରହଣୀୟତା ଢେର୍ ଅଧିକ ଥିଲା। ଏଥିରେ କାହାପ୍ରତି ଆକ୍ଷେପ କିମ୍ବା କୁତ୍ସାରଟନା ପ୍ରକାଶ ପାଉନଥିଲା । ଏମିତିକି ବ୍ରିଟିଶ ସରକାର ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ତଥ୍ୟ ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ପରବର୍ତ୍ତୀ ସମୟରେ ଇଣ୍ଡିଆନ୍ ଓପିନିୟନ୍ ପତ୍ରିକା ଗାନ୍ଧିଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଟଲ୍‌ଷ୍ଟୟ ଫାର୍ମରୁ ଦୀର୍ଘବର୍ଷ ଧରି ପ୍ରକାଶିତ ହେଉଥିଲା । ବିଶେଷକରି ଏହାର ପାଠକମାନେ ଗାନ୍ଧିଜୀଙ୍କ ଲେଖାକୁ ଅପେକ୍ଷା କରି ରହୁଥିଲେ ।

ଦକ୍ଷିଣ ଆଫ୍ରିକାରୁ ଫେରି ଗାନ୍ଧିଜୀ ଭାରତରେ ପହଞ୍ଚିଥିଲେ ୧୯୧୫ ଜାନୁଆରୀ ୯ ତାରିଖରେ। ଏହାପରେ ସେ ତାଙ୍କ ରାଜନୈତିକ ଗୁରୁ ଗୋଖଲେଙ୍କ ପରାମର୍ଶକ୍ରମେ ସାରା ଦେଶ ବୁଲି ସ୍ଥିତି ପରଖିଲେ । ସ୍ୱାଧୀନତା ଆନ୍ଦୋଳନକୁ ନୂଆ ମୋଡ ଦେବା ଅବସରରେ ଗାନ୍ଧିଜୀ ଆରମ୍ଭ କଲେ 'ୟଙ୍ଗ୍ ଇଣ୍ଡିଆ' ଓ 'ନବଜୀବନ' ପତ୍ରିକା। ପରବର୍ତ୍ତୀ ସମୟରେ ୧୯୩୦ ଦଶକରେ ସେ ଆରମ୍ଭ କଲେ 'ହରିଜନ' ପତ୍ରିକା ।

'ନବଜୀବନ' ଓ 'ହରିଜନ' ବିଭିନ୍ନ ଭାଷାରେ ପ୍ରକାଶ ପାଉଥିଲା ଏବଂ ୟଙ୍ଗ୍ ଇଣ୍ଡିଆ ବାହାରୁ ଥିଲା ଇଂରାଜୀରେ । ହରିଜନ ପତ୍ରିକାର ପ୍ରଥମ ସଂଖ୍ୟାରେ ସେ ଛାପିଥିଲେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ମାର୍ମିକ ଉକ୍ତି ଓ ତାହା ଉପରେ ନିଜର ମତାମତ । ଗାନ୍ଧିଜୀଙ୍କୁ ହତ୍ୟା କରାଯିବାର କିଛିଦିନ ଭିତରେ କୌଣସି କାରଣରୁ 'ହରିଜନ' ପତ୍ରିକା ବନ୍ଦ ହୋଇଗଲା। ଏହି ପତ୍ରିକାରେ ସାମାଜିକ ସଂସ୍କାର ସହିତ ରଚନାତ୍ମକ କାର୍ଯ୍ୟକ୍ରମ ଏବଂ ବ୍ୟକ୍ତି ଜୀବନର ବିକାଶ ସହିତ ରାଷ୍ଟ୍ର ଜୀବନର ବିକାଶ ପ୍ରସଙ୍ଗରେ ଗାନ୍ଧିଜୀଙ୍କର ଯେଉଁ ବିଚାର ପ୍ରକାଶ ପାଉଥିଲା ତାହା ସବୁ ସମୟ ପାଇଁ ଅତ୍ୟନ୍ତ ଉପଯୋଗୀ । ୧୯୪୬ରେ ଏହି ପତ୍ରିକାରେ ଗାନ୍ଧିଜୀ ଲେଖିଥିଲେ ଯେ ସାମ୍ବାଦିକତାର ଅସଲି କାମ ହେଲା ଜନଗଣଙ୍କୁ ପ୍ରଶିକ୍ଷିତ କରାଇବା । ଗାନ୍ଧିଜୀ ଜଡିତ ଥିବା ପତ୍ରିକାଗୁଡିକରେ ତାଙ୍କ ରଚିତ ହିନ୍ଦ୍‌ସ୍ୱରାଜ, ଆତ୍ମଚରିତ, ସତ୍ୟର ପରଖ ଆଦି ଧାରାବାହିକ ଭାବେ ପ୍ରକାଶ ପାଉଥିଲା । ଏହାଛଡ଼ା ସେ ମଧ୍ୟ ଅନ୍ୟ ପତ୍ରପତ୍ରିକା ପାଇଁ ଲେଖୁଥିଲେ । ଦେଶ ବିଦେଶର ବହୁ ଗଣମାଧ୍ୟମ ଗାନ୍ଧିଜୀଙ୍କ ସାକ୍ଷାତାକାର ନେବାକୁ ପ୍ରତିଯୋଗିତା କରୁଥିଲେ । ତାଙ୍କ ଜୀବନ କାଳ ମଧ୍ୟରେ ସେ ଯେତେ ଲେଖିଛନ୍ତି ଓ ମନ୍ତବ୍ୟ ଦେଇଛନ୍ତି ସେଥିରୁ ଏଯାବତ୍ ଯେତିକି ସଂଗୃହୀତ ହୋଇଛି ତାହାରି ଆଧାରରେ ଭାରତ ସରକାରଙ୍କ ପ୍ରକାଶନ ବିଭାଗ ୧୦୦ ଖଣ୍ଡରେ ଯେଉଁ କଲେକ୍ଟେଡ୍ ୱାର୍କ୍ସ ଅଫ୍ ମହାତ୍ମା ଗାନ୍ଧି ପ୍ରକାଶ କରିଛନ୍ତି ସେଗୁଡିକ ଅତି କମ୍‌ରେ ୫୦ହଜାର ପୃଷ୍ଠାର । ଏହାକୁ ଆଧାର କରି ବିଶ୍ୱର ବିଭିନ୍ନ ଭାଷାରେ ଗାନ୍ଧି ସାହିତ୍ୟମାନ ରଚିତ ହୋଇଛି ।

**ପତ୍ରକାରିତା ପାଇଁ ସମ୍ପାଦକ ଗାନ୍ଧିଙ୍କୁ କାରାଦଣ୍ଡ ଭୋଗିବାକୁ ପଡିଛି । ତାଙ୍କ ସମ୍ପାଦନାରେ ପ୍ରକାଶିତ 'ୟଙ୍ଗ୍ ଇଣ୍ଡିଆ'ର ଚାରୋଟି ଲେଖାକୁ କେନ୍ଦ୍ରକରି ବ୍ରିଟିଶ ସରକାର ସମ୍ପାଦକ ଗାନ୍ଧି ଓ ପ୍ରକାଶକ ଶଙ୍କରଲାଲ୍ ବଙ୍କର୍‌ଙ୍କ ବିରୁଦ୍ଧରେ ଭାରତୀୟ ପିଙ୍ଗଳ କୋଡ୍‌ର ୧୨୪ (କ) ଧାରାରେ ଦେଶଦ୍ରୋହ ମାମଲା ରୁଜୁ କରିଥିଲେ । ଏହି ଚାରୋଟି ଲେଖାର ଶୀର୍ଷକ ଥିଲା– 'ଡିସ୍‌ଆଫେକ୍ସନ ଏ ଭର୍ଚ୍ଚ୍ୟୁ', 'ଟ୍ୟାମ୍ପରିଂ ୱିଥ୍ ଲୟାଲିଟି', 'ଏ ପଜଲ୍ ଆଣ୍ଡ ଇଟ୍ସ ସଲ୍ୟୁସନ୍' ଏବଂ 'ସେକିଂ ଦି ମେନ୍‌ସ' । ଅହମଦାବାଦ୍‌ର ସର୍କିଟ୍ ହାଉସ୍‌ରେ ବ୍ରୁମ୍ ଫିଲ୍‌ଡ ନାମକ ଜଣେ ବ୍ରିଟିଶ ବିଚାରପତି ଗୋଟିଏ ଦିନରେ ମାତ୍ର ୧୦୦ ମିନିଟ୍‌ରେ ଏହି ମାମଲାର ଫଇସଲା କରିଥିଲେ । ପୂର୍ବରୁ ଅନୁରୂପ ମାମଲାରେ କେଶରୀ ପତ୍ରିକାର ସମ୍ପାଦକ ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକ୍‌ଙ୍କୁ କାରାଦଣ୍ଡରେ ଦଣ୍ଡିତ କରାଯିବାର ନଜିର୍ ଦର୍ଶାଇ ସେ ଗାନ୍ଧିଜୀଙ୍କୁ ମଧ୍ୟ ଅନୁରୂପ ଦଣ୍ଡ ଦେଇଥିଲେ । ଉଲ୍ଲେଖନୀୟ ଯେ, ୧୯୦୮ରେ 'କେଶରୀ'ରେ ପ୍ରକାଶିତ ତିଲକ୍‌ଜୀଙ୍କର ଚାରୋଟି ଲେଖା 'ଦି କ୍ରିସ୍ ମିସ୍‌ଫରଚ୍ୟୁନ୍', 'ଡବଲ୍ ୱାର୍ଣ୍ଣିଂ ହ୍ୱାଟ୍ ଦି ବମ୍ ଏକ୍ସପ୍ଲୋଜନ୍ ମିନ୍‌ସ', 'ଦି କ୍ରାଇସିସ୍' ଓ 'ଦିଜ୍ ରିମେଡିଜ୍ ଆର୍ ନଟ୍ ଏନଫ' ଆଧାରରେ ଦେଶଦ୍ରୋହ ମାମଲା ରୁଜୁ କରାଯାଇ ତାଙ୍କ ପ୍ରତି ଦଣ୍ଡବିଧାନ ହୋଇଥିଲା । ସେତେବେଳର ଯୁବ ବାରିଷ୍ଟର ମହମ୍ମଦ ଅଲ୍ଲି ଜିନ୍ନା ତିଲକ୍‌ଜୀଙ୍କ ସପକ୍ଷରେ ମାମଲା ଲଢିଥିଲେ । ତିଲକଙ୍କ ସହ ତାଙ୍କୁ ବିଚାରପତି ତୁଳନା କରିଥିବାରୁ ଏଥିଲାଗି ସେ ଧନ୍ୟବାଦ ଅର୍ପଣ କରିବା ସହ ନିଜେ ଗର୍ବ ଅନୁଭବ କରୁଛନ୍ତି ବୋଲି ଗାନ୍ଧିଜୀ ଉଲ୍ଲେଖ କରିଥିଲେ ।**

ସ୍ୱାଧୀନତା ଆନ୍ଦୋଳନ ସହ ସାମାଜିକ ସଂସ୍କାର ଓ ଆର୍ଥିକ ବିକାଶକୁ ଆଖି ଆଗରେ ରଖି ଜନଗଣଙ୍କ ମୁଖପତ୍ର ଭାବେ ପଣ୍ଡିତ ଗୋପବନ୍ଧୁ ଦାସ ୧୯୧୯ ଅକ୍ଟୋବର ୪ ତାରିଖରେ ଆରମ୍ଭ କରିଥିଲେ ସାପ୍ତାହିକ ପତ୍ରିକା ସମାଜ ଯାହା ତାଙ୍କ ମୃତ୍ୟୁପରେ ୧୯୩୦ ଏପ୍ରିଲ୍ ୬ ତାରିଖରେ ଦୈନିକ ଖବରକାଗଜରେ ପରିଣତ ହୋଇଥିଲା । ଅସହଯୋଗ ଆନ୍ଦୋଳନ ସମୟରେ ସମାଜ ସାଧାରଣର ଲୋକଙ୍କ ନିକଟରେ କ୍ରାନ୍ତିର ବାର୍ତ୍ତା ପହଞ୍ଚାଉଥିଲା। ତେଣୁ ଏହି ପତ୍ରିକା ଓ ତାହାର ସୁଯୋଗ୍ୟ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଦମନ କରିବା ପାଇଁ ବ୍ରିଟିଶ ସରକାରଙ୍କ ପକ୍ଷରୁ ଫୌଜଦାରୀ ମାମଲା ରୁଜୁ କରାଯାଇଥିଲା। ସେ ଜଣେ ଅସହଯୋଗୀ ହୋଇଥିବାରୁ ବ୍ରିଟିଶ ସରକାରର ଆଇନ ଅଦାଲତକୁ ମାନନ୍ତି ନାହିଁ ଏବଂ ଏହି ମାମଲାରୁ ମୁକୁଳିବା ପାଇଁ 'ସେ ଜାମିନରେ ଯିବେ ନାହିଁ' ବୋଲି ରୋକ୍‌ଠୋକ୍ ଭାବେ ଅଦାଲତରେ କହିଥିଲେ । ତେବେ ଏହି ମାମଲାରେ ବିଚାରପତି ତାଙ୍କୁ ଖଲାସ୍ କରିଦେବା ପରେ ପରେ ନିଜ ପଦବୀରୁ ବି ଇସ୍ତଫା ଦେଇଥିଲେ । ଏହି ବିଚାରପତି ଜଣଙ୍କ ହେଉଛନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବଡ଼ଭାଇ ସୁରେଶ ଚନ୍ଦ୍ର ବୋଷ । ସେ ସମୟରେ ଗୋପବନ୍ଧୁଙ୍କୁ ପରାମର୍ଶ ଦେଇ ଗାନ୍ଧିଜୀ ଏକ ତାରବାର୍ତ୍ତାରେ କହିଥିଲେ– ପରିଣାମକୁ ଖାତିର ନକରି କେବଳ ସତ୍ୟ ଓ ବଳିଷ୍ଠ ବିବୃତ୍ତି ଉପସ୍ଥାପନ କରିବାକୁ । ଜଣେ ସତ୍ୟାଗ୍ରହୀ ସମ୍ପାଦକ ଗାନ୍ଧି ଅନ୍ୟଜଣେ ସତ୍ୟାଗ୍ରହୀ ସମ୍ପାଦକ ଗୋପବନ୍ଧୁଙ୍କୁ ଏଭଳି ଯେଉଁ ପରାମର୍ଶ ଦେଇଥିଲେ ତାହା ସମସ୍ତ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ପାଇଁ ଅନୁକରଣୀୟ । ସଂକ୍ଷିପ୍ତ, ଶାଣିତ, ସରଳ ଓ ତଥ୍ୟଭିତ୍ତିକ ଲେଖା ଗାନ୍ଧିଜୀଙ୍କ ଖବରକାଗଜଗୁଡିକରେ ପ୍ରକାଶ ପାଉଥିଲା । ଏଥିରେ ତୋଷାମଦୀ କିମ୍ବା କୁତ୍ସାରଟନା ନଥିଲା । ବ୍ୟକ୍ତି ଜୀବନଠାରୁ ଆରମ୍ଭ କରି ସାମାଜିକ ଓ ରାଷ୍ଟ୍ର ଜୀବନରେ ପରିବର୍ତ୍ତନ ପାଇଁ ସକାରାତ୍ମକ ସ୍ୱର ଉତ୍ତୋଳନ ଲାଗି ଗାନ୍ଧିଜୀ ମାର୍ଗଦର୍ଶନ ଦେଉଥିଲେ ।

ଅନ୍ୟର ଦୋଷଦ୍ରଷ୍ଟା ହୋଇ ସମୟର ଅପଚୟ କରିବା ଏକ ପାପ ବୋଲି ଗାନ୍ଧି ମନେ କରୁଥିଲେ । **ତେଣୁ ସତ୍ୟ ଓ ତଥ୍ୟର ଆଧାରରେ ସାଧାରଣ ଲୋକ ବୁଝିପାରୁଥିବା ସରଳ ଭାଷାରେ ସମ୍ବାଦପତ୍ର ତାହାର ସ୍ପଷ୍ଟ ବକ୍ତବ୍ୟ ରଖିବା ଉପରେ ଗାନ୍ଧିଜୀଙ୍କ ଶୈଳୀକୁ ଅନୁସରଣ କରି ସେ ସମୟରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଭାଷାରେ ଅନେକ ସମ୍ବାଦପତ୍ର ସୃଷ୍ଟି ହୋଇଥିଲା, ଯାହା ଜନମତକୁ ସଂଗଠିତ କରିବାରେ ବଳିଷ୍ଠ ଭୂମିକା ନିଭାଉଥିଲେ । ଗଣମାଧ୍ୟମ ବାହ୍ୟ ନିୟନ୍ତ୍ରଣରୁ ମୁକ୍ତ ହୋଇପାରିଲେ ସ୍ୱରାଜ ସାଧନରେ ତାହାର ପ୍ରମୁଖ ଅବଦାନ ରହିପାରିବ ବୋଲି ଗାନ୍ଧିଜୀ ଯେଉଁ ଚେତାବନୀ ଦେଇ ଯାଇଛନ୍ତି ତାହାର ପ୍ରାସଙ୍ଗିକତା ଏବେ ଢେର୍ ଅଧିକ ଅନୁଭୂତ ହେଉଛି ।**

ଗଣମାଧ୍ୟମ ଜ୍ଞାନର ଗଣତାନ୍ତ୍ରିକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ସତ୍ୟ ଆଧାରିତ ସକାରାତ୍ମକ ଓ ସଶକ୍ତ ଜନମତ ସମାଜକୁ ସୁସ୍ଥ, ସ୍ୱଚ୍ଛ, ପବିତ୍ର ଓ କ୍ରିୟାଶୀଳ ରଖିପାରିବ । ସୁପ୍ତ ଜାତିର ପ୍ରାଣରେ ଚେତନାର ପ୍ରବାହ ଖେଳାଇ ଏହା ସମାଜକୁ ଜାଗ୍ରତ କରିପାରେ । ଦୁର୍ନୀତି, ଭ୍ରଷ୍ଟାଚାର, ହିଂସା, ଦ୍ୱେଷ, ଈର୍ଷା, ପରଶ୍ରୀକାତରତା, ଅଶିକ୍ଷା, କୁଶିକ୍ଷା, ଶୋଷଣ, ଅତ୍ୟାଚାର ଆଦିର ଅମା ଅନ୍ଧକାରରୁ ସମାଜକୁ ମୁକ୍ତ କରି ସତ୍ୟ, ଅହିଂସା, ସ୍ନେହ, ପ୍ରେମ, ସମୃଦ୍ଧି ଓ ସୌହାର୍ଦ୍ଦ୍ୟ ଆଦିର ଆଲୋକରେ ବ୍ୟକ୍ତି, ସମାଜ ଓ ରାଷ୍ଟ୍ରକୁ ଆଲୋକିତ କରିବାର ଗୁରୁ ଦାୟିତ୍ୱ ଗଣମାଧ୍ୟମର ବୋଲି ଗାନ୍ଧିଜୀଙ୍କ ଅମୃତ ବିଚାରର ଠିକଣା ଅନୁପାଳନ କରାଗଲେ, ବହୁ ସମସ୍ୟାର ସରଳ ସମାଧାନ ପାଇଁ ବାଟ ଖୋଲିଯିବ । ତେବେ ଏଥିଲାଗି ଲୋଡା ପଡୁଛନ୍ତି ଗାନ୍ଧି ବିଚାରର ସମର୍ପିତ କିଛି ସଙ୍କଳ୍ପବଦ୍ଧ ସାଧକଙ୍କର ଯେଉଁମାନେ ସାମ୍ବାଦିକତାକୁ ଜନଗଣଙ୍କ ସଶକ୍ତ ସ୍ୱର ଭାବେ ଉପଯୋଗ କରିପାରିବେ । ସମୟ ସୁଅର ଅନୁକୂଳ ଦିଗରେ କୁଟା, କାଠି, ପତର କିମ୍ବା ମୁର୍ଦ୍ଦାର ଭଳି ଭାସି ନଯାଇ ଏହି ସଶକ୍ତ ଗଣମାଧ୍ୟମଗୁଡ଼ିକ ପ୍ରତିକୂଳ ଦିଗରେ ସନ୍ତରଣ କରି ନିଜର ଉପସ୍ଥିତି ସାବ୍ୟସ୍ତ କରିବା ସଙ୍ଗେ ସଙ୍ଗେ ସାଧାରଣ ଲୋକଙ୍କ ସମସ୍ୟାକୁ ଠିକଣା ଭାବେ ପ୍ରତିଫଳିତ କରିପାରିବେ । ତେବେ ସରକାର ଚଳାଉଥିବା ବ୍ୟକ୍ତି ବିଶେଷ ଏହାକୁ ସକାରାତ୍ମକ ଦୃଷ୍ଟିରେ ନେଲେ ଅନେକ ତ୍ରୁଟି ବିଚ୍ୟୁତିର ସଂଶୋଧନ ହେବା ସହ ସମାଜ ଓ ବ୍ୟବସ୍ଥା ଆଗକୁ ବଢ଼ିପାରିବ ।

ମୋ–୯୪୩୭୦୧୭୩୯୫
E-mail: prahalladsinha@gmail.com

**ସମୟ ସୁଅର ଅନୁକୂଳ ଦିଗରେ କୁଟା, କାଠି, ପତର କିମ୍ବା ମୁର୍ଦ୍ଦାର ଭଳି ଭାସି ନଯାଇ ଏହି ସଶକ୍ତ ଗଣମାଧ୍ୟମଗୁଡ଼ିକ ପ୍ରତିକୂଳ ଦିଗରେ ସନ୍ତରଣ କରି ନିଜର ଉପସ୍ଥିତି ସାବ୍ୟସ୍ତ କରିବା ସଙ୍ଗେସଙ୍ଗେ ସାଧାରଣ ଲୋକଙ୍କ ସମସ୍ୟାକୁ ଠିକଣା ଭାବେ ପ୍ରତିଫଳିତ କରିପାରିବେ । ତେବେ ସରକାର ଚଳାଉଥିବା ବ୍ୟକ୍ତି ବିଶେଷ ଏହାକୁ ସକାରାତ୍ମକ ଦୃଷ୍ଟିରେ ନେଲେ ଅନେକ ତ୍ରୁଟି ବିଚ୍ୟୁତିର ସଂଶୋଧନ ହେବା ସହ ସମାଜ ଓ ବ୍ୟବସ୍ଥା ଆଗକୁ ବଢ଼ିପାରିବ ।**

# କାର୍ତ୍ତିକ ବ୍ରତ : ଓଡ଼ିଶାର ନିଆରା ପରମ୍ପରା

**ସୌର ଚନ୍ଦ୍ର ମହାପାତ୍ର**

ହେମନ୍ତ ପ୍ରକୃତିର ମେଘମୁକ୍ତ ଆକାଶ ତଳେ ଧରଣୀ ରାଣୀ ପାର୍ବତୀ ନନ୍ଦନ କାର୍ତ୍ତିକେୟଙ୍କ ବନ୍ଦନାରେ ଆତ୍ମବିସ୍ମୃତ ହୋଇଉଠେ । ଦେବ ସେନାପତି ଚିରକୁମାର କାର୍ତ୍ତିକେୟଙ୍କ ଆରାଧନା ଏହି ମାସରେ କରାଯାଏ । ବର୍ଷକ ବାର ମାସ ଛଅ ଋତୁ । ମାତ୍ର ସବୁ ମାସ ମଧ୍ୟରେ କାର୍ତ୍ତିକକୁ ଶ୍ରେଷ୍ଠ ମାସ ଭାବେ ବିବେଚନା କରାଯାଏ । କୁମାର ପୂର୍ଣ୍ଣିମା ପରଦିନ ଠାରୁ ଆରମ୍ଭ ହୁଏ ଧର୍ମ ମାସ କାର୍ତ୍ତିକ । ଏହି ମାସରେ ଲୋକମାନେ ନିଷ୍ଠାର ସହ ଭଗବାନଙ୍କୁ ପ୍ରାର୍ଥନା କରିଥାନ୍ତି । ସାରା ମାସ ଆମିଷ ବର୍ଜନ କରି ଶୁଦ୍ଧ ଶାକାହାରୀ ଖାଦ୍ୟକୁ ଆପଣାଇଥାନ୍ତି । କାର୍ତ୍ତିକ ଏକ ଧର୍ମ ମାସ ରୂପେ ପରିଚିତ । ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ-ବୃଦ୍ଧ-ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇ ଉଠୁଥିବାର ପରିଲକ୍ଷିତ ହୁଏ । ପୂର୍ଣ୍ଣିମା ପର୍ବ ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ । ଏହି ପାଞ୍ଚ ଦିନରେ ଅଧିକାଂଶ ହିନ୍ଦୁ ଲୋକ ଆମିଷ ପରିହାର ପୂର୍ବକ ଧର୍ମୀୟ ମନୋଭାବରେ ଦେବତାଙ୍କୁ ପୂଜା କରିଥାନ୍ତି । କୁହାଯାଏ, ଏହି ପାଞ୍ଚଦିନ କାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେନାହିଁ । ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପଞ୍ଚକ ଅନୁଷ୍ଠିତ ହୁଏ । ଏହିଦିନ ସ୍ତ୍ରୀଲୋକମାନେ ରାଇ-ଦାମୋଦର ବ୍ରତ ଉଦ୍‌ଯାପନ କରିଥାନ୍ତି ।

ବିଧବାମାନଙ୍କ ପାଇଁ ଏହି କାର୍ତ୍ତିକ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି । ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗପୂର୍ବକ ସ୍ନାନ ସମାପନ ପରେ ସେମାନେ ଦେବାଦେବୀ ଦର୍ଶନ ପାଇଁ ଗମନ କରନ୍ତି ଏବଂ ଦେବାଳୟରୁ ପ୍ରତ୍ୟାବର୍ତ୍ତନ ପରେ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣରେ ମନୋନିବେଶ କରିଥାନ୍ତି । ତୁଳସୀ ବୃକ୍ଷକୁ ଏହି ମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଇଥାଏ । କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀ, ସାଧ୍ୱୀ ପତ୍ନୀ ତୁଳସୀଙ୍କ ପତିବ୍ରତା ବଳରେ ବଳୀୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁଚେଷ୍ଟା ସତ୍ତ୍ୱେ ଜଳନ୍ଧରର କୌଣସି ଅନିଷ୍ଟ କରିପାରିନଥିଲେ ।

**କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ରରେ ହଜାର ହଜାର ହବିଷ୍ୟାଳିଙ୍କ ସମାଗମ ହୋଇଥାଏ । ପ୍ରାତଃରୁ ଉଠି ମହିଳାମାନେ ମହୋଦଧି ଓ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ତୁଳସୀ ମୂଳରେ ରାଇଦାମୋଦର ପୂଜା କରିଥାନ୍ତି । କାର୍ତ୍ତିକରେ ତୁଳସୀ ପୂଜାର ରହିଛି ସ୍ୱତନ୍ତ୍ର ମାହାତ୍ମ୍ୟ । ତୁଳସୀ ଚଉରା ମୂଳରେ ପଞ୍ଚବର୍ଣ୍ଣ ମୁରୁଜ ପକାଇ ଧୂପ, ଦୀପ, ଅକ୍ଷତ ପ୍ରଦାନ ସ୍ୱରୂପ ହବିଷ୍ୟାଳିମାନେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ଏ ଅବସରରେ ସୂର୍ଯ୍ୟ ପୂଜା ମଧ୍ୟ କରାଯାଏ । ଏହି ମାସରେ କାର୍ତ୍ତିକ ମାହାତ୍ମ୍ୟ ପଠନ କଲେ ସମସ୍ତ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି । ଶ୍ରୀମନ୍ଦିରରେ କାର୍ତ୍ତିକ ମାସରେ ମହାପ୍ରଭୁ ରତ୍ନସିଂହାସନ ଉପରେ ରାଧା ଦାମୋଦର ବେଶରେ ଦର୍ଶନ ଦେଇଥାନ୍ତି । କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ହବିଷ୍ୟାଳିମାନେ ବ୍ରତ ଧାରଣ କରି ନିଷ୍ଠାର ସହ ପାଳନ କରିଥାନ୍ତି ।** ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ ବ୍ରତର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ। କାର୍ତ୍ତିକମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ । ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ଜ୍ୱଳନ ବିଧି ପ୍ରଚଳିତ । ତେଣୁ ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପର ପ୍ରତି ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳିତ କରି ରଖାଯାଇଥାଏ । କିମ୍ବଦନ୍ତୀରୁ ଜଣାଯାଏ ଦଣ୍ଡକାରଣ୍ୟରେ ସୀତାଙ୍କ ସହିତ ରାମଚନ୍ଦ୍ର ବନ ଭ୍ରମଣ କରୁଥିବା ସମୟରେ ସେଠାରେ ମୁନିଋଷିମାନେ ରାମଚନ୍ଦ୍ରଙ୍କ କାନ୍ତି ସନ୍ଦର୍ଶନରେ ମୁଗ୍ଧ ହୋଇ ନାରୀ ରୂପେ ତାଙ୍କ ସାହଚର୍ଯ୍ୟ ଲାଭ କରିବାକୁ ମନେ ମନେ ଇଚ୍ଛା ପ୍ରକାଶ କଲେ । ନରଦେହୀ ଗୋଲକ ବିହାରୀ ମୁନିଋଷିଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ ଅବଗତ ହୋଇ ସେମାନଙ୍କ ଅଭୀପ୍ସା ଚରିତାର୍ଥ ହେବା ସକାଶେ ଦ୍ୱାପର ଯୁଗରେ ସେମାନେ ଗୋପୀ ରୂପେ ଜନ୍ମଲାଭ କରିବାକୁ ବର ପ୍ରଦାନ କଲେ । ତଦନୁସାରେ ସେମାନେ ଗୋପୀ ରୂପେ ଜନ୍ମଲାଭ କଲେ ଏବଂ ସ୍ୱୟଂ ନାରାୟଣ କୃଷ୍ଣ ରୂପେ ଆବିର୍ଭୂତ ହୋଇ ସେମାନଙ୍କ ବାସନା ଚରିତାର୍ଥ କରିଥିଲେ । ଗୋପାଙ୍ଗନାମାନେ କୃଷ୍ଣଙ୍କ ସାନ୍ନିଧ୍ୟ ଲାଭ ଆଶାରେ କୁମାର ପୂର୍ଣ୍ଣିମା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରତ୍ୟୁଷରୁ ସ୍ନାନ ସମାପନ ପୂର୍ବକ ବାଲିରେ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରୁଥିଲେ । ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବା ବିଧି ପ୍ରଚଳିତ । ସେ ଦିନ ସମସ୍ତେ କଦଳୀ ବାହୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ଭସାଇଥାନ୍ତି। ପୂର୍ଣ୍ଣିମାରେ ପବିତ୍ର ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇ ଡଙ୍ଗା ଭସାଇ ବ୍ରତ ଶେଷ କରାଯାଏ ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
'ସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡ଼ି,
ସେକ୍ଟର–୬, କଟକ,
ମୋ–୯୪୩୭୦୦୪୪୬୬

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୧ ସହରାଞ୍ଚଳ...

ଘାଟି ଉପରେ ଦୁଇଟି ସ୍ଥାନରେ ବଡ଼ ଧରଣର ଭୂସ୍ଖଳନ ଘଟିଛି । ଘାଟି ରାସ୍ତାର ଦୁଇଟି ବୁଲାଣିର ପ୍ରାୟ ଶହେ ମିଟରରୁ ଅଧିକ ରାସ୍ତା ମାଟି ଅତଡାରେ ପୋତି ହୋଇଯାଇଛି ।

ଗଞ୍ଜାମ ଜିଲ୍ଲାରେ ବିକଳ ଚିତ୍ର ଦେଖିବାକୁ ମିଳିଛି । ପ୍ରବଳ ବର୍ଷା ଯୋଗୁଁ ଏଠାରେ ଚାଷୀମାନେ ବ୍ୟାପକ ଫସଲ କ୍ଷତି ସାମ୍ନା କରିଛନ୍ତି । ଚାଷୀମାନଙ୍କର ଖେତରେ ଥିବା ଧାନ ଓ ପନିପରିବା ନଷ୍ଟ ହୋଇଛି । ଧାନଖେତରେ ପାଣି ଲହଡ଼ି ଭାଙ୍ଗୁଥିବା ବେଳେ ପରିବା ଗଛ ପଚିବା, ଫୁଲ ଝଡ଼ିବା ଭଳି ସମସ୍ୟା ଉପୁଜିଛି । ଧରାକୋଟ ବ୍ଲକର ୧୮ ଗୋଟି ପଞ୍ଚାୟତ ଓ ପ୍ରତପୁର ବ୍ଲକରେ ଖରିଫ ଧାନ ଫସଲ ପ୍ରଭାବିତ ହୋଇଛି । ଫଳରେ ଫଳ ଧରିଥିବା ଧାନକେଣ୍ଡା ଓ ପାଚିଲା ଧାନ ଫସଲ ପବନ ଓ ଲଗାଣ ବର୍ଷାରେ ଲୋଟି ପଡ଼ି ଧରାଶାୟୀ ହୋଇଛି ।

ଦୁଇ ଦିନ ଧରି ଧାନ କେଣ୍ଡା ପାଣିରେ ଭିଜି ରହିଥିବାରୁ ଚାଷୀର ଚିନ୍ତା ବଢ଼ିଛି । ପାଣି ଭର୍ତ୍ତି ଧାନ ବିଲରୁ ଚାଷୀ ଉଜୁଡ଼ା ଫସଲକୁ ଛାଣୁଥିବାର ଦୟନୀୟ ଚିତ୍ର ଅଧିକାଂଶ ପଞ୍ଚାୟତରେ ଦେଖିବାକୁ ମିଳିଛି । ଚଳିତ ବର୍ଷ ଭଲ ଫସଲ ହୋଇଥିଲା । ଧାନ ଓ ପନିପରିବା ଚାଷ ପାଇଁ ପାଗ ଆରମ୍ଭରୁ ଅନୁକୂଳ ରହିଥିଲା । ଏଣୁ ଚାଷୀମାନେ ହାତ ଉଧାରି ଓ ବ୍ୟାଙ୍କ, ସମବାୟ ସମିତିରୁ କରଜ କରି ରୁଆ, ବେଉଷଣ, ବିହନ, ପିଡ଼ିଆ, ବଛାବଛି କରିଥିଲେ ।

ଆଶା ଓ ଭରସା ଥିଲା ଚଳିତ ବର୍ଷ ଉଭୟ ଧାନ ଓ ପନିପରିବା ଫସଲରୁ ଭଲ ଦୁଇ ପଇସା ରୋଜଗାର ହେବ । ହେଲେ ବାତ୍ୟା ଓ ଭାରୀ ବର୍ଷା ସବୁକିଛି ଛାରଖାର କରିଦେଇଛି । ମାଣିକପୁର ଅଞ୍ଚଳର ରାଜନ ଛାଟୋଇ, ବସନ୍ତ ବେହେରା, କାଠଗଡାର ଉଦୟ ପରିଛା, ଡାକିବଜାର ଦଣ୍ଡପାଣି ଜେନା, ପ୍ରମୋଦ ପାଢ଼ୀ, ଧରାକୋଟର ବନବାସ ସ୍ୱାଇଁ ପ୍ରମୁଖ ବର୍ଷକର ଫସଲ ଅଖି ଆଗରେ ନଷ୍ଟ ହୋଇଯାଇଥିବାରୁ କେମିତି କରଜ ସୁଝିବେ, ସେଥିପାଇଁ ଚିନ୍ତାରେ ପଡ଼ିଛନ୍ତି । ସରକାରୀ ସ୍ତରରେ କ୍ଷୟକ୍ଷତି ଆକଳନ କରାଯାଇ ସରକାରୀ ସହାୟତା ପ୍ରଦାନ ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି ।

ଚଳିତ ବାତ୍ୟା ଓ ବର୍ଷାରେ ପନିପରିବା ଫସଲ ବ୍ୟାପକ ନଷ୍ଟ ହୋଇଛି । ଝୁଡୁଙ୍ଗ, ବିନ୍ସ, ମୂଳା, ଫୁଲକୋବି, ବାଇଗଣ, ଜହ୍ନି, ପୋଟଳ, କୁନ୍ଦୁରି, ପତ୍ରକୋବି, କଲରା ଫସଲ ଗଛ ମୂଳରେ ପାଣି ରହିଥିବାରୁ ନଷ୍ଟ ହୋଇଯାଇଛି । ଯାହା ଫଳରେ ବଜାରରେ ପନିପରିବା ଦରରେ ମୂଲ୍ୟ ବୃଦ୍ଧି ହୋଇଛି । ସେପଟେ ଧାନ ଫସଲ ନଷ୍ଟ ହୋଇଯାଇଥିବା ବର୍ଷକର ଆଦାୟ ଉଜୁଡ଼ି ଯାଇଛି । ଏଣୁ ନିଜ ପରିବାର ସଦସ୍ୟ ତୁଣ୍ଡରେ କେମିତି ଆହାର ଯୁଟାଇବ, ସେଥିପାଇଁ ଚାଷୀର ଚିନ୍ତା ବଢ଼ିଛି । ସମଗ୍ର ବ୍ଲକ ଅଞ୍ଚଳର ହଜାର ହଜାର ହେକ୍ଟର ଜମିର ଫସଲ ନଷ୍ଟ ହୋଇଯାଇଥିବା ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛି ।

## କେନ୍ଦ୍ରକୁ...

ନିର୍ଦ୍ଦେଶ ଦେଇଛନ୍ତି । ୧୦ ଦିନ ମଧ୍ୟରେ ଏହା ଦେବାପାଇଁ କୁହାଯାଇଛି । ଆଙ୍ଗମ ଉଲ୍ଲେଖ କରିଛନ୍ତି ଯେ ୱାଙ୍ଗଚୁକ୍‌ଙ୍କୁ ଗିରଫ ପୂର୍ବରୁ ତାଙ୍କ ବିରୋଧରେ ଲଗାତର କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏପରିକି ତାଙ୍କ ଏନ୍‌ଜିଓର ବିଦେଶୀ ପାଣ୍ଠି ପ୍ରମାଣପତ୍ରକୁ ବାତିଲ କରିଦିଆଯାଇଛି । ଯାଚିକାରେ ଉଲ୍ଲେଖ କରାଯାଇଛି ଯେ ୫ ଏତଲା ଆଧାରରେ ତାଙ୍କୁ ଅଟକ ରଖାଯାଇଛି । ଯେତେବେଳେ ୪ ଏତଲା ୱାଙ୍ଗଚୁକ୍‌ଙ୍କ ବିରୋଧରେ କୌଣସି ହିଂସାର ଉଲ୍ଲେଖ ନଥିଲା । ହେଲେ ପଞ୍ଚମ ଏତଲାରେ ଲଦାଖ ହିଂସା ନେଇ ଏତଲା ଦାଖଲ କରାଗଲା । ଲଦାଖ ଆପେକ୍ସ ବଡିର ୱାଙ୍ଗଚୁକ୍ ପ୍ରମୁଖ ସଦସ୍ୟ ନଥିଲେ । ସେ ଲୋକମାନଙ୍କୁ ହିଂସା ପାଇଁ ଉସ୍‌କାଇନଥିଲେ । ତାଙ୍କ ନାମରେ ବିଦେଶୀ ସମ୍ପର୍କ ନେଇ ଅଭିଯୋଗ ଆସିଛି । ଏପରିକି ସରକାରଙ୍କ ବିରୋଧରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଆଙ୍ଗମୋ ଦର୍ଶାଇଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପର୍ଯ୍ୟାବରଣ ନୀତିକୁ ସେ ପାକିସ୍ତାନ ସମ୍ମିଳନୀରେ ବେଶ୍ ପ୍ରଶଂସା କରିଥିଲେ । କେତେକ ଆଇଟି ସେଲ୍ ଜାଣିଶୁଣି କିଛି ସର୍ଟ ଭିଡିଓ ପକାଇ ତାଙ୍କ ମନ୍ତବ୍ୟକୁ ବିକୃତ କରି ଟାର୍ଗେଟ କରିଛନ୍ତି । ୱାଙ୍ଗଚୁକ୍‌ଙ୍କ ଅଟକ ହେଉଛି ରାଜନୈତିକ ପ୍ରତିଶୋଧର ଏକ ଉଦାହରଣ । ଆଙ୍ଗମଙ୍କ ପକ୍ଷରୁ ଆଇନ୍‌ଜୀବୀ କପିଲ ଶିବଲ ମୋକଦମା ପରିଚାଳନା କରୁଛନ୍ତି ।

## ୧୭ କୋଟିର...

ବେଳେ ୧୦୯ଟି ମାମଲା ହୋଇଛି । ସେହିପରି ୪୪ଟି ଗାଡି ଜବତ ହୋଇଥିବା ବେଳେ ୯୬ ଜଣକୁ ଗିରଫ କରିସାରିଲାଣି ମାଲକାନଗିରି ପୁଲିସ ।

ଆଗାମୀ ଦିନରେ ଗଞ୍ଜେଇ ଚଢାଉ ଆହୁରି ଜୋରସୋର କରାଯାଇ ମାଫିଆମାନଙ୍କୁ ଛଡାଯିବ ନାହିଁ ବୋଲି ମାଲକାନଗିରି ଏସପି ବିନୋଦ ପାଟିଲ ଏଚ ପ୍ରକାଶ କରିଛନ୍ତି । ବୁଦ୍ଧିଜୀବୀଙ୍କ ମତରେ ମାଲକାନଗିରି ଜିଲ୍ଲାରେ ମାଓବାଦୀ ସମୟରେ ଗଞ୍ଜେଇ ଚାଷ ଜୋରସୋରରେ ହେଉଥିବା ବେଳେ ମାଓବାଦୀ ଶେଷ ହେବା ପରେ ଉପାନ୍ତ ଅଚଳରେ ଏବେ ବି ଗଞ୍ଜେଇ ଚାଷ କରାଯାଉଛି । ଉପାନ୍ତ ଅଞ୍ଚଳର ଲୋକଙ୍କୁ ବଞ୍ଚିବା ପାଇଁ ଅନ୍ୟ ମାଧ୍ୟମ ଯୋଗାଇବା ଓ ସେମାନଙ୍କୁ ସଚେତନ କରାଇବା ସହ ଗଞ୍ଜେଇ ଚାଲାଣରେ ମୁଖ୍ୟ କିଙ୍ଗପିନକୁ ଧରି ପାରିଲେ ଧୀରେ ଧୀରେ ଗଞ୍ଜେଇ ଚାଷ ଶେଷ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି ।

## ରାଫେଲରେ...

ତାଙ୍କ ପାଇଁ ଏକ ଅବିସ୍ମରଣୀୟ ଅଭିଜ୍ଞତା ହୋଇ ରହିବ । ଭାରତୀୟ ବାୟୁସେନାକୁ ଅଭିନନ୍ଦନ ଜଣାଇବା ସହ ଅମ୍ବାଲା ଏୟାରଫୋର୍ସ ଷ୍ଟେସନର ସମସ୍ତ କର୍ମଚାରୀଙ୍କୁ ଏହାକୁ ସଫଳତାର ସହ ଆୟୋଜନ କରିଥିବାରୁ ଧନ୍ୟବାଦ ଜଣାଉଛି ।

## ଖୁବ୍‌ଶୀଘ୍ର...

ଏହି ସବୁ ବିଭାଗ ଜିଲ୍ଲାୱାରୀ ପ୍ରସ୍ତୁତି ସହ ତୃଣମୂଳ ସ୍ତରରେ କିପରି ବାତ୍ୟାର ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ବିଶଦ ଭାବେ ଯୋଜନା ପ୍ରସ୍ତୁତ କରି ପଦକ୍ଷେପ ନେଇଥିଲେ । ଫଳରେ ଧନଜୀବନ ହାନୀ ରୋକାଯାଇପାରିଛି ।

ବାତ୍ୟା ମୋକାବିଲା ପରିଚାଳନା କରିବା ପାଇଁ ୩୩ଟି ଓଡ୍ରାଫ୍ ଦଳ, ୫ଟି ଏନଡିଆର୍‌ଏଫ୍, ୧୩୩ଟି ଅଗ୍ନିଶମ ବାହିନୀଙ୍କୁ ମିଶାଇ ମୋଟ ୧୬୧ଟି ଦଳ ନିୟୋଜିତ ହୋଇଥିଲେ । ୨୧୬୪ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀକୁ ଚିହ୍ନଟ କରାଯାଇ ୧୮୭୩୨ ଜଣ ଲୋକଙ୍କୁ ନିରାପଦ ଭାବରେ ସ୍ଥାନାନ୍ତର କରାଯାଇଥିବାବେଳେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା କରାଯାଇଥିଲା । ଏତଦ୍‌ବ୍ୟତୀତ ୨୧୯୮ ଜଣ ଆସନ୍ନ ପ୍ରସବା ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ଓ ମା'ଗୃହକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା । ଏବେ ସେମାନେ ସେଠାରେ ସୁରକ୍ଷିତ ଅଛନ୍ତି ଏବଂ କେତେକ ମାତୃତ୍ୱ ଲାଭ କରିଛନ୍ତି ।

ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ଅଞ୍ଚଳରେ ୬୦ଟି ଡାକ୍ତରୀ ଦଳ ନିୟୋଜିତ କରାଯାଇଥିବାବେଳେ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୩୫ଟି ପଶୁଚିକିତ୍ସା ଦଳ ନିୟୋଜିତ ହୋଇଥିଲେ । ୩୬୨ଟି ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇ ୧୮୭୩୨ ଜଣ ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ।

## ପ୍ରଚାରରେ...

ସାଂସଦ, ପୂର୍ବତନ ମନ୍ତ୍ରୀମାନେ ପ୍ରଚାର ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ଏପରିକି ଛତିଶଗଡ଼-ଓଡ଼ିଶା ସୀମାନ୍ତ (ନୂଆପଡ଼ା ସୀମାନ୍ତ) ଅଞ୍ଚଳରେ ଲରିଆ ଗୋଣ୍ଡମାନଙ୍କର ଅଧିକ ପ୍ରଭାବ ରହିଥିବାରୁ ସେହି ଅଞ୍ଚଳରେ ଲରିଆ ଭାଷା ହିଁ ଚାଲେ । ଏପରିକି କଂଗ୍ରେସ ଦଳର ପ୍ରାର୍ଥୀ ହୋଇଥିବା ଘାସିରାମ ମାଝୀ ଲରିଆ ଗୋଣ୍ଡ ସମାଜରୁ ପ୍ରତିନିଧିତ୍ୱ କରୁଥିବାରୁ ତାଙ୍କୁ ପ୍ରଚାର ବେଳେ ଏହା ବେଶ ସୁହାଉଛି । ପୂର୍ବତନ ବିଜେଡ଼ି ବିଧାୟକ ତଥା ଦିବଙ୍ଗତ ନେତା ରାଜେନ୍ଦ୍ର ଢ଼ୋଲକିଆ ଓଡ଼ିଆ, ହିନ୍ଦୀ, ଲରିଆ ଭାଷାରେ ଭାଷଣ ଦେଇ ଲୋକଙ୍କ ନିକଟତର ହେଉଥିବା ବେଳେ ପୂର୍ବର ବିଜେପି ବିଧାୟକ ଓ ପୂର୍ବ ସାଂସଦ ବସନ୍ତ କୁମାର ପଣ୍ଡା ମଧ୍ୟ ଲରିଆ ଛତିଶଗଡ଼ି ଭାଷା ଉପରେ ଅଭ୍ୟସ୍ତ । କିନ୍ତୁ ଏବେ ପ୍ରତିଦ୍ୱନ୍ଦିତା କରୁଥିବା ୩ ଦଳର ପ୍ରାର୍ଥୀ ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ଘାଷିରାମ ବେଶ ଅଭ୍ୟସ୍ତ ଥିବା ବେଳେ ଅନ୍ୟ ଦୁଇ ପ୍ରମୁଖ ଦଳର ପ୍ରାର୍ଥୀ ପଛରେ ପଡ଼ି ଯାଇଛନ୍ତି ।

ତଥ୍ୟ ନେବାରେ ଜଣାପଡ଼ିଛି ଯେ ନୂଆପଡ଼ା ଜିଲ୍ଲା ନୂଆପଡ଼ା ସଦର ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ଲରିଆ ଛତିଶଗଡ଼ି ଭାଷା ବେଶ ପ୍ରଚଳିତ । ଏହି ଅଞ୍ଚଳରେ ଲୋକେ ହିନ୍ଦୀ ସହ ସମ୍ବଲପୁରୀ(କୋଶଲୀ) ଭାଷା ମଧ୍ୟ କହନ୍ତି । କିନ୍ତୁ ଶୁଦ୍ଧ ଓଡ଼ିଆ ଭାଷା କହିବାରେ କିଛିଟା ସମସ୍ୟା ରହିଥାଏ । ଫଳରେ ନିର୍ବାଚନ ସମୟରେ ହିନ୍ଦୀ, ସମ୍ବଲପୁରୀ(କୋଶଲୀ), ଲରିଆ ଛତିଶଗଡ଼ି ଭାଷା କହୁଥିବା ନେତା ଭୋଟରଙ୍କ ପ୍ରିୟ ଭାଜନ ହୋଇପାରିଥାନ୍ତି ।

ଏପରିକି ସମ୍ପୃକ୍ତ ଅଞ୍ଚଳରେ ଛତିଶଗଡ଼ି ନେତା ଭୋଟରଙ୍କୁ ବେଶ ଆକୃଷ୍ଟ କରୁଥିବା ଭୋଟରମାନେ କହୁଥିବାବେଳେ ଅନେକ ଷ୍ଟାର ପ୍ରଚାରକ ସେହି ଅଞ୍ଚଳକୁ ପଶି ପାରୁନାହାଁନ୍ତି । ଏଥିରୁ ଜଣାପଡୁଛି ଯେ ନିର୍ବାଚନ ପ୍ରଚାର ବେଳେ ଆଞ୍ଚଳିକ ଭାଷା ଗୋଟିଏ ବଡ଼ ମାଧ୍ୟମ ପାଲଟିଛି । ଏନେଇ ସମ୍ପୃକ୍ତ ଅଞ୍ଚଳର ଜଣେ ସାମାଜିକ କର୍ମୀଙ୍କ ମତାମତ ନିଆଯାଇଥିଲା । ସେ କହିଲେ ଯେ ସରକାର ଓଡ଼ିଆ ଭାଷା ସୁରକ୍ଷା ଓ ସଂରକ୍ଷଣ ପାଇଁ ସେତେଟା ଆନ୍ତରିକତା ଦେଖାଉନାହାଁନ୍ତି । ଛତିଶଗଡ଼ ଏକ ହିନ୍ଦୀ ଭାଷା ଭାଷୀ ଅଞ୍ଚଳ ହୋଇଥିବାବେଳେ ସେଠାକାର ଆଞ୍ଚଳିକ ଭାଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ବିଶେଷ କରି ଆଦିମ ଜନଜାତି ଓ ଆଦିବାସୀ ସମ୍ପ୍ରଦାୟ ଲୋକେ ଆଞ୍ଚଳିକ ଭାଷାକୁ ଆପଣେଇ ନିଅନ୍ତି ଓ ସେଥିରେ ସେମାନେ ବେଶ ଖୁସି ମଧ୍ୟ ।

## ଜାମାଇକାରେ...

ମିଡିଆରେ ଏହାର ଭିଡ଼ିଓ ଭାଇରାଲ ହେବାରେ ଲାଗିଛି । ପ୍ରଧାନମନ୍ତ୍ରୀ ଆଣ୍ଡ୍ରୁ ହୋଲନେସ୍ କହିଛନ୍ତି ଏହି ଝଡ଼ ଜାମାୟିକା ପାଇଁ ବିନାଶକାରୀ ପ୍ରମାଣିତ ହେବ । ବିଶ୍ୱରେ ଏପରି କୌଣସି ଭିତ୍ତିଭୂମି ନାହିଁ ଯାହା କାଟାଗୋରି ୫ର ଶକ୍ତିଶାଳୀ ଘୂର୍ଣ୍ଣି ଝଡକୁ ସହ୍ୟ କରିପାରିବ । ଜାମାୟିକାର ଦକ୍ଷିଣ ଅଞ୍ଚଳଗୁଡ଼ିକ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଆମର ଧୈର୍ଯ୍ୟ ଏବଂ ସଂହତିର ଏକ ପରୀକ୍ଷା । ଜାତୀୟ ବିପର୍ଯ୍ୟୟ ଭାବେ ଏହାକୁ ଜରୁରୀକାଳିନ ଘୋଷଣା କରାଯିବା ସହ ବିମାନ ବନ୍ଦରକୁ ବନ୍ଦ କରିଦିଆଯାଇଛି । ୮୦୦ରୁ ଅଧିକ ରିଲିଫ ଶିବିରରେ ଲୋକ ରହିଛନ୍ତି । ଆଗାମୀ ୨୪ ଘଣ୍ଟାରେ ପ୍ରବଳ ବର୍ଷା ଓ ପବନର ତୀବ୍ରତା ଆହୁରି ବୃଦ୍ଧି ପାଇପାରେ । ଆମେରିକାର ବାୟୁସେନା ହର୍ଣ୍ଟର୍ସ ମେଲିସାର ଆଖି ଭିଡ଼ିଓଗ୍ରାଫି କରିଛି । ଆଣ୍ଟଲାଟିକ୍ ମହାସାଗର ଉପରେ ଏହି ଭାଇରାଲ ଭିଡ଼ିଓର ଏକ ଭୟଙ୍କର ଦୃଶ୍ୟ ଦେଖାଯାଉଛି । କାର୍ବିଆନ ସାଗରରେ ସୃଷ୍ଟି ହୋଇଥିବା ଏହି ଘୂର୍ଣ୍ଣିବାତ୍ୟା ଅତି ଭୟଙ୍କର ରୂପ ନେଇଥିଲା । ସାରା ବିଶ୍ୱରେ ଘୂର୍ଣ୍ଣିବାତ୍ୟାକୁ ଭିନ୍ନ ଭିନ୍ନ ନାମରେ କୁହାଯାଇଥାଏ । ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ ମେଲିସାକୁ ତୃତୀୟ ସର୍ବବୃହତ୍ତ ବାତ୍ୟା ବୋଲି ରେକର୍ଡ କରାଯାଇଛି । ଭାରତୀୟ ପାଣିପାଗ ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି ଆଣ୍ଟଲାଟିକ୍ ଇତିହାସରେ ଏହା ସବୁଠୁ ଶକ୍ତିଶାଳୀ ବାତ୍ୟା । ବଙ୍ଗୋପସାଗର ଇତିହାସରେ ଶକ୍ତିଶାଳୀ ବାତ୍ୟା ହୋଇ ୧୯୯୯ ଅକ୍ଟୋବର ୨୯ର ମହାବାତ୍ୟା ରହିଛି । ମେଲିସାର ସର୍ବାଧିକ ସ୍ଥାୟୀ ପବନ ବେଗ ଘଣ୍ଟାପ୍ରତି ୩୦୦ କିମି ଥିଲା । ସ୍ଥଳଭାଗ ଅତିକ୍ରମ କରିବାରେ ଇତିହାସର ସବୁଠୁ ଶକ୍ତିଶାଳୀ ହେରିକେନ୍ ।


OFFICE OF THE PRINCIPAL, ATHMALLIK COLLEGE,
At/P.O,-Athmallik Dist: Angul Pin: 759125 Ph.(+91)8114868048
Estd:1978 E-mail Id- athmallik.college@gmail.com
OFFICE OF THE PRINCIPAL -CUM-SECRETARY,
ATHMALLIK DEGREE COLLEGE, ATHMALLIK, DIST-ANGUL
NAAC-Accerdiated
Email-athmallik.college@gmail.com

Letter No. 809 Date. 28.10.2025

**WANTED**

Guest Lectures in Economics-01,Philosophy- 01,Botany-01 including Jr-Clerk -02, PET- 01, are wanted for immediate appointment. The retired faculties Teaching and Non-Teaching members below the age of 69 years may apply through HIMS Portal on or before 31.10.2025.

The Eligibility,Remuneration,selection procddure and other terms & conditions will be guided as per the notification of DHE , Odisha , vide Letter No.57198 & 57203 on dtd. 23.10.2025.

Sd/- Principal -Cum-Secretary



OFFICE OF THE CDM & PHO-CUM- DISTRICT MISSION DIRECTOR, NHM, JHARSUGUDA.
District Programme Management Unit (DPMU)),NHM, Dist Headquarter Hospital, At : Malimunda. Post: OSAP Lane, Dist: Jharsuguda - PIN: 768204 (Odisha)
E-Mail: dpmujha@nic.in

E-470

ZILLA SWASTHYA SAMITI, JHARSUGUDA
Office of the CDM & PHO- cum- Dist, Mission Director, Jharsuguda, Odisha, 768204.
No. 3461/NHM/Fin 25 Dt : 28.10.2025

**Tender Call Notice**

Sealed tenders are invited from the interested eligible bidders for Supply of Working Lunch for training/ workshops/meetings under the ZSS Jharsuguda as per the specification given in the tender paper. The sealed tender papers will be received at the O/o: The CDM & PHO cum District Mission Director, Jharsuguda, DHH, Jharsuguda on any working day till 18.11.2025 up to 5.30pm through speed post/registered post only. The same will be opened on at 19.11.2025 11.30 A.M in the office chamber of CDM&PHO in presence of bidders/their authorised representatives. The undersigned will not be held responsible for any kind of postal delay. The undersigned reserves the right to accept or reject any or all the tenders without assigning any reason thereof. The detailed terms & conditions along with bid documents is available in the website http://jharsuguda.nic.in.

Sd/- CDM &PHO cum District Mission Director, NHM, Jharsuguda

OIPR : 10037/11/0021/2526



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR

O-1230

e-PROCUREMENT NOTICE NO. Tender Online 06 JJPT of 2025-26

| | | | |
|---|---|---|---|
| 1. | Name of work | : | 4 Nos. Road & Building Works. |
| 2. | Total No of Work | : | 3 Nos. Road Work & 1No. Building Work |
| 3. | Estimated Cost (Approx.) | : | Rs. 50.34 to 67.12 Lakhs |
| 4. | Period of Completion | : | 60 to 270 Days |
| 5. | Class of contractors | : | B Class |

Other details as follows :

| | | | |
|---|---|---|---|
| a) | Procurement officer | : | Superintending Engineer, Rural Works Division, Jajpur |
| b) | Availability of tender online & submission of bid | : | 29.10.2025 at 10.00 AM to 07.10.2025 upto 5.00 PM |
| c) | Last date & time of seeking of tender clarification | : | 06.11.2025 up to 5.00 PM |
| d) | Opening of Technical Bid | : | 10.11.2025 at 11:00 A.M. |

Further details can be seen from the Govt, website www.tendersodisha.gov.in
Note:- If situation arises the date of transparent lottery will be held on 17.11.2025, At 11:30 AM

Sd/- Superintending Engineer
Rural Works Division

OIPR : 25047/11/0048/2526



Email ID : eephdsbp@gmail.com
GOVERNMENT OF ODISHA
OFFICE OF THE SUPERINTENDING ENGINEER,
P.H. DIVISION, SAMBALPUR.

C-1305

NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP-05/2025-26 Dt. 29.10.2025

| | | | |
|---|---|---|---|
| 01 | Name of the Work. | : | 1 no Work |
| 02. | Type of Bid | : | Single Bid System |
| 03. | Estimated Cost | : | Rs. 39.73 lakhs (Approx.) |
| 04. | Class of Contractor | : | Manufacturer |
| 05. | Period of Completion | : | 60 (Sixty) days. |
| 06. | Date & Time of availability of bid document in the portal | : | From 11.00 AM of dt. 06.11.2026 to to 5.00 Pm of 18.11.2025 |
| 07. | Last date / time of receipt of bids in the portal | : | 5.00 PM of 18.11.2025 |
| 08. | Date & Time of opening of tender | : | At 11.30 AM of 19.11.2025 |
| 09. | Name and Address of the Officer Inviting Bid | : | Superintending Engineer, P.H. Division, Sambalpur, Near V.S.S. Stadium, Brooks Hill, Sambalpur, Dist- Sambalpur-768004 |

Further details can be seen from the website http://tenders.ori.nic.in or www.tendersorissa.gov.in

Sd/- Additional Chief Engineer
P.H. Division, Sambalpur

OIPR : 13026/11/0014/2526



Directorate of Ports & Inland Water Transport,
Fortune Tower, Ground Floor, Zone - A,
Chandrasekharpur, Bhubaneswar-751023
Phone: 0674-2300885, Email: -portsniwt.od@nic.in

JJ-62

e-PROCUREMENT NOTICE
Bid Identification No. DPIWT-22/2025-26

| | | | |
|---|---|---|---|
| 01. | Name of the work | : | Procurement of 1000 nos. Child Life Jacket for the Passenger Boats plying in different water bodies of Odisha |
| 02. | Approximate value of work | : | Rs.20,00,000.00 |
| 03. | No. of Covers | : | Double cover |
| 04. | Bid Cost | : | Rs.6,000.00 |
| 05. | Period of Completion | : | 03 (Three) Calendar Months |
| 06. | Date & Time of availability of bid document in the portal | : | 03.11.2025 to 17.11.2025 up to 05.00 P.M. |
| 07. | Date & Time of Bid Clarification | : | 03.11.2025 to 07.11.2025 up to 03.00 P.M. |
| 8. | Last date & time for receipt of bids in the portal | : | 17.11.2025 up to 05.00 P.M. |
| 9. | Date of opening of bid document (Cover-I) | : | 18.11.2025 at 11.30 A.M. |
| 10. | Name and address of officer inviting Tender (OIT) | : | Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, Pin-751023 Phone-0674-2390355, Fax-2396885. e-Mail : - portsniwt.od@nic.in |

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.

Sd/- Director
Ports & IWT, Odisha

OIPR : 38035/11/0054/2526



CDA

କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

CAD- 2130

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୬ରେ ପ୍ଲଟ ନଂ-ବି/୧୪୧୯ ଟିକୁ ସୁଲତାନା ପରବିନ୍, ସ୍ୱା- ସ୍ୱର୍ଗତ ମହମ୍ମଦ ହାଇଦର ଅଲି, ସା-ଫକୀରାବାଦ, ପୋ/ଥା-କେନ୍ଦ୍ରାପଡା, ଜିଲ୍ଲା-କେନ୍ଦ୍ରାପଡାଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ସୁଲତାନା ପରବିନ୍ ଉକ୍ତ ପ୍ଲଟ ଟିକୁ ପୁରୁଣା ଘର ର ପୁନରୁଦ୍ଧାର ନିମନ୍ତେ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମମତା ରାୟ, ସ୍ୱା- ଶ୍ରୀ କଲ୍ୟାଣ ରାୟ, ମାର୍ଫତ୍-ବିଧାନ ଚନ୍ଦ୍ର ରାୟ, ସା-ଖାକି ମଠ (ନୂଆ ସାହି), ପୋ-ପୁରୀ, ଥା-କୁମ୍ଭାରପଡା, ଜିଲ୍ଲା-ପୁରୀ – ୭୫୨୦୦୨ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ଦଶ (୧୦) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

OIPR : 13037/11/0395/2526


## ୧୧୪ ଆଶାୟୀଙ୍କୁ...

ପ୍ରତିଜଣ ପ୍ରାର୍ଥୀ ୨୫ ଲକ୍ଷ ଟଙ୍କା ଦେବାକୁ ଚୁକ୍ତି କରିଥିଲେ । ପ୍ରଥମେ ୧୦ ଲକ୍ଷ ଏବଂ ଚାକିରି ନିଶ୍ଚିତ ହେଲେ ଅନ୍ୟ ୧୫ ଲକ୍ଷ ଦେବା ପାଇଁ । ତାହା ପୂର୍ବରୁ ପୋଲିସ ଉକ୍ତ ଜାଲିଆତି ର ପର୍ଦାଫାସ କରିଥିଲା । ପରେ ଉକ୍ତ ମାମଲାକୁ ହସ୍ତାନ୍ତର କରାଯାଇଥିଲା ।

## ୭୨ ମାଓବାଦୀଙ୍କ...

ତେବେ ଚଳିତ ମାସ ଆରମ୍ଭରୁ ୨୦୮ ଜଣ ମାଓବାଦୀ ଜଗଦଲପୁରରେ ଆତ୍ମସମର୍ପଣ କରିଥିବା ବେଳେ ଲଗାତାର କିଛି ମାସ ହେବ ମାଓବାଦୀଙ୍କ ଉପରେ ଆଖିବୁଜା ଆକ୍ରମଣ ପରେ ମାଓବାଦୀଙ୍କ ଶିବିରରେ କମ୍ପନ ଦେଖିବାକୁ ମିଳିଛି । ଜାନୁଆରୀ ୨୦୨୫ରୁ ମାଓ ବିରୋଧୀ ଅଭିଯାନକୁ ତୀବ୍ରତର କରିଛନ୍ତି ସୁରକ୍ଷାବାହିନୀ । କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀଙ୍କୁ ମୂଳପୋଛ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ସଫଳ ହେବାକୁ ଯାଉଛି । କାରଣ ସୁରକ୍ଷାକର୍ମୀଙ୍କ ଲଗାତାର ଅପରେସନ୍ ଯୋଗୁଁ ମାଓ ସଂଗଠନ ବହୁ ଟପ୍ କ୍ୟାଡରଙ୍କୁ ହରାଇ ସାରିଛି ।


**AFFIDAVIT**

By virtue of an affidavit sworn before Sri Dusasan Samantaray, Notary Public Bhubaneswar, Odisha, dated. 22.10.2025. I Dibyanshi Pradhan D/o Biswanath Pradhan of Vill-Badangarapatna, P.o-Nilagiripatna, P.S- Jankia, Dist-Khordha, PIN- 752019 have changed my name from Padmini Pradhan to Dibyanshi Pradhan. Henceforth, I shall be known as Dibyanshi Pradhan for all purpose.

Dibyanshi Pradhan



OFFICE OF THE PRINCIPAL
KALANDI CHARAN SANSKRIT COLLEGE
At/Po. - Padhuan, Dist : Bhadrak, Pin : 756046 (Odisha)
Letter No. PPS Date : 29.10.2025

**କିରାଣି ଆବଶ୍ୟକ**

ଏତଦ୍ୱାରା ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ପ୍ରତ୍ରସଂଖ୍ୟା ୫୬୨୦୩ ତା. ୨୩.୧୦.୨୦୨୫ ରିଖ ନିର୍ଦ୍ଦେଶାନୁସାରେ କାଳନ୍ଦି ଚରଣ ସଂସ୍କୃତ ମହାବିଦ୍ୟାଳୟ ପଢୁଆଁ ବାସୁଦେବପୁର ଭଦ୍ରକରେ ଖାଲିଥିବା କିରାଣି ପଦବୀ ନିଯୁକ୍ତି କରାଯିବ ।
୧. କିରାଣି – ୧
୨. ଯୋଗ୍ୟତା – ଅବସରପ୍ରାପ୍ତ କିରାଣି (୪୮୮, ୬୬୨ ଏବଂ ସଂସ୍କୃତ ବର୍ଗର)
୩. ବୟସ ସୀମା – ୬୧ ରୁ ୬୯ ବର୍ଷ ମଧ୍ୟରେ
୪. ଆବେଦନ – ଉପଯୁକ୍ତ ପ୍ରାର୍ଥୀ କେବଳ HIMS ପୋର୍ଟାଲ ମାଧ୍ୟମରେ ବିଜ୍ଞାପନର (୦୭) ଦିନ ମଧ୍ୟରେ ଆବେଦନ କରିପାରିବେ ।

Sd/- Principal
Contact No. 8018315363



OFFICE OF THE SUPERINTENDING ENGINEER
RURAL WORKS DIVISION, KARANJIA
E-mail ID:- eerwkaranjia@yahoo.com
Letter No 4353 Date. 25.10.2025

2ND CORRIGENDUM NOTICE
BID IDENTIFICATION NO_RWDKNJ- 05/2025-26
(Road) Invited Vide this Office Letter No- 3953 Dt 11.09.2025

O-1238 : Due to unavoidable circumstances, tender invited vide Bid Identification No-RWDKNJ-05/2025-26 (Road) works vide this office letter No -3953 Dt. 11.09.2025. 2025 and 1st Corrigendum Notice vide Ltr No-4029 Dt 15.09.2025 for the work " Periodical Renewal of 05 (Five) year Completed PMGSY roads for the Year 2025-26. The Important dates have been changed as per following.

| | | | |
|---|---|---|---|
| 1 | Availability of tender Online | : | 30.10.2025 at to 11.00 AM instead of 28.10.2025 |
| 2 | Last date of availability of tender | : | 11.11.2025 up to 5.00PM instead of 11.11.2025 |
| 3 | Last date & Time of seeking tender | : | 11.11.2025 up to 1.00 PM instead of 08.11.2025 |
| 4 | Date of Openings of Tender | : | 12.11.2025 at 11.00 AM instead of 10.11.2025 |

All other terms and conditions will remain unaltered.

Sd/- Executive Engineer
R.W.Division, Karanjia

OIPR : 25086/11/0033/2526



OFFICE OF THE SUPERINTENDING ENGINEER
RURAL WORKS DIVISION, KARANJIA
E-mail ID:- eerwkaranjia@yahoo.com
Letter No 4359 Date. 25.10.2025

2ND CORRIGENDUM NOTICE
BID IDENTIFICATION NO_RWDKNJ- 04/2025-26
Building Works/ Invited Vide this Office Letter No- 3717 Dt 20.08.2025

O-1237 : Due to unavoidable circumstances, tender invited vide Bid Identification No-RWDKNJ-04/2025-26 Building works vide this office letter No -3717 Dt. 20.08.2025 and 1st Corrigendum Notice vide Ltr No-3760 Dt 30.08.2025 for the work "Special repair of Building Works", the Important dates have been changed as per following.

| | | | |
|---|---|---|---|
| 1 | Availability of tender Online | : | 31.10.2025 at to 11.00 AM instead of 27.10.2025 |
| 2 | Last date of availability of tender | : | 10.11.2025 up to 5.00 PM instead of 07.11.2025 |
| 3 | Last date & Time of seeking tender | : | 10.11.2025 up to 1.00 PM instead of 07.11.2025 |
| 4 | Date of Openings of Tender | : | 11.11.2025 at 11.00 AM instead of 10.11.2025 |

The number of Building works in previous notice also has been changed as per Annexure-A.

All other terms and conditions will remain unaltered.

Sd/- Executive Engineer
R.W.Division, Karanjia

OIPR : 25086/11/0032/2526



GOVERNMENT OF ODISHA : OFFICE OF THE EXECUTIVE ENGINEER
RURAL WORKS DIVISION: RAYAGADA

Letter No. 3420 Date : 23.10.2025

1st Corrigendum

O-1247 : In continuation to this office Bid identification No. EERWRGD-Online-05/2025-26 this offife letter No. 3075 dated. 24.09.2025 partial modification of TCN has been made as follows.

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | 10.10.2025 at 11.00 AM to 23.10.2025 upto 5.00 PM | 04.11.2025 at 11.00 AM to 17.11.2025 upto 5.00 PM |
| 2 | Date & Time of Opening Tender | 24.10.2025 at 11.00 AM | 18.11.2025 at 11.00 AM |

All other terms and conditions remain unchanged.

Yours faithfully
Sd/- Executive Engineer
Rural Works Division, Rayagada

OIPR : 25072/11/0036/2526



GOVT. OF ODISHA : OFFICE OF THE EXECUTIVE ENGINEER (AGRIL.),
AGRIL. ENGG. DIVISION, KEONJHAR
AT/PO: MADHAPUR, DISTRICT : KEONJHAR-758001
E-mail ID : eeagril.kjr@gmail.com

L-93

e-Procurement Notice: Dated 28.10.2025
Bid Identification No. EE(AGRIL)Keonjhar Division-02/2025-26

The Executive Engineer (Agril.), Agril.Engg.Division.Keonjhar, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for civil works/buildings in the district of Keonjhar as detailed below:

| Sl. No. | Nos of the work/nature of work for which Tender invited | Approximate Estimated cost put to Tender (Excluding G.S.T) (Rs. lakhs) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | Total 03 Nos (Three nos) Building works/Civil construction works / PH Sanitary & Electrical works/Borewell Installation | Vary from Rs. 5.31 lakh to Rs. 8.41 lakh | Rs. 4,000.00 | 1% Of the Amount Put to Tender | D & C | 30 Days & 90 Days |

1. Date & Time of availability of bid document in the portal :30.10.2025 at 10.00 AM to 10.11.2025, 5.30 PM
2. Last date / Time for receipt of bids in the portal :10.11.2025 upto 5.30 PM
3. Date of submission of original bid documents in Tender Box : 30.10.2025,10.00 AM to 11.11.2025 up to 1.00 PM
4. Date & Time of opening of original Documents, Verification & Online bids- 12.11.2025 at 11.00 AM onwards

The Bidders have to participate in ONLINE bidding only in the e- Procurement website: https://tendersodisha.gov.in with matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website.Authority reserve the right to reject/ accept any or all of the tenders .Increase/decrease the quantities of works without assigning any reasons thereof.

Sd/- Executive Engineer (Agril.)
Agril.Engg. Division,Keonjhar

OIPR : 01460/11/0008/2526



A-807

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
ANANDAPUR BARRAGE PROJECT, SALAPADA
E-mail id: cceabp@gmail.com

E-procurement Notice No. CCEABP-14 of 2025-26

| E-Procurement Officer | Name of the work | Bid id No | Tender Cost in Lakhs (Appx.) | Bid security (online) | Cost of Bid Document (Online) | Class of Contractor | Period of Completion | Availability of tender on line for bidding: From | Availability of tender on line for bidding: To | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer A.B Project, Salapada | Repair and rehabilitation of approach road of Anandapur Barrage connecting to N.H.-20, Anandapur Barrage and S.H.-53 | ABP-ABD-01/14 of 2025-26 | 690.00 | 6,90,000/- | 10,000/- | "A" & Spl. Class | Six Calendar Month | 01.11.25 11.30 AM | 17.11.25 5.00 P.M. | 18.11.25 11.30 A.M. |

Further details can be seen from the Govt, website www.tendersorissa.gov.in/www.dowrodisha.gov.in Addendum/ corrigendum/ cancellation if any required will be published in Govt, website only.

Sd/- Chief Construction Engineer,
Anandapur Barrage Project,
Salapada

OIPR : 32180/11/0016/2526



GOVT. OF ODISHA : OFFICE OF THE SUPERINTENDING ENGINEER
RURAL WORKS DIVISION, ANANDAPUR
E-Mai l: - eerw_anandapur@yahoo.co.in

O-1225

NOTICE INVITING TENDER
NATIONAL COMPETITIVE BIDDING THROUGH e-PROCUREMENT NOTICE
On line-08 /EE/RW/AND/2025-26
Construction of Wash room and other Amenities in Hatadihi Court Complex in the District of Keonjhar for the year 2025-26.
No. 6570 // Date : 27.10.2025 //

Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Maintenance of Buildings through e-Procurement as per annexure in Single Cover system. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil works . The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid identification No. | Availability of Tender on-line for bidding: From | Availability of Tender on-line for bidding: To | Last Date & Time of seeking tender clarification | Date & Time of opening of tender in O/o the S.E, R.W. Division, Anandapur |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer R.W. Division, Anandapur | NCB-On line 08/EE/RW/AND/ 2025-26 | 31.10.2025 at 10.00 A.M. | 07.11.2025 up to 5.00 P.M. | 06.11.2025 up to 5.00 P.M. | 10.11.2025 at 11.30 A.M. |

Sd/- Executive Engineer
R.W. Division, Anandapur

OIPR : 25055/11/0029/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଆଗାମୀ ୩-୫ ବର୍ଷ ମଧ୍ୟରେ ପ୍ରଗତି ଓ ରୂପାନ୍ତରଣ

# ନିମନ୍ତେ ଆମୱେର ୧୦୦ କୋଟି ଟଙ୍କା ପୁଞ୍ଜିନିବେଶ ଘୋଷଣା

ଭୁବନେଶ୍ୱର, (ସବ୍ୟୁ) : ଆମୱେ ପ୍ରେସିଡେଣ୍ଟ ଓ ସିଇଓ ମାଇକେଲ ନେଲସନ ଦେଶରେ କମ୍ପାନୀର ଉତ୍ପାଦନକୁ ୧୦ ବର୍ଷ ପାଳନ ନିମନ୍ତେ ଚଳିତ ସପ୍ତାହରେ ଭାରତ ଗସ୍ତରେ ଆସିଥିଲେ । ଏହି ମାଇଲଖୁଣ୍ଟ ଆମୱେର ବୈଶ୍ୱିକ ବବସାୟ ପରିଚାଳନା



କ୍ଷେତ୍ରରେ ଆମୱେ ପାଇଁ ଆମେରିକା ଓ ଚୀନ ସମେତ ମାତ୍ର ତିନିଟି ବୈଶ୍ୱିକ ଉତ୍ପାଦନକାରୀ ସ୍ଥଳ ମଧ୍ୟରୁ ଅନ୍ୟତମ ଭାବରେ ଭାରତର ରଣକୌଶଳାତ୍ମକ ଗୁରୁତ୍ୱରେ ଏକ ମାଇଲଖୁଣ୍ଟ ହୋଇଛି । ଏହି ମଜଭୁତ ମୂଳଦୁଆ ଉପରେ କମ୍ପାନୀ ଆମୱେ ବ୍ୟବସାୟ ମାଲିକ/ ବିତରକଙ୍କ ସାମର୍ଥରେ ବୃଦ୍ଧି ଘଟାଇବା, ଏହାର ଶାରୀରିକ ଉପସ୍ଥିତିକୁ ସୁଦୃଢ ଓ ପରିବ୍ୟାପ୍ତ କରିବାଏବଂ ଗ୍ରାହକଙ୍କ ଅନୁଭୂତି ଉଚ୍ଚତର ସେପାନକୁ ନେବା ସକାଶେ ଆଗାମୀ ତିନିରୁ ପାଞ୍ଚବର୍ଷ ମଧ୍ୟରେ ୧୦୦ କୋଟି ଟଙ୍କା (୧୨ ନିୟୁତ ଆମେରିକୀୟ ଡଲାର) ନିବେଶ ଯୋଜନା କରିଛି । ପ୍ରେସିଡେଣ୍ଟ ଏବଂ ସିଇଓ ଭୂମିକା ଗ୍ରହଣ କରିବା ପରେ ନେଲସନଙ୍କର ଏହା ପ୍ରଥମ ଭାରତ ଗସ୍ତ ହୋଇଛି ଏବଂ ଏହା ଆମୱେର ବିଶ୍ୱସ୍ତରୀୟ ଅଭିବୃଦ୍ଧି ରଣକୌଶଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଇବା ସହିତ ଏହି ଅଞ୍ଚଳରେ କମ୍ପାନୀର ସମାବେଶୀ ଏବଂ ଦୀର୍ଘସ୍ଥାୟୀ ପ୍ରଗତି ପ୍ରତି ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ପୁନଃ ସୁଦୃଢ କରୁଛି ।

# କିଶୋରୀ-କିଶୋର ସମାବେଶ ଉଦ୍‌ଯାପିତ


ଭୁବନେଶ୍ୱର, (ସବ୍ୟୁ) : ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କିଶୋରୀ-କିଶୋର ସମାବେଶର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ଦୁଇଦିନିଆ ସମାବେଶରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କିଶୋର ଅବସ୍ଥାରେ ମାନସିକ ସ୍ୱାସ୍ଥ୍ୟ ଓ ସେମାନଙ୍କ ମଧ୍ୟରେ ଥିବା ଦକ୍ଷତାର ଅନ୍ୱେଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ପାଠପଢ଼ା ସହିତ ନିଜର ବିଭିନ୍ନ ରୁଚି ଉପରେ ଧ୍ୟାନଦେଲେ ପ୍ରତ୍ୟେକ ମଣିଷ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ଲାଭ କରିପାରିବେ । କିଶୋରୀମାନେ ନିଜର ମନ କଥା ଓ ସେ ସମ୍ମୁଖୀନ ହେଉଥିବା




ବିଭିନ୍ନ ସମସ୍ୟାକୁ କହିବା ପାଇଁ ପରିବାରରେ ମୁକ୍ତ ପରିବେଶ ସୃଷ୍ଟି ହେବା ଆବଶ୍ୟକ । ଭାବ ବିନିମୟ ଓ ପାରସ୍ପରିକ ସୁସମ୍ପର୍କ ଅନେକ ସମସ୍ୟାର ସମାଧାନ କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଅଙ୍ଗନବାଡ଼ି କର୍ମୀ ଓ ଅଧିକାରୀମାନଙ୍କୁ ଭୂୟସୀ ପ୍ରଶଂସା କରି କହିଲେ ଯେ ପ୍ରାୟ ୩୦ ଲକ୍ଷ କିଶୋରୀଙ୍କୁ ଦକ୍ଷତା ଶିକ୍ଷା ପ୍ରଦାନ କରାଯାଇଛି । କିଶୋରୀକିଶୋରମାନଙ୍କ ସହ ବାର୍ତ୍ତାଳାପ କରିବା ଅବସରରେ ଉପମୁଖ୍ୟମନ୍ତ୍ରୀ କହିଲେ ଯେ ଆଜିର ଯୁଗରେ ପୁରୁଷମାନଙ୍କ ସହ ମହିଳାମାନେ ମଧ୍ୟ ନିଜର ଆର୍ଥିକ ବିକାଶରେ ଅନୁରୂପ ଭାବେ ଯୋଗଦାନ କରିବାରେ ସକ୍ଷମ ହୋଇପାରୁଛନ୍ତି । ବିକଶିତ ଓଡ଼ିଶାରେ ସମସ୍ତଙ୍କର ସହଯୋଗ ଲୋଡ଼ି ସେ କହିଲେ ଯେ ପ୍ରତ୍ୟେକଟି କ୍ଷେତ୍ରରେ ଆମକୁ ଅଗ୍ରସର ହେବାକୁ ପଡ଼ିବ ବୋଲି କହିଥିଲେ । ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ୨୭ଟି ଜିଲ୍ଲାର ୧୨୭ ଜଣ କିଶୋରୀକିଶୋର ଅଂଶଗ୍ରହଣ କରିଥିଲେ ।

## ଓଡ଼ିଶୀ ନୃତ୍ୟଶିଳ୍ପୀ ଡକ୍ଟର ଚିତ୍ତରଞ୍ଜନ ସାହାଣୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର, (ସବ୍ୟୁ) : ଗୋଟିଏ ଜାତିର ସାମଗ୍ରିକ ଐତିହ୍ୟର ପୂର୍ବାଭାସ ତାର ନୃତ୍ୟ,ସଂଗୀତ, ସାହିତ୍ୟରୁ ସ୍ପଷ୍ଟ ବୁଝାପଡେ ବୋଲି ଜାତୀୟ ବିଜ୍ଞାନ ଶିକ୍ଷା ଗବେଷଣା ପ୍ରାତିଷ୍ଠାନ (ନାଇସର ) ଠାରେ ଅନୁଷ୍ଠିତ ସର୍ବଭାରତୀୟ ସ୍ତରରୁ ବିଜ୍ଞାନ ଗବେଷକ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ ଉତ୍ସବ ଅନୁରଙ୍ଗ ଶତାଧିକ କଳାନୁରାଗୀ ମେଧାବୀ ବିଦ୍ୟାର୍ଥୀଙ୍କ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଭାରତୀୟ କଳା ଐତିହ୍ୟର ଗରିମାଗାନ କରିଛି ବୋଲି



କହିଛନ୍ତି ନାଇସରର ନି ର୍ଦ୍ଦେ ଶ କ ପ୍ରଫେସର ଡକ୍ଟର ହରେନ୍ଦ୍ରନାଥ ଘୋଷ । ରେଜିଷ୍ଟ୍ରାର ଡକ୍ଟର ପ୍ରଣୟ କୁମାର ସ୍ୱାଇଁ, ବିଜ୍ଞାନ ସହ କଳାର ସମ୍ପର୍କ ଖୁବ ନିବିଡ଼ ବୋଲି କହିଥିଲେ । ଏଚ ବି ଏନ ଆଇ ମୁମ୍ବାଇର ଡକ୍ଟର ଦୀପାନ୍ୱିତା ଦା, ବିଦ୍ୟାର୍ଥୀ ମନ୍ତ୍ରଣାଳୟ ଅଧିକାରୀ ଡକ୍ଟର ଅଶୋକ ମହାପାତ୍ର ଓ ଅନୁରଙ୍ଗ ୨୦୨୫ ସାଂସ୍କୃତିକ ଉତ୍ସବର ଅଧ୍ୟକ୍ଷ ଡକ୍ଟର ସାରଳାଶ୍ରିତ ମହାନ୍ତି ମୁଖ୍ୟ ଅତିଥି ଓଡ଼ିଶାର ସୁନାମଧନ୍ୟ ଅନ୍ତଃରାଷ୍ଟ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଓଡ଼ିଆ ଅଧ୍ୟାପକ ଡକ୍ଟର ଚିତରଞ୍ଜନ ସାହାଣୀଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ନୃତ୍ୟଶିଳ୍ପୀଙ୍କ ମନୋରମ ଅଭିବ୍ୟକ୍ତି ଓ ନୃତ୍ୟ ପ୍ରଦର୍ଶନ ବିଦ୍ୟାର୍ଥୀ ମାନଙ୍କୁ ପ୍ରେରଣା ଯୋଗାଇଛି ।

## ଟ୍ରାଇର ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟରେ

# ଏୟାରଟେଲ ତୁଳନାରେ ଜିଓର ଦୁଇଗୁଣା ଡାଉନଲୋଡ୍ ସ୍ପିଡ୍ ପ୍ରଦର୍ଶନ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ରାଉରକେଲା ସହର ଏବଂ ଭୁବନେଶ୍ୱରରୁ ରାଉରକେଲା ରାଜପଥ ପାଇଁ ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟ (ଆଇଡ଼ିଟି) ଫଳାଫଳ ଅନୁଯାୟୀ, ଓଡ଼ିଶାର ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ସର୍ବାଧିକ ଡାଉନଲୋଡ୍ ସ୍ପିଡ୍ ସହିତ ଶୀର୍ଷରେ ରହିଛି । ଜିଓ ଦ୍ୱାରା ହାସଲ କରାଯାଇଥିବା ୧୯୧.୧୦ ଏମବିପିଏସ ହାରାହାରି ଡାଉନଲୋଡ୍ ସ୍ପିଡ୍ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲର ୯୬.୪୮ ଏମବିପିଏସ ତୁଳନାରେ ଦୁଇଗୁଣ ରହିଛି । ଟ୍ରାଇର ନିୟମିତ ସେବା ଗୁଣବତ୍ତା (କ୍ୟୁଓଏସ) ଅଡିଟ୍ ର ଏକ ଅଂଶ ଭାବରେ, ଓଡ଼ିଶା ସେବା କ୍ଷେତ୍ର (ଏଲଏସଏ) ଅଧୀନରେ ୧୯ ଅଗଷ୍ଟ ରୁ ୨୨ ଅଗଷ୍ଟ ୨୦୨୫ ମଧ୍ୟରେ, ରାଉରକେଲା ସହର ଏବଂ ଭୁବନେଶ୍ୱରରୁ ରାଉରକେଲା ରାଜପଥରେ କରାଯାଇଥିବା ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟରେ ୩୫.୫ କିଲୋମିଟର ରାଉରକେଲା ସହର ଡ୍ରାଇଭ୍ ଟେଷ୍ଟ, ୩୩୧.୪ କିଲୋମିଟର ଭୁବନେଶ୍ୱରରୁ ରାଉରକେଲା ରାଜପଥ, ୩.୬ କିଲୋମିଟର ପାଦଚଲା ପରୀକ୍ଷଣ ଏବଂ ୮ଟି ହଟସ୍ପଟ୍ ସ୍ଥାନରେ ପରୀକ୍ଷଣ ସାମିଲ ରହିଥିଲା ।ରାଉରକେଲା ସହର ଏବଂ ଭୁବନେଶ୍ୱର-ରାଉରକେଲା ରାଜପଥରେ ଟ୍ରାଇ ଦ୍ୱାରା କରାଯାଇଥିବା ଏହି ପରୀକ୍ଷଣରେ, ରିଲାଏନ୍ସ ଜିଓ ଏହାର ସୁଦୃଢ ନେଟୱାର୍କକୁ ପ୍ରମାଣିତ କରି ସର୍ବାଧିକ ୧୯୧.୧୦ ଏମବିପିଏସ ହାରାହାରି ଡାଟା ଡାଉନଲୋଡ୍ ସ୍ପିଡ୍ ପ୍ରଦର୍ଶନ କରିଛି । ଏହା ପଛକୁ ଏୟାରଟେଲ ୯୬.୪୮ ଏମବିପିଏସ, ଭୋଡାଫୋନ ଆଇଡ଼ିଆ ୧୭.୭୩ ଏମବିପିଏସ ଏବଂ ବିଏସଏନଏଲ ୩.୯ ଏମବିପିଏସ ହାରାହାରି ଡାଟା ଡାଉନଲୋଡ୍ ସ୍ପିଡ୍ ପ୍ରଦର୍ଶିତ କରିଛି । ବ୍ୟସ୍ତବହୁଳ ହଟସ୍ପଟ୍‌ଗୁଡ଼ିକରେ ମଧ୍ୟ ଜିଓ ସର୍ବାଧିକ ୫ଜି ଡାଉନଲୋଡ୍ ସ୍ପିଡ୍ ୨୧୯.୪୩ ଏମବିପିଏସ ହାସଲ କରିଥିବା ବେଳେ ଏୟାରଟେଲ ୧୪୫.୬୬ ଏମବିପିଏସ ୫ଜି ଡାଉନଲୋଡ୍ ସ୍ପିଡ୍ ସହିତ ଦ୍ୱିତୀୟ ସ୍ଥାନରେ ରହିଥିବା ଟ୍ରାଇ ଏହାର ରିପୋର୍ଟରେ ପ୍ରକାଶ କରିଛି । ହଟସ୍ପଟ୍‌ଗୁଡ଼ିକରେ ଜିଓ ସର୍ବାଧିକ ୩୯.୭୭ ଏମବିପିଏସ ୪ଜି ଡାଉନଲୋଡ୍ ସ୍ପିଡ୍ ରେକର୍ଡ କରିଥିବା ବେଳେ ଏହା ପଛକୁ ଏୟାରଟେଲ ୩୬.୭୪ ଏମବିପିଏସ, ଭୋଡାଫୋନ ଆଇଡ଼ିଆ ୧୭.୦୨ ଏମବିପିଏସ ଏବଂ ବିଏସଏନଏଲ ୪.୪ ଏମବିପିଏସ ୪ଜି ଡାଉନଲୋଡ୍ ସ୍ପିଡ୍ ହାସଲ କରିଛନ୍ତି । ହଟସ୍ପଟ୍‌ଗୁଡ଼ିକରେ ୫ଜି ଅପଲୋଡ୍ ସ୍ପିଡ୍ରେ ଏୟାରଟେଲ ୩୦.୭୭ ଏମବିପିଏସ ରହିଥିବା ବେଳେ ଜିଓ ୨୫.୪୦ ଏମବିପିଏସ ହାସଲ କରିଛି । ଜିଓ ମଧ୍ୟ ୧୮.୪ ଏମବିପିଏସର ଏକ ଦୃଢ଼ ହାରାହାରି ୪ଜି ଅପଲୋଡ୍ ସ୍ପିଡ୍ ବଜାୟ ରଖିଛି । ଏହାର ସୁଦୃଢ଼ ନେଟୱାର୍କ କ୍ଷମତା ସହିତ, ରିଲାଏନ୍ସ ଜିଓ ଭଏସ ସ୍ୱଷ୍ଟତା, କମ ଲାଟେନ୍ସୀ ଏବଂ ଅଲ୍ଟ୍ରା-ଫାଷ୍ଟ ମୋବାଇଲ୍ ଡାଟା ପାଇଁ ନୂଆ ମାନଦଣ୍ଡ ସ୍ଥାପନ କରିଚାଲିଛି, ଯାହା ଡିଜିଟାଲ୍ ଇଣ୍ଡିଆର ସୁଫଳକୁ ଦେଶର କୋଣ ଅନୁକୋଣର ନିକଟତର କରିଛି । ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ସବସ୍କ୍ରିପସନ୍ ତଥ୍ୟ ଅନୁଯାୟୀ, ଓଡ଼ିଶାରେ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ଏକ ନମ୍ବର ରହିଥିବା ରିଲାଏନ୍ସ ଜିଓର ରାଜ୍ୟରେ ୧.୬୭ କୋଟିରୁ ଅଧିକ ମୋବାଇଲ୍ ଗ୍ରାହକ ଏବଂ ୬.୧୪ ଲକ୍ଷରୁ ଅଧିକ ହୋମ୍ ବ୍ରଡବ୍ୟାଣ୍ଡ (ଜିଓ ଫାଇବର ଓ ଜିଓ ଏୟାର ଫାଇବର) ଗ୍ରାହକ ରହିଛନ୍ତି, ଯାହା ଏହାର ବ୍ୟାପକ ୪ଜି ଏବଂ ୫ଜି ନେଟୱାର୍କ ବଳରେ ସମ୍ଭବ ହୋଇଛି ।

## କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀଙ୍କୁ ଦାବି ଜଣାଇଲା ସାମ୍ବାଦିକ ମିଳିତ ମଞ୍ଚ

# ସାମ୍ବାଦିକ ସୁରକ୍ଷା ସ୍ୱତନ୍ତ୍ର ଆଇନ୍, ଭତ୍ତା କଲ୍ୟାଣ ପାଣ୍ଠି ବୃଦ୍ଧି ଦାବି

ଭୁବନେଶ୍ୱର, (ସବ୍ୟୁ) : ସାମ୍ବାଦିକ ମିଳିତ ମଞ୍ଚ ପକ୍ଷରୁ ନୂଆ ଦିଲ୍ଲୀରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ସାମ୍ବାଦିକଙ୍କ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ମହାରାଷ୍ଟ୍ର ଢାଞ୍ଚାରେ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ନିମନ୍ତେ ଘୋଷଣା କରିବାକୁ ଦାବି କରିଛି ସାମ୍ବାଦିକ ମିଳିତ ମଞ୍ଚ । ମଞ୍ଚର ଆବାହକ ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଡ଼ ଗଦାଧର ଦାସ, ଡ଼ ବିପିନ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ । ଶ୍ରୀ ସାହୁ କହିଛନ୍ତି ଯେ, ଅନେକ ସମୟରେ କାର୍ଯ୍ୟରତ ସାମ୍ବାଦିକମାନେ କର୍ତବ୍ୟ କରୁଥିବା ବେଳେ ବହୁବାର ଆକ୍ରମଣର ଶିକାର ହେଉଛନ୍ତି । ଏଣୁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ତୁରନ୍ତ କରିବା, ବିଭିନ୍ନ ସାମ୍ବାଦିକଙ୍କ ସମେତ ବାପା ଓ ମା'ଙ୍କୁ ପାଇଁ ବୀମାରେ ସାମିଲ କରିବା, ବିଭିନ୍ନ ଅନୁମତିପ୍ରାପ୍ତ ୱେବ୍ ଚ୍ୟାନେଲ ଏବଂ ପୋର୍ଟାଲ ନ୍ୟୁଜ୍ ସଂସ୍ଥାର ସାମ୍ବାଦିକଙ୍କୁ ବୀମାରେ ଅନ୍ତର୍ଭୁକ୍ତ କରିବା, ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ବୃଦ୍ଧି କରିବା, ଅବସରପ୍ରାପ୍ତ ଭତ୍ତା ପ୍ରଦାନ କରିବାକୁ ଦାବି କରି ଏକ ପତ୍ର ପ୍ରଦାନ କରିଥିଲେ । ଏହି ସବୁ ଦାବିକୁ ନିର୍ବାଚନ ଇସ୍ତାହାରରେ ରଖିବାକୁ ଗତ ୨୦୨୪ସାଧାରଣ ନିର୍ବାଚନରେ କେବଳ ସାମ୍ବାଦିକ ମିଳିତ ମଞ୍ଚ ନୂଆ ଦିଲ୍ଲୀରେ ବିଜେପି କାର୍ଯ୍ୟାଳୟରେ ବିଜେପି ଇସ୍ତାହାର କମିଟି ମୁଖ୍ୟଙ୍କୁ ଭେଟି ସାମ୍ବାଦିକଙ୍କ ସମସ୍ୟା ସମାଧାନ କଥା ଇସ୍ତାହାରରେ ରଖିବାକୁ ଦାବି କରିଥିଲା ।

# ଶ୍ରୀମନ୍ଦିରରେ ଚାଲିଗଲା ଭକ୍ତଙ୍କ ଜୀବନ

ପୁରୀ, (ସବ୍ୟୁ) : ଅଧୁରା ରହିଗଲା ଜଗା ଦର୍ଶନ । ଜଗା ଦର୍ଶନ କରିବା ପୂର୍ବରୁ ଶ୍ରୀମନ୍ଦିରରେ ଚାଲିଗଲା ଜଣେ ଭକ୍ତଙ୍କ ଜୀବନ । ଜଗା ଦର୍ଶନ ପାଇଁ କାହିଁ କେତେ ଦୂର ଆସିଥାନ୍ତି ଭକ୍ତ । ପୁରୀ ଯିବେ ଜଗା ଦର୍ଶନ କରିବେ । ବେଳାଭୂମି ବୁଲିବେ, ଆଉ ଘରକୁ ଫେରିବେ । ହେଲେ ସବୁ ସ୍ୱପ୍ନ ପାଣି ଫଟକା ପରି ଉଭେଇ ଗଲା । ବୁଧବାର ଦିନ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଶ୍ରୀମନ୍ଦିରରେ । ନୂଆ ଦିଲ୍ଲୀର ୭୬ ବର୍ଷୀୟ ମୁଲ ଚାନ୍ଦ ଗୁପ୍ତା ସପରିବାର ଆସିଥିଲେ ମହାପ୍ରଭୁଙ୍କ ଦର୍ଶନ କରିବାକୁ । ମହାପ୍ରଭୁଙ୍କ ଦର୍ଶନ ପାଇଁ ସାତ ପାହାଚ ଦେଇ ଯାଉଥିବା ସମୟରେ ଟଳି ପଡିଲେ ମୁଲ ଚାନ୍ଦ ଗୁପ୍ତା । ପରିବାର ଲୋକେ ସଙ୍ଗେ ସଙ୍ଗେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ଡାକ୍ତରଖାନାରେ ସମ୍ପୃକ୍ତ ଭକ୍ତଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର ।

## ପରିବର୍ତ୍ତିତ ଋତୁରେ ସୁସ୍ଥ ଶରୀର ପାଇଁ ଉପଯୁକ୍ତ ଆହାର

ଭୁବନେଶ୍ୱର, (ସବ୍ୟୁ) : ଋତୁ ବଦଳିବା ସହିତ ତାପମାତ୍ରାରେ ବାରମ୍ବାର ପରିବର୍ତନ, ଆଲର୍ଜେନଗୁଡ଼ିକ ପ୍ରତି ଅଧିକ ଏକ୍ସପୋଜର ଓ ଦୈନିକ



ରୁଟିନରେ ପରିବର୍ତନ ରୋଗ ପ୍ରତିରୋଧକ ପ୍ରଣାଳୀକୁ ପ୍ରଭାବିତ କରିପାରେ। ଯାହା ଆମକୁ ଥଣ୍ଡା, ଜ୍ୱର ଓ ଥକାପଣ ପ୍ରତି ଅଧିକ ସମ୍ବେଦନଶୀଳ କରିଥାଏ । ନୂଆଦିଲ୍ଲୀର ମ୍ୟାକ୍ସ ହେଲ୍‌ଥକେୟାରର ଡାଏଟେଟିକ୍ସ ବିଭାଗର ଆଂଚଳିକ ମୁଖ୍ୟ ନ୍ୟୁଟ୍ରିସନିଷ୍ଟ ରିତିକା ସମାଦାର କହିଛନ୍ତି, ଏହି ପରିବର୍ତନଶୀଳ ସମୟରେ ଆପଣଙ୍କର ରୋଗ ପ୍ରତିରୋଧକ କ୍ଷମତାକୁ ସୁଦୃଢ କରିବା ସୁସ୍ଥ ଓ ଶକ୍ତିସମ୍ପନ୍ନ ରହିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏକ ମଜବୁତ ରୋଗ ପ୍ରତିରୋଧକ ପ୍ରଣାଳୀ ଏକ ସନ୍ତୁଳିତ ଆହାର, ଉତ୍ତମ ଅଭ୍ୟାସ ଓ ଏକ ସୁସ୍ଥ ଜୀବନଶୈଳୀ ସହ ଆରମ୍ଭ ହୋଇଥାଏ । ନିଜ ଆହାରରେ ଆଲମଣ୍ଡ, ସବୁଜ ପନିପରିବା ଓ ମାଛ ଭଳି ପୋଷଣଯୁକ୍ତ ଖାଦ୍ୟଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ସହିତ ନିଜ ଶରୀରର ପ୍ରାକୃତିକ ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବା ପାଇଁ ହାଲୁକା ବ୍ୟାୟାମ କରନ୍ତୁ । ନିଜ ରୁଟିନରେ ଗୋଟିଏ ସରଳ ଓ ପ୍ରଭାବୀ ଯୋଗ ହେଉଛି କାଲିଫର୍ଣ୍ଣିଆ ଆଲମଣ୍ଡ, ଏକ ବାଦାମ ଯାହା ବୃହତ ରୋଗ ପ୍ରତିରକ୍ଷା ଲାଭଗୁଡ଼ିକରେ ପରିପୂର୍ଣ୍ଣ ରହିଥାଏ । କାଲିଫର୍ଣ୍ଣିଆ ଆଲମଣ୍ଡ ଓ ସାଲମନ ଭଳି ପୋଷଣ ସମୃଦ୍ଧ ଖାଦ୍ୟ ଖାଇବା, ହାଇଡ୍ରେଟ ରହିବା, ପର୍ଯ୍ୟାପ୍ତ ପରିମାଣର ଶୋଇବା ଓ ସକ୍ରିୟ ରହିବା ଭଳି ପ୍ରଭାବୀ ଅଭ୍ୟାସଗୁଡ଼ିକୁ ଆପଣାଇ ଆପଣ ନିଜ ଶରୀରର ପ୍ରାକୃତିକ ପ୍ରତିରକ୍ଷା ପ୍ରଣାଳୀକୁ ସୁଦୃଢ କରିପାରିବେ ।

## ଶ୍ରୀମନ୍ଦିରରୁ ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ଚୋରି ଅଭିଯୋଗ

ପୁରୀ, (ସବ୍ୟୁ) : ଶ୍ରୀମନ୍ଦିର ପରିସରରୁ ମା ଲକ୍ଷ୍ମୀଙ୍କ ପିତ୍ତଳ ପ୍ରତିମା ମୂର୍ତ୍ତି ଚୋରୀ ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ଜଣେ ସେବାୟତ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବୁଧବାର ଦିନ ପତ୍ର ଲେଖି ଜଣାଇଛନ୍ତି । ଶ୍ରୀମନ୍ଦିର ଭୋଗ ମନ୍ଦିର ବାଟରେ ଥିବା ଶ୍ରୀନୃସିଂହ ମନ୍ଦିରର ଥିବା ଲକ୍ଷ୍ମୀ ମୂର୍ତ୍ତି ପ୍ରାୟ ତିନି ମାସରୁ ଅଧିକ ସମୟ ହେବ ଚୋରି ହୋଇଯାଇଛି । ଏ ପର୍ଯ୍ୟନ୍ତ ଏହି ମୂର୍ତ୍ତିର କୌଣସି ଖୋଜ ଖବର ନାହିଁ । ଅନୁସନ୍ଧାନ କରାଯାଇ ନ ଥିବାରୁ ତଦନ୍ତରେ ଶିଥିଳତା ଦେଖା ଦେଇଛି । ଏଣୁ ଏ ଦିଗରେ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ଲେଖିଥିବା ଚିଠିରେ ଅନୁରୋଧ କରିଛନ୍ତି । ଘଟଣାର ଉପଯୁକ୍ତ ତଦନ୍ତ କରାଗଲେ ପିତ୍ତଳ ମା ଲକ୍ଷ୍ମୀଙ୍କ ମୂର୍ତ୍ତି କେଉଁଠି ଅଛି, କିଏ ଚୋରୀ କରିଛି ତାହା ସ୍ପଷ୍ଟ ହେବ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି ।

## ଅନୁଗୁଳର ସ୍ଥାନୀୟ ବିଦ୍ୟାଳୟଗୁଡ଼ିକର

# ଶିକ୍ଷା ଭିତ୍ତିଭୂମି ବୃଦ୍ଧି କଲା ଏସ୍‌ସିଏମ୍‌ଏଲ୍

ଭୁବନେଶ୍ୱର : ଆଦିତ୍ୟ ବିରଳା ଗ୍ରୁପ୍ ଅଧିନସ୍ଥ ଏସେଲ୍ ମାଇନିଂର ଏକ ସହଯୋଗୀ ଅନୁଷ୍ଠାନ ସୁଭଦ୍ରା କୋଲ ମାଇନିଂ ଲିମିଟେଡ୍, (ଏସ୍‌ସିଏମଏଲ) ପକ୍ଷରୁ ଏକ ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ କରିବା ଲକ୍ଷରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ୍ ସୁଭଦ୍ରା ଏରିଆରୁ ଜେନେରାଲ ମ୍ୟାନେଜର ଏଚଏସ୍ ସାଲୁଖେଁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ ହେଡ୍ ବିମଳ ବରାଳ, ସଞ୍ଜିବ ତ୍ରିପାଠୀ, ଶିବ ସାହୁ, ସୁରଜିତ ଶର୍ମା ଓ ଏସ୍‌ସି ଏମଏଲ୍ ପକ୍ଷରୁ ସୁଭ୍ରତା ସୁଭଦର୍ଶିନୀ




ଉପସ୍ଥିତ ଥିଲେ । କାନକରେଇ ଓ ରାଇଝରଣ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ କମ୍ପାନୀର ଅଧିକାରୀ ଅଭିଭାବକ ଓ ଛାତ୍ରଙ୍କ ସମେତ ସ୍କୁଲ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ । ଏସ୍‌ସିଏମଏଲ୍‌ର ସାମାଜିକ ଦାୟିତ୍ୱ ବୋଧ କାର୍ଯ୍ୟକ୍ରମ ଅଧିନରେ ବିଭିନ୍ନ ବିଦ୍ୟାଳୟକୁ ଭିତ୍ତିଭୂମି ବିକାଶ ଲାଗି ସମର୍ଥନ କରାଯିବା ସହିତ ଚେୟାର, ଟେବୁଲ, ଡେସ୍କ, କୋଡିଅମ୍ବ ଷ୍ଟିଲ ର୍ୟାକ୍ ଓ ଆଲମିରା ଆଦି ପ୍ରଦାନ କରାଯାଇଥିଲା । ଏହା ସହିତ ସୋଲାର ପାୱାର ସିଷ୍ଟମ, ୱାଟର ପ୍ୟୁରି ଫାୟର୍ସ ଓ ସାଉଣ୍ଡ ସିଷ୍ଟମ ମଧ୍ୟ ଯୋଗାଇଦିଆଯାଇଛି । କନକରେଇ ହାଇସ୍କୁଲ, କନକରେଇ ୟୁପି ସ୍କୁଲ, ବାହାଲସାହି ପ୍ରାଇମେରୀ ସ୍କୁଲ, ପୀଡାଖମନ ପ୍ରାଇମେରୀ ସ୍କୁଲ, ଛୋଟବରଏନି ଅଙ୍ଗନୱାଡି କେନ୍ଦ୍ର ଆଦି ଏହା ଦ୍ୱାରା ଉପକୃତ ହୋଇଥିବା ବେଳେ ରାଇଝରଣ ହାଇସ୍କୁଲ, ରାଇଝରଣ ପ୍ରାଇମେରୀ ସ୍କୁଲ, ରାଇଝରଣ ୟୁପି ସ୍କୁଲ ଆଦିକୁ ମଧ୍ୟ ଏହି ସହାୟତା ଯୋଗାଇ ଦିଆଯାଇଛି । ଫଳରେ ସ୍କୁଲ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଏସ୍‌ସିଏମ୍‌ଏଲ୍ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି । ସେମାନେ କମ୍ପାନୀର ସୋଲାର ପାୱାର ସିଷ୍ଟମ, ସ୍ୱଚ୍ଛ ପାନୀୟ ଜଳ ୟୁନିଟ୍ ସ୍ଥାପନ ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏହା ଶିକ୍ଷା ପରିବେଶକୁ ଉନ୍ନତ କରିବ ବୋଲି କହିଛନ୍ତି । ପ୍ରୋଜେକ୍ଟ ହେଡ୍ ବିମଳ ବରାଳ କହିଛନ୍ତି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗୋଷ୍ଠୀ କଲ୍ୟାଣ କ୍ଷେତ୍ରରେ ନିରନ୍ତର ବିକାଶ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ୧୫% ଆମଦାନୀ ଶୁଳ୍କ ଦାବି କଲା ଆଲୁମିନିୟମ ସଂଘ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ଆଲୁମିନିୟମ ସଂଘ (ଏଏଆଇ) ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଏବଂ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରିଛି ଯେ ଦେଶକୁ ଗୁରୁତ୍ୱପୂର୍ଣ୍ଣ ଏବଂ ବିରଳ ଖଣିଜ ପଦାର୍ଥ ସମ୍ପର୍କିତ ଚିନ୍ତା ପରି ଆସନ୍ନ ଆଲୁମିନିୟମ ଅଭାବରୁ ରକ୍ଷା ତଥା ଏହି କ୍ଷେତ୍ରରେ ଟ.୨୦ ଲକ୍ଷ କୋଟିରୁ ଅଧିକ ନିବେଶକୁ ଅନଲକ୍ କରନ୍ତୁ । ବର୍ଦ୍ଧିତ ଭୂରାଜନୈତିକ ଶୁଳ୍କ ଏବଂ ଅଣ-ଶୁଳ୍କ ବାଧା ମଧ୍ୟରେ ଭାରତକୁ ବିଶ୍ୱ ଆଲୁମିନିୟମ ପାଇଁ ଡମ୍ପିଂ ଗ୍ରାଉଣ୍ଡ ହେବାରୁ ରୋକିବା ପାଇଁ ଶିଳ୍ପ ସରକାରଙ୍କୁ ଅନୁରୋଧ କରିଛି । ଏଥିପାଇଁ, ଏଏଆଇ ଅଧ୍ୟାୟ ୭୬ ଅନୁଯାୟୀ ସମସ୍ତ ଆଲୁମିନିୟମ ଉତ୍ପାଦ ଉପରେ ୧୫% ମୌଳିକ ସୀମା ଶୁଳ୍କ ଦାବି କରିବା ସହ ବିଶ୍ୱ ମାନଦଣ୍ଡ ସହିତ ସମନ୍ୱିତ କଠୋର ଗୁଣବତା ମାନଦଣ୍ଡ କାର୍ଯ୍ୟକାରୀ କରିଛି । ଏଏଆଇର ଏହି ଆବେଦନ ଏପରି ସମୟରେ ଆସିଛି ଯେତେବେଳେ ବିଶ୍ୱ ବଜାର ଅତିରିକ୍ତ କ୍ଷମତା ବିଶିଷ୍ଟ ଦେଶଗୁଡ଼ିକରୁ ଆମଦାନୀ ବୃଦ୍ଧି ଭାରତୀୟ ଉତ୍ପାଦକମାନଙ୍କ ପ୍ରତିଯୋଗିତାମୂଳକତାକୁ ବିପଦରେ ପକାଇଛି । ଆଲୁମିନିୟମ୍, ଯାହାକୁ ବର୍ତମାନ ଆମେରିକା, ୟୁରୋପୀୟ ସଂଘ, ନାଟୋ ଏବଂ ଭାରତ ଦ୍ୱାରା ଏକ ରଣନୈତିକ ଏବଂ ଗୁରୁତ୍ୱପୂର୍ଣ୍ଣ ଧାତୁ ଭାବରେ ମାନ୍ୟତା ଦିଆଯାଇଛି, ଜାତୀୟ ସୁରକ୍ଷା, ଭିତିଭୂମି, ମହାକାଶ ଏବଂ ଶକ୍ତି ପରିବର୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଆମେରିକା ଆଲୁମିନିୟମ୍ ଆମଦାନୀ ଉପରେ ଶୁଳ୍କ ୧୦% ରୁ ୫୦%କୁ ବୃଦ୍ଧି କରିଛି, ଯେତେବେଳେ ଚୀନ୍ କଠୋର ଗୁଣବତା ପ୍ରତିବନ୍ଧକ ସହିତ ଆମେରିକାରୁ ଆଲୁମିନିୟମ୍ ସ୍କ୍ରାପ୍ ଆମଦାନୀ ଉପରେ ୨୫% ଶୁଳ୍କ ଲାଗୁ କରିଛି (୯୧% ଆଲୁମିନିୟମ୍ ବିଷୟବସ୍ତୁ ଅନୁମୋଦିତ) । ଏହି ସମୟରେ,ୟୁରୋପୀୟ ସଂଘ ଏବଂ ଯୁକ୍ତରାଜ୍ୟ କାର୍ବନ ସୀମା ସମାୟୋଜନ ମେକାନିଜିମ୍ (ସିବିଏଏମ) ଭଳି ଅଣ-ଶୁଳ୍କ ପଦକ୍ଷେପ ପ୍ରଚଳନ କରିଛି, ଯାହା ପ୍ରଭାବଶାଳୀ ଭାବରେ ଆଲୁମିନିୟମ୍ ଆମଦାନୀ ଖର୍ଚ୍ଚକୁ ୭% ରୁ ୬୦% ବୃଦ୍ଧି କରିଛି । ତଥାପି, ଭାରତରେ, ଚୀନ୍ ପରେ ଦ୍ୱିତୀୟ ସ୍ଥାନରେ ୪.୨ ଏମଟିପିଏ ଉତ୍ପାଦନ କ୍ଷମତା ନିର୍ମାଣ ଏବଂ ୮ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିବାରେ ଟ.୧.୫ ଲକ୍ଷ କୋଟି ନିବେଶ ସତ୍ତ୍ୱେ, ନିମ୍ନ-ଗୁଣବତା ଆଲୁମିନିୟମ୍ ଆମଦାନୀ ବୃଦ୍ଧି ପାଉଛି ଏବଂ ଆର୍ଥିକବର୍ଷ୨୬ ରେ ଘରୋଇ ଚାହିଦାର ୫୪% ହୋଇପାରେ । ଗତ ୧୪ ବର୍ଷ ମଧ୍ୟରେ, ଭାରତରେ ଆଲୁମିନିୟମ ବ୍ୟବହାର ୧୬୦% ବୃଦ୍ଧି ପାଇଛି, କିନ୍ତୁ ଆମଦାନୀ ୨୫୦% ବୃଦ୍ଧି ପାଇଛି, ଯେତେବେଳେ ଆଲୁମିନିୟମ ସ୍କ୍ରାପ୍ ଆମଦାନୀ ୨୮୫% ବୃଦ୍ଧି ପାଇଛି । ଏହି ଅସନ୍ତୁଳନ ବିକୃତ ବିଶ୍ୱ ବାଣିଜ୍ୟ ପରିସ୍ଥିତି ମଧ୍ୟରେ ଘରୋଇ ନିର୍ମାତାଙ୍କ ଉପରେ ବଢୁଥିବା ଚାପକୁ ସ୍ପଷ୍ଟ କରେ ଏବଂ ଭାରତର ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ ପାଇଁ ଏକ ପ୍ରମୁଖ କ୍ଷତି ହେବ । ଏଏଆଇ ଦ୍ୱାରା ପ୍ରମୁଖ ସୁପାରିଶ: ଡମ୍ପିଂ ଏବଂ ଅନୁଚିତ ବାଣିଜ୍ୟର ମୁକାବିଲା ପାଇଁ ଅଧ୍ୟାୟ ୭୬ ଅଧୀନରେ ସମସ୍ତ ଆଲୁମିନିୟମ ଉତ୍ପାଦ ଉପରେ ମୌଳିକ ସୀମା ଶୁଳ୍କ ୧୫% କୁ ବୃଦ୍ଧି କରନ୍ତୁ । ନିମ୍ନମାନର ଏବଂ ବିପଦପୂର୍ଣ୍ଣ ସ୍କ୍ରାପ୍ ପାଇଁ ଭାରତକୁ ଡମ୍ପିଂ ଭୂମି ହେବାରୁ ରୋକିବା ପାଇଁ ଆଲୁମିନିୟମ ଭିଜନ ଡକ୍ୟୁମେଂଟରେ ଉଲ୍ଲେଖିତ ବିଶ୍ୱ ମାନଦଣ୍ଡ ସହିତ ସୁସଙ୍ଗତ ଆଲୁମିନିୟମ ସ୍କ୍ରାପ୍ ଆମଦାନୀ ପାଇଁ ବିଆଇଏସ-ସମର୍ଥିତ ଗୁଣବତା ମାନଦଣ୍ଡ କାର୍ଯ୍ୟକାରୀ କରାଯାଉ । ଘରୋଇ ମୂଲ୍ୟ ବୃଦ୍ଧି ଏବଂ ପ୍ରତିଯୋଗିତାମୂଳକତାକୁ ସମର୍ଥନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ଉପରେ ଶୁଳ୍କ ଗଠନକୁ ଯୁକ୍ତିଯୁକ୍ତ କରନ୍ତୁ । ଯଦି ଏହି ପଦକ୍ଷେପଗୁଡ଼ିକ କାର୍ଯ୍ୟକାରୀ କରାଯାଏ, ତେବେ ଭାରତ ପ୍ରମୁଖ ଶିଳ୍ପ ଅଭିବୃଦ୍ଧିକୁ ଅନଲକ୍ କରିପାରିବ, ନିକଟ ଭବିଷ୍ୟତରେ ଟ.୨ ଲକ୍ଷ କୋଟିରୁ ଅଧିକ ଏବଂ ୨୦୪୭ ସୁଦ୍ଧା ଟ.୨୦ ଲକ୍ଷ କୋଟି ନିବେଶକୁ ଆକର୍ଷିତ କରିପାରିବ । ଏହା ୨୦୩୦ ସୁଦ୍ଧା ଘରୋଇ ଆଲୁମିନିୟମ କ୍ଷମତାକୁ ୯.୨ ଏମଟିପିଏକୁ ବିସ୍ତାର କରିବ, ଏକ ଲକ୍ଷରୁ ଅଧିକ ନୂତନ ନିଯୁକ୍ତି ସୃଷ୍ଟି କରିବ, ହଜାର ହଜାର ଏମଏସଏମଇକୁ ସମର୍ଥନ କରିବ ଏବଂ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବ । ଏଏଆଇ ଭାରତର ଆଲୁମିନିୟମ ଶିଳ୍ପକୁ ସୁରକ୍ଷା ଦେବା ଏବଂ ସରକାରଙ୍କ ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ପାଇଁ କେନ୍ଦ୍ର ବଜେଟ୍ ୨୦୨୬-୨୭ ପୂର୍ବରୁ ଏହି ସଂସ୍କାରଗୁଡ଼ିକୁ ପ୍ରାଥମିକତା ଦେବାକୁ ଡିପିଆଇଆଇଟି ଏବଂ ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାରଙ୍କୁ ଅନୁରୋଧ କରିଛି ।

## କର୍ମଚାରୀ ନେତା ଦର୍ପ ନାରାୟଣ ଦାସଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ) : ଅବସରପ୍ରାପ୍ତ ଯନ୍ତ୍ରୀ, କର୍ମଚାରୀ ନେତା ତଥା ସମାଜସେବୀ ଦର୍ପ ନାରାୟଣ ଦାସଙ୍କ ପରଲୋକ ଘଟିଛି । ମଙ୍ଗଳବାର ସକାଳେ ୮୫ ବର୍ଷ ବୟସରେ ବ୍ରହ୍ମେଶ୍ୱର ପାଟଣାସ୍ଥିତ ନୀଳାଚଳ ଭିଲା ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସ୍ୱର୍ଗତ ଦାସ ଓଡିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ଆସୋସିଏସନର ବହୁ ବର୍ଷ ଧରି ସଭାପତି ଓ ସାଧାରଣ ସମ୍ପାଦକ, ଓଡିଶା ସେବାସଙ୍ଘର ପ୍ରତିଷ୍ଠାତା, ବିଭିନ୍ନ ଶିକ୍ଷାଷ୍ଠାନର ସମ୍ପାଦକ, ଦଧିବାମନଜୀଉ ମନ୍ଦିର କମିଟିର ସମ୍ପାଦକ ଓ ବହୁ ସେବା ସଂଗଠନର ପ୍ରମୁଖ କାର୍ଯ୍ୟକର୍ତ୍ତା ଭାବେ ଦୀର୍ଘ ସମୟ ଧରି ସେବା କରିଥିଲେ । ବନ୍ୟା ପ୍ରପୀଡ଼ିତ ବରି ବ୍ଲକ ଅଞ୍ଚଳ ୧୮ଟି ପଞ୍ଚାୟତରେ ୨୦୦୧ ମସିହାରେ ଭୁବନେଶ୍ୱର ରେଡ଼କ୍ରସ ଶାଖା ପକ୍ଷରୁ ମୁଖ୍ୟ ଦାୟିତ୍ୱ ପରିଚାଳନା ସ୍ୱରୂପ ୧୪ କୋଟି ଟଙ୍କାର ରିଲିଫ ସାମଗ୍ରୀ ବଣ୍ଟନ କରି ସୁନାମ ଅର୍ଜନ କରିଥିଲେ ସଚ୍ଚିବାଳୟ, ରାଜଭବନ ଓ ରେଭେନ୍ସା କଲେଜ ରାସ୍ତା ଓ ଗୃହ ସେକ୍ସନମାନଙ୍କ ଭଳି ସ୍ଥାନରେ କାର୍ଯ୍ୟ ଦକ୍ଷତାର ସହ ଯନ୍ତ୍ରୀକାର୍ଯ୍ୟ ପରିଚାଳନା କରି ବହୁ ପ୍ରତିଭାର ଅଧିକାରୀ ହୋଇ ପାରିଥିଲେ । ତାଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ବାଗଲପୁର ଠାରେ ଏକ ଶୋଭାଯାତ୍ରାରେ ନିଆଯାଇ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ ପୁଅ ଦେବ ନାରାୟଣ ଦାସ ମୁଖାଗ୍ନି ଦେଇଥିଲେ ।

## ମୋଦିଙ୍କୁ ପ୍ରଶଂସା କରି ଯୁଦ୍ଧ ବିରତି ଦାବି ଦୋହରାଇଲେ ଟ୍ରମ୍ପ



**ନୂଆଦିଲ୍ଲୀ:** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । କୋରିଆ ମାଟିରୁ ସେ ମୋଦିଙ୍କୁ ସୁନ୍ଦର ଦେଖାଯାଉଥିବା ବ୍ୟକ୍ତି କହିଛନ୍ତି । ଭାରତ ଉପରେ ଟାରିଫ୍ ଲାଗୁ କରି ପୂର୍ବରୁ ଧମକ ଦେଉଥିବା ଟ୍ରମ୍ପଙ୍କ ମୁହଁରେ ମୋଦିଙ୍କ ପ୍ରଶଂସା ଦେଖିବାକୁ ମିଳିଛି ।

ଟ୍ରମ୍ପଙ୍କ ମତରେ ମୋଦି ହେଉଛନ୍ତି ଗୁଡ୍ ଲୁକିଂ ବ୍ୟକ୍ତି । ବିଶ୍ୱରେ ସବୁଠାରୁ ସୁନ୍ଦର ଦିଶୁଥିବା ରାଜନେତା ହେଉଛନ୍ତି ମୋଦି । ସେହିପରି ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ମହାନ ବ୍ୟକ୍ତି ଓ ପାକିସ୍ତାନର ସେନା ମୁଖ୍ୟ ଅସିମ ମୁନିରଙ୍କୁ ମହାନ ଯୋଦ୍ଧା କହିଛନ୍ତି ଟ୍ରମ୍ପ ।

ତେବେ ମୋଦିଙ୍କୁ ପ୍ରଶଂସା କରିଥିବା ଟ୍ରମ୍ପ ନିଜର ପୁରୁଣା ଦାବିକୁ ଦୋହରାଇବାକୁ ଆଦୌ ପଛ ଘୁଞ୍ଚା ଦେଇ ନାହାନ୍ତି । ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରତି ଲାଗୁ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ପୂରା ବିଶ୍ୱକୁ ପୁଣି ଜଣାଇବାକୁ ଚେଷ୍ଟା କରିଛନ୍ତି । ଦକ୍ଷିଣ କୋରିଆରେ ବ୍ୟବସାୟୀମାନଙ୍କୁ ସମ୍ବୋଧିତ କରିବା ସମୟରେ ଟ୍ରମ୍ପ ନିଜର ଭାରତ-ପାକିସ୍ତାନ ଯୁଦ୍ଧ ବିରତି କଥା ଦୋହରାଇଛନ୍ତି । ଭାରତ-ପାକିସ୍ତାନ ସମ୍ଭାବ୍ୟ ପରମାଣୁ ଯୁଦ୍ଧକୁ ସେ କୁଆଡ଼େ ବାଣିଜ୍ୟ ଚାପ ଦ୍ୱାରା ବନ୍ଦ କରିଥିଲେ ବୋଲି କହିଛନ୍ତି ।

ଟ୍ରମ୍ପ ନିଜର ଭାଷଣରେ ଭାରତ ସହ ଖୁବଶୀଘ୍ର ବାଣିଜ୍ୟ ଡିଲ୍ ଚୂଡ଼ାନ୍ତ ହେବାକୁ ଯାଉଥିବା ସେ ସଙ୍କେତ ଦେଇଛନ୍ତି ।ସେ କହିଛନ୍ତି, ମୁଁ ଭରାତ ସହିତ ଗୋଟିଏ ବାଣିଜ୍ୟ ଡିଲ୍ କରିବାକୁ ଯାଉଛି ।

### ଟ୍ରମ୍ପଙ୍କ ଗାଜା ଶାନ୍ତି ଚୁକ୍ତି ବିଫଳ

# ଇସ୍ରାଏଲର ଏୟାରଷ୍ଟ୍ରାଇକ୍: ଶତାଧିକ ମୃତ

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ଗାଜା ଶାନ୍ତି ଚୁକ୍ତି ବିଫଳ ହୋଇଛି । ଶାନ୍ତି ଚୁକ୍ତିକୁ ଭୁଲି ଆକ୍ରମଣ କଲା ଇସ୍ରାଏଲ ।ଏୟାରଷ୍ଟ୍ରାଇକରେ ଚାଲିଗଲା ଶତାଧିକଙ୍କ ଜୀବନ । କିଛି ଦିନ ତଳେ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଇସ୍ରାଏଲ ଓ ଗାଜା ମଧ୍ୟରେ ଶାନ୍ତି ଚୁକ୍ତି ହୋଇଥିଲା । ଉଭୟ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ । ହେଲେ ଏବେ ତାହା ବିଫଳ ହୋଇଛି । ଇସ୍ରାଏଲ ପୁଣି ଥରେ ଗାଜା ଉପରେ ଏୟାରଷ୍ଟ୍ରାଇକ୍ କରିଛି । ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା ଉପରେ ବିସ୍ଫୋରକ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ହମାସର ବାରମ୍ବାର ଆକ୍ରମଣ ଯୋଗୁଁ ସେ ଏହି ପଦକ୍ଷେପ ନେଇଥିବା ସ୍ପଷ୍ଟ କରିଛନ୍ତି । ଟ୍ରମ୍ପ ଅନେକ ପ୍ରମୁଖ ବିଶ୍ୱ ନେତାଙ୍କ ସମ୍ମୁଖରେ ଶାନ୍ତି ଚୁକ୍ତିନାମା ପାଇଁ ମଧ୍ୟସ୍ଥତା କରିଥିଲେ, କିନ୍ତୁ ବର୍ତ୍ତମାନ ଚୁକ୍ତିନାମା ଭଙ୍ଗ ହୋଇଛି ।



ଜାତୀୟ ଗଣମାଧ୍ୟମ ମୁତାବକ,ଇସ୍ରାଏଲୀ ଆକ୍ରମଣରେ ଏପର୍ଯ୍ୟନ୍ତ ୩୩ଜଣଙ୍କ ମୃତ୍ୟୁ ହୋଇଛି । ଅନେକ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଇସ୍ରାଏଲର ସେନା କହିଛି ଯେ, ହମାସ ଆମ ସେନା ଉପରେ ଆକ୍ରମଣ କରିବାରୁ ଏହାର ଜବାବ ଦେବାକୁ ଯାଇ ଆମେ ଏୟାରଷ୍ଟ୍ରାଇକ୍ କରିଛି । ପାଲେଷ୍ଟିନୀୟ ଦଳ ପ୍ରଥମେ ଅସ୍ତ୍ରବିରତି ଉଲ୍ଲଂଘନ କରିଛି ।

ଅନ୍ୟପକ୍ଷରେ ହମାସ ଏଭଳି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରି କହିଛି ଯେ, ରାଫାରେ ହୋଇଥିବା ଗୁଳିକାଣ୍ଡ ଘଟଣା ସହିତ ଆମର କୌଣସି ସମ୍ପର୍କ ନାହିଁ । ଏହି ଘଟଣା ପରେ ବୁଧବାର ଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଗାଜାରେ ଯୁଦ୍ଧବିରତିକୁ କେହି ଭାଙ୍ଗିପାରିବେ ନାହିଁ । କିନ୍ତୁ ଯଦି ଇସ୍ରାଏଲର ସୈନିକମାନଙ୍କ ଉପରେ ଆକ୍ରମଣ କରାଯାଇଛି, ତେବେ ତାଙ୍କ ପାଖରେ ଜବାବ ଦେବାର ସମ୍ପୂର୍ଣ୍ଣ ଅଧିକାର ରହିଛି ।

ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ପାଲେଷ୍ଟାଇନ ଆତଙ୍କବାଦୀମାନେ ଜଣେ ସୈନ୍ୟଙ୍କୁ ହତ୍ୟା କରିବା ପରେ ମଙ୍ଗଳବାର ବିଳମ୍ବିତ ରାତିରେ ଆକ୍ରମଣ କରାଯାଇଥିଲା । ଯୁଦ୍ଧ ବିରତି ନିୟମର ଉଲ୍ଲଘଂନର ଜବାବରେ କାର୍ଯ୍ୟାନୁଷ୍ଠାନ ହୋଇଛି । ଇସ୍ରାଏଲ ସେନା ଯୁଦ୍ଧ ବିରତି ଚୁକ୍ତିକୁ କାଏମ ରଖିବାକୁ ରାଜି ଅଛି । କିନ୍ତୁ ଏହାର ଉଲ୍ଲଘଂନ ହେଲେ ସେନା ପକ୍ଷରୁ ଜବାବ ମଧ୍ୟ ଦିଆଯିବ । ଗାଜା ସ୍ୱାସ୍ଥ୍ୟ ଅଧିକାରୀଙ୍କ କହିବା କଥା ଯେ ଇସ୍ରାଏଲ କରିଥିବା ଘନଘନ ଏୟାର ଷ୍ଟ୍ରାଇକରେ ମୋଟ ୧୦୪ ଜଣଙ୍କ ମୃତ୍ୟୁ ହୋଇଛି । କେନ୍ଦ୍ରୀୟ ଗାଜାର ବୁରେଇଜ ଶରଣାର୍ଥୀ କ୍ୟାମ୍ପରେ ଥିବା ଗୋଟିଏ ଘରେ ୫ ଜଣ, ଗାଜାର ପଡ଼ୋଶୀ ସହର ସବ୍ରାର ଗୋଟିଏ ବିଲଡିଂରେ ୪ ଜଣ ଓ ଖାନ ୟୁନିସରେ ୫ ଜଣ ଗୋଟିଏ କାରରେ ପ୍ରାଣ ହରାଇଛନ୍ତି । ଏହାକୁ ନେଇ ପୂରା ଗାଜାରେ ଶୋକ ଓ ପ୍ରତିବାଦର ନିଆଁ ଜଳୁଥିବା ବେଳେ ଇସ୍ରାଏଲ ସେନା ଯୁଦ୍ଧ ବିରତି ଲାଗୁ କରିବାକୁ ରାଜି ଥିବା କହିଛି । ବୁଧବାର ଇସ୍ରାଏଲ ସେନା ନିଜର ଜଣେ ସୈନ୍ୟଙ୍କୁ ହରାଇଥିବା କଥାକୁ ନିଶ୍ଚିତ କରିଛି । ଇସ୍ରାଏଲ ସାମରିକ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି ଯେ ହମାସ ପକ୍ଷରୁ ଯୁଦ୍ଧ ବିରତି ବୁଝାମଣାକୁ ଉଲ୍ଲଘଂନ କରାଯାଇଥିଲା ।ୟେଲୋ ଜୋନରେ ଥିବା ଇସ୍ରାଏଲ ସେନା ଉପରେ ହମାସ ଆକ୍ରମଣ କରିଥିଲା । ଡିଲ ଅନୁସାରେ ଯେଉଁ ସ୍ଥାନରେ ଇସ୍ରାଏଲ ସେନା ରହିବା କଥା, ସେଠାରେ ଥିଲେ । କିନ୍ତୁ ହମାସ ସେଠାରେ ଆକ୍ରମଣ କରିଥିଲା । ତେବେ ଇସ୍ରାଏଲ ସେନା ଉପରେ ହମାସ ପକ୍ଷରୁ କୌଣସି କ୍ରମଣ କରାଯାଇ ନଥିବା ସଂଗଠନ ପକ୍ଷରୁ ସ୍ପଷ୍ଟ କରାଯାଇଛ ।

## ୩୧ରେ ଅନ୍ତର୍ଜାତୀୟ ଆର୍ଯ୍ୟ ସମ୍ମିଳନୀ ଯୋଗଦେବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୧ ତାରିଖ ଦିନ ନୂଆଦିଲ୍ଲୀର ରୋହିଣୀରେ ହେବାକୁ ଥିବା ଅନ୍ତର୍ଜାତୀୟ ଆର୍ଯ୍ୟ ସମ୍ମିଳନୀ ୨୦୨୫ରେ ଯୋଗଦେବେ । ଏହି କାର୍ଯ୍ୟକ୍ରମ ମହର୍ଷି ଦୟାନନ୍ଦ ସରସ୍ୱତୀ ଜୀଙ୍କ ୨୦୦ତମ ଜନ୍ମବାର୍ଷିକୀ ଏବଂ ସମାଜ ପ୍ରତି ଆର୍ଯ୍ୟ ସମାଜର ୧୫୦ ବର୍ଷ ସେବାକୁ ସ୍ମରଣ କରି ଜ୍ଞାନ ଜ୍ୟୋତି ମହୋତ୍ସବର ଏକ ପ୍ରମୁଖ ଅଂଶ । ପ୍ରଧାନମନ୍ତ୍ରୀ ଏହି ଅବସରରେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ ।

ଏହି ଶିଖର ସମ୍ମିଳନୀ ଭାରତ ଏବଂ ବିଦେଶର ଆର୍ଯ୍ୟ ସମାଜ ୟୁନିଟଗୁଡ଼ିକର ପ୍ରତିନିଧିମାନଙ୍କୁ ଏକତ୍ର କରିବ - ଯାହା ମହର୍ଷି ଦୟାନନ୍ଦଙ୍କ ସଂସ୍କାରବାଦୀ ଆଦର୍ଶର ସାର୍ବଜନୀନ ପ୍ରାସଙ୍ଗିକତା ଏବଂ ସଂଗଠନର ବିଶ୍ୱ ପ୍ରସାରକୁ ପ୍ରତିଫଳିତ କରିବ । ଏଥିରେ ସେବାର ୧୫୦ ସୁବର୍ଣ୍ଣ ବର୍ଷ ଶୀର୍ଷକ ଏକ ପ୍ରଦର୍ଶନୀ ମଧ୍ୟ ପ୍ରଦର୍ଶିତ ହେବ । ଏହି ସମ୍ମିଳନୀର ଲକ୍ଷ୍ୟ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ସଂସ୍କାରବାଦୀ ଏବଂ ଶିକ୍ଷାଗତ ଐତିହ୍ୟକୁ ସମ୍ମାନିତ କରିବା, ଶିକ୍ଷା, ସାମାଜିକ ସଂସ୍କାର ଏବଂ ରାଷ୍ଟ୍ର ନିର୍ମାଣରେ ଆର୍ଯ୍ୟ ସମାଜର ସେବାର ୧୫୦ ବର୍ଷ ପାଳନ କରିବା ଏବଂ ବିକଶିତ ଭାରତ ୨୦୪୭ ସହିତ ସମନ୍ୱୟ ରଖି ବୈଦିକ ନୀତି ଏବଂ ସ୍ୱଦେଶୀ ମୂଲ୍ୟବୋଧ ବିଷୟରେ ବିଶ୍ୱ ସଚେତନତାକୁ ପ୍ରେରଣା ଦେବା

## ଆଜି ଗୁଜରାଟ ଯିବେ ମୋଦୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇ ଦିନିଆ ଗୁଜରାଟ ଗସ୍ତ କରିବେ । ଗୁରୁବାର ପ୍ରଧାନମନ୍ତ୍ରୀ କେଭାଡିଆର ଏକତା ନଗର ଯାତ୍ରା କରିବେ ଏବଂ ସେଠାରେ ଇ-ବସଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ସେ ଏକତା ନଗରରେ ୧,୧୪୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଭିତ୍ତିଭୂମି ଏବଂ ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିବେ । ଶୁକ୍ରବାର ପ୍ରଧାନମନ୍ତ୍ରୀ ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ପୁଷ୍ପମାଲ୍ୟ ଅର୍ପଣ କରିବେ, ଯାହା ପରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମବାର୍ଷିକୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯିବ ।

### ଭାରତ ସାମୁଦ୍ରିକ ସପ୍ତାହ-୨୦୨୫ କନକ୍ଲେଭରେ ମୋଦୀଙ୍କ ଉଦ୍‌ବୋଧନ

# ସାମୁଦ୍ରିକ କ୍ଷେତ୍ର ଦ୍ରୁତ ଗତି, ଶକ୍ତି ସହିତ ଆଗକୁ ବଢୁଛି

**ମୁମ୍ବାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ମହାରାଷ୍ଟ୍ରର ମୁମ୍ବାଇଠାରେ ଇଣ୍ଡିଆ ମେରିଟାଇମ୍ ୱିକ୍ ବା ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ କାର୍ଯ୍ୟକ୍ରମ ଅନ୍ତର୍ଗତ ମେରିଟାଇମ୍ ଲିଡର୍ସ କନକ୍ଲେଭ (ସାମୁଦ୍ରିକ ନେତୃବର୍ଗଙ୍କ ସମ୍ମିଳନୀ)କୁ ସମ୍ବୋଧିତ କରିଛନ୍ତି । ସେ ମଧ୍ୟ ବିଶ୍ୱ ସାମୁଦ୍ରିକ କ୍ଷେତ୍ରର ବରିଷ୍ଠ ପଦାଧିକାରୀଙ୍କୁ ନେଇ ଆୟୋଜିତ ମଞ୍ଚ ଗ୍ଲୋବାଲ୍ ମେରିଟାଇମ୍ ସିଇଓ ଫୋରମର ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଗ୍ଲୋବାଲ୍ ମେରିଟାଇମ୍ ଲିଡର୍ସ କନକ୍ଲେଭରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ । ସେ କହିଥିଲେ, ଏହି କାର୍ଯ୍ୟକ୍ରମ ୨୦୧୬ରେ ମୁମ୍ବାଇରେ ଆରମ୍ଭ ହୋଇଥିଲା । ଏହା ବର୍ତ୍ତମାନ ଏକ ବିଶ୍ୱସ୍ତରୀୟ ଶିଖର ସମ୍ମିଳନୀରେ ପରିଣତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଖୁସି ପ୍ରକାଶ କରିଥିଲେ । ୮୫ରୁ ଅଧିକ ଦେଶର ଅଂଶଗ୍ରହଣ ଏକ ଦୃଢ଼ ବାର୍ତ୍ତା ଦେଉଛି ବୋଲି ଶ୍ରୀ ମୋଦୀ ଆଲୋକପାତ କରି କହିଥିଲେ । ସେ କାର୍ଯ୍ୟକ୍ରମରେ ଏକତ୍ରିତ ହୋଇଥିବା ପ୍ରମୁଖ ଜାହାଜ କମ୍ପାନୀ, ଷ୍ଟାର୍ଟଅପ୍, ନୀତି ନିର୍ଦ୍ଧାରକ ଏବଂ ନବସୃଜନକାରୀଙ୍କ ସିଇଓଙ୍କ ଉପସ୍ଥିତି ବିଷୟରେ ଉଲ୍ଲେଖ କରିଥିଲେ । ସେ କ୍ଷୁଦ୍ର ଦ୍ୱୀପ ରାଷ୍ଟ୍ରର ପ୍ରତିନିଧିମାନଙ୍କ ଉପସ୍ଥିତିକୁ ପ୍ରଶଂସା କରି କହିଥିଲେ, ସେମାନଙ୍କର ସାମୂହିକ ଦୃଷ୍ଟିକୋଣ ଶିଖର ସମ୍ମିଳନୀର ସମନ୍ୱୟ ଏବଂ ଶକ୍ତିକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି । ଏହି ସମ୍ମିଳନୀ ସମୟରେ ଜାହାଜ ଚଳାଚଳ କ୍ଷେତ୍ର ସହ ଜଡିତ ଅନେକ ପ୍ରକଳ୍ପ ଆରମ୍ଭ ହୋଇଥିବା ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ, ଜାହାଜ ଚଳାଚଳ କ୍ଷେତ୍ରରେ ଲକ୍ଷ ଲକ୍ଷ କୋଟି ଟଙ୍କାର ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି । ଏହା ଭାରତର ସାମୁଦ୍ରିକ କ୍ଷମତା ପ୍ରତି ବିଶ୍ୱସ୍ତରୀୟ ବିଶ୍ୱାସକୁ ପ୍ରତିଫଳିତ କରେ । କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କ ଉପସ୍ଥିତି ସେମାନଙ୍କର ସାଧାରଣ ପ୍ରତିବଦ୍ଧତାର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।



ଏକବିଂଶ ଶତାବ୍ଦୀରେ, ଭାରତର ସାମୁଦ୍ରିକ କ୍ଷେତ୍ର ଦ୍ରୁତ ଗତି ଏବଂ ଶକ୍ତି ସହିତ ଆଗକୁ ବଢୁଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ । ସେ କହିଥିଲେ, ୨୦୨୫ ବର୍ଷ ଏହି କ୍ଷେତ୍ର ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରମୁଖ ସଫଳତା ହାସଲ କରିଛି । ଭାରତର ପ୍ରଥମ ଗଭୀର ଜଳ ଅନ୍ତର୍ଜାତୀୟ ଟ୍ରାନ୍ସ-ସିପମେଣ୍ଟ ହବ୍, ଭିଜିଞ୍ଜାମ ବନ୍ଦର ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇଛି । ସେ ଆହୁରି ଉଲ୍ଲେଖ କରିଥିଲେ ଯେ, ବିଶ୍ୱର ସର୍ବବୃହତ କଣ୍ଟେନର ଜାହାଜ ସମ୍ପ୍ରତି ବନ୍ଦରରେ ପହଞ୍ଚିଛି, ଯାହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ । ପ୍ରଧାନମନ୍ତ୍ରୀ କହିଥିଲେ, ୨୦୨୪-୨୫ରେ, ଭାରତର ପ୍ରମୁଖ ବନ୍ଦରଗୁଡ଼ିକ ସର୍ବାଧିକ ମାଲ ପରିବହନ କରିଛନ୍ତି, ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି । ପ୍ରଥମ ଥର ପାଇଁ ଏକ ଭାରତୀୟ ବନ୍ଦର ଏକ ମେଗାୱାଟ-ସ୍କେଲ ସ୍ୱଦେଶୀ ସବୁଜ ହାଇଡ୍ରୋଜେନ ସୁବିଧା ଆରମ୍ଭ କରିଛି । ଏହା ହେଉଛି କାଣ୍ଡଲା ବନ୍ଦର ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ, ଜେଏନପିଟିରେ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରାଯାଇଛି, ଯେଉଁଠାରେ ଭାରତ ମୁମ୍ବାଇ କଣ୍ଟେନର ଟର୍ମିନାଲର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ଏହା ଟର୍ମିନାଲର ପରିଚାଳନା କ୍ଷମତାକୁ ଦ୍ୱିଗୁଣିତ କରିଛି, ଏହାକୁ ଭାରତର ସର୍ବବୃହତ କଣ୍ଟେନର ବନ୍ଦର କରିଛି । ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର ବନ୍ଦର ଭିତ୍ତିଭୂମିରେ ସର୍ବାଧିକ ବିଦେଶୀ ପୁଞ୍ଜି ନିବେଶ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ ଏବଂ ସିଙ୍ଗାପୁରର ଭାଗୀଦାରମାନଙ୍କୁ ସେମାନଙ୍କ ଅବଦାନ ପାଇଁ ବିଶେଷ କୃତଜ୍ଞତା ଜଣାଇଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ, ଚଳିତ ବର୍ଷ, ଭାରତ ସାମୁଦ୍ରିକ କ୍ଷେତ୍ରରେ ପରବର୍ତ୍ତୀ ପିଢ଼ିର ସଂସ୍କାର ପାଇଁ ପ୍ରମୁଖ ପଦକ୍ଷେପ ନେଇଛି । ଏକ ଶତାବ୍ଦୀରୁ ଅଧିକ ପୁରୁଣା ଔପନିବେଶିକ ଜାହାଜ ଚଳାଚଳ ଆଇନଗୁଡ଼ିକୁ ଏକବିଂଶ ଶତାବ୍ଦୀ ପାଇଁ ଉପଯୁକ୍ତ ଆଧୁନିକ ଏବଂ ଭବିଷ୍ୟତବାଦୀ ଆଇନ ଦ୍ୱାରା ବଦଳାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ନୂତନ ଆଇନଗୁଡ଼ିକ ରାଜ୍ୟ ସାମୁଦ୍ରିକ ବୋର୍ଡଗୁଡ଼ିକୁ ସଶକ୍ତ କରିଛି, ସୁରକ୍ଷା ଓ ସ୍ଥିରତାକୁ ସୁଦୃଢ଼ କରିଛି ଏବଂ ବନ୍ଦର ପରିଚାଳନାରେ ଡିଜିଟାଲକରଣକୁ ବିସ୍ତାର କରିଛି ବୋଲି ଶ୍ରୀ ମୋଦୀ କହିଥିଲେ । ବାଣିଜ୍ୟ ପରିବହନ ଆଇନ ଅଧୀନରେ ଭାରତୀୟ ଆଇନଗୁଡ଼ିକୁ ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ସମ୍ମିଳନୀ ସହିତ ସମନ୍ୱିତ କରାଯାଇଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ, ଏହି ସମନ୍ୱୟ ସୁରକ୍ଷା ମାନଦଣ୍ଡରେ ବିଶ୍ୱାସ ବୃଦ୍ଧି କରିଛି, ବ୍ୟବସାୟିକ ସୁଗମତାରେ ଉନ୍ନତି ଆଣିଛି ଏବଂ ସରକାରୀ ହସ୍ତକ୍ଷେପ ହ୍ରାସ କରିଛି । ଏହି ପ୍ରୟାସଗୁଡ଼ିକ ଅଂଶୀଦାର ଏବଂ ନିବେଶକଙ୍କ ବିଶ୍ୱାସକୁ ଆହୁରି ବୃଦ୍ଧି କରିବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ ।

## କାନାଡାରେ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀଙ୍କୁ ହତ୍ୟା

**ନୂଆଦିଲ୍ଲୀ:** କୁଖ୍ୟାତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ କାନାଡାରେ ଜଣେ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛି । ସେହିପରି ପଞ୍ଜାବର ଜଣେ ପ୍ରସିଦ୍ଧ ସିଙ୍ଗରଙ୍କ ଘର ଉପରକୁ ମଧ୍ୟ ଗ୍ୟାଙ୍ଗର ସଦସ୍ୟମାନେ ଗୁଳି ମାଡ଼ କରି ଆତଙ୍କ ସୃଷ୍ଟି କରିଛନ୍ତି । ଦିନକ ତଳେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ପ୍ରମୁଖ ସଦସ୍ୟ ଜଗଦୀପ ସିଂହ ଓରଫ ଜଗାକୁ ରାଜସ୍ଥାନ ପୁଲିସ ଆମେରିକାରେ ଗିରଫ କରିଥିଲା । ତା'କୁ ଭାରତ ଆଣିବାକୁ ପ୍ରୟାସ ଚାଲିଥିବା ବେଳେ କାନାଡାରେ ଗ୍ୟାଙ୍ଗର ସଦସ୍ୟମାନେ ଏପରି କାଣ୍ଡ ଘଟାଇଛନ୍ତି ।ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ଗୋଲ୍ଡୀ ଢିଲନ ଗୋଟିଏ ସୋଶାଲ ମିଡିଆ ପୋଷ୍ଟରେ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ଦର୍ଶନ ସିଂହ ସାହାସିଙ୍କୁ ହତ୍ୟା କରାଯାଇଥିବା ସୂଚନା ଦେଇଛି । ଗ୍ୟାଙ୍ଗ ଦାବି କରିଛି ଯେ ୬୯ ବର୍ଷୀୟ ବ୍ୟବସାୟୀ ଦର୍ଶନ ବଡ଼ଧରଣର ଡ୍ରଗ ବ୍ୟବସାୟୀରେ ସାମିଲ ଥିଲେ । ତାଙ୍କ ଠାରୁ ଗ୍ୟାଙ୍ଗ ସଦସ୍ୟମାନେ ଟଙ୍କା ଚାହୁଁଥିଲେ । ହେଲେ ବ୍ୟବସାୟୀ ଦର୍ଶନ ଟଙ୍କା ଦେବାକୁ ମନା କରିବାକୁ ଗ୍ୟାଙ୍ଗ ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ଢିଲନ ଦାବି କରିଛି । ରିପୋର୍ଟ ଅନୁସାରେ, ବ୍ୟବସାୟୀ ଦର୍ଶନ ବ୍ରିଟିଶ କଲୋମ୍ବିଆର ଅବୋଟସଫର୍ଡରେ ରୁହନ୍ତି । ସେଠାରେ ଥିବା ତାଙ୍କ ଘର ବାହାରେ ହିଁ ସୋମବାର ସକାଳେ ତାଙ୍କୁ ଗୁଳି ମାରି ହତ୍ୟା କରାଯାଇଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ହତ୍ୟାକାରୀମାନେ ଦର୍ଶନଙ୍କୁ ତାଙ୍କ ଘର ବାହାରେ ମାରିବାକୁ ବେଶ କିଛି ଘଣ୍ଟା ଅପେକ୍ଷା କରି ରହିଥିଲେ ।






# ଭିଡ଼ିଓ କଲ୍‌ରେ ଦେଖିଲେ ସ୍ୱାମୀର ଆତ୍ମହତ୍ୟା

**ମୁଜାଫରନଗର:** ନୂଆନୂଆ ବାହା ହୋଇଥିବାରୁ ପତ୍ନୀଙ୍କୁ ଘରେ ଛାଡ଼ି ସେ ଏକାକୀ ସାଉଦି ଯାଇଥିଲେ । କିନ୍ତୁ ସେଠାରୁ ପ୍ରାୟ ସବୁ ଦିନ ସେ ଭିଡିଓ କଲରେ ପତ୍ନୀଙ୍କ ସହ କଥା ହୁଅନ୍ତି । ହେଲେ ପତ୍ନୀଙ୍କ ସହ ଭିଡିଓ କଲରେ କଥା ହେବା ବେଳେ ସାମାନ୍ୟ ଝଗଡ଼ା ଯୋଗୁ ଯୁବକ ଜଣଙ୍କ ଆତ୍ମହତ୍ୟା କରି ଦେଇଥିବା ପୁଲିସ୍ ବୁଧବାର କହିଛି ।

ପୁଲିସର କହିବା କଥା ଯେ ଆସ ମହମ୍ମଦ ଅନସାରୀ ଅକ୍ଟୋବର ୨୬ରେ ରିୟାଦସ୍ଥିତ ନିଜ ଘରେ ଥିବା ଫ୍ୟାନ ଦ୍ୱାରା ବେକରେ ବେଡଶିଟ୍ ବାନ୍ଧି ଝୁଲି ପଡ଼ିଥିଲେ ।ଭିଡିଓ କଲରେ ସେ ୨୧ ବର୍ଷୀୟ ପତ୍ନୀ ସାନିଆଙ୍କ ସହ କଥା ହେଉଥିବା ବେଳେ ଉଭୟଙ୍କ ଝଗଡ଼ା ହୋଇଥିଲା । ଏଥିରେ ରାଗି ଯାଇ ଭିଡିଓ କଲ ଚାଲିଥିବା ବେଳେ ଅନସାରୀ ଏପରି କରିଛନ୍ତି ।



ସ୍ୱାମୀଙ୍କ ଆତ୍ମହତ୍ୟାକୁ ନିଜ ଆଖିରେ ଦେଖିଥିବା ପତ୍ନୀ ସାନିଆ ତୁରନ୍ତ ସାଉଦିରେ ଥିବା ନିଜର ସମ୍ପର୍କୀୟଙ୍କୁ ଏ ସମ୍ପର୍କରେ କହିଥିଲେ । ସେମାନେ ଖବର ପାଇ ତୁରନ୍ତ ଅନସାରୀଙ୍କ ଘରେ ପହଞ୍ଚିଥିଲେ । କିନ୍ତୁ ସେତେବେଳେକୁ ଅନସାରୀ ପ୍ରାଣ ହରାଇ ସାରିଥିଲେ । ଅନସାରୀଙ୍କ ଜଣେ ସମ୍ପର୍କୀୟ ଅଜମଦ ଅଲୀଙ୍କ କହିବା କଥା ଯେ ରିୟାଦରୁ ମୃତଦେହ ଆଣିବାକୁ ଏବେ ପ୍ରୟାସ ଚାଲିଛି । ମୃତଦେହ ଆସିବା ପରେ ମୁଜାଫରନଗରରେ ହିଁ ଅନ୍ତିମ ସଂସ୍କାର ହେବ । ଏପ୍ରିଲ ୭ରେ ଅନସାରୀ ଓ ସାନିଆଙ୍କ ବାହାଘର ଭୋପା ଗାଁରେ ହୋଇଥିଲା । ରିୟାଦରେ ଥିବା ଭାରତୀୟ ଦୂତାବାସକୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି ଓ କାଗଜପତ୍ର କାମ ସରିବା ପରେ ଅନସାରୀଙ୍କ ପାର୍ଥିବ ଶରୀରକୁ ଭାରତ ଅଣାଯିବ । ପୁଲିସ୍ ଏବେ ଘଟଣାର ବିସ୍ତୃତ ତଦନ୍ତ କରୁଥିବା ବେଳେ କ'ଣ ପାଇଁ ଅନସାରୀ ଓ ସାନିଆଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା, ତା'ର ଯାଞ୍ଚ କରୁଛି ।

## ଦିଲଜୀତଙ୍କୁ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁର ଧମକ

**ନୂଆଦିଲ୍ଲୀ:** ଦେଶର ଜଣାଶୁଣା ଗାୟକ ଓ ଅଭିନେତା ଦିଲଜୀତ ଦୋସାଂଝଙ୍କୁ ଧମକ ଦେଇଛି ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂହ ପନ୍ନୁଙ୍କ ସଂଗଠନ 'ଶିଖ ଫର ଜଷ୍ଟିସ' । ନଭେମ୍ବର ୧ ତାରିଖରେ ଅଷ୍ଟ୍ରେଲିଆରେ ଦିଲଜୀତଙ୍କର ଏକ ସଂଗୀତ ସମାରୋହ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହାକୁ ଭଣ୍ଡୁର କରି ଦିଆଯିବ ବୋଲି ଚେତାବନୀ ଦେଇଛି ପନ୍ନୁଙ୍କ ସଂଗଠନ । ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କୁ ପାଦ ଛୁଇଁ ପ୍ରଣାମ କରିବା ଯୋଗୁ ଦିଲଜୀତଙ୍କୁ ମିଳିଛି ଏହି ଧମକ । ଆତଙ୍କବାଦୀ ପନ୍ନୁ ପକ୍ଷରୁ ଜାରି କରାଯାଇଥିବା ବିବୃତ୍ତିରେ ଉଲ୍ଲେଖ କରାଯାଇଛି, ଅମିତାଭ ବଚ୍ଚନଙ୍କ ମନ୍ତବ୍ୟ ୧୯୮୪ ମସିହା ନରସଂହାରକୁ ଇନ୍ଧନ ଯୋଗାଇଥିଲା । ତାଙ୍କ ପାଦ ସ୍ପର୍ଶ କରି ଦିଲଜୀତ ଦୋସାଂଝ ୧୯୮୪ ଶିଖ ନରସଂହାରର ସମସ୍ତ ପୀଡ଼ିତ, ସମସ୍ତ ବିଧବା ଓ ସମସ୍ତ ଅନାଥଙ୍କୁ ଅପମାନିତ କରିଛନ୍ତି । ସେ ଆହୁରି କହିଛନ୍ତି, ଏହା ଅଜ୍ଞାନ ନୁହେଁ । ଏହା ଧୋକା । ଯେଉଁ ଶିଖମାନଙ୍କୁ ଜୀବନ୍ତ ଜାଳି ଦିଆଗଲା, ଯେଉଁ ମହିଳାମାନଙ୍କୁ ଦୁଷ୍କର୍ମ କରାଗଲା, ଯେଉଁ ଛୁଆମାନଙ୍କୁ ହାଣି ଦିଆଗଲା- ସେମାନଙ୍କ ପାଉଁଶ ଏଯାଏ ଥଣ୍ଡା ପଡ଼ିନାହିଁ । ନଭେମ୍ବର ୧ ତାରିଖ ସ୍ମରଣ କରିବାର ଦିନଟିଏ ହୋଇଥିବା ବେଳେ ଅନ୍ତରାତ୍ମାର କଥା ଶୁଣୁଥିବା କୌଣସି ଶିଖ ଏହି ଦିନ ଗୀତ ଗାଇ ପାରିବ ନାହିଁ କି ନୃତ୍ୟ କରିପାରିବ ନାହିଁ । ତା' ସହିତ ଏହି ଦିନଟିକୁ ଉତ୍ସବ ଭାବେ ପାଳନ କରିପାରିବ ନାହିଁ ।



# ହିଟମ୍ୟାନ ପୁଣି ଏକ ନମ୍ବର



ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳା ଜରିଆରେ ଜମାଣିଆ ପ୍ରତ୍ୟାବର୍ତ୍ତନ କରିଛନ୍ତି ରୋହିତ ଶର୍ମା। ଶୃଙ୍ଖଳାରେ ପ୍ରଭାବଶାଳୀ ପ୍ରଦର୍ଶନ ଯୋଗୁଁ ରୋହିତ ଶର୍ମାଙ୍କ ବ୍ୟାଟିଂ ର୍‍ୟାଙ୍କିଂରେ ଉନ୍ନତି ହୋଇଛି। ସେ ପୁଣିଥରେ ଏକ ନମ୍ବର ବ୍ୟାଟର ହୋଇଛନ୍ତି। ଦିନିକିଆ ଅଧିନାୟକ ଶୁଭମନ ଗିଲଙ୍କୁ ପଛରେ ପକାଇ ଏକ ନମ୍ବର ସ୍ଥାନକୁ ଉଠିଛନ୍ତି। ସେ ସବୁଠୁ ବୟସ୍କ ଖେଳାଳି ଭାବେ ଦିନିକିଆ ର୍‍ୟାଙ୍କିଂର ଏକ ନମ୍ବର ସ୍ଥାନ ଦଖଲ କରିଛନ୍ତି। ଶୁଭମନ ଗିଲ ୩ ନମ୍ବର ସ୍ଥାନକୁ ଖସିଥିଲେ।

ରୋହିତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ସର୍ବାଧିକ ରନ୍ କରିଥିଲେ। ପ୍ରଥମ ମ୍ୟାଚରେ ଭଲ ପ୍ରଦର୍ଶନ କରିନଥିଲେ। କିନ୍ତୁ ଦ୍ୱିତୀୟରେ ଅର୍ଦ୍ଧଶତକ ଓ ତୃତୀୟରେ ଶତକ ହାସଲ କରି ଦଳକୁ ବିଜୟୀ କରାଇଥିଲେ। ସେ ୩ ମ୍ୟାଚରେ ୨୦୨ ରନ୍ କରିଥିଲେ। ତାଙ୍କ ପ୍ରଦର୍ଶନ ଯୋଗୁଁ ଏକ ନମ୍ବର ର୍‍ୟାଙ୍କିଂକୁ ଉଠିଛନ୍ତି। ଏକ ନମ୍ବର ବ୍ୟାଟର ହେବାରେ ସେ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ରୋହିତ ୩୮ ବର୍ଷ ୧୮୨ ଦିନ ବୟସରେ ଏକ ନମ୍ବର ର୍‍ୟାଙ୍କିଂ ହାସଲ କରିଛନ୍ତି।

# ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି-୨୦ ବାତିଲ




କାନବେରା,୨୯।୧୦(ଏଜେନ୍ସି): ଭାରତ-ଅଷ୍ଟ୍ରେଲିଆ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ ବର୍ଷା ଯୋଗୁଁ ଧୋଇ ଯାଇଛି। ଭାରତୀୟ ଇନିସର ୯.୪ ଓଭର ଖେଳ ସମ୍ଭବ ହୋଇଥିଲା। ଭାରତ ଏକ ୱିକେଟ୍ ହରାଇ ୯୭ ରନ କରିଥିଲା। ବର୍ଷା ବିଭୀଷିକା ଯୋଗୁଁ ମ୍ୟାଚ ଆଉ ଆଗକୁ ବଢ଼ି ପାରିନଥିଲା। ତେଣୁ ବାଧ୍ୟ ହୋଇ ପ୍ରଥମ ଟି-୨୦କୁ ବାତିଲ କରାଯାଇଛି। ତେବେ ଏହି ମ୍ୟାଚରେ ଭାରତ ପାଇଁ ବଡ଼ ଆଶ୍ୱସ୍ତି ଖବର ହେଉଛି ସୂର୍ଯ୍ୟ କୁମାର ଓ ଶୁଭମନ ଗିଲ୍ ଲୟକୁ ଫେରିଛନ୍ତି। ଦୁହେଁ ଜମାଣିଆ ବ୍ୟାଟିଂ କରିଥିଲେ ସୂର୍ଯ୍ୟ କୁମାର ୨୪ ବଲରେ ୩ଟି ଚୌକା ଓ ୨ଟି ଛକା ମାରି ୩୯ ରନ୍ କରିଥିଲେ। ଶୁଭମନ ଗିଲ ୨୦ ବଲରେ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୩୭ ରନ୍ କରି ଅପରାଜିତ ଥିଲେ। ଖେଳ ବନ୍ଦ ହେବା ପୂର୍ବରୁ ଗିଲ ଓ ସୂର୍ଯ୍ୟ କୁମାର ଦ୍ୱିତୀୟ ୱିକେଟ୍ ପାଇଁ ୬୨ ରନ୍ ଯୋଡି ଥିଲେ। ଏହି ମ୍ୟାଚ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବର୍ଷା ଯୋଗୁଁ ମ୍ୟାଚ ଦୁଇଥର ବାଧାପ୍ରାପ୍ତ ହୋଇଥିଲା। ପ୍ରଥମେ ୫ ଓଭର ପରେ ମ୍ୟାଚ ବନ୍ଦ କରାଯାଇଥିଲା। କିନ୍ତୁ ଦୁଇ ଓଭର କମ ହେବା ପରେ ପୁଣି ଖେଳ ଆରମ୍ଭ ହୋଇଥିଲା। ଭାରତ ୯.୪ ଓଭର ବ୍ୟାଟିଂ କରି ୯୭ ରନ୍ କରିଥିବା ବେଳେ ପୁଣି ବର୍ଷା ଆରମ୍ଭ ହୋଇଥିଲା। ୧୯ ରନ୍ କରି ଓପନର ଅଭିଶେକ ଶର୍ମା ଆଉଟ୍ ହୋଇଥିଲେ। ସିରିଜର ଦ୍ୱିତୀୟ ମ୍ୟାଚ ଶୁକ୍ରବାର ମେଲବୋର୍ଣ୍ଣରେ ଖେଳାଯିବ।

## ଜାତୀୟ ସବଜୁନିୟର ବାଳକ ଫୁଟବଲ ଚାମ୍ପିଅନସିପ୍

# ମଣିପୁରଠୁ ହାରିଲା ଓଡ଼ିଶା



ଭୁବନେଶ୍ୱର,୨୯।୧୦(ସବ୍ୟୁ): ଶ୍ରୀ ଗୁରୁ ହର ଗୋବିନ୍ଦ ସାହିବ ଫୁଟବଲ ଷ୍ଟାଡିୟମରେ ଜାତୀୟ ସବଜୁନିୟର ବାଳକ ଫୁଟବଲ ଚାମ୍ପିଅନସିପରେ ଓଡ଼ିଶା ତାର ଦ୍ୱିତୀୟ ମ୍ୟାଚରେ ମଣିପୁର ନିକଟରୁ ୬-୦ ଗୋଲରେ ପରାଜିତ ହୋଇଛି। ମଣିପୁର ପକ୍ଷରୁ ଥିଙ୍ଗବାଇଜାନ୍ ସାନାଟୋମ୍ବା ୧୯ ମିନିଟ୍, ହିଦାନ ୟୋହେନବା ସିଂହ, ଶେଖ ସାହିଲ, ନାଓରେମ ମୋମୋ ସିଂ ଗୋଲସ୍କୋର କରିଥିଲେ। ଓଡ଼ିଶାର ପ୍ରଦର୍ଶନ ଅତ୍ୟାନ୍ତ ମାମୁଲି ରହିଥିଲା। ଆଗାମୀ ୩୧ ତାରିଖରେ ଓଡ଼ିଶା ଦଳ ପରାବର୍ତ୍ତୀ ମ୍ୟାଚରେ ବିହାରକୁ ଭେଟିବ। ଏହି ମ୍ୟାଚ ପଞ୍ଜାବ ଅମ୍ରିତସର ସ୍ଥିତ ମାଉଣ୍ଟ ଲିଟେରା ଜି ସ୍କୁଲ ଗ୍ରାଉଣ୍ଡରେ ଖେଳାଯିବ।

# ଜାନୁଆରୀ ୧୦ରେ ଟାଟା ଷ୍ଟିଲ କପିଳାସ ହାଫ ମାରାଥନ




ଢେଙ୍କାନାଳ,୨୯।୧୦(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗରେ ଟାଟା ଷ୍ଟିଲ୍ କପିଳାସ ହାଫ ମାରାଥନର ତୃତୀୟ ସଂସ୍କରଣର ଘୋଷଣା କରାଯାଇଛି ।ଏହି ହାଫ ମାରାଥନ ୨୦୨୬ ଜାନୁଆରି ୧୦ରେ ଅନୁଷ୍ଠିତ ହେବ । ଢେଙ୍କାନାଳର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଚନ୍ଦ୍ରଶେଖର ମହାଦେବ ମନ୍ଦିର ନିକଟରେ ତଥା କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ୨୦୨୬ ହାଫ ମାରାଥନର ଅଫିସିଆଲ ଟି-ସାର୍ଟକୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆଇଏଏସ ଆଶିଷ ଇଶ୍ୱର ପାଟିଲ ଆନୁଷ୍ଠାନିକ ଭାବରେ ଉନ୍ମୋଚନ କରିଛନ୍ତି ।ଏହି ଅବସରରେ ଏସ୍‌ପି ଅଭିନବ ସୋନକର, ଢେଙ୍କାନାଳ ମଣ୍ଡଳ ବନ ଅଧିକାରୀ ସୁମିତ କର, ଟାଟା ଷ୍ଟିଲ ମେରାମଣ୍ଡଳୀର କର୍ପୋରେଟଠ ସର୍ଭିତ ମୁଖ୍ୟ ମୋହିତ ଦାସ, ଟାଟା ଷ୍ଟିଲର କ୍ରୀଡ଼ା ମୁଖ୍ୟ ମୁକୁଳ ବିନାୟକ ଚୌଧୁରୀ ଓ ଏମଜିଏମ ମିରନରାଲସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୋପବନ୍ଧୁ ଦାଶ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଭାରତର ସ୍ୱାଧୀନତା ସଂଗ୍ରାମର ସର୍ବ କନିଷ୍ଠ ସହୀଦ ବାଜି ରାଉତଙ୍କ ଶତବାର୍ଷିକୀ ଅବସରରେ ତାଙ୍କ ଅଦମ୍ୟ ସାହସ ଓ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ହାଫ ମାରାଥନରେ ଜୈବ ବିବିଧତା ସଂରକ୍ଷଣ ବିଶେଷ କରି ହାତୀ ସୁରକ୍ଷାକୁ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ଏହା ସହିତ କପିଳାସକୁ ବିଶ୍ୱବ୍ୟାପୀ ଇକୋ-ଟୁରିଜମ୍ ଏବଂ ପ୍ରଫେସନାଲ ଦୌଡ଼ର ଗନ୍ତବ୍ୟସ୍ଥଳ ଭାବରେ ସ୍ଥାପିତ କରିବାକୁ ଲକ୍ଷ୍ୟ ରହିଛି । ଫିଟନେସ ,ସୁସ୍ଥତାଏବଂ କ୍ରୀଡ଼ା ମନୋଭାବର ସଂସ୍କୃତିକୁ ଉତ୍ସାହିତ କରୁଥିବା ଏହି ହାଫ ମାରାଥନ ତନୋଟି ବର୍ଷ ରହିବ । ୧୮ରୁ ଉର୍ଦ୍ଧ ବୟସର ଅଂଶ ଗ୍ରହଣ କାରି ମାନଙ୍କ ପାଇଁ ୨୧ କିଲୋମିଟର ଏବଂ ୧୦ କିମି ଦୌଡ,୧୪ରୁ ୧୮ ବର୍ଷ ବୟସର ବାଳକ ବାଳିକାମାନଙ୍କ ପାଇଁ ୫ କିମି ଦୌଡ । ବିଶ୍ୱବ୍ୟାପି ମାରାଥନ ଲାଗି ସ୍ୱିକୃତିପ୍ରାପ୍ତ ସଂସ୍ଥା ଆସୋସିଏସନ ଅଫ ଇଣ୍ଟନରନାସନାଲ ମାରାଥନସ ଏଣ୍ଡ ଡିଷ୍ଟାନସ ରେସେସ ପକ୍ଷରୁ ଏହି ମାରାଥନର ମାର୍ଗକୁ ସ୍ୱିକୃତୀ ଦିଆଯାଇଛି । ଟାଟା ଷ୍ଟିଲ ମେରାମଣ୍ଡଳୀ ତରଫରୁ ଏଭଳି ଆୟୋଜନକୁ ପ୍ରଶଂସା କରି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ କହିଛନ୍ତି ଟାଟା ଷ୍ଟିଲ ଏବଂ ଜିଲ୍ଲାପ୍ରଶାସନର ମିଳିତ ସହଯୋଗରେ ଏହି ହାଫ ମାରାଥନର ତୃତୀୟସଂରକ୍ଷଣ ଆୟୋଜିତ ହେଉଛି ।ଏହା ଆନ୍ତର୍ଜାତୀୟ ସ୍ତରର ହେବାକୁ ଯାଉଛି । ଜିଲ୍ଲା ପ୍ରଶାସନ ଏବଂ ଅନ୍ୟମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହେବ ବୋଲି କହିଛନ୍ତି ।ଏହି ମାରାଥନରେ ବହୁ ସଂଖ୍ୟାରେ ଭାଗ ନେବାକୁ ଆହ୍ୱାନ କରାଯାଇଛି ବୋଲି କହିଥିଲେ । ଟାଟା ଷ୍ଟିଲର ଉପସଭାପତି ଡିବି ସୁନ୍ଦର କହିଛନ୍ତି କ୍ରୀଡାକୁ ଫିଟନେସ,ଉତ୍ତମ ସ୍ୱାସ୍ଥ୍ୟ ଓ କମ୍ୟୁନିଟି ସ୍ପିରିଟର ପ୍ରୋତ୍ସାହନ ପାଇଁ ବ୍ୟବହାର କରିବାରେ ଆମେ ବିଶ୍ୱାର କରୁ । କପିଳାସ ହାଫ ମାରାଥନ ଆମ ହୃଦୟରେଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ବନ୍ୟଜନ୍ତୁ,ଜୈବ ବିବିଧତା,ସଂରକ୍ଷଣ ସର୍ମ୍ପକରେ ସଚେତନତା ସୃଷ୍ଟି କରାଯାଉଛି । ଚଳିତ ବର୍ଷ ସହିତ ବାଜି ରାଉତଙ୍କ ଶତବାର୍ଷିକ ପାଳନ କରାଯାଉଥିବାରୁ ଆମେ ଧାବକ ମାନଙ୍କ ପାଇଁ ଉତ୍ସାହଜନକ ଭାଗୀଦାରୀ ଆଶା କରୁଛୁ । ଏହି ଅବସରରେ ଟାଟା ଷ୍ଟିଲ ମେରାମଣ୍ଡଳୀର ଉପସଭାପତି ଉତ୍ତମ ସିଂହ ଏକ ସୁସ୍ଥ ମନ ଓ ଶରୀର ଯାତ୍ରା ଜମି ଅବା ଫୁଡ ସପ୍ଲିମେଣ୍ଟରୁ ଆରମ୍ଭ ହୋଇନଥାଏ ବରଂ ପ୍ରକୃତିକୁ ଆପଣେଇବା ଅଧ୍ୟବ୍ୟସାୟରୁ ହୋଇଥାଏ ବୋଲି କହିଥିଲେ । ଆଗ୍ରହୀ କ୍ରିଡା ବିତ ମାନେ ଏଚଟିଟିପିଏସ:// ଟାଟାଷ୍ଟିଲରନସ.କମରେ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ପ୍ରାୟ ୫ ହଜାର ଅଂଶ ଗ୍ରହଣ କାରୀ ମାନଙ୍କ ପାଇଁ ସ୍ଲଟ ସିମୀତ ରହିଛି । ପ୍ରବେଶ ଶୁଳ୍କ ୨୧ କିମି ପାଇଁ ୪ଶହ ଟଙ୍କା,୧୦କିମି ପାଇଁ ୩ଶହ ଟଙ୍କା,୫କିମିପାଇଁ ୧୫୦ଟଙ୍କା ରଖାଯାଇଛି ।ଅଂଶ ଗ୍ରହଣ କାରୀ ମାନେ ଟି-ସାର୍ଟ,ବିବ ଚିପ ଏବଂ ରିଫ୍ରେସମେଣ୍ଟ ଏକ ଗୁଡି ବ୍ୟାଗ ପାଇବେ । ଟାଟା ଷ୍ଟିଲହାଫ ମାରାଥନମାନଙ୍କ ପାଇଁ ୩୦ଟି ପୁରସ୍କାର ସହିତ ୯.୬୪ଲକ୍ଷ ଟଙ୍କାର ପୁରସ୍କାର ରହିଛି । ପୁରୁଷ ଏବଂ ମହିଳା ୨୧ କିମି ଦୌଡରେ ବିଜେତା ମାନଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁପ୍ରଦାନ କରାଯିବ । ଏମଜିଏମ ମିନେରାଲସ ଲିମିଟେଡ,ଟାଟା ଓ୍ୱାନ ଏମଜି,ଟାଟା ବ୍ଲୁଲସ୍କୋପ ଷ୍ଟିଲ,ଖେମକା ଇଣ୍ଡଷ୍ଟ୍ରିଜ,ନଭ,ଜାମିପୋଲ,ଟାଟା ଷ୍ଟିଲସପୋର୍ଟସ ଲିମିଟେଡ,ଟାଟା ଷ୍ଟିଲ ଟେକ୍ନିକାଲ ସର୍ଭିସେସ ଲିମିଟେଡ ଏବଂ ଟିଏମ ଇଣ୍ଟରନାସନାଲ ଲଜିଷ୍ଟିକ ଲିମିଟେଡ ସହଯୋଗରେ ହାଫ ମାରାଥନ ଆୟୋଜିତ ହେଉଛି ।

# ସୂର୍ଯ୍ୟ ମାରିଲେ ୧୫୦ ଛକା




ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ନିଜ ନାଁରେ ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ପଞ୍ଚମ ଖେଳାଳି ଭାବେ ଟି-୨୦ ଫର୍ମାଟରେ ୧୫୦ ଛକା ମାରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟି-୨୦ ଅବସରରେ ସୂର୍ଯ୍ୟ କୁମାର ଦୁଇଟି ଛକା ମାରିଥିଲେ। ବର୍ଷା ଯୋଗୁଁ ଏହି ମ୍ୟାଚ ବାତିଲ ହୋଇଯାଇଛି। ଭାରତର ଦ୍ୱିତୀୟ ବ୍ୟାଟର ଭାବେ ସୂର୍ଯ୍ୟ କୁମାର ଏହି ଉପଲବ୍ଧି ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ରୋହିତ ଶର୍ମା ପ୍ରଥମ ଭାରତୀୟ ଭାବେ ୧୫୦ ଛକା ମାରିଥିଲେ। ରୋହିତ ୧୧୧ ଇନିଂସରେ ଏହି କୀର୍ତ୍ତିମାନ ସ୍ଥାପନ କରିଥିବା ବେଳେ ସୂର୍ଯ୍ୟ କୁମାର ୮୬ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। ୟୁଏଇର ମହମ୍ମଦ ୱାସିମ ୬୬ ଇନିଂସରେ ୧୫୦ ଛକା ମାରି ତାଲିକାରେ ଶୀର୍ଷରେ ରହିଛନ୍ତି। ସୂର୍ଯ୍ୟ କୁମାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡର ମାର୍ଟିନ ଗୁପ୍ଟିଲ ୧୦୧, ଇଂଲଣ୍ଡର ଜୋସ ବଟ୍ଲର ୧୨୦ ଓ ରୋହିତ ଶର୍ମା ୧୧୧ ଇନିଂସ ସହ ତୃତୀୟରୁ ପଞ୍ଚମ ସ୍ଥାନରେ ରହିଛନ୍ତି। ସୂର୍ଯ୍ୟ କୁମାର ଚଳିତ ବର୍ଷ ଖରାପ ଫର୍ମରେ ଥିଲେ। ସେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟି-୨୦ରେ ୩୦ରୁ ଉର୍ଦ୍ଧ୍ୱ ରନ୍ କରି ଅପରାଜିତ ରହିବା ସହ ଫର୍ମକୁ ଫେରିଛନ୍ତି।

# ଗୁରୁବାର ଭାରତ-ଅଷ୍ଟ୍ରେଲିଆ ସେମି ଲଢ଼େଇ

## ମହିଳା ବିଶ୍ୱକପ୍

ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପର ସେମିଫାଇନାଲ ଲଢ଼େଇ ଗୁରୁବାର ହେବାକୁଯାଉଛି। ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ଗ୍ରୁପ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ଥରେ ଭାରତକୁ ହରାଇ ସାରିଛି। ଗୁରୁବାର ଭାରତ ନିକଟରେ ପ୍ରତିଶୋଧ ନେବାର ସୁଯୋଗ ରହିଛି। ଏଲିସ ହେଲିନଙ୍କ ଅଷ୍ଟ୍ରେଲିଆକୁ ହରାଇବା ହରମନପ୍ରୀତ କୌରଙ୍କ ପାଇଁ ସହଜ ହେବ ନି। ମ୍ୟାଚର ଅବଗଣନା ଆରମ୍ଭ ହୋଇସାରିଛି। କେବଳ ଗୁରୁବାର ଅପରାହ୍ଣ ୩ଟାକୁ ଅପେକ୍ଷା। ଏସବୁ ଭିତରେ ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ବ୍ୟାଟର ସ୍ମୃତି ମନ୍ଧନା ଆଇସିସି ଦିନିକିଆ ମହିଳା ବ୍ୟାଟିଂର ଶୀର୍ଷ ସ୍ଥାନରେ ନିଜକୁ ଆହୁରି ମଜଭୁତ କରିଛନ୍ତି। ଘରୋଇ ମାଟିରେ ମହିଳା ଦିନିକିଆ ବିଶ୍ୱକପରେ ମନ୍ଧାନା ଦମଦାର ପ୍ରଦର୍ଶନ ଦେଖାଇଛନ୍ତି। ସେ ଏବେ ଚଳିତ ବିଶ୍ୱକପରେ ସର୍ବାଧିକ ରନ୍ ହାସଲକାରୀ ବ୍ୟାଟର। ବାମହାତି ସ୍ମୃତି ମନ୍ଧାନା ବିଶ୍ୱକପର ଶେଷ ଦୁଇ ମ୍ୟାଚରେ ଯଥାକ୍ରମେ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୦୯ ଓ ବାଂଲାଦେଶ ବିପକ୍ଷରେ ଅପରାଜିତ ୩୪ ରନର ଇନିଂସ ଖେଳିଥିଲେ। ଏହାପରେ ସେ ନିଜ କ୍ୟାରିୟରର ଶ୍ରେଷ୍ଠ ରେଟିଂ ସହ ବ୍ୟାଟିଂ ର୍‍ୟାଙ୍କିଂରେ ପୂର୍ବଭଳି ନଂ.୧ ସ୍ଥାନରେ ରହିଛନ୍ତି। ମନ୍ଧାନାଙ୍କ ପଏଣ୍ଟ ସଂଖ୍ୟା ୮୨୮, ଦ୍ୱିତୀୟ ସ୍ଥାନରେ ଥିବା ଆସଲେ ଗାର୍ଡନରଙ୍କ ଠାରୁ ସ୍ମୃତି ୧୦୦ ପଏଣ୍ଟ ଆଗରେ ରହିଛନ୍ତି। ଗାଡେନର ଇଂଲଣ୍ଡ ବିପକ୍ଷ ମ୍ୟାଚରେ ୧୦୦ ରନର ଇନିଂସ ଖେଳିବାରୁ ର୍‍ୟାଙ୍କିଂରେ ୬ଟି ସ୍ଥାନ ଉପରକୁ ଉଠିଛନ୍ତି। ଭାରତର ପ୍ରତୀକା ରାଓଲ ନଂ. ୨୭ ସ୍ଥାନକୁ ଉଠିଛନ୍ତି। ସେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ୧୨୨ ରନର ଇନିଂସ ଖେଳିଥିଲେ। ବୋଲିଂ ର୍‍ୟାଙ୍କିଂରେ ଇଂଲଣ୍ଡର ସୋଫି ଏକଲେ ଷ୍ଟୋନ୍ ପୂର୍ବଭଳି ନଂ.୧ ସ୍ଥାନରେ ରହିଛନ୍ତି। ଦ.ଆଫ୍ରିକା ବିପକ୍ଷରେ ୭ ୱିକେଟ୍ ନେଇଥିବା ଅଷ୍ଟ୍ରେଲିଆର ଆଲାନ କିଙ୍ଗ୍ ତାଙ୍କୁ କଡ଼ା ଚ୍ୟାଲେଞ୍ଜ ନେଦଉଛନ୍ତି। କିଙ୍ଗ୍ ୬୯୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଗାର୍ଡନର ତୃତୀୟକୁ ଖସିଛନ୍ତି। ଅଲରାଇଣ୍ଡ ବର୍ଗରେ ଗାର୍ଡନର ନଂ.୧ ସ୍ଥାନ ବଜାୟ ରଖିଛନ୍ତି ।ତାଙ୍କ ତଳକୁ ଦ.ଆଫ୍ରିକାର ମାରିଜାନେ କାପ ଦ୍ୱିତୟ ସ୍ଥାନରେ ପହଞ୍ଚିଥିବା ବେଳେ ୱେଷ୍ଟଇଣ୍ଡିଜର ହେଲି ମାଥ୍ୟୁସ୍ ତୃତୀୟକୁ ଖସିଛନ୍ତି।

# ଦୃଷ୍ଟିବାଧିତ, ଦିବ୍ୟାଙ୍ଗ ରଞ୍ଜନ, ରାମ, ରବୀନ୍ଦ୍ର, କମଳାଙ୍କୁ ପଦକ ସଫଳତା

ବାରିପଦା,୨୯।୧୦(ସବ୍ୟୁ): ଓଡିଶା ପାରା ସ୍ପୋର୍ଟସ ଆସୋସିଏସୋନ୍, ଓଡିଶା ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗୀତା ୨୦୨୫-୨୬ ଅକେଫାବରରେ ମୟୂରଭଞ୍ଜ ଜିଲ୍ଲାର ଚାରି ତାରକା ରଞ୍ଜନ ହାଁସଦାଃ, ରାମ ମୁର୍ମୁ, ରବୀନ୍ଦ୍ର ମୁର୍ମୁ ଓ କମଳା ଟୁଡୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରାମ ମୁର୍ମୁ ବ୍ୟାକ ଷ୍ଟ୍ରୋକ ୧୦୦ ମିଟର ଆଉ ୫୦ ମିଟର ଏବଂ ବଟର ଫ୍ଲାଏ ୫୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବୀନ୍ଦ୍ର ମୁର୍ମୁ ଫ୍ରୀ ଷ୍ଟାଇଲ ୫୦ମିଟରରେ ବ୍ରୋଞ୍ଜକ ପଦକ ହାସଲ କରିଛନ୍ତି। କମଳା ଟୁଡୁ ଫ୍ରୀ ଷ୍ଟାଇଲ ୧୦୦ମିଟର ଓ ୫୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରକାଶ ଥାଉ କି ମୟୂରଭଞ୍ଜ ର ଯଶିପୁର ଗ୍ରାମର ରଞ୍ଜନ ହାଁସଦାଃ, ବିଶୋଇ ଅଞ୍ଚଳର ରାମ ମୁର୍ମୁ, ପୋଖରିଆ ଅଞ୍ଚଳର ରବିନ୍ଦ୍ର ମୁର୍ମୁ ଏବଂ କରଞ୍ଜିଆ ଅଞ୍ଚଳର କମଳା ଟୁଡୁ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ହୋଇ ମଧ୍ୟ ନିଜର ପ୍ରତିଭା ବଳରେ ରାଜ୍ୟସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି। ବାରିପଦା ମ୍ୟୁନିସିପାଲଟି ଦ୍ୱାରା ନିର୍ମିତ ଆଶ୍ରୟ-୧ ରେ ଏହି ଅନ୍ତେବାସୀ ରହି ପାଠ ସହିତ ଖେଳରେ ରାଜ୍ୟ ଏବଂ କେନ୍ଦ୍ରସ୍ତରୀୟରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବାରୁ ତାଙ୍କୁ ଦାସୀ ସେ୍ୱଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏବଂ ବାରିପଦା ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।




# ସାମିଙ୍କ ସମର୍ଥନରେ ବେଙ୍ଗଲ କୋଚ

କୋଲକାତା,୨୯।୧୦(ଏଜେନ୍ସି): ବେଙ୍ଗଲ କ୍ରିକେଟ୍ ଦଳର ମୁଖ୍ୟ କୋଚ ଲକ୍ଷ୍ମୀ ରତନ ଶୁକ୍ଲା ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ସମର୍ଥନ କରିଛନ୍ତି। ସେ ଭାରତର ଚୟନକମିଟି ମୁଖ୍ୟ ଅଜିତ ଅଗରକରଙ୍କୁ ସମାଲୋଚନା କରିଛନ୍ତି। ସାମିଙ୍କୁ କୌଣସି ସାର୍ଟିଫିକେଟର ଆବଶ୍ୟକତା ନାହିଁ। ଗୁଜରାଟ ବିପକ୍ଷ ରଣଜୀ ମ୍ୟାଚରେ ସାମଙ୍କ ଚମତ୍କାର ବୋଲିଂ ପ୍ରଦର୍ଶନ ବଳରେ ବେଙ୍ଗଲ ସହଜରେ ଜିତିଥିଲା। ସାମି ୮ ୱିକେଟ୍ ଅକ୍ତିଆର କରିଥିଲେ। ଶୁକ୍ଲା ସିଧାସଳଖ ଅଗରକରଙ୍କ ନାଁ ନେଇ ନଥିଲେ ମଧ୍ୟ ତାଙ୍କୁ ଟାର୍ଗେଟ୍ କରିଛନ୍ତି। ସାମି ଚଳିତ ରଣଜୀ ମ୍ୟାଚରେ ୧୫ ୱିକେଟ୍ ହାସଲ କରି ଫର୍ମ ଏବଂ ଫିଟନେସର ପ୍ରମାଣ ଦେଇଛନ୍ତି। ବିଭିନ୍ନ ସ୍ତରର କ୍ରିକେଟରେ ୫୦୦ ୱିକେଟ୍ ନେଇସାରିଥିବା ସାମି ଯେଉଁ ଭଳି ରନଅପ୍ ନେଇଛନ୍ତି ତଥା ବୋଲିଂ କରୁଛନ୍ତି ତାହା ଅବିଶ୍ୱାସନୀୟ ବୋଲି ଶୁକ୍ଲା କହିଛନ୍ତି। ଫିଟ ହେବା ପରେ ସାମି ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଥିଲେ। ଚୟନ କମିଟି ମୁଖ୍ୟ ଅଜିତ ଅଗରକର ତାଙ୍କ ଫିଟନେସ ନେଇ ପ୍ରଶ୍ନ କରିଥିଲେ। ଏହାପରେ ସାମି ମଧ୍ୟ ପରୋକ୍ଷରେ ଅଗରକରଙ୍କୁ ସମାଲୋଚନା କରି ନିଜେ ଫିଟ ଥିବା ଜଣାଇଥିଲେ। ଏବେ ବିଭିନ୍ନ ମହଲରୁ ସାମିଙ୍କ ପ୍ରତି ସମର୍ଥନ ବୃଦ୍ଧି ପାଇବାରେ ଲାଗିଛି।









Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି